ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୩୦/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 30/2019 | ★★★★★★
୪୫ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**ବରୁଣଙ୍କ ଡବଲ୍ ଗୋଲ୍**

ବରୁଣ କୁମାରଙ୍କ ଡବଲ୍ ଗୋଲ୍ ବଳରେ ଭାରତ ଆଜଲାନ ଶାହ କପ୍ ହକିରେ ପୋଲାଣ୍ଡକୁ ବୃହତ୍ ବ୍ୟବଧାନରେ ହରାଇଛି।

୧୯

୦୯

**‘ରୁହ-ଆଫ୍‌ଜା’ରେ ଜାହ୍ନବୀ କପୁର**

ପ୍ରଯୋଜକ ଦିନେଶ ବିଜନ୍‌ଙ୍କ ‘ରୁହ-ଆଫ୍‌ଜା’ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର।






■ ଜୟପୁରରେ ବିଜେଡି ଉପରେ ବର୍ଷିଲେ ମୋଦି

# ଖଣି, ଚିଟ୍‌ଫଣ୍ଡ ପ୍ରସଙ୍ଗରେ ଟାର୍ଗେଟ

କୋରାପୁଟ/ଜୟପୁର,୨୯।୩ (ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.)

ଓଡ଼ିଶାରେ ପ୍ରକୃତିଦତ୍ତ ଅପାର ସମ୍ପଦ ଥାଇ ମଧ୍ୟ ଏଠିକାର ଲୋକେ ଗରିବ। ଖଣି ଓ ଚିଟ୍‌ଫଣ୍ଡ ଦୁର୍ନୀତିରେ ବୁଡ଼ିଥିବା ଦଳ ଓଡ଼ିଶାରେ ଦୃଢ଼ ସରକାର ଦେଇପାରିବେ କି ବୋଲି ଦକ୍ଷିଣ ଓଡ଼ିଶାବାସୀଙ୍କ ଆଗରେ ପ୍ରଶ୍ନ ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୋରାପୁଟ ଜିଲା ଜୟପୁରରେ ଶୁକ୍ରବାର ପ୍ରଥମ ନିର୍ବାଚନୀ ପ୍ରଚାର ସଭା ଅବସରରେ ମୋଦି ଖଣି, ଚିଟ୍‌ଫଣ୍ଡ, ନାରୀ ନିର୍ଯାତନା, ଆୟୁଷ୍ମାନରେ ଓଡ଼ିଶା ସାମିଲ ନ ହେବା, କାଳିଆ ଯୋଜନା ଭଳି ବିଭିନ୍ନ ପ୍ରସଙ୍ଗ ଉଠାଇ ରାଜ୍ୟର ବିଜେଡି ସରକାର ଓ ଅନ୍ୟ ବିରୋଧୀ ଦଳ ଉପରେ ଭୀଷଣ ବର୍ଷିଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରଠାରୁ ମୋଦି ପ୍ରଥମଥର ପାଇଁ ବିଜେଡି ସରକାରକୁ



ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ପଦ୍ମଶ୍ରୀ କମଳା ପୂଜାରୀ ।

**ବିକାଶ ପାଇଁ ଜରୁରୀ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର**

ଏଭଳି ଖୋଲାଖୋଲି ଟାର୍ଗେଟ୍ କରିଛନ୍ତି। ଆଦିବାସୀଙ୍କ ବିକାଶ ପାଇଁ ଶିଳ୍ପସଂସ୍ଥାଗୁଡ଼ିକ ଲାଭର ୧ ପ୍ରତିଶତ ଅନୁଦାନ ଭାବେ ଓଡ଼ିଶାର ଜିଲା ମିନେରାଲ ଫଣ୍ଡକୁ ୬୫୦୦ କୋଟି ଟଙ୍କା ଦିଆଯାଇଥିଲା। କିନ୍ତୁ ରାଜ୍ୟ ସରକାର ମାତ୍ର ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ଗରିବ ନିଜ ଝାଳବୁହା ଅର୍ଥ ଚିଟ୍‌ଫଣ୍ଡରେ ବାନ୍ଧି ସର୍ବସ୍ୱାନ୍ତ ହୋଇଛନ୍ତି। ରାଜ୍ୟ ସରକାର ଖଣି ମାଫିଆ ଓ ଚିଟ୍‌ଫଣ୍ଡ ସଂସ୍ଥା ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଗତ ୧୯ ବର୍ଷରେ ରାଜ୍ୟ ସରକାରଙ୍କ ☞ପୃଷ୍ଠା-୪



**ନୀରବ ମୋଦିଙ୍କୁ ମିଳିଲାନି ଜାମିନ**

........୧୭........

**ଆଜିର ସମ୍ପାଦକୀୟ**

**ଲୋହାନିଙ୍କ ପ୍ରତ୍ୟାବର୍ତ୍ତନ**

NECC NATIONAL EGG CO-ORDINATION COMMITTEE | 29.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 96 | 153 | 163 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers

■ ୧୮ ବିଧାନସଭା ପ୍ରାର୍ଥୀଙ୍କ ତାଲିକା ଘୋଷଣା କଲା ବିଜେଡି

# ୭ ବିଧାୟକଙ୍କ ଟିକେଟ କଟିଲା

- ■ ୬ ନୂଆ ମୁହଁ, ପରାଜିତଙ୍କୁ ବି ଟିକେଟ
- ■ ଦଳ ଉପରେ ଭାରି ପଡ଼ିଲେ ପୁରୁଣା ନେତା
- ■ ଜଗତ୍‌ସିଂହପୁରରୁ ହଟିଲେ ବିଷ୍ଣୁ
- ■ ଦାମ ପୁଅଙ୍କୁ ପାରାଦୀପ
- ■ ଝୁଲିଲା ଜଗତ୍‌ସିଂହପୁର, ଏରସମା -ବାଲିକୁଦା

**ପ୍ରାର୍ଥୀ ତାଲିକା**

| | | | |
|---|---|---|---|
| ପୁରୀ | ମହେଶ୍ୱର ମହାନ୍ତି | ବାଲେଶ୍ୱର | ଜୀବନ ପ୍ରଦୀପ ଦାସ |
| ଜଟଣୀ | ବିଭୂତି ବଳବନ୍ତରାୟ | ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର |
| ବାରବାଟୀ-କଟକ | ଦେବାଶିଷ ସାମନ୍ତରାୟ | ବଡ଼ସାହି | ବୃନ୍ଦାବନ ଦାସ |
| କଟକ ସଦର | ଚନ୍ଦ୍ରସାରଥି ବେହେରା | ଭଦ୍ରକ | ସଞ୍ଜୀବ ମଲ୍ଲିକ |
| ରେଙ୍ଗାଲି | ରୀନା ତନ୍ତୀ | ସୋର | ପର୍ଶୁରାମ ଧଡ଼ା |
| ଯଶୀପୁର | ଗୋଲକ ବିହାରୀ ନାୟକ | ବଡ଼ଚଣା | ଅମର ପ୍ରସାଦ ଶତପଥୀ |
| ବାଙ୍ଗିରିପୋଷି | ସୁଦାମ ମାରାଣ୍ଡି | ରାଜନଗର | ଧ୍ରୁବ ସାହୁ |
| ସାରସକଣା | ଅମର ସିଂ ଟୁଡୁ | ପାରାଦୀପ | ସମ୍ବିତ୍ ରାଉତରାୟ |
| ଉଦଳା | ଶ୍ରୀନାଥ ସୋରେନ | ତିର୍ତ୍ତୋଲ | ବିଷ୍ଣୁ ଦାସ |

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଆଉ ୧୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି । ଏହି ତାଲିକାରେ ବିଜେଡି ମୁଖିଆ ସେହି ପୁରୁଣା ପଦ୍ଧତିକୁ ଆପଣାଇଛନ୍ତି । ପୁରୁଣା ନେତାଙ୍କ ଉପରେ ପୁଣି ଥରେ ଭରସା କରିଛନ୍ତି ନବୀନ । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ପରେ ଦଳରେ ଯେପରି ବିଦ୍ରୋହ ଦେଖାଦେଲା ତାହାକୁ ଦୃଷ୍ଟିରେ ରଖି ନବୀନ ଅତି ସତର୍କତାର ସହ ବିଧାୟକ ପ୍ରାର୍ଥୀ ଚୟନ କରୁଛନ୍ତି । ଦଳରେ ପ୍ରଭାବ ବିସ୍ତାର କରିଥିବା ମନ୍ତ୍ରୀ ଓ ☞ପୃଷ୍ଠା-୧୬

# ବହୁ ଆସନରେ ନୂଆ ମୁହଁକୁ ସୁଯୋଗ

**ଲୋକ ସଭା ପ୍ରାର୍ଥୀ** ୭ ଲୋକ ସଭା, ୨୦ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଳିକା ଘୋଷଣା କଲା କଂଗ୍ରେସ



| କେନ୍ଦୁଝର | ବାଲେଶ୍ୱର | ଭଦ୍ରକ | ଢେଙ୍କାନାଳ | କେନ୍ଦ୍ରାପଡ଼ା | ଜଗତ୍‌ସିଂହପୁର | ପୁରୀ |
|---|---|---|---|---|---|---|
| ଫକୀର ମୋହନ ନାଏକ | ନବଜ୍ୟୋତି ପଟ୍ଟନାୟକ | ମଧୁମିତା ସେଠୀ | କେ.ପି. ସିଂଦେଓ | ଧରଣୀଧର ନାୟକ | ପ୍ରତିମା ମଲ୍ଲିକ | ସତ୍ୟପ୍ରକାଶ ନାୟକ |

ଭୁବନେଶ୍ୱର,୨୯।୩ (ବ୍ୟୁରୋ)

କଂଗ୍ରେସ ଶୁକ୍ରବାର ୭ ଲୋକ ସଭା ଏବଂ ୨୦ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଏହି ତାଲିକାର ବହୁ ଆସନରେ ନୂଆମୁହଁକୁ ସୁଯୋଗ ଦିଆଯାଇଥିବା ଦେଖିବାକୁ ମିଳିଛି। ଅଦ୍ୟାବଧି ଦଳ ୧୫ ଲୋକ ସଭା ଏବଂ ୧୧୧ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ବରିଷ୍ଠ ନେତାଙ୍କ ପରିବାର ସଦସ୍ୟଙ୍କୁ ଟିକେଟ୍ ଦିଆଯିବା ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ଘୋଷିତ ତାଲିକା ଅନୁଯାୟୀ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି

**■ ବରିଷ୍ଠ ନେତାଙ୍କ ପୁଅଝିଅଙ୍କୁ ଟିକେଟ ନେଇ ବଢ଼ୁଛି ଅସନ୍ତୋଷ**

ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ବାଲେଶ୍ୱର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବାବେଳେ ବରିଷ୍ଠ ନେତା ଅନନ୍ତ ସେଠୀଙ୍କ ଝିଅ ମଧୁମିତା ସେଠୀ ଭଦ୍ରକ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷରେ ନିରଞ୍ଜନ ଘଷିପୁରା କିମ୍ବା ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ପ୍ରାର୍ଥୀ ହେବା ସମ୍ଭାବନା ରହିଛି। ସେହିପରି ଅନନ୍ତ ☞ପୃଷ୍ଠା-୪

**ବିଧାନସଭା ପ୍ରାର୍ଥୀ**

| | | | |
|---|---|---|---|
| ତେଲକୋଇ | ମୋହନ ହେମ୍ବ୍ରମ୍ | ବିଞ୍ଝାରପୁର | ମନୋରଞ୍ଜନ ଦାସ |
| ପାଟଣା | ଗୋପେଶ୍ୱର ନାଏକ | ବରି | ଉମେଶ ଜେନା |
| ଯଶୀପୁର | ମହେନ୍ଦ୍ର ନାଏକ | ସୁକିନ୍ଦା | ଶରତ ରାଉତ |
| ଉଦଳା | ବେଣୁଧର ମହାପାତ୍ର | ପରଜଙ୍ଗ | ଯଶସ୍ୱିନୀ ରାଉତ |
| ବାରିପଦା | ଦଶରଥ ସିଂ | ନିଆଳି | ମମତା ଭୋଇ |
| ଭୋଗରାଇ | ସତ୍ୟଶିବ ଦାସ | ମାହାଙ୍ଗା | ଦେବେନ୍ଦ୍ର କୁମାର ସାହୁ |
| ବସ୍ତା | ବିଜନ ନାୟକ | ପାଟକୁରା | ଜୟନ୍ତ ମହାନ୍ତି |
| ରେମୁଣା | ପ୍ରତାପ ସେଠୀ | ତିର୍ତ୍ତୋଲ | ବିଷ୍ଣୁ ପ୍ରସାଦ ତରାଇ |
| ବାସୁଦେବପୁର | ଅଶୋକ କୁମାର ଦାସ | ପୁରୀ | ଅରୋପ୍ରସାଦ ମିଶ୍ର |
| ଧାମନଗର | ବିଦ୍ୟାଧର ଜେନା | ନୟାଗଡ଼ | ମନୋଜ କୁମାର ସାହୁ |

**ଆଜିର ମନ୍ତବ୍ୟ**

“ଆତଙ୍କବାଦକୁ ମୋଦି ହିଁ ଦେଇପାରିବେ ମୁହଁତୋଡ଼ ଜବାବ।

-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୦୨୯ ବିଲିୟନ ଡଲାର ବୃଦ୍ଧି ଘଟି ୪୦୬.୬୬୭ ବିଲିୟନ ଡଲାର ଛୁଇଁଛି। – ଆର୍‌ବିଆଇ




## ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

୯୪୩୭୦୦୯୪୪୧, ୯୯୩୭୬୧୨୮୪୧
୯୦୪୦୮୦୦୩୭୪

# ମହାମେଣ୍ଟ ମତଭେଦ ଜଳଜଳ

ପାଟନା,୨୯।୩ (ପି.ଟି./ଆଇଏଏନ୍ଏସ୍)

ଦୀର୍ଘସମୟ ଧରି ସହଯୋଗୀଙ୍କ ମଧ୍ୟରେ ବାକ୍ଯୁଦ୍ଧ ଲାଗିରହିବା ପରେ ବିହାର ମହାମେଣ୍ଟ ପକ୍ଷରୁ ଶୁକ୍ରବାର ଆସନ ଆବଣ୍ଟନ ବୁଝାମଣା ଶେଷ ହୋଇଛି। ରାଜ୍ୟର ୪୦ ଲୋକ ସଭା ଆସନ ମଧ୍ୟରୁ ୩୧ଟିର ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ଏହାସହ ଅଧିକାଂଶ ଆସନର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ବିରୋଧୀ ମହାମେଣ୍ଟ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପକ୍ଷରୁ ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ଝିଅ ମିସା ଭାରତୀ ପାଟଳିପୁତ୍ରରୁ ପ୍ରାର୍ଥୀ ହୋଇଥିବାବେଳେ ଲୋକ ସଭାର ପୂର୍ବତନ ବାଚସ୍ପତି ମୈରା କୁମାରଙ୍କୁ ସାସାରାମରୁ ଟିକେଟ ଦେଇଛି କଂଗ୍ରେସ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏହି ଘୋଷଣା କରିବାବେଳେ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାଙ୍କ ଅନୁପସ୍ଥିତି ମହାମେଣ୍ଟରେ ଥିବା ମତଭେଦକୁ ପଦାରେ ପକାଇଛି। ଆର୍‌ଜେଡିର ବଡ଼ଭାଇପଣିଆକୁ ନେଇ କଂଗ୍ରେସର ଅସନ୍ତୋଷ ଏଥିରୁ ଜଳଜଳ ହୋଇ ଦିଶୁଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି।

ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ପାଟନାରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମହାମେଣ୍ଟର ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ବୁଝାମଣା ଅନୁସାରେ ଆର୍‌ଜେଡିକୁ ୨୦ ଆସନ ମିଳିଛି। ଆର୍‌ଜେଡି ଏଥରୁ ଗୋଟିଏ ସିଟ୍ ସିପିଆଇଏମ୍ଏଲ୍‌କୁ ଛାଡ଼ିଦେଇଛି। କଂଗ୍ରେସକୁ ୯ ଆସନ ମିଳିଥିବାବେଳେ ଉପେନ୍ଦ୍ର କୁଶୱାହଙ୍କ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍ଏଲ୍ଏସ୍‌ପି)କୁ ୫ ଏବଂ ଜିତନରାମ ମାଞ୍ଝିଙ୍କ ହିନ୍ଦୁସ୍ଥାନ ଆୱାମ ପାର୍ଟି (ଏଚ୍ଏଏମ୍) ଓ ମୁକେଶ ସାହନୀଙ୍କ ବିକାଶଶୀଳ ଇନ୍‌ଶାନ ପାର୍ଟି (ଭିଆଇପି)କୁ ତିନୋଟି ଲେଖାଏ ଆସନରେ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ଦିଆଯାଇଛି। ଏହି ଅବସରରେ ନାମ ଘୋଷଣା କରିଛନ୍ତି। ସଂଯୁକ୍ତ ଜନତା ଦଳ (ଜେଡିୟୁ)ରୁ ବିଦା ହେବା ପରେ ଲୋକତାନ୍ତ୍ରିକ ଜନତା ଦଳ (ଏଲ୍‌ଜେଡି) ଗଠନ କରିଥିବା ଶରଦ ଯାଦବଙ୍କୁ ମଧେପୁରା ଆସନରୁ ଲଢ଼ିବା ପାଇଁ ଟିକେଟ ଦେଇଛି ଆର୍‌ଜେଡି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରଘୁବଂଶ ପ୍ରସାଦ ସିଂ ବୈଶାଳୀ ଓ ପୂର୍ବତନ ମନ୍ତ୍ରୀ ଜଗଦାନନ୍ଦ ସିଂ ବକ୍ସାର ଆସନରୁ ଲଢ଼ିବେ। ଜଗଦାନନ୍ଦ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ଅବ୍‌ଦୁଲ ବାରି ସିଦ୍ଦିକିଙ୍କୁ ଦରଭଙ୍ଗା ଆସନ ମିଳିଛି। ପୂର୍ବତନ କ୍ରିକେଟର ତଥା ଭାଜପା ଛାଡ଼ି ନିକଟରେ କଂଗ୍ରେସରେ ଯୋଗଦେଇଥିବା କୀର୍ତ୍ତି ଆଜାଦ୍‌ଙ୍କୁ କଂଗ୍ରେସ ଏହି ଆସନରୁ ପ୍ରାର୍ଥୀ କରିବାକୁ ଚାହୁଁଥିଲା। ହେଲେ ଦରଭଙ୍ଗା ଆସନ ନ ମିଳିବା ପରେ କଂଗ୍ରେସ ଅସନ୍ତୋଷ ବ୍ୟକ୍ତ କରିଛି। ଅନ୍ୟପକ୍ଷରେ ବରିଷ୍ଠ ଆର୍‌ଜେଡି ନେତା ତନବିର ହାସନଙ୍କୁ ଦଳ ବେଗୁସରାଇରୁ ପ୍ରାର୍ଥୀ କରିଛି। ଏହି ଆସନରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କୁ ଭାଜପା ଟିକେଟ ଦେଇଥିବାବେଳେ ଜେଏନ୍‌ୟୁ ଛାତ୍ର ସଂସଦର ପୂର୍ବତନ ଅଧ୍ୟକ୍ଷ କହ୍ନେୟା କୁମାରଙ୍କୁ ସିପିଆଇ ପ୍ରାର୍ଥୀ କରିଛି। ଜେଲ୍‌ରେ ଥିବା ପୂର୍ବତନ ଏମ୍‌ପି ମହମ୍ମଦ ଶାହବୁଦ୍ଦିନଙ୍କ ସ୍ତ୍ରୀ ହିନା ସହାବ ସିୱାନରୁ ଓ ଲାଲୁଙ୍କ ବଡ଼ପୁଅ ତେଜପ୍ରତାପ ଯାଦବଙ୍କ ଶ୍ୱଶୁର ଚନ୍ଦ୍ରିକା ରାୟ ସାରନ୍ ଆସନରୁ ଆର୍‌ଜେଡି ଟିକେଟରେ ଭାଜପା ଏମ୍‌ପି ରାଜୀବ ପ୍ରତାପ ରୁଡ଼ିଙ୍କ ବିରୋଧରେ ଲଢ଼ିବେ। ସେହିପରି ଭିଆଇପି ମୁଖ୍ୟ ମୁକେଶ ସାହନୀ ଖଗରିଆ ଓ ଏଚ୍ଏମ୍ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ଗୟାରୁ ପ୍ରାର୍ଥୀ ହୋଇଛନ୍ତି। ଅବଶିଷ୍ଟ ଆସନ ପାଇଁ କଂଗ୍ରେସ ଏବଂ ଆର୍ଏସ୍ଏଲ୍‌ପି ଖୁବ୍‌ଶୀଘ୍ର ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ବୋଲି ଜେତସ୍ୱୀ କହିଛନ୍ତି। କେବଳ ଶେଓହର ଆସନରୁ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ଗୁରୁବାର ଆର୍‌ଜେଡି ଛାତ୍ର ଶାଖା ମୁଖ୍ୟ ପଦରୁ ଇସ୍ତଫା ଦେଇଥିବା ଅସନ୍ତୁଷ୍ଟ ତେଜପ୍ରତାପଙ୍କୁ ମନାଇବା ପାଇଁ ତାଙ୍କ ସମର୍ଥକ ଅଙ୍ଗେଶ କୁମାରଙ୍କୁ ଏହି ଆସନରୁ ଲଢ଼ିବା ପାଇଁ ଆର୍‌ଜେଡି ଟିକେଟ ଦିଆଯିବା ନେଇ ଚର୍ଚ୍ଚା ହେଉଛି।

ତେବେ ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସର କେହି ବଡ଼ନେତା ନ ଥିଲେ। ଏମ୍ଏଲ୍‌ସି ନରେନ୍ଦ୍ର ଯାଦବ ଦଳର ନାମମାତ୍ର ପ୍ରତିନିଧି ଭାବେ ଯୋଗଦେଇଥିଲେ। ଅଧା ଆସନ ଆର୍‌ଜେଡି ମାଡ଼ିବସିଥିବାରୁ ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅସନ୍ତୁଷ୍ଟ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ହେଲେ ତେଜସ୍ୱୀ ଏଭଳି ଖବରକୁ ଖଣ୍ଡନ କରି କହିଛନ୍ତି, ମହାମେଣ୍ଟ ଏକଜୁଟ ଅଛି। କଂଗ୍ରେସ ସହ କିଛି ମତଭେଦ ନାହିଁ।



ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ଏଚ୍ଏଏମ୍ ଅଧ୍ୟକ୍ଷ ଜିତନରାମ ମାଞ୍ଝି।

**ବିହାରରେ ବିରୋଧୀଙ୍କ ଗଣିତ**

- ଆର୍‌ଜେଡି ୧୯, କଂଗ୍ରେସ ୯
- ଘୋଷଣା ବେଳେ କଂଗ୍ରେସ ନେତା ଅନୁପସ୍ଥିତ
- ତେଜପ୍ରତାପଙ୍କୁ ମନାଇବାକୁ ତେଜସ୍ୱୀଙ୍କ ଉଦ୍ୟମ

# ଟ୍ରେନ୍‌ରେ 'ଚୌକିଦାର' ଟା କପ୍

ନୂଆଦିଲ୍ଲୀ,୨୯।୩(ପି.ଟି.)




**ବିବାଦରେ ରେଲୱେ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରେ ତାଙ୍କ କ୍ୟାବିନେଟ ସହଯୋଗୀ ଓ ଭାଜପା ନେତାମାନେ ନିଜକୁ 'ମେଁ ଭି ଚୌକିଦାର' ବୋଲାଉଥିବାବେଳେ ବିରୋଧୀ 'କଂଗ୍ରେସ ଚୌକିଦାର ଚୋର୍ ହେ' କହି ସେମାନଙ୍କୁ ଟାର୍ଗେଟ କରୁଛି। ଫଳରେ 'ଚୌକିଦାର' ଶବ୍ଦ ସାଧାରଣ ନିର୍ବାଚନରେ ଭାଜପା ପାଇଁ ପ୍ରଚାରର ଏକ ମାଧ୍ୟମ ପାଲଟିଯାଇଛି। ଏଭଳି ସମୟରେ କେତେକ ଟ୍ରେନ୍‌ରେ ଯାତ୍ରୀଙ୍କ ହାତରେ 'ମେଁ ଭି ଚୌକିଦାର' ଲେଖାଥିବା ଚା କପ୍ ଦେଖିବାକୁ ମିଳିଛି, ଯାହାକୁ ନେଇ ବିବାଦରେ ଫସିଯାଇଛି ରେଲୱେ। କାଠଗୋଦାମ ଶତାବ୍ଦୀ ଏକ୍ସପ୍ରେସର ଜଣେ ଯାତ୍ରୀ ଏଭଳି ଏକ କାଗଜ କପ୍‌ର ଫଟୋକୁ ନେଇ ଟୁଇଟ୍ କରିବା ପରେ ସୋସିଆଲ ମିଡିଆରେ ତାହା ଭାଇରାଲ୍ ହୋଇଛି। ସଂକଳ୍ପ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓ ଏଭଳି କପ୍ ତିଆରି କରି ଯାତ୍ରୀଙ୍କୁ ଦୁଇଥର ଲେଖାଏ ଚା ଦେଉଥିବାରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଆଇଆର୍‌ସିଟିସିର ବିନା ଅନୁମତିରେ ବଣ୍ଟନ ହେଉଥିବା 'ଚୌକିଦାର' କପ୍‌ଗୁଡ଼ିକୁ ପ୍ରତ୍ୟାହାର କରାଯିବ। ଏହାସହ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶୁକ୍ରବାର ରେଲୱେ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନାନୁସାରେ ଏହି ସେବା ପ୍ରଦାନକାରୀଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

# ହାର୍ଦ୍ଦିକଙ୍କ ନିର୍ବାଚନୀ ଆଶା ମଉଳିଲା

ଅହମ୍ମଦାବାଦ,୨୯।୩(ପି.ଟି.)



ପାଟିଦାର ଆନ୍ଦୋଳନ ନେତା ହାର୍ଦ୍ଦିକ ପଟେଲ ଲୋକ ସଭା ନିର୍ବାଚନ ଲଢ଼ିବାକୁ ଯାଉଥିବାବେଳେ ଶୁକ୍ରବାର ତାଙ୍କୁ ଅଦାଲତି ଝଟ୍‌କା ଲାଗିଛି। ୨୦୧୫ର ଏକ ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ହାର୍ଦ୍ଦିକ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଗୁଜରାଟ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ଉକ୍ତ ପିଟିଶନକୁ ଖାରଜ କରିଦେବା ପରେ ହାର୍ଦ୍ଦିକଙ୍କ ନିର୍ବାଚନୀ ଆଶା ମଉଳିଯାଇଛି। ପ୍ରକାଶ ଯେ, ହାର୍ଦ୍ଦିକ ଗତ ୧୨ରେ କଂଗ୍ରେସରେ ଯୋଗଦେଇ ଜାମନଗର ଲୋକ ସଭା ଆସନରୁ ଲଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଗୁଜରାଟରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ଏପ୍ରିଲ ୪। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ କମ୍ ସମୟ ଥିବାରୁ ହାର୍ଦ୍ଦିକଙ୍କ ପ୍ରାର୍ଥିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପ୍ରୟାଗରାଜରେ ଏଏପିର କିନ୍ନର ପ୍ରାର୍ଥୀ

ନୂଆଦିଲ୍ଲୀ,୨୯।୩(ପି.ଟି.)

ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ସାଧାରଣ ନିର୍ବାଚନରେ ପ୍ରଥମଥର ପାଇଁ ଜଣେ କିନ୍ନରଙ୍କୁ ପ୍ରାର୍ଥୀ କରାଯାଇଛି। କିନ୍ନର ଆଖଡ଼ା ସଦସ୍ୟ ମହାମଣ୍ଡଳେଶ୍ୱର ଭବାନୀନାଥ ବାଲ୍ମୀକିଙ୍କୁ ଉତ୍ତରପ୍ରଦେଶର ପ୍ରୟାଗରାଜ ଲୋକ ସଭା ଆସନରୁ ଏଏପି ଟିକେଟ ମିଳିଛି। ୪୬ ବର୍ଷୀୟ ସାମାଜିକ କର୍ମୀ ବାଲ୍ମୀକି ନିଶ୍ଚୟ ଜିତିବେ ବୋଲି ବରିଷ୍ଠ ଏଏପି ନେତା ସଞ୍ଜୟ ସିଂ ଦୃଢ଼ୋକ୍ତି ବାଢ଼ିଛନ୍ତି। ପ୍ରକାଶଯେ, ମଣିପୁରର କିନ୍ନର ଅଭିନେତ୍ରୀ ବିଶେଷ ହୁଇରେମଙ୍କୁ ନିର୍ବାଚନ କମିଶନ ମତଦାନ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ 'ଷ୍ଟେଟ୍ ଆଇକନ୍' ନିଯୁକ୍ତ କରିଛନ୍ତି।



ଭବାନୀନାଥ ବାଲ୍ମୀକି




## ଖବର ସଂକ୍ଷେପରେ

- କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଶୁକ୍ରବାର ଅଯୋଧ୍ୟାକୁ ନିର୍ବାଚନ ପ୍ରଚାରରେ ଯାଇ ହନୁମାନ ଗଡି ମନ୍ଦିର ଦର୍ଶନ କରିଛନ୍ତି। ସେ ଭାଜପାକୁ ଚାଷୀ ବିରୋଧୀ ଭାବେ ଅଭିହିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବର୍ଷିଛନ୍ତି। ମୋଦି ନିଜ ସଂସଦୀୟ ଆସନ ବାରାଣସୀକୁ ଅଣଦେଖା କରିଥିବା ସେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସେ ମୋଦିଙ୍କ ବିରୋଧରେ ନିର୍ବାଚନ ଲଢ଼ିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶର କୁର୍ନୁଲରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁଙ୍କୁ ୟୁ-ଟର୍ନ ନାଇଡୁ ବୋଲି କହିଛନ୍ତି। ସେ ରାଜ୍ୟର ଅନଗ୍ରସରତା ପାଇଁ ଟିଡିପି ଏବଂ କଂଗ୍ରେସକୁ ଦାୟୀ କରିବା ସହ ଏନ୍‌ଡିଏର ଅବଦାନ ସମ୍ପର୍କରେ ବଖାଣିଛନ୍ତି।
- ୨୦୧୪ ଲୋକ ସଭା ନିର୍ବାଚନ ବେଳେ ନରେନ୍ଦ୍ର ମୋଦି ବ୍ୟାଙ୍କ ଖାତାରେ ୧୫ ଲକ୍ଷ ଟଙ୍କା ଜମା କରିବାକୁ ଦେଇଥିବା ପ୍ରତିଶ୍ରୁତିରୁ କଂଗ୍ରେସର ସର୍ବନିମ୍ନ ଆୟ ନିଶ୍ଚିତ ଯୋଜନାର ଧାରଣା ଆସିଛି ବୋଲି ଅଧ୍ୟକ୍ଷ ରାହୁଲ ଗାନ୍ଧୀ ହରିୟାଣାର ଯମୁନାନଗରରେ କହିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ନୀତି ଆୟୋଗକୁ ହଟାଇ ପୁଣି ଯୋଜନା କମିଶନ ପ୍ରତିଷ୍ଠା କରାଯିବ ବୋଲି ସେ ଟୁଇଟ୍ କରିଛନ୍ତି।
- ସାଧାରଣ ନିର୍ବାଚନ ପାଇଁ ଶୁକ୍ରବାର ସିପିଆଇ ପକ୍ଷରୁ ଇସ୍ତାହାର ଜାରି କରାଯାଇଛି। ମାସିକ ସର୍ବନିମ୍ନ ୯,୦୦୦ ଟଙ୍କା ପେନ୍‌ସନ, ଦିଲ୍ଲୀ ଓ ପଣ୍ଡିଚେରୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରଦାନ ଏବଂ ଏକକାଳୀନ କୃଷିଋଣ ଛାଡ଼ ଭଳି ପ୍ରତିଶ୍ରୁତି ଦିଆଯାଇଥିବା ଘୋଷଣାପତ୍ରକୁ ସିପିଆଇ ନେତା ଡି. ରାଜା ଉନ୍ମୋଚନ କରିଛନ୍ତି।



ଉତ୍ତରପ୍ରଦେଶର ଫୈଜାବାଦରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ରୋଡ୍ ଶୋ।



ଆନ୍ଧ୍ରପ୍ରଦେଶର କୁର୍ନୁଲରେ ଭାଜପାର ନିର୍ବାଚନୀ ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

- ସାବରିମାଲା ମନ୍ଦିରକୁ ନେଇ ଉଠିଥିବା ବିବାଦ କେରଳରେ ଲୋକ ସଭା ନିର୍ବାଚନ ଜିତିବାରେ ଭାଜପାକୁ ସହାୟକ ହେବ ବୋଲି ଥିରୁଭାନନ୍ତପୁରମର ଦଳୀୟ ପ୍ରାର୍ଥୀ କେ. ରାଜଶେଖରନ୍ ଆଶାବ୍ୟକ୍ତ କରିଛନ୍ତି। ମିଜୋରାମ ରାଜ୍ୟପାଳ ପଦରୁ ନିକଟରେ ଇସ୍ତଫା ଦେଇଥିବା ରାଜଶେଖରନ୍ କଂଗ୍ରେସ ନେତା ଶଶୀ ଥରୁରଙ୍କ ବିରୋଧରେ ଲଢୁଛନ୍ତି।
- ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର ୧୨ ଏମ୍‌ପିଙ୍କୁ ଭାଜପା ଟିକେଟ ଦେଇ ନ ଥିବାରୁ ବିରୋଧୀ ଦଳଗୁଡ଼ିକ ଏହାର ଫାଇଦା ନେବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି।
- ସମଝୌତା ଏକ୍ସପ୍ରେସ ବିସ୍ଫୋରଣ ମାମଲାରେ ରାୟ ଆସିବା ପରେ ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀ କହିଛନ୍ତି, 'ହିନ୍ଦୁ ଆତଙ୍କବାଦ' ବୋଲି କିଛି ନାହିଁ। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଭୋଟବ୍ୟାଙ୍କ ରାଜନୀତି ପାଇଁ ହିନ୍ଦୁମାନଙ୍କୁ ଅପମାନିତ କରିଛି। ଏଥିପାଇଁ ଲୋକେ କଂଗ୍ରେସକୁ କ୍ଷମା କରିବେ ନାହିଁ।
- ନରେନ୍ଦ୍ର ମୋଦିଙ୍କୁ ପୁନଃ ନିର୍ବାଚିତ କଲେ କିମ୍ବା ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ କଲେ ଦିଲ୍ଲୀବାସୀ କିଛି ପାଇବେ ନାହିଁ ବୋଲି ଓଖଲାରେ ଏଏପିର ଏକ ସଭାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି।
- ଦଳର ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତିକୁ ଯେଉଁମାନେ ପାଳନ କରୁନାହାନ୍ତି ସେମାନଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଇବା ପାଇଁ ଆହ୍ୱାନ ଦେଇଛନ୍ତି ଜୟପୁରର ୯୨ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ପଣ୍ଡିତ ରାମକିଷନ।

# 'ମଥୁରା ସହ ଆଧ୍ୟାତ୍ମିକ ସମ୍ପର୍କ'

ମଥୁରା,୨୯।୩(ପି.ଟି.)

ଉତ୍ତରପ୍ରଦେଶସ୍ଥିତ ମଥୁରାର ଭାଜପା ଏମ୍‌ପି ହେମାମାଳିନୀଙ୍କୁ ବିରୋଧୀ ଦଳଗୁଡ଼ିକ 'ବାହାର ନେତା' ବୋଲି ଟାର୍ଗେଟ କରନ୍ତି। ଭାଜପାରୁ ଏଥର ପୁଣି ପ୍ରାର୍ଥୀ ହୋଇଥିବା ହେମାମାଳିନୀ ସେମାନଙ୍କୁ ଜବାବ ଦେବା ଲାଗି କହିଛନ୍ତି, ମଥୁରା ହେଉଛି ଭଗବାନ କୃଷ୍ଣଙ୍କ ସହର। ମଥୁରା ସହ ତାଙ୍କର ଆଧ୍ୟାତ୍ମିକ ସମ୍ପର୍କ ରହିଛି। ମନ୍ତ୍ରୀ ହେବା ପାଇଁ ତାଙ୍କର କୌଣସି ଅଭିଳାଷ ନାହିଁ। ହେମାମାଳିନୀ ମୁମ୍ବାଇରେ ରହୁଥିବାରୁ ମଥୁରାରେ ଲଢ଼େଇ 'ବାହାର ବନାମ ବ୍ରଜବାସୀ' ହେବ ବୋଲି ଏସ୍‌ପି-ବିଏସ୍‌ପି-ଆର୍ଏଲ୍‌ଡି ମହାମେଣ୍ଟ ସମାଲୋଚନା କରିଛି। ତେବେ ବୃନ୍ଦାବନରେ ତାଙ୍କର ଏକ ଘର ଥିବାରୁ ନିଜକୁ ବୃନ୍ଦାବନବାସୀ ବୋଲି ଅଭିହିତ କରିଛନ୍ତି ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ତ୍ରୀ।



ହେମାମାଳିନୀ


Reliance
Growth is Life
ଭାରତର ଗ୍ରୋସରୀ ସେଭିଂସ୍‌ର ନୂଆ ଏଡ୍ରେସ୍
ଏବେ ନୂଆପଲ୍ଲୀରେ
@RelianceSMARTOfficial
@RelianceSMARTIN
@RelianceSMART_Official
Reliance SMART
ଇସ୍‌କନ୍ ମନ୍ଦିର ବିପରୀତରେ.
ସବୁ ଦିନର ପ୍ରତିଶ୍ରୁତି
ଅନ୍ୟୁନ 5% MRP ରୁ କମ୍ ସବୁକିଛି
₹9* 1KG ଚିନି ପାଇଁ
*₹1499 ଓ ଅଧିକର କିଣାକିଣି କରିଲେ
ଏନ୍‌ଏଚ୍ 5, ଇସ୍‌କନ୍ ମନ୍ଦିର ବିପରୀତରେ, ଭୁବନେଶ୍ୱର
ଆଜିର ହିରୋ ଭେଜ୍
ସହରରେ ସବୁଠାରୁ ଶସ୍ତା
କାକୁଡ଼ି 1kg
₹24
କେବଳ ଏଠାରେ
₹9
*₹999 ଓ ଅଧିକର କିଣାକିଣି କରିଲେ
ପିଆଜ 1 kg
₹9*
ବଜାର ମୂଲ୍ୟ ₹16
ପଇଡ଼ି
₹9*
ବଜାର ମୂଲ୍ୟ ₹25
ପିଲ୍‌ସବରୀ ମିନି କୁକି କେକ୍ 66 g
₹9*
MRP ₹30
ପିଏସ୍ ଗୋଲ୍ ମ୍ୟାଜିକ୍ ସିଲ୍ 450 ml X1 + 170 ml X 1
₹9*
MRP ₹269
ଆମ ମୂଲ୍ୟ ₹5
ସବୁଜ କୋଶଲା ଶାଗ ବିଡା, ଧନିଆଁ ଶାଗ ବିଡା, ଭୃଙ୍ଗୁଣୀ ପତ୍ର ବିଡା, ପୋଦିନା ପତ୍ର ବିଡା, ପାଳଙ୍ଗ ଶାଗ ବିଡା
MRP ₹129 ଆମ ମୂଲ୍ୟ ₹99
ସଞ୍ଚୟ ₹30
କ୍ୱାଲିଟୀ ୱାଲସ୍ ଟବସ୍ 750 ml (ବଛା ବଛା ରେଞ୍ଜ)
BUY ANY 2 GET 1
ବ୍ରେଣ୍ଡେଡ୍ ସ୍ପାଇସେସ୍ (ସମ୍ପୂର୍ଣ୍ଣ ରେଞ୍ଜ)
Combinde MRP ₹1190
ସଞ୍ଚୟ ₹301
ଆମ ମୂଲ୍ୟ ₹889
ଗୋଲ୍ଡ ୱିନର୍ ରିଫାଇନ୍ଡ ସନ୍‌ଫ୍ଲାୱର୍ ତେଲ 5 ℓ + କୋହିନୁର୍ ରୋଜାନା ବସମତୀ ରାଇସ୍ 5 kg ଗୁଡ୍ ଲାଇଫ୍ ସୁଗାର୍ 2 kg
ବଜାର ମୂଲ୍ୟ ₹70
ଆମ ମୂଲ୍ୟ ₹64.50
ଖୋଲା ଜୀରା ଚାଉଳ 1 kg
MRP ₹190
ଆମ ମୂଲ୍ୟ ₹159 (₹79.50/kg)
ହରଡ଼ ଡାଲି 2 kg ପ୍ୟାକ୍
MRP ₹461 ସଞ୍ଚୟ ₹92
₹369
ଗୁଡ୍ ଲାଇଫ୍ ଆଲମଣ୍ଡ 500 g
MRP ₹190 ସଞ୍ଚୟ ₹25
ଆମ ମୂଲ୍ୟ ₹165
ଆଶୀର୍ବାଦ ଗୋଟା ଗହମ ଅଟା 5 kg
MRP ₹130 ସଞ୍ଚୟ ₹31
ଆମ ମୂଲ୍ୟ ₹99
ଡବଲ୍ ହିରନ୍ ସୋରିଷ ତେଲ 1 ℓ
MRP ₹515 ସଞ୍ଚୟ ₹40
ଆମ ମୂଲ୍ୟ ₹475
ଓମ୍‌ଫେଡ୍ ଘିଅ ପଲି 1 ℓ
MRP ₹390 ଆମ ମୂଲ୍ୟ ₹310
ସଞ୍ଚୟ ₹80
ରେଡ୍ ଲେବଲ୍ ଲାଫ୍ ଟୀ 1 kg
MRP ₹100 ଆମ ମୂଲ୍ୟ
BUY ANY 2 GET 1
ପାର୍ଲେ ହାଇଡ୍ ଆଣ୍ଡ ସିକ୍ ଚକୋଲେଟ ବିସ୍କୁଟ 350 g / ବ୍ରିଟାନିଆ ଗୁଡ୍ ଡେ ବଟର୍ କାଶ୍ୟୁ 600 g / ପାର୍ଲେ ଗ୍ଲୁକୋଜ ବିସ୍କୁଟ 1 Kg
MRP ₹65 ଆମ ମୂଲ୍ୟ ₹53
ସଞ୍ଚୟ ₹12
ମାଗି 2-ମିନିଟ ନୁଡଲ୍‌ସ ମସାଲା 420 g
MRP ₹70 ଆମ ମୂଲ୍ୟ ₹49
ସଞ୍ଚୟ ₹21
ମାଜା 1.2 ℓ
MRP ₹315 ଆମ ମୂଲ୍ୟ ₹284
ସଞ୍ଚୟ ₹31
ଷ୍ଟାଣ୍ଡାର୍ଡ ହର୍ଲିକ୍‌ସ 750 g
MRP ₹99 ରେଞ୍ଜ
BUY ANY 2 GET 1
କ୍ୟାଡ଼ବରୀ ପର୍କ ହୋମ୍ ଟ୍ରିଟ୍‌ସ 140 g/ ଫାଇଭ୍ ଷ୍ଟାର୍ ହୋମ୍ ଟ୍ରିଟ୍‌ସ 100 g / ପର୍କ ହୋମ୍ ଟ୍ରିଟ୍‌ସ 200 g
MRP ₹455 ରେଞ୍ଜ ଆମ ମୂଲ୍ୟ ₹375 ରେଞ୍ଜ
ସଞ୍ଚୟ ₹80
1 kg ପ୍ୟାକ୍ ଭିତରେ
ଟାଇଡ୍ ଲକ୍ଷ୍ମୀ ପାଉଡର 4 kg + 1 kg ମାଗଣା* (ବଛା ବଛା ପ୍ରକାର)
MRP ₹174 ରେଞ୍ଜ ଆମ ମୂଲ୍ୟ ₹129 ରେଞ୍ଜ
ସଞ୍ଚୟ ₹45
ବିଶେଷ ପ୍ୟାକ୍ ଉପରେ
ଡଭ୍ ପିଙ୍କ୍ ସୋପ୍ 100 g x 3 ୟୁନିଟ (ମଲ୍ଟି ପ୍ୟାକ୍) / ପେଅର୍‌ସ ପ୍ୟୋର୍ ଆଣ୍ଡ ଜେଣ୍ଟଲ୍ ସୋପ୍ 125 g x 3 ୟୁନିଟ
MRP ₹290 ଆମ ମୂଲ୍ୟ ₹190 ଆମ ମୂଲ୍ୟ
ସଞ୍ଚୟ ₹100
ହ୍ୱିସ୍‌ପର୍ ଅଲ୍‌ଟ୍ରା କ୍ଲିନ୍ 30s
MRP ₹176 ଆମ ମୂଲ୍ୟ ₹136 ଆମ ମୂଲ୍ୟ
ସଞ୍ଚୟ ₹40
କଲଗେଟ୍ ଷ୍ଟ୍ରେଙ୍ଥ ଟିଥ୍ କ୍ରିମ୍ 500 g
MRP ₹949 ଆମ ମୂଲ୍ୟ ₹599 ଆମ ମୂଲ୍ୟ
ସଞ୍ଚୟ ₹350
ପ୍ୟାମ୍ପରସ୍ ଡ୍ରାଇ ପ୍ୟାଣ୍ଟସ / ମାମି ପୋକୋ ପ୍ୟାଣ୍ଟସ (ବଛା ବଛା ବର୍ଗମାଳା)
MRP ₹159 ଆମ ମୂଲ୍ୟ / 29 ଆମ ମୂଲ୍ୟ ₹90 ଆମ ମୂଲ୍ୟ / 14
ଆମ ମୂଲ୍ୟ ₹69 / ₹15
ପ୍ଲାଷ୍ଟିକ ବକେଟ୍ 16 ℓ / ମଗ୍ 1 ℓ
ଆମ ମୂଲ୍ୟ ₹149
ମହିଳାଙ୍କ ଲେଗିଙ୍ଗସ୍
ଆମ ମୂଲ୍ୟ ₹399 ଆମ ମୂଲ୍ୟ
ପୁରୁଷଙ୍କ ଟ୍ରାଉଜର୍ସ
20% Cashback freecharge
T&C Apply : Offer valid on minimum bill of ₹250 Maximum cashback upto ₹50, valid twice per user
Paytm Cashback Get up to ₹150 Cashback
Flat ₹75 Cashback on 3rd Txn. | Flat ₹75 Cashback on 6th Txn.
MobiKwik SAVE 15%
sodexo Now accepted on Food items*.
ସର୍ବାବଳୀ ଲାଗୁ ହେବା ଅନ୍ୟୁନ 5%MRP ରୁ କମ୍ : ତାଜା କ୍ଷୀର, ଶିଶୁ ଖାଦ୍ୟ, ପତଞ୍ଜଳୀ ପ୍ରଡକ୍ଟସ୍ ଏବଂ ସମସ୍ତ ପ୍ରୋମୋ ପ୍ୟାକ୍‌ସ୍ ଉପରେ ମାନ୍ୟ ନୁହେଁ । ମାଲ୍ ଥିବା ଯାଏଁ ଅଫର୍ ବୈଧ । ବିନା ସୂଚନାରେ ଅଫର୍‌ସବୁ ବଦଳାଯାଇ ପାରେ । ଉତ୍ପାଦଙ୍କ ପ୍ରଦର୍ଶିତ ଚିତ୍ର / ଫଟଗୁଡ଼ିକ କେବଳ ନିଦର୍ଶକ ରୂପେ ଦିଆଯାଇଛି । ସମସ୍ତ ଉତ୍ପାଦଙ୍କ ସ.ଖୁ. ମୂଲ୍ୟରେ ସବୁ କର ମିଶିଛି । ଫଳ, ପନିପରିବା, ଦୁଧ ଓ ଦୁଧଜାତ ଦ୍ରବ୍ୟ ଉପରେ ସମସ୍ତ ଅଫର୍ 31 ମାର୍ଚ୍ଚ, 2019 ପର୍ଯ୍ୟନ୍ତ ବୈଧ । ଖୋଲା କଞ୍ଚା ମାଲ୍, ଏବଂ ଦୁଧ ଓ ଦୁଧଜାତ ଦ୍ରବ୍ୟ ଉପରେ ସମସ୍ତ ଅଫର୍ 2 ଏପ୍ରିଲ , 2019 ପର୍ଯ୍ୟନ୍ତ ବୈଧ । ଜେନେରଲ୍ ମର୍ଚ୍ଚାଣ୍ଡାଇଜ୍, ସକାଶେ ଅଫର୍‌ସବୁ 7 ଏପ୍ରିଲ , 2019 ପର୍ଯ୍ୟନ୍ତ ବୈଧ । ଅନ୍ୟ ସମସ୍ତ ଅଫର୍ 14 ଏପ୍ରିଲ , 2019 ପର୍ଯ୍ୟନ୍ତ ବୈଧ । ସମସ୍ତ ବିବାଦ କେବଳ ମୁମ୍ବାଇ ସ୍ଥିତ ନ୍ୟାୟାଳୟଗୁଡ଼ିକର କ୍ଷେତ୍ରାଧୀନ ହେବ ।







# 'ଅସନ୍ତୁଷ୍ଟ ହେଲେ ବି ଦଳ ସହ ରହିବୁ'

**ପାରାଦୀପ,୨୯।୩(ସ୍ୱ.ପ୍ର.):** ବିଧାୟକ ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରେ ୬ ମାସ ଧରି ପାରାଦୀପ ନିର୍ବାଚନମଣ୍ଡଳୀରେ ଦଳର ନେତୃତ୍ୱକୁ ନେଇ ଯେଉଁ ସଂଶୟ ଲାଗିରହିଥିଲା, ଶୁକ୍ରବାର ତାହା ଦୂର ହୋଇଛି। ଦଳ ଆସନ୍ତା ନିର୍ବାଚନ ପାଇଁ ଏଠାରେ ଦାମଙ୍କ ପୁଅ ସମ୍ବିତ ରାଉତରାୟଙ୍କୁ ପ୍ରାର୍ଥୀ କରିଛି। ତେବେ ଦଳର ଏହି ନିଷ୍ପତ୍ତିରେ ଅନ୍ୟ ଆଶାୟୀ ଓ କର୍ମୀମାନେ ନିରାଶାବ୍ୟକ୍ତ କରିଛନ୍ତି। ସନ୍ଧ୍ୟାରେ ସେମାନେ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ

**ସମ୍ବିତ ପ୍ରାର୍ଥୀ ହେବା ପରେ**

ମେମୋରିଆଲ ଟ୍ରଷ୍ଟରେ ବୈଠକ କରିଥିଲେ। ଏଥିରେ ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ, ଉପାଧ୍ୟକ୍ଷ କୁମର ନାୟକ, ସମ୍ପାଦକ ବସନ୍ତ ବିଶ୍ୱାଳଙ୍କ ସମେତ ଦଳୀୟ କାଉନ୍‌ସିଲର, ଯୁବ, ଛାତ୍ର ଓ ମହିଳା ବିଜେଡି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୁମନ୍ତ ଜଣ ଜଣ କରି ସମସ୍ତଙ୍କ ମତ ଲୋଡ଼ିଥିଲେ। ସମସ୍ତଙ୍କ ମତର ସାରାଂଶ ଥିଲା ସମ୍ବିତଙ୍କ ପ୍ରାର୍ଥିତ୍ୱକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି, ମାତ୍ର ସମସ୍ତେ ଦଳ ସହିତ ରହିବେ। ଏ ସମ୍ପର୍କରେ ସମ୍ବିତ କହିଛନ୍ତି ଯେ, ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ଉପରେ ଆସ୍ଥା ପ୍ରକଟ କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଉଛି। ଦାମବାବୁ ଆପଣଙ୍କ ବିରୋଧରେ ପ୍ରଚାର କରିବେ ବୋଲି ପ୍ରଶ୍ନ କରିବାରୁ ଏହାର କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ଦଳୀୟ କର୍ମୀଙ୍କ ଅସନ୍ତୋଷ ସମ୍ପର୍କରେ ସେ କହିଛନ୍ତି, ସେମାନଙ୍କ ଅଭିମାନ ସ୍ୱାଭାବିକ। ମୁଁ ସମସ୍ତ କର୍ମୀଙ୍କୁ ଏକାଠି ନେଇ ପ୍ରଚାର କରିବି।

■ ରାଜଶ୍ରୀଙ୍କ ପ୍ରାର୍ଥିତ୍ୱକୁ ବିରୋଧ କଲେ ଅସନ୍ତୁଷ୍ଟ ଗୋଷ୍ଠୀ

# ରାସ୍ତାରୋକୋ, କୁଶପୁତ୍ତଳିକା ଦାହ

ରଘୁନାଥପୁର,୨୯।୩(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଲୋକ ସଭା ଆସନରୁ ଡା. ରାଜଶ୍ରୀ ମଲ୍ଲିକ ବିଜେଡି ଟିକେଟ ପାଇବା ପରେ ଦଳର ଏକ ଅସନ୍ତୁଷ୍ଟ ଗୋଷ୍ଠୀ ତାଙ୍କୁ ବିରୋଧ କରିଛନ୍ତି। ଶୁକ୍ରବାର ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ରଘୁନାଥପୁର ବ୍ଲକ ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ତାରପୁର ବାଇପାସ୍‌ଠାରେ ପ୍ରାୟ ୧ ଘଣ୍ଟା ଧରି ସେମାନେ ରାସ୍ତାରୋକୋ କରିବା ସହ ରାଜଶ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ ଓ ରଘୁନାଥପୁର ପୂର୍ବତନ ବ୍ଲକ ସଭାପତି ସରୋଜକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ରାଜଶ୍ରୀଙ୍କ ବିରୋଧରେ ଶ୍ଳୋଗାନ ଦେଇଥିଲେ। ସେମାନେ ରାସ୍ତା ଉପରେ ବସି ରହିବା ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତିର୍ତ୍ତୋଲ ବ୍ଲକ ସଭାପତି ମହାପାତ୍ର କହିଛନ୍ତି ଯେ, ରାଜଶ୍ରୀ ଗତ ୫ ବର୍ଷ ମଧ୍ୟରେ ୩ ବ୍ଲକର ଦଳୀୟ କର୍ମୀଙ୍କୁ ଅଣଦେଖା କରିଆସିଛନ୍ତି। ଯିଏ ୩ ବ୍ଲକରେ ଦଳୀୟ ଶୃଙ୍ଖଳା ରକ୍ଷା କରିପାରିଲେନି ସେ ୭ ନିର୍ବାଚନମଣ୍ଡଳୀର ଦାୟିତ୍ୱ କିପରି ନିଭାଇବେ ବୋଲି ପ୍ରଶ୍ନ କରିଛନ୍ତି। ସେହିପରି କୃଷକମୋର୍ଚ୍ଚା ରାଜ୍ୟ ସମ୍ପାଦକ ରାଉତ ରାଜଶ୍ରୀଙ୍କ ପ୍ରାର୍ଥିତ୍ୱ ଉପରେ ପୁନର୍ବିଚାର କରାଯିବା ଆବଶ୍ୟକ ବୋଲି କହିଛନ୍ତି। ପୂର୍ବତନ ସମିତିସଭ୍ୟ ଚୌଧୁରୀ ଇନ୍ଦୁଭୂଷଣ ଲେଙ୍କା, ରଘୁନାଥପୁର ସରପଞ୍ଚ ପ୍ରମୋଦ କୁମାର ଜେନା, ପ୍ରଭୁଦତ୍ତ ମହାନ୍ତି, ବସନ୍ତ ମହାନ୍ତିଙ୍କ ସମେତ ୩ଟି ବ୍ଲକରୁ ଆସିଥିବା ଜନପ୍ରତିନିଧି ଓ କର୍ମୀମାନେ ଉପସ୍ଥିତ ଥିଲେ। ରଘୁନାଥପୁର ଆଇଆଇସି ବବିତା ଦଳାଇ ସଦଳବଳ ଉପସ୍ଥିତ ରହି ସେମାନଙ୍କୁ ବୁଝାଶୁଝା କରିବା ସହ ଆଇନ୍‌ଶୃଙ୍ଖଳା ରକ୍ଷା କରିଥିଲେ।


ତାରପୁର ବାଇପାସ୍‌ଠାରେ ଅସନ୍ତୁଷ୍ଟ ବିଜେଡି କର୍ମୀମାନେ ରାଜଶ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ଗଜପତି ଜିଲା ସଂଗଠନ ଦାୟିତ୍ୱ ଆମୂଳଚୂଳ ପରିବର୍ତ୍ତନ

ଭୁବନେଶ୍ୱର,୨୯।୩ (ବ୍ୟୁରୋ)

ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଜପତି ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ମାରୁତ ପାଳଙ୍କୁ ନିଯୁକ୍ତ କରିଛନ୍ତି। ସେହିକ୍ରମରେ କେ. ଆପ୍ପା ରାଓଙ୍କୁ ଗଜପତି ଜିଲା ବିଜେଡି ଉପ-ସଭାପତି, ପ୍ରସନ୍ନ ରଇତ ଓ ସୁନେଶ ରଇତଙ୍କୁ ଜିଲା ବିଜେଡି ସମ୍ପାଦକ, ଡି. ଜଗନ୍ନାଥ ରାଜୁଙ୍କୁ ବିଜୁ କୃଷକ ଜନତା ଦଳ ଜିଲା ସଭାପତି, ଏସ. ଲିଙ୍ଗରାଜୁଙ୍କୁ ବିଜେଡି ଗଜପତି ଜିଲା ସଭାପତି, ଲେଙ୍କା ସୀମାଦ୍ରିଙ୍କୁ ଜିଲା କାର୍ଯ୍ୟକାରୀ ସଭାପତି, ସନ୍ତୋଷ ଜେନାଙ୍କୁ ଜିଲା ଉପ-ସଭାପତି, ଲଳିତ ମୋହନ ପାତ୍ରଙ୍କୁ ଜିଲା ଯୁବ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି କେ. ଶଙ୍କରଙ୍କୁ ଛାତ୍ର ବିଜେଡି ଗଜପତି ଜିଲା ସଭାପତି, ଜିୟୁଶ୍ୟା ମଣ୍ଡଳଙ୍କୁ ଛାତ୍ର ବିଜେଡି ଉପ-ସଭାପତି, ଦେବ ସାହୁଙ୍କୁ ଛାତ୍ର ବିଜେଡି ସମ୍ପାଦକ, ସଂଯୁକ୍ତା ବେହେରାଙ୍କୁ ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି, ସୁରେନ୍ଦ୍ର ପାଳଙ୍କୁ ବିଜେଡି ସଂଖ୍ୟାଲଘୁ ସେଲ୍ ଜିଲା କାର୍ଯ୍ୟକାରୀ ସଭାପତି, ସୂର୍ଯ୍ୟନାରାୟଣ ରାଜଗୁରୁଙ୍କୁ ପାରଳାଖେମୁଣ୍ଡି ବିଜେଡି ନଗର ସଭାପତି, ରୋକମ ରାମ ପ୍ରସାଦଙ୍କୁ ବିଜେଡି କାଶୀନଗର ବ୍ଲକ ସଭାପତି, ସି.ଏଚ୍. ଈଶ୍ୱର ରାଓଙ୍କୁ ବିଜେଡି ଗୋଷାଣି ବ୍ଲକ ସଭାପତି, ଇନୁସ୍ ଶବରଙ୍କୁ ବିଜେଡି ଗୁମ୍ମା ବ୍ଲକ ସଭାପତି, ରଘୁ ରାମ ସାହୁଙ୍କୁ ବିଜେଡି କାଶୀନଗର ଏନ୍‌ଏସି ସଭାପତି, କେ. ଭେଙ୍କଟ ରାଓଙ୍କୁ ବିଜେଡ଼ି କାଶୀନଗର ଏନ୍‌ଏସି ଉପ-ସଭାପତି, କେ. ତ୍ରିପତି ରାଓଙ୍କୁ ଯୁବ ବିଜେଡି କାଶୀନଗର ଏନ୍‌ଏସି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଏନେଇ ସୂଚନା ଦେଇଛନ୍ତି।

# ପାରାଦୀପ କଂଗ୍ରେସ ଟିକେଟ ଉପରେ ନଜର

**ପାରାଦୀପ,୨୯।୩(ସ୍ୱ.ପ୍ର.):** ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ସମ୍ପଦ ସ୍ୱାଇଁଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେଡି ବରିଷ୍ଠ ନେତା ଦାମୋଦର ରାଉତଙ୍କ ପୁଅ ସମ୍ବିତ ରାଉତରାୟଙ୍କୁ ପ୍ରାର୍ଥୀ କରିଛି। କିନ୍ତୁ ଅଦ୍ୟାବଧି କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାହା ସ୍ଥିର କରିପାରିନାହିଁ। ଏଠାରେ ଦଳର ଦୁଇଜଣ ଆଶାୟୀ ଦୌଡ଼ରେ ଅଛନ୍ତି। ସେମାନେ ହେଲେ ଅରିନ୍ଦମ ସର୍ଖେଲ (ବାପି) ଓ ପ୍ରମୋଦ ଜେନା। ଉଭୟ ନେତା ନିଜ ନିଜ ସ୍ତରରେ ଟିକେଟ୍ ପାଇଁ ଜୋରଦାର ଉଦ୍ୟମ ଚଳାଇଥିବାରୁ ଦଳ କାହାକୁ ଟିକେଟ ଦେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ଦଳ ଏଠାରେ ବାପିଙ୍କ ସ୍ତ୍ରୀ ମୁନୀଦୀପା ସର୍ଖେଲଙ୍କୁ ମଧ୍ୟ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଦୀର୍ଘଦିନ ହେଲା ମୁନିଦୀପା ଏଠାରେ ବିଭିନ୍ନ ସଭାସମିତି କରିବା ସହ କର୍ମୀମାନଙ୍କ ସହ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ମୋଟାମୋଟି କହିବାକୁ ଗଲେ କଂଗ୍ରେସର ପ୍ରାର୍ଥୀ ଚୟନ ଏଠାରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

# ବିଜେଡିରେ ମିଶିଲେ ଗତିକୃଷ୍ଣ

**ପାରାଦୀପ, ୨୯।୩ (ସ୍ୱ.ପ୍ର.):** ପାରାଦୀପ ନିର୍ବାଚନମଣ୍ଡଳୀର ଭାଜପା ନେତା ତଥା ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଗତିକୃଷ୍ଣ ଶତପଥୀ ଗୁରୁବାର ଦଳର ସମସ୍ତ ପଦ ପଦବୀରୁ ଇସ୍ତଫା ଦେଇଥିଲେ। ଶୁକ୍ରବାର ସେ ବିଜେଡିରେ ସାମିଲ ହୋଇଛନ୍ତି। ନିଜ ସମର୍ଥକଙ୍କ ସହ ସେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ। ଏହି ଅବସରରେ ସେ ବିଜେଡି ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଗତିକୃଷ୍ଣ ଯେଉଁଥିପାଇଁ ବିଜେଡିରେ ସାମିଲ ହୋଇଥିଲେ ତାହା ଫସର ଫାଟିଥିବା କୁହାଯାଉଛି। କାରଣ ଦାମଙ୍କ ପାଇଁ ସେ ଭାଜପା ଛାଡ଼ିଥିବାବେଳେ ବିଜେଡି ସମ୍ବିତଙ୍କୁ ପ୍ରାର୍ଥୀ କରିଛି। ସେହିପରି ଗତିକୃଷ୍ଣଙ୍କୁ ବିଜେଡିକୁ ଆଣିବାରେ ପ୍ରମୁଖ ସୂତ୍ରଧର ସାଜିଥିବା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମଧ୍ୟ ଟିକେଟ୍ ପାଇନାହାନ୍ତି। ତେଣୁ ଏହି ଦଳବଦଳି ଆଗାମୀ ନିର୍ବାଚନରେ କିପରି ପ୍ରଭାବ ପକାଇବ ତାହା ଦେଖିବାକୁ ରହିଲା।






ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ।

-ଶ୍ରୀମା

# ଲୋହାନିଙ୍କ ପ୍ରତ୍ୟାବର୍ତ୍ତନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସମ୍ପ୍ରତି ଜେଟ୍‌ର ଦୁର୍ଦ୍ଦିନ ବେଳେ ଏୟାର ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଅଶ୍ୱିନୀ ଲୋହାନିଙ୍କ ପୁନର୍ନିଯୁକ୍ତିକୁ ନେଇ ବାବୁ ମହଲରେ ଖୁବ୍ ଚର୍ଚ୍ଚା ଚାଲିଛି। ଲୋହାନି ରେଲ୍‌ୱେ ବୋର୍ଡର ଅଧ୍ୟକ୍ଷ (ପ୍ରମୁଖ ସଚିବ ସମତୁଲ ପଦ) ଭାବେ ନିଯୁକ୍ତି ପାଇବା ପୂର୍ବରୁ ଏୟାର ଇଣ୍ଡିଆର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ତା'ହେଲେ ସେ କାହିଁକି ଏୟାର ଇଣ୍ଡିଆରେ ପୂର୍ବର ଅତିରିକ୍ତ ସଚିବସ୍ତରୀୟ ପଦକୁ ଫେରିବା ପ୍ରସ୍ତାବକୁ ଗ୍ରହଣ କଲେ, ତାହା ପୁଣି ମାତ୍ର ଏକବର୍ଷ ପାଇଁ? ସର୍ବୋପରି ଏପରି ଅବସର-ପର ପୁନର୍ନିଯୁକ୍ତି ମୋଦି ସରକାର ପାଇଁ ଅସ୍ୱାଭାବିକ। କାରଣ ମୋଦି ସରକାର ସବୁବେଳେ ପ୍ରଶାସନିକ ସ୍ଥିରତା ଉପରେ ଗୁରୁତ୍ୱ ଦେଇଥାନ୍ତି। କେତେକ ବାବୁ-ନିରୀକ୍ଷକଙ୍କ ବିଶ୍ୱାସ ଅନୁସାରେ ଏୟାର ଇଣ୍ଡିଆର ପୁଞ୍ଜି-ବିନିବେଶ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ପାଇଁ ଲୋହାନିଙ୍କୁ ଫେରାଇ ଅଣାଯାଇଛି। ସାଧାରଣ ନିର୍ବାଚନ ପରେ ଯଦି ଏନ୍‌ଡିଏ ସରକାର ପୁନଶ୍ଚ କ୍ଷମତାସୀନ ହୁଅନ୍ତି, ତେବେ ଲୋହାନିଙ୍କ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ସମ୍ପାଦନ କରିବା ଏହି ସରକାରଙ୍କ ଲକ୍ଷ୍ୟ। କୁହାଯାଉଛି ଯେ, କର୍ମଚାରୀ ସଂଗଠନଗୁଡ଼ିକ ଏହି ବିନିବେଶ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବେ ଏବଂ ପ୍ରକ୍ରିୟାକୁ ଶୀଘ୍ର ଶେଷ ହେବାକୁ ଦେବେନାହିଁ। ତେବେ ଲୋହାନିଙ୍କ ପ୍ରତି ଏୟାର ଇଣ୍ଡିଆ କର୍ମଚାରୀମାନଙ୍କର ଗଭୀର ସମ୍ମାନ ଓ ବିଶ୍ୱାସ ରହିଛି। ତେଣୁ ଏ ବିରାଟ କାର୍ଯ୍ୟକୁ ସେ ହିଁ ସଫଳତାର ସହ ସମ୍ପନ୍ନ କରିପାରିବେ ବୋଲି ମୋଦି ସରକାର ବିଶ୍ୱାସ କରୁଛନ୍ତି।

### ପୋଲିସ ବାବୁ ମୁହାଁମୁହିଁ

କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍)ର ଚଣ୍ଡିଗଡ଼ ଶାଖା ଉପରେ ଏବେ ବାବୁମାନଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି କାରଣ ଏହି ଶାଖା ପଞ୍ଜାବର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ଦିନକର ଗୁପ୍ତାଙ୍କ ନିଯୁକ୍ତି ବିରୋଧରେ ଆଗତ ଏକ ମାମଲାର ଶୁଣାଣି କରୁଛି। ଟ୍ରିବ୍ୟୁନାଲ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି), ପଞ୍ଜାବ ସରକାର, ଡିଜିପି ଦିନକର ଗୁପ୍ତା, ପୂର୍ବତନ ଡିଜିପି ସୁରେଶ ଅରୋଡ଼ା ଓ ଅନ୍ୟମାନଙ୍କୁ ଏ ନେଇ ନୋଟିସ ଜାରି କରିଛନ୍ତି। ଡିଜିପି-ପାହ୍ୟା ଅଫିସର ସିଦ୍ଧାର୍ଥ ଚଟ୍ଟୋପାଧ୍ୟାୟ ଉକ୍ତ ନିଯୁକ୍ତି ବିରୋଧରେ କ୍ୟାଟ୍‌ରେ ଆବେଦନ କରିଛନ୍ତି ଏବଂ ଏହି ନିଯୁକ୍ତିକୁ ବିରୋଧ କରିବାରେ ସେ ହେଉଛନ୍ତି ପଞ୍ଜାବର ଦ୍ୱିତୀୟ ବରିଷ୍ଠ ପୋଲିସ ଅଫିସର। ଏହା ପୂର୍ବରୁ ଡିଜିପି ପାହ୍ୟା ଅଫିସର ମହମ୍ମଦ ମୁସ୍ତାଫା ଏହା ବିରୋଧରେ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଚଟ୍ଟୋପାଧ୍ୟାୟ ଦାବି କରିଛନ୍ତି ଯେ, ପୂର୍ବତନ ଡିଜିପି ଅରୋଡ଼ାଙ୍କର ଗୁପ୍ତାଙ୍କୁ ନିଯୁକ୍ତି ଦେବାରେ ନିହିତସ୍ୱାର୍ଥ ରହିଥିଲା। କାରଣ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଉପସ୍ଥାପିତ ଏକ ରିପୋର୍ଟ ଅନୁସାରେ ନିଶା ଚୋରାବେପାରୀ ଓ ଆଇନ ପ୍ରବର୍ତ୍ତନ ସଂସ୍ଥା ସହ ଏହି ଦୁଇ ବାବୁଙ୍କର ଗୁପ୍ତ ବୁଝାମଣା ରହିଥିଲା। ପଞ୍ଜାବର ଡିଜିପିଭାବେ ଗୁପ୍ତାଙ୍କ ନିଯୁକ୍ତି ନେଇ ଫେବୃୟାରୀ ୭ର ଆଦେଶନାମାକୁ ରଦ୍ଦ କରିଦେବା ପାଇଁ ଚଟ୍ଟୋପାଧ୍ୟାୟ କ୍ୟାଟ୍‌କୁ ଅନୁରୋଧ କରିଛନ୍ତି। ହାଇକୋର୍ଟରେ ଉପସ୍ଥାପିତ ରିପୋର୍ଟର ପ୍ରମାଣ ଦାଖଲ କରିବା ପାଇଁ ମଧ୍ୟ କୁହାଯାଇଛି। ଏପ୍ରିଲରେ ଶୁଣାଣି ଆରମ୍ଭ ହେବା ପରେ ଅନେକ କାରନାମା ପଦାରେ ପଡ଼ିବ ବୋଲି ବାବୁ-ନିରୀକ୍ଷକମାନେ ଆଶା କରୁଛନ୍ତି।

### ଭିତରେ ଫାଟ

ସାଧାରଣ ନିର୍ବାଚନ ଆଉ କେଇ ସପ୍ତାହ ବାକି ଥିବାବେଳେ ଉତ୍ତରପ୍ରଦେଶରେ ଆଉ ଏକ ବାବୁ-ଲଢ଼େଇ ଦେଖିବାକୁ ମିଳୁଛି। ଏହା କେବଳ ଯୋଗୀ ଆଦିତ୍ୟନାଥଙ୍କ ସରକାରର ସୁଷ୍ଠୁ ପରିଚାଳନାରେ ବାଧା ସୃଷ୍ଟିକରିବ ନାହିଁ, ବରଂ ନିର୍ବାଚନ ଡ୍ୟୁଟି ସମୟରେ ମଧ୍ୟ ସମସ୍ୟା ସୃଷ୍ଟିକରିବ ବୋଲି ଆଶଙ୍କା କରାଯାଉଛି। ପଦୋନ୍ନତି ପାଇ ଆଇଏଏସ୍ ହୋଇଥିବା ଅଫିସରମାନେ ବିଭେଦ ଓ ପାତରଅନ୍ତରର ଶିକାର ହେଉଥିବା ନେଇ ଅଭିଯୋଗ କରିବା ସହ ରାଜ୍ୟ ଆଇଏଏସ୍ ସଂଘରୁ ବାହାରିଯାଇ ପ୍ରମୋଟି ଆଇଏଏସ୍ ଅଫିସର୍ସ ଫୋରମ୍ ନାମରେ ଏକ ନୂଆ ସଂଘ ଗଠନ କରିଛନ୍ତି ବୋଲି ଫୋରମ୍‌ର ଜେନେରାଲ ସେକ୍ରେଟାରି ତଥା ଆବାହକ ଉମେଶ ପ୍ରତାପ ସିଂ ପ୍ରକାଶ କରିଛନ୍ତି। ସିଧାସଳଖ ଆଇଏଏସ୍ ହୋଇଥିବା ବାବୁମାନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଆଗରେ ନିଜର ଦୁଃଖ ଜଣାଇବା ପାଇଁ ମଧ୍ୟ ଫୋରମ୍ ଚିନ୍ତା କରୁଛି। କେନ୍ଦ୍ର ଓ ରାଜ୍ୟ ସେବାର ବିଭିନ୍ନ କ୍ୟାଡର ମଧ୍ୟରେ କ୍ଷେତ୍ରାଧିକାର ଲଢ଼େଇ ନୂଆ ନୁହେଁ। ୨୦୧୭ରେ ଆଇଏଏସ୍ ଓ ଆଇପିଏସ୍ ବାବୁମାନଙ୍କ ମଧ୍ୟରେ ଏହିପରି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ବିଭିନ୍ନ ଜିଲାର ଏସ୍‌ପିମାନେ ଏସ୍‌ଏଚ୍‌ଓମାନଙ୍କର ବଦଳି ଓ ନିଯୁକ୍ତି ନେଇ ଜିଲାପାଳମାନଙ୍କ ଆଦେଶ ମାନିବାକୁ ମନା କରିଦେଇଥିଲେ। ଏହାଦ୍ୱାରା ଆଇପିଏସ୍ ଅଫିସରମାନେ ସେମାନଙ୍କର ପ୍ରଶାସନିକ କ୍ଷମତା କ୍ଷୁଣ୍ଣ ହେବ ବୋଲି ଭାବୁଥିଲେ। ତେବେ ପ୍ରମୋଟି ଆଇଏଏସ୍ ଅଫିସରମାନଙ୍କ ପ୍ରତି କୌଣସି ପାତରଅନ୍ତର କରାଯାଉ ନାହିଁ ଏବଂ ସେମାନଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ବର୍ତ୍ତମାନ ଆଇଏଏସ୍ ସଂଘ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏ ବିବାଦ ଏତେ ଶୀଘ୍ର ଦୂର ହେବାର ଆଶା ଦେଖାଯାଉ ନାହିଁ।

Email: dilipcherian@gmail.com

# ଭାରତର ଦୁଇ ପଡ଼ୋଶୀ ଦେଶ



ଉପେନ୍ଦ୍ର ବିଶ୍ୱାଳ

ପାକିସ୍ତାନ ଓ ଇଣ୍ଡୋନେସିଆ ଭାରତର ଦୁଇ ପାର୍ଶ୍ୱରେ ଦୁଇଟି ମୁସଲମାନବହୁଳ ଦେଶ। କିନ୍ତୁ ଏମାନଙ୍କ ମଧ୍ୟରେ ଦୃଷ୍ଟିକୋଣର ଭିନ୍ନତା ଅନେକ। ବିପରୀତମୁଖୀ ଦୁଇଟି ଇସ୍‌ଲାମିକ ଦେଶର ମତି, ଗତି, କୃତି ଓ କୀର୍ତ୍ତି ଆଲୋଚନାର ବିଷୟ। ଗୋଟିଏର ଦୃଷ୍ଟିଭଙ୍ଗୀ ଚାତକ ସମ ଉର୍ଦ୍ଧ୍ୱମୁଖୀ ଥିଲାବେଳେ ଅନ୍ୟଟିର ନିମ୍ନମୁଖୀ ଠିକ୍ ଶାଗୁଣା ପରି। ଜଣକ ଦୃଷ୍ଟିଭଙ୍ଗୀ ସତ୍ ଓ ଆଦର୍ଶମୟ ଥିଲାବେଳେ ଅନ୍ୟଟି ଆଦରି ଚାଲିଛି ଆବର୍ଜନାକୁ। ଭାରତ ପ୍ରତି ବିଶ୍ୱାସଘାତ, ଷଡ଼ଯନ୍ତ୍ରପୂର୍ଣ୍ଣ କାରସାଦିରୁ ସୃଷ୍ଟି ହୁଏ ପାକିସ୍ତାନ। ବେଦନାଦାୟକ ଥିଲା ବିରାଟ ଭୂଖଣ୍ଡର ସେ ବିଭାଜନ ବେଳା। ଲକ୍ଷ ଲକ୍ଷ ଲୋକଙ୍କ ହତ୍ୟା ଓ ରକ୍ତପାତର କୁତ୍ସିତ ପରିଣତି ହେଉଛି ପାକିସ୍ତାନ। ସ୍ୱାଧୀନତାର ୭୨ ବର୍ଷ ପରେ ବି ପାକିସ୍ତାନ ଆଜି କେଉଁଠି? ସେହି ସମାନ ସମୟରେ ସୃଷ୍ଟ ଭାରତ ଆଜି ଚନ୍ଦ୍ର ଓ ମଙ୍ଗଳରେ ବସତି ବସାଇବାକୁ ବ୍ୟଗ୍ର ଓ ବ୍ୟସ୍ତ ଥିଲାବେଳେ ପାକିସ୍ତାନ ଆଜି ଗାତ ବା ବଙ୍କର ଖୋଳିବାରେ ବ୍ୟସ୍ତ। ଭାରତର ବଡ଼ଭାଇପଣିଆକୁ ବିଶ୍ୱ ଆଜି ଏକ ପ୍ରକାର ସ୍ୱୀକୃତି ଦେଇଛି। ସଦ୍ୟତମ ଦୃଷ୍ଟାନ୍ତ ଭାବେ ଇସ୍‌ଲାମିକ ରାଷ୍ଟ୍ର ସଂଗୋଷ୍ଠୀରେ ଭାରତକୁ ମର୍ଯ୍ୟାଦା ମିଳିଛି। ଭାରତର ବୈଦେଶିକ ମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଆମନ୍ତ୍ରିତ ହେବା ଓ ପାକିସ୍ତାନ କୋଣଠେସା ହେବା ଏହାର ଏକ ଝଲକ ମାତ୍ର।

ଜାତିସଂଘରେ ଭାରତକୁ ମଧ୍ୟ ଯଥେଷ୍ଟ ମାନ୍ୟତା ଦିଆଯାଉଛି। ହଟ୍‌ଲାଇନ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ବିଶ୍ୱର ଯେଉଁତିନୋଟି ଦେଶର ରାଷ୍ଟ୍ରମୁଖ୍ୟ ବାର୍ତ୍ତାଳାପର ସୁଯୋଗ ପାଇଛନ୍ତି ତନ୍ମଧ୍ୟରୁ ଭାରତ ଅନ୍ୟତମ। ଜାପାନର ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଟୁଇଟରରେ ବିଶ୍ୱର ମାତ୍ର ୧୩ଜଣ ବ୍ୟକ୍ତିଙ୍କୁ ଫଲୋ କରନ୍ତି, ତନ୍ମଧ୍ୟରୁ ଭାରତର ପ୍ରଧାନମନ୍ତ୍ରୀ ଅନ୍ୟତମ। ରୁଷର ପ୍ରଧାନମନ୍ତ୍ରୀ ପୁଟିନଙ୍କ ସହିତ ବିଶ୍ୱର ମାତ୍ର ଦୁଇଟି ଦେଶ ଆମେରିକା ଓ ଭାରତ ହଟ୍‌ଲାଇନରେ ସିଧା କଥା ହୋଇପାରିବେ। ଆମେରିକା ଓ ରୁଷିଆ ପରି ଶକ୍ତିଶାଳୀ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହିତ କଥା ହେବା ପାଇଁ ଅନ୍ୟ ଦେଶଗୁଡ଼ିକୁ ଦିନ ଦିନ ଧରି ଲାଇନ୍ ଦେବାକୁ ପଡ଼ିଥାଏ। ଭାରତକୁ ଦିନେ ନାଲି ଆଖି ଦେଖାଉଥିବା ଚାଇନା ମଧ୍ୟ ଆଜିର ଦିନରେ ଚୁପ୍ ରହିବାକୁ ବାଧ୍ୟ ହେଉଛି। ଡ୍ରାଗନ୍‌ର ଦର୍ପ, ଦମ୍ଭ, ଦୌରାତ୍ମ୍ୟ ଦବି ଯାଇଛି ଅନେକ। ଏପରି ସ୍ଥଳେ ନିଜ ଅସ୍ତିତ୍ୱ ପାଇଁ ସଂଗ୍ରାମ କରୁଛି ପାକିସ୍ତାନ। ହାତରେ ଭିକ୍ଷା ଥାଳ ଧରି ବିଶ୍ୱ ଦରବାରରେ ସେ ଦ୍ୱାରସ୍ଥ।

ବିଦେଶୀ ଋଣ ହେଉଛି ପାକିସ୍ତାନର ପ୍ରାଣ, ତା' ଅର୍ଥ ବ୍ୟବସ୍ଥାର ଅସଲ ଆଧାର। ଏହା ବିନା ପାହୁଣ୍ଡେ ବି ପାକିସ୍ତାନ ଆଗେଇ ପାରିବନି। ଦେଶରେ ଜିଡିପିର ୭୨ ଭାଗ କେବଳ ଋଣ ପରିଶୋଧରେ ଯାଉଛି। ଏହା ସତ୍ତ୍ୱେ ପାକିସ୍ତାନ ଛାଡ଼ିପାରୁନି ତା'ର ହୀନ ପ୍ରକୃତି। ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇ ରକ୍ତପାତ କରିବା ଇସ୍‌ଲାମାବାଦର ଇସ୍ତାହାର। ଭାରତରେ ଆତଙ୍କବାଦୀ ଆକ୍ରମଣରେ ହିଁ ତା'ର ଆତ୍ମତୃପ୍ତି। ସନ୍ତ୍ରାସବାଦର ଷଠିଘର, ଆତଙ୍କବାଦୀଙ୍କ ଆଖଡ଼ାଶାଳ ଭାବେ ଅପଖ୍ୟାତ ଆଜି ପାକିସ୍ତାନ। ଜନ୍ମଲଗ୍ନରୁ ଅଦ୍ୟାବଧି ତା'ର ଏକମାତ୍ର ଲକ୍ଷ୍ୟ ହେଉଛି ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚିବା। ପାକିସ୍ତାନ ପଛେ ମାଟିରେ ମିଶିଯିବ କିନ୍ତୁ ଭାରତବିରୋଧୀ ବିଚାରଧାରାରୁ ବିଚ୍ୟୁତ ହେବନି। କାରଣ ଉଗ୍ର ମୌଳବାଦ ହିଁ ପାକିସ୍ତାନର ପାଠ୍ୟ ଖସଡ଼ା। ୧୯୪୭ ମସିହା ସ୍ୱାଧୀନତା ସମୟରେ ପାକିସ୍ତାନରେ ହିନ୍ଦୁଙ୍କ ସଂଖ୍ୟା ସେଠାକାର ଜନସଂଖ୍ୟାର ଶତକଡ଼ା ୧୫ ଭାଗ ଥିଲା ବେଳେ ସମ୍ପ୍ରତି ତାହା ୧.୫ଠୁଁ ବି କମିଗଲାଣି। ଅନ୍ୟ ପକ୍ଷରେ ଭାରତରେ ଏହାର ଠିକ୍ ଓଲଟା। ସ୍ୱାଧୀନତା ସମୟରେ ଏଠାରେ ମୁସଲମାନଙ୍କ ସଂଖ୍ୟା ଦେଶର ଜନସଂଖ୍ୟାର ୮ ଭାଗ ଥିଲାବେଳେ ୨୦୧୧ ଜନଗଣନାରେ ତାହା ୧୪.୨ରୁ ଅଧିକ ଥିବା ଲକ୍ଷ୍ୟ କରାଯାଇଛି।

ଏବେ ଆସନ୍ତୁ ଅନୁଶୀଳନ କରିବା ବିଶ୍ୱର ସର୍ବାଧିକ ମୁସଲମାନବହୁଳ ଦେଶ ଇଣ୍ଡୋନେସିଆକୁ। ପ୍ରାୟ ୨୦ କୋଟି ଲୋକସଂଖ୍ୟା ବିଶିଷ୍ଟ ପାକିସ୍ତାନ ଆତଙ୍କବାଦକୁ ଆଦର୍ଶ ମାନି ଚାଲିଥିବା ବେଳେ ୨୬କୋଟି ଜନସଂଖ୍ୟା ବିଶିଷ୍ଟ ଇଣ୍ଡୋନେସିଆ ଦ୍ରୁତ ବିକାଶଶୀଳ ଦେଶ ଭାବେ ସୁବିଦିତ। ଆଗ୍ନେୟଗିରିର ଆଁ ଭିତରେ ଓ ଶତକଡ଼ା ୯୦ଭାଗ ଭୂକମ୍ପପ୍ରବଣ ଅଞ୍ଚଳରେ ଇଣ୍ଡୋନେସିଆର ଅବସ୍ଥିତି। ଦୁର୍ଯୋଗର ଦ୍ୱାରଦେଶରେ ରହିଥିବାରୁ ଦୁର୍ଭାଗ୍ୟର ଦୟନୀୟ ଦୃଶ୍ୟ ଦେଖିବାକୁ ମିଳେ ସାରା ବର୍ଷରେ। ସୁନାମି ପରି ଏକାଧିକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ତା'ର ବାଟ ଓଗାଳୁଥିବା ସତ୍ତ୍ୱେ, ସେ ଖୁବ୍ ଦମ୍ଭର ସହିତ ଆଗେଇ ଚାଲିଛି ଆଗକୁ ଆଗକୁ। ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ପ୍ରତିହତ କରି ଝଡ଼ର ଇଗଲ ସମ ଇଣ୍ଡୋନେସିଆ ଚାଲିଛି ସଂହତି ଓ ସମୃଦ୍ଧିକୁ ସାଥୀ କରି। ମୌଳବାଦ ନୁହେଁ, ମାଟିର ମୌଳିକତା ହିଁ ଜାକର୍ତ୍ତାର ଜପାମାଳି। ମୁସ୍‌ଲିମ ଦେଶ ହେଲେ ମଧ୍ୟ ପିଢ଼ି ପରେ ପିଢ଼ି ଧରି ପ୍ରଚଳିତ ପବିତ୍ର ପରମ୍ପରା ହେଉଛି ତା'ର ପଥପ୍ରଦର୍ଶକ। ଭାରତୀୟ ସଂସ୍କୃତି ହେଉଛି ସେ ରାଷ୍ଟ୍ରର ଜୀବନୀ ଶକ୍ତି, ମାଟି ମହନୀୟତାର ମହାମୃତ୍ୟୁଞ୍ଜୟ ମନ୍ତ୍ର। ସମାଜ ଜୀବନରେ ହିନ୍ଦୁତ୍ୱର ଶାଶ୍ୱତ ଭାବଧାରା ହିଁ ତା'ର ସାଫଲ୍ୟର ସୂତ୍ର। ହିନ୍ଦୁ ଦେବଦେବୀଙ୍କ ଚିତ୍ର ଅପେକ୍ଷା ତାଙ୍କ ଚରିତ୍ର ହେଉଛି ସେ ମାଟିର ଆଦର୍ଶର ଆଧାର। ମୂର୍ତ୍ତି ଅପେକ୍ଷା ମନ୍ତ୍ର ହିଁ ଏହି ମାଟିର ମୂଳ। ଯେଉଁଥିପାଇଁ କି ସେ ଦେଶ, ଭାରତଠାରୁ ବି ଅଧିକ ଶାନ୍ତ, ଶୃଙ୍ଖଳିତ ଓ ମାର୍ଜିତ।

ଶ୍ରୀରାମ ଓ ଶ୍ରୀଶଙ୍କରଙ୍କ ଆଦର୍ଶରେ ସେମାନେ ଖୁବ୍ ଅନୁପ୍ରାଣିତ। ପ୍ରଭୁ ଶ୍ରୀରାମ ଓ ଶ୍ରୀଗଣେଶଙ୍କ ପରି ସେ ମାଟିର ପ୍ରତିଟି ସନ୍ତାନ ମାତୃପିତୃଭକ୍ତ। ଭାରତ ପରି ସେଠାରେ ବହୁ ସଂଖ୍ୟାରେ ଜରାଶ୍ରମ ଦୃଷ୍ଟିଗୋଚର ହୁଏ ନାହିଁ। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ସେ ମାଟି ଏତେ ବୁଦ୍ଧିମନ୍ତ ଯେ, କୌଣସି ଇସ୍‌ଲାମିକ ମୌଳବାଦ ବା ଭ୍ରଷ୍ଟବୁଦ୍ଧି ତାକୁ କବଳିତ କରିପାରି ନାହିଁ। ସେଠାକାର ଘରେ ଘରେ ଶ୍ରୀରାମ କଥାମୃତ କଣ୍ଠସ୍ଥ। ରାମାୟଣର କଥାବସ୍ତୁ ଗାଁରୁ ସହର ପର୍ଯ୍ୟନ୍ତ ବେଶ୍ ଆଦୃତ। ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ହେଉଛନ୍ତି ତାଙ୍କର ରାଷ୍ଟ୍ରୀୟ ଆଦର୍ଶ। ଭଗବାନ ଶିବଙ୍କ ଅନ୍ୟ ଏକ ଅବତାର ବଟରାଗୁରୁ ହେଉଛନ୍ତି ରାଷ୍ଟ୍ରୀୟ ଦେବତା। ଶ୍ରୀକୃଷ୍ଣଙ୍କ ବାହନ ଗରୁଡ଼ ହେଉଛନ୍ତି ସେ ଦେଶର ରାଷ୍ଟ୍ରୀୟ ସଙ୍କେତ।

ଏକ ଅଶାନ୍ତ ଦେଶ ଭାବେ ପାକିସ୍ତାନ ପରିଚିତ ଥିଲାବେଳେ ଶାନ୍ତିପ୍ରିୟ ଦେଶ ଭାବେ ଇଣ୍ଡୋନେସିଆ ସୁପରିଚିତ। ବିଶ୍ୱର ଷୋଡ଼ଶ ବୃହତ୍ ଅର୍ଥବ୍ୟବସ୍ଥାର ଭୂଖଣ୍ଡଟିଏ ତଥା ଭାରତ ପରି ଦ୍ରୁତ ଅଭିବୃଦ୍ଧିର ଦେଶ ସେ। ଏପରି କି ୨୦୧୨ ମସିହାରେ ଦ୍ରୁତ ଅଭିବୃଦ୍ଧିରେ ଭାରତକୁ ପଛରେ ପକାଇ ଚାଇନା ପରେ ଏହା ଥିଲା ଏସିଆର ଦ୍ୱିତୀୟ ସମୃଦ୍ଧ ଦେଶ। ଆର୍ଥିକ ସମ୍ପନ୍ନ ଦେଶଗୁଡ଼ିକୁ ନେଇ ଗଠିତ ଆନ୍ତର୍ଜାତିକ ସଂଗୋଷ୍ଠୀ, ମର୍ଯ୍ୟାଦାଜନକ ଜି-୨୦ର ମଧ୍ୟ ସେ ସଦସ୍ୟ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ, ପର୍ଯ୍ୟାବରଣ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ଜାକର୍ତ୍ତାର ଜୟଯାତ୍ରା ଜଗତଖ୍ୟାତ। ଶିକ୍ଷା ହେଉଛି ଯେକୌଣସି ଦେଶର ପ୍ରଗତିର ପରିମାପକ, ପରିଚୟପତ୍ର। ଶିକ୍ଷା ଦ୍ୱାରା ହିଁ ଜନତାଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହୁଏ, ଚେତନାର ବିକାଶ ହୁଏ, ଯାହାଫଳରେ ଲୋକଶକ୍ତି, ରାଷ୍ଟ୍ରଶକ୍ତିରେ ପରିଣତ ହୁଏ। ଏଣୁ ଆସନ୍ତୁ ନିରୀକ୍ଷଣ କରିବା ଦୁଇ ଦେଶର ଶିକ୍ଷା ବ୍ୟବସ୍ଥାକୁ।

ଇଣ୍ଡୋନେସିଆର ସାକ୍ଷରତା ହାର ଶତକଡ଼ା ୯୬ ଭାଗ ଥିଲାବେଳେ ପାକିସ୍ତାନର ମାତ୍ର ୫୮ ଭାଗ। ମହିଳା ସାକ୍ଷରତା ହାର ଇଣ୍ଡୋନେସିଆର ୯୪ ଭାଗ ଥିଲାବେଳେ ପାକିସ୍ତାନରେ ମାତ୍ର ୪୬ ଭାଗ। ସେମିତି ସ୍ୱାସ୍ଥ୍ୟ କଥାକୁ ଦେଖିବା। ଉନ୍ନତମାନର ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଭାବରୁ ଉତ୍କୃଷ୍ଟ ଚିକିତ୍ସା ପାଇଁ ପାକିସ୍ତାନବାସୀ ଭାରତରେ ଭିଡ଼ ଜମାନ୍ତି। ମାତ୍ର ଇଣ୍ଡୋନେସିଆରେ ଉନ୍ନତ ଧରଣର ଚିକିତ୍ସାସେବା ପାଇବା ପାଇଁ ବିଦେଶୀମାନେ ଜାକର୍ତ୍ତାକୁ ଯାତ୍ରା କରିଥାନ୍ତି। ବିଶ୍ୱସ୍ତରୀୟ ଏକାଧିକ ମେଡିକାଲ କଲେଜ ସେ ମୂଳକର ଖ୍ୟାତି ବଢ଼ାଇଛି। କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନରେ ଜାକର୍ତ୍ତାର ଜୟଧ୍ୱଜା ଆହୁରି ଉଚ୍ଚରେ। ଗତ ୨୦୧୮ ଏସିଆଡ୍ ଗେମ୍‌ରେ ମାତ୍ର ୪ଟି ବ୍ରୋଞ୍ଜ ପଦକ ପାଇ ପାକିସ୍ତାନ ଖୁସି ଥିଲାବେଳେ ୩୧ଟି ସ୍ୱର୍ଣ୍ଣ ପଦକ ସହିତ ଇଣ୍ଡୋନେସିଆ ମୋଟ ୯୮ଟି ପଦକ ପାଇଥିଲା, ଯାହାକି ଭାରତଠାରୁ (୬୯) ଯଥେଷ୍ଟ ଅଧିକ। ଗତ ୨୦୧୬ ଅଲିମ୍ପିକ ପ୍ରତିଯୋଗିତାରେ ପାକିସ୍ତାନ ଗୋଟିଏ ହେଲେ ପଦକ ପାଇ ନ ଥିଲାବେଳେ ଇଣ୍ଡୋନେସିଆ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ପାଇ ଭାରତଠାରୁ ଯଥେଷ୍ଟ ଆଗରେ ଥିଲା। ଏହିପରି ହିନ୍ଦୁତ୍ୱ ଧାରାର ବଶବର୍ତ୍ତୀ ମୁସଲମାନବହୁଳ ଭୂଖଣ୍ଡଟି ବିଭିନ୍ନ କ୍ଷେତ୍ରରେ ବିଶ୍ୱବକ୍ଷରେ ନିଜର ଉନ୍ନତ ଓ ଉଜ୍ଜ୍ୱଳ ଉପସ୍ଥିତି ଜାହିର କରି ଚାଲିଥିଲାବେଳେ ପାକିସ୍ତାନ ନିଜର ମୌଳବାଦ ଓ ଧର୍ମାନ୍ଧତାକୁ ନେଇ ପ୍ରଶସ୍ତ କରିଚାଲିଛି ନିଜ ପତନର ପଥକୁ।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର,
ମୋ- ୯୪୩୭୪୩୬୦୭୩

# ସୁଖଶାନ୍ତିର ମାର୍ଗ

ଭୁଜେନ୍ଦ୍ର କୁମାର ସ୍ୱାଇଁ

ବସ୍ତୁବାଦୀ ଜଗତରେ ବିଷୟଭୋଗୀ ମନୁଷ୍ୟ ଚାହେଁ ସୁଖଶାନ୍ତିରେ ଜୀବନଯାପନ କରିବାକୁ। ଅର୍ଥ ଉପାର୍ଜନ କରିବା, ଧନସମ୍ପତ୍ତି ଠୁଳକରିବା ଓ ସେଗୁଡ଼ିକର ଉପଭୋଗରୁ ପ୍ରକୃତ ସୁଖଶାନ୍ତି ମିଳେ ବୋଲି ତା'ର ଦୃଢ଼ ଧାରଣା ଥାଏ। ଏହା ହିଁ ସୁଖଶାନ୍ତି ପ୍ରାପ୍ତିର ଏକମାତ୍ର ମାର୍ଗ ବୋଲି ତା'ର ହୃଦ୍‌ବୋଧ ହୋଇଥାଏ। ଏହି ବିଚାରଧାରାରେ ବଶବର୍ତ୍ତୀ ହୋଇ ଅର୍ଥ ଉପାର୍ଜନରେ ନିଜକୁ ନିୟୋଜିତ କରିଥାଏ। ଅଧିକରୁ ଅଧିକ ପାଇବାକୁ ତୀବ୍ର ଆଶା ରଖିଥାଏ। ଆଶା ପୂର୍ତ୍ତି ନିମିତ୍ତ ଅକ୍ଳାନ୍ତ ପରିଶ୍ରମ, ପ୍ରଚୁର ଅର୍ଥ ବିନିଯୋଗ ଓ ସମୟ ଅପଚୟ କରିଥାଏ। ଦୁର୍ନୀତି ଓ ଅନୀତିର ଆଶ୍ରୟ ନେବାକୁ ପଛାଏ ନାହିଁ। ଫଳରେ ସେ ଦୈନନ୍ଦିନ ଉତ୍କଣ୍ଠା, ବ୍ୟତିବ୍ୟସ୍ତତା ଓ ଉଦ୍‌ବେଳନ ଦେଇ ଗତି କରୁଥାଏ। ଲୋଭ, ଭୟ, କ୍ରୋଧ, ହିଂସା, ଈର୍ଷା ଓ ଚିନ୍ତାରେ ଭାରାକ୍ରାନ୍ତ ହୋଇ ରହିଥାଏ। ଉପରେ ସେ ଖୁବ୍ ଭଲରେ ଅଛି ବୋଲି ପ୍ରତୀୟମାନ ହେଉଥିଲେ ହେଁ ଭିତରେ କିନ୍ତୁ ଘୋର ଅଶାନ୍ତି ଓ ଉଦ୍‌ବେଳିତ ଅବସ୍ଥାରେ ରହିଥାଏ। ତା'ର ଏହି ଭାରାକ୍ରାନ୍ତ ମନ କ୍ରମେ ଶରୀର ଉପରେ ଗଭୀର ପ୍ରଭାବ ପକାଉଥାଏ। ବିତ୍ତବାନ, ଖ୍ୟାତିସମ୍ପନ୍ନ ହୋଇଥାଏ ସତ କିନ୍ତୁ ଶାନ୍ତି ଟିକକ କ'ଣ ଜାଣିପାରି ନ ଥାଏ। ଦୀର୍ଘକାଳ ଧରି ଏହିପରି କାଳାତିପାତ କରି ଆସୁଥିବାରୁ ଅନିଦ୍ରା ସହିତ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହୋଇପଡ଼େ। ତା'ର ଏହି ଭୁଲ ବିଚାର ହେତୁ ସେ ପରିକଳ୍ପିତ ସୁଖଶାନ୍ତି ପାଇବା ପରିବର୍ତ୍ତେ ପାଇଥାଏ ଦୁଃଖଦୁର୍ଦ୍ଦଶା। ନିଜେ ନିଜ ପାଇଁ ଆଣିଥାଏ ବିପର୍ଯ୍ୟୟ।

ତୁମେ ଯେଉଁ ସୁଖଶାନ୍ତି ଚାହୁଁଛ ତାହା ଏଇ ଦୁଃଖମିଶ୍ରିତ କ୍ଷଣିକ ସୁଖ ନୁହେଁ। ତୁମେ ଚାହୁଁଛ ପରମାର୍ଥିକ ସୁଖଶାନ୍ତି, ଯାହାକୁ ପାଇଲେ ପରମ ଶାନ୍ତି ମିଳିଥାଏ। ଏହି ଶାନ୍ତି ହେଉଛି ଏକ ଅମୂଲ୍ୟ ନିଧି। ଶାନ୍ତି ବିନା ସକଳ ଧନସମ୍ପତ୍ତି, ବିଭବ, ବିଳାସବ୍ୟସନ, ଯଶଖ୍ୟାତିର କିଛି ଅର୍ଥ ନ ଥାଏ। ସେ ସବୁ ଶାନ୍ତି ଅଭାବରେ ବିଷତୁଲ୍ୟ ପ୍ରତୀତ ହୋଇଥାଏ। ମନର ସଂଯମ ତଥା ଶାନ୍ତ ଭାବରୁ ତାହା ମିଳିଥାଏ। ଆଧ୍ୟାତ୍ମିକତା ଓ ସରଳ ଜୀବନଯାପନ ମନରେ ଶାନ୍ତ ଭାବ ସୃଷ୍ଟି କରିଥାଏ। ଗଭୀର ଈଶ୍ୱରବିଶ୍ୱାସ ଓ ଭକ୍ତିରସରେ ଆଧ୍ୟାତ୍ମିକତା ନିହିତ ଥାଏ। ନିୟମିତ ମନୋଯୋଗ ସହ ପ୍ରାର୍ଥନା, ନିରନ୍ତର ଧ୍ୟାନ, ପୁରାଣଶାସ୍ତ୍ର ପଠନ, ବିଷୟ ଭୋଗ ପ୍ରତି ବିତୃଷ୍ଣା, ଭଗବତ୍ ଚର୍ଚ୍ଚା, ଭଜନ, କୀର୍ତ୍ତନ, ଶ୍ରବଣ, ସଦାଚାର, ସତ୍‌ସଙ୍ଗ, ଭଗବତ୍ ଚିନ୍ତନ, ସତ୍‌କର୍ମ, ସତ୍‌ବିଚାର ଆଦି ହେଉଛି ଗୋଟିଏ ଗୋଟିଏ ଆଧ୍ୟାତ୍ମିକ କ୍ଷେତ୍ର। ଏହି କ୍ଷେତ୍ରଗୁଡ଼ିକ ବିକ୍ଷେପିତ ମନକୁ ଶାନ୍ତ କରାଇ ପରମ ଶାନ୍ତି ପ୍ରଦାନ କରାଇଥାଏ। ମାନସିକ ଚାପ, ଅବସାଦ, ବ୍ୟତିବ୍ୟସ୍ତତା ଓ ଉଦ୍‌ବେଗ ଦୂର କରି ମନକୁ ପ୍ରଫୁଲ୍ଲ ରଖିଥାଏ। ଶାରୀରିକ ସୁସ୍ଥତା ବୃଦ୍ଧି କରିଥାଏ। ହୃଦ୍‌ଘାତ, ଉଚ୍ଚ ରକ୍ତଚାପ, ବହୁମୂତ୍ର, ପକ୍ଷାଘାତ ଆଦି ଭଳି ଜଟିଳ ରୋଗ ହେବାର ଅବକାଶ ନ ଥାଏ।

ତେଣୁ କୁହାଯାଏ ଆଧ୍ୟାତ୍ମିକତା ଜଟିଳ ରୋଗର ମହୌଷଧି। କେବଳ ସ୍ଥିର ମନରୁ ପରମ ଶାନ୍ତି ମିଳିଥାଏ। ବିଚାର କରନ୍ତୁ ତୁମ ମନରେ ହିଁ ଶାଶ୍ୱତ ସୁଖଶାନ୍ତି ଭରି ରହିଛି। ତୁମେ ନିଜେ ହିଁ ହେଉଛ ଶାନ୍ତିର ସ୍ୱରୂପ। ଏଇ ବାଣୀଟି ମଧ୍ୟ ବ୍ରହ୍ମାନୁଭବ ଉପନିଷଦ୍‌ରେ ଉଲ୍ଲେଖ ଅଛି- 'ଶାନ୍ତି ସ୍ୱରୂପୋଽହଂ'। କାନ୍ଧରେ ପକାଇ ପିଲାଟିକୁ ଏଣେତେଣେ ଖୋଜିବା ପରି ତୁମ ଭିତରେ ସୁଖଶାନ୍ତି ଥାଇ ତୁଚ୍ଛାଟାରେ ବାହ୍ୟ ପଦାର୍ଥକୁ ଅଣ୍ଡାଳୁଛ ପାଇବା ପାଇଁ। ଏ ସଂସାର ମରୀଚିକାମୟ। ଯେଉଁଠାରେ ଖୋଜିଲେ ବି ଶାନ୍ତିର ଆଭାସ ମିଳି ନ ଥାଏ। ଭୌତିକ ସୁଖ ତୁମେ ସମ୍ମୁଖୀନ ହେଉଥିବା ସକଳ ସମସ୍ୟାର ମୂଳ ବୀଜ।

ଆମ ସମ୍ମୁଖରେ ଦୁଇଟି ପରିସର ବିଦ୍ୟମାନ। ଗୋଟିଏ ହେଲା ସାଂସାରିକ ପରିସର। ଏହି ଇଲାକାଟି ରାଜସିକ ଓ ତାମସିକ ଗୁଣ ଦ୍ୱାରା ସୃଷ୍ଟ। ଏହା ବନ୍ଧନ, କ୍ରୋଧ, ଲୋଭ, ମୋହ, ହିଂସା, ଆସକ୍ତି, କାମନା ବାସନା, ଅହଂକାର, ରାଗ, ଦ୍ୱେଷ, ଅନ୍ୟାୟ, ଅତ୍ୟାଚାର, ଦୁଶ୍ଚିନ୍ତା ଇତ୍ୟାଦିରେ ପରିପୂର୍ଣ୍ଣ। ଏଥିରେ ପ୍ରବେଶ କଲେ ଯାବତୀୟ ଦୁଃଖଦୁର୍ଦ୍ଦଶା, ଜଟିଳ ବ୍ୟାଧି ଓ ବାରମ୍ବାର ଜନ୍ମମୃତ୍ୟୁ ନିଶ୍ଚିତ ଭୋଗିବାକୁ ପଡ଼ିଥାଏ। ଅନ୍ୟଟି ହେଉଛି ଆଧ୍ୟାତ୍ମିକ ଚେତନା ପରିସର, ଯେଉଁଥିରେ କି ପରମାନନ୍ଦ ପୂର୍ଣ୍ଣରୂପେ ବିରାଜମାନ। ଭଗବତ୍‌ପ୍ରେମୀ ମନୁଷ୍ୟ ଏଥିରେ ପ୍ରବେଶ କରି ପରମାନନ୍ଦ ରସ ପାନକରି ନୈସର୍ଗିକ ସୁଖଶାନ୍ତିରେ ରହିଥାଏ। ଆଉ ଶରୀର ତ୍ୟାଗ ପରେ ମୋକ୍ଷ ପ୍ରାପ୍ତ କରି ଆତ୍ମାଲୋକରେ ସ୍ଥିତ ରହେ। ବିଚାର ମନୁଷ୍ୟକୁ ପରିବର୍ତ୍ତନ କରିଥାଏ। ତୁମର ପୂର୍ବ ବିଚାରଧାରାରେ ବଶବର୍ତ୍ତୀ ହୋଇ ଭୌତିକ ସୁଖଶାନ୍ତି ଲାଳସାରେ ସାଂସାରିକତାକୁ ଗ୍ରହଣ କରି ବର୍ତ୍ତମାନ ଯେଉଁ ଦୁଃଖ ଓ ଜଟିଳ ସମସ୍ୟାଗୁଡ଼ିକ ଭୋଗ କରି ଚାଲିଛ ତାହା ତୁମେ ଅଙ୍ଗେ ନିଭାଉଛ। ଏବେ ସେହି ବିଚାର ପଦ୍ଧତିକୁ ବଦଳାଇ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହୁଅ, ଦେଖିବ ଆକାଂକ୍ଷିତ ସୁଖଶାନ୍ତି ଆପେ ଆପେ ଆସିଯିବ। ଏବେ ସମୟ ଆସିଛି ପୁନଃ ବିଚାର କରିବାର।

ନେତାଜୀ ବିହାର, ରସୁଲଗଡ଼, ଭୁବନେଶ୍ୱର,
ମୋ-୯୪୩୯୧୭୬୮୧୮

## ଏଇ ଭାରତରେ

ଗୁଗ୍‌ଲରେ ଚାକିରି କରିବା କେତେକଙ୍କର ସ୍ୱପ୍ନ ଥାଏ। ଏଥିପାଇଁ କେତେଜଣ ଆବେଦନ କରି ମଧ୍ୟ ସଫଳ ହେଉ ନ ଥିବାବେଳେ ମୁମ୍ବାଇର ଅବଦୁଲ୍ଲା ଖାଁ ଏ ଦିଗରେ ଜଣେ ବ୍ୟତିକ୍ରମ ବ୍ୟକ୍ତିତ୍ୱ। ତାଙ୍କ ବୟସ ୨୧ ବର୍ଷ। ସେ ଜଣେ ଅଣ-ଆଇଆଇଟି ଛାତ୍ର। ତାଙ୍କୁ ଗୁଗ୍‌ଲରେ ବାର୍ଷିକ ୧.୨ କୋଟି ଟଙ୍କା ଦରମାରେ ଚାକିରି ମିଳିଛି। ସ୍ଥାନୀୟ ମୀରା ରୋଡ୍‌ସ୍ଥିତ ଏକ ଇଞ୍ଜିନିୟରିଂ କଲେଜରେ ସେ କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମର ଶେଷବର୍ଷ ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି। ଗୁଗ୍‌ଲରେ ଆବେଦନ ନ କରି ମଧ୍ୟ ତାଙ୍କୁ ସାକ୍ଷାତ୍କାର ପାଇଁ ମେଲ୍ ଆସିଥିଲା। ସେ କମ୍ପିଟିଟିଭ୍ ପ୍ରୋଗ୍ରାମିଂ ଚ୍ୟାଲେଞ୍ଜ୍ ହୋଷ୍ଟ ସାଇଟ୍‌ରେ ନିଜର ପ୍ରୋଫାଇଲ୍ ଅପ୍‌ଲୋଡ୍ କରିଥିଲେ। ଏହାପରେ ଗୁଗ୍‌ଲ ପକ୍ଷରୁ ତାଙ୍କ ପାଖକୁ କଲ୍ ଆସିଥିଲା। ସେ ଗୁଗ୍‌ଲର ଲଣ୍ଡନ ସ୍ଥିତ ଅଫିସ୍‌ରେ ସେପ୍ଟେମ୍ବରରେ ଯୋଗଦେବେ। ଅବଦୁଲ୍ଲାଙ୍କ ଏହି ସଫଳତା ଏବେ ସୋସିଆଲ ମିଡ଼ିଆରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ପଉଷ-ଶୀତଳ କର୍କଶ କରେ ଛୁଇଁ
ମୋ ଦେହ, କହିଲା,- ଜୀବନ! ଜୀବନ ମୁହିଁ!
କାହିଁକି ଜୀବନ-ପୁଚ୍ଛିଲି, ଏ ଧରାତଳେ?
ଚଉଦିଶେ ଏ ଯେ ମୃତ୍ୟୁର ଚିତା ଜଳେ!

(ଜୀବନର ସ୍ପର୍ଶ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ମାର୍ଚ୍ଚ ୧୯୯୪

- ଚାଇନା ଓ ରୁଷିଆ ମଧ୍ୟରେ ମହାକାଶ କ୍ଷେତ୍ରରେ ସୁଦୂର ପ୍ରସାରୀ ସହଯୋଗ ଲାଗି ଏକ ଚୁକ୍ତି ସ୍ୱାକ୍ଷରିତ।
- ଆମେରିକାର ୫ଟି ରାଜ୍ୟରେ ପ୍ରବଳ ଘୂର୍ଣ୍ଣିବାତ୍ୟା ଓ ଝଡତୋଫାନ ହେତୁ ୪୨ ଜଣଙ୍କ ମୃତ୍ୟୁ।

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | 6 | | | | A | | | 9 | | | |
| 8 | E | | | | | | | | | | | 4 | | 2 |
| 5 | 4 | 9 | | C | | | | | | | B | 3 | E | 1 |
| 2 | | | | | 9 | 7 | C | | E | 3 | | | | 5 |
| | | | 8 | | | E | 4 | | | | 7 | | 6 | |
| | | 4 | | | | | | 0 | | 2 | E | | 1 | |
| | | | 0 | | | | 2 | 5 | 9 | | 8 | | 4 | |
| E | | | 7 | | | | | | B | | 4 | | | A |
| | A | | 2 | | | 8 | | | D | 1 | | | | |
| B | | | | | | | 1 | | | C | | 6 | 9 | |
| D | 0 | 1 | E | | | | | | 8 | | | | C | |
| | | | | | | | D | | | | 5 | | B | 3 |
| | | | | 3 | 5 | C | 6 | | | | | | | |
| C | 8 | | A | 0 | | | 5 | 4 | 1 | | | | | E |
| 9 | B | | | | 2 | | 0 | | | | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 8 | 5 | 0 | 7 | 6 | 9 | C | 2 | B | A | 4 | E | 1 |
| 4 | 9 | E | 3 | 1 | 2 | B | 5 | A | 7 | 0 | C | 8 | D | 6 |
| B | 1 | 2 | 9 | D | 8 | 0 | 4 | 3 | E | 5 | 6 | C | 7 | A |
| 5 | 6 | 0 | B | C | A | E | 8 | 7 | 4 | 1 | D | 9 | 3 | 2 |
| C | 7 | A | E | 4 | 6 | 1 | D | 2 | 8 | 9 | 3 | 5 | B | 0 |
| A | 5 | 4 | C | E | 3 | 7 | B | 8 | D | 2 | 1 | 0 | 6 | 9 |
| 7 | 0 | 9 | 4 | A | 5 | D | 2 | E | 6 | C | 8 | B | 1 | 3 |
| 6 | 2 | C | D | B | 9 | 5 | 0 | 1 | 3 | 7 | 4 | A | 8 | E |
| E | D | B | 8 | 6 | 1 | C | 3 | 9 | 0 | A | 5 | 7 | 2 | 4 |
| 1 | 8 | 3 | 7 | 2 | 0 | 4 | A | 6 | B | E | 9 | D | 5 | C |
| 3 | B | 5 | A | 7 | D | 2 | C | 4 | 9 | 6 | E | 1 | 0 | 8 |
| 2 | 4 | D | 0 | 8 | C | 9 | E | B | 1 | 3 | 7 | 6 | A | 5 |
| 8 | E | 7 | 6 | 9 | B | A | 1 | 0 | 5 | 4 | 2 | 3 | C | D |
| 0 | C | 1 | 2 | 5 | 4 | 3 | 6 | D | A | 8 | B | E | 9 | 7 |
| 9 | A | 6 | 1 | 3 | E | 8 | 7 | 5 | C | D | 0 | 2 | 4 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର

ମହାଶୟ,

ଭାରତରେ ଅନେକେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଆହ୍ୱାନ ଦିଅନ୍ତି। ନିଜେ ଏହା ଆଚରଣ କରନ୍ତି କି? କହିବାର କଥା, ବିଲାତି ଆଳୁ, ବିଲାତି ବାଇଗଣ ଇତ୍ୟାଦି ଖାଦ୍ୟଦ୍ରବ୍ୟ ତଥା ବିମାନ, ଏପରିକି ସୈନ୍ୟବାହିନୀରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର, ଯାନ ବିଦେଶର। ଆମେ ବ୍ୟବହାର କରୁଥିବା ଅନେକ ମୋବାଇଲ ଓ କମ୍ପ୍ୟୁଟର ତଥା ସଫ୍ଟୱେର ବିଦେଶର। ତା'ହେଲେ ଏହାକୁ ବ୍ୟବହାର କରିବା ଉଚିତ ନା ନୁହେଁ? ଆମେ ବିଶ୍ୱ ଭ୍ରାତୃତ୍ୱର ଆହ୍ୱାନ ଦେଉଥିବା ବେଳେ ଏଭଳି ଚିନ୍ତାଧାରା କାହିଁକି? ସ୍ୱଦେଶ ଓ ସ୍ୱଦେଶୀ ପ୍ରୀତି ରହୁ କିନ୍ତୁ ସବୁ କ୍ଷେତ୍ରରେ ସ୍ୱଦେଶୀ ଚଳି ନ ପାରେ। ଦରକାର ବେଳେ ଆମକୁ ବିଦେଶର ଯାହା ଭଲ ତାକୁ ଆପଣେଇବାକୁ ପଡ଼ିବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

### ଋଣ କରି ଘିଅ ଖାଅ

୨୦୧୭-୧୮ ସୁଦ୍ଧା ରାଜ୍ୟର ଋଣ ଭାର ୭୩,୮୬୪.୬୬ କୋଟି ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷ ଶେଷ ଅର୍ଥାତ୍ ୩୧।୩।।୧୯ ସୁଦ୍ଧା ଏହାର ପରିମାଣ ୧ ଲକ୍ଷ କୋଟିରେ ପହଞ୍ଚିବ ବୋଲି ଖବର ପ୍ରକାଶ ପାଇଛି। ତେଣୁ ୨୦୧୮-୧୯ରେ ମୁଣ୍ଡପିଛା ଋଣ ଭାର ଟ୨୧,୩୪୦ରେ ପହଞ୍ଚିବ। ନିର୍ବାଚନ ଋତୁରେ କେତେକ ରାଜନେତା ଦଳବଦଳ ଆରମ୍ଭ କରିଛନ୍ତି। ଭୋଟରମାନେ ଯାହା ପାଉଥା ବାନ୍ଧୁଥା ନୀତିରେ ଉଜ୍ଜ୍ୱଳା ହେଉ କି କାଳିଆ ପରି ଯୋଜନାରେ ଯାହା ମିଳୁଛି ହସ ହସ ମୁଖରେ ଗ୍ରହଣ କରି କୃତକୃତ୍ୟ ହେଉଛନ୍ତି। କିନ୍ତୁ ଏତେ ପ୍ରାର୍ଥୀ ଭୋଟ ଭିକାରି ସାଜିଥିଲେ ମଧ୍ୟ ଭୋଟ ଖଣ୍ଡିକ ପାଇବା ପରେ ଆସନ୍ତା ପାଞ୍ଚବର୍ଷ ଯାଏ ସେମାନଙ୍କ ଦେଖାଦର୍ଶନ ମିଳିବା ଅସମ୍ଭବ। କେନ୍ଦ୍ର ସରକାର ମଧ୍ୟ ଋଣଭାରରେ ଆକ୍ରାନ୍ତ, ଯାହା ସମ୍ପ୍ରତି ୮୨ ଲକ୍ଷ କୋଟି ଟପିଛି। ପରବର୍ତ୍ତୀ ଶାସନ ଡୋରି ଯିଏ ଧରିବ ସେମାନେ କିପରି ଏପରି ଆର୍ଥିକ ବିଶୃଙ୍ଖଳାକୁ ସମ୍ଭାଳିବେ ତାହା କେବଳ ଭବିଷ୍ୟତ କହିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ବ୍ରିଜ୍ ଉପରେ ଆଲୁଅ ବ୍ୟବସ୍ଥା

ଯାତାୟାତରେ ସୁବିଧା ପାଇଁ ଓଡ଼ିଶା ସରକାର, ଭାରତୀୟ ରେଳ ବିଭାଗ ପକ୍ଷରୁ ଭିଏସ୍‌ଏସ୍ ନଗର-ଶହୀଦନଗର-ମଞ୍ଚେଶ୍ୱର ଅଞ୍ଚଳକୁ ସଂଯୋଗ କରିବା ପାଇଁ ଫ୍ଲାଏ ଓଭର ବ୍ରିଜ୍‌ର କାର୍ଯ୍ୟକ୍ଷମ କରାଗଲା। କିନ୍ତୁ ଦୁଃଖର ବିଷୟ, ଏହି ବ୍ରିଜ୍ ଉପରେ ଆଲୁଅ ସୁବିଧା ନ ଥିବା ହେତୁ ସନ୍ଧ୍ୟା ହେଲାପରେ ଲୋକେ ଭୟରେ ଚଳପ୍ରଚଳ କରୁଛନ୍ତି। ଅସାମାଜିକ ବ୍ୟକ୍ତିଙ୍କର ଚାଲିଚଳଣି ମଧ୍ୟ ବଢୁଛି। ଏହି ସମସ୍ୟାକୁ ନଜରରେ ରଖି ଓଡ଼ିଶା ସରକାର ତୁରନ୍ତ ଉକ୍ତ ବ୍ରିଜ୍ ଉପରେ ଆଲୁଅ ବ୍ୟବସ୍ଥା କରିବାକୁ ଅନୁରୋଧ।

କେ. ରବି, ଇ-୨୩୭, ଜିଜିପି କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ସଭାଗୁଡ଼ିକରେ ସଶସ୍ତ୍ର ବଳର ସଫଳତାକୁ ପୁଞ୍ଜି କରୁଥିବାରୁ ତାଙ୍କ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣି ଆମ୍ ଆଦମୀ ପାର୍ଟି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ପ୍ରକାଶ ଯେ, ସେନାର ଫଟୋ କିମ୍ବା ସଫଳତାକୁ ପ୍ରଚାର ବେଳେ ବ୍ୟବହାର ନ କରିବା ପାଇଁ କମିଶନଙ୍କ ନିର୍ଦ୍ଦେଶ ରହିଛି।




■ ଉତ୍କଳ ବିଶ୍ୱବିଦ୍ୟାଳୟର ୪୯ତମ ସମାବର୍ତ୍ତନ ଉତ୍ସବ

# ଦେଶରେ ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତନ ହେବା ଆବଶ୍ୟକ




ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କଲ୍ଲେଶ ସତ୍ୟେନ୍ଦ୍ର ଝାବେରୀଙ୍କ ସମେତ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ଚରିତ୍ର ଗଠନରେ ଶିକ୍ଷାର ପ୍ରମୁଖ ଭୂମିକା ରହିଛି। ହେଲେ ଦେଶରେ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ପରିଲକ୍ଷିତ ହେଉଛି। ଗୁଣାତ୍ମକ ଶିକ୍ଷାଠାରୁ ଆରମ୍ଭ କରି ଆର୍ଥିକ, ଗବେଷଣା, ଫାକଲ୍‌ଟି କମ୍ ରହିବା ଏବଂ ଶିକ୍ଷକଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା ଦେଶର ପ୍ରାୟ ସମସ୍ତ ବିଶ୍ୱବିଦ୍ୟାଳୟରେ ଏକ ସାଧାରଣ ସମସ୍ୟା। ଏଥିପାଇଁ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। ଉଚ୍ଚଶିକ୍ଷାର ଗୁଣାବତ୍ତା କିପରି ବୃଦ୍ଧି ପାଇବ, ସେ ଦିଗରେ କାମ କରିବାକୁ ପଡ଼ିବ। ଦେଶରେ ଉଚ୍ଚଶିକ୍ଷାର ଗୁଣାବତ୍ତାରେ ପରିବର୍ତ୍ତନ କରିବାକୁ ହେଲେ, ଅଧିକ ମାନବ ସମ୍ବଳର ଆବଶ୍ୟକତା ରହିଛି। ଗୋଟିଏ ରାତିରେ ଏହା କେବେ ସମ୍ଭବ ହୋଇପାରିବ ନାହିଁ। କିନ୍ତୁ ଆମ ଦେଶ ପାଇଁ ଏହି ପ୍ରକ୍ରିୟାକୁ ଆରମ୍ଭ କରିବାକୁ ପଡ଼ିବ ବୋଲି ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କଲ୍ଲେଶ ସତ୍ୟେନ୍ଦ୍ର ଝାବେରୀ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ୪୯ତମ ସମାବର୍ତ୍ତନ ଉତ୍ସବରେ ଜଷ୍ଟିସ୍ ଝାବେରୀ ଯୋଗଦେଇ ତାଙ୍କ ସମାବର୍ତ୍ତନ ଅଭିଭାଷଣରେ ଏହା କହିଛନ୍ତି।

■ ୯୪ ଜଣଙ୍କୁ ସ୍ୱର୍ଣ୍ଣ ପଦକ
■ ୩୪୪ ଜଣଙ୍କୁ ପିଏଚ୍‌ଡି, ୨ ଜଣଙ୍କୁ ଡି.ଲିଟ୍ ଉପାଧି

ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇ ସେ କହିଥିଲେ, ତୁମେ ନିର୍ଭୀକ ଭାବେ ଉଡ଼ିବା ପାଇଁ ଯଦି ଥରେ ତୁମ ଡେଣାକୁ ମେଲାଇବ, ତେବେ ଆକାଶ ତୁମ ପାଇଁ ସୀମାହୀନ ହେବ। ଦେଶ ଗଠନରେ ତୁମର ପ୍ରମୁଖ ଭୂମିକା ରହିବ। ଦେଶର ବିକାଶରେ ତୁମେମାନେ ମେଣ୍ଟର ହେବ। ଯେଉଁ ପ୍ରଫେଶନକୁ ଗଲେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟରୁ ପାଇଥିବା ଶିକ୍ଷା ଓ ପ୍ରଶିକ୍ଷଣ ତୁମକୁ ଭବିଷ୍ୟତରେ ଆଗକୁ ବଢ଼ିବା ପାଇଁ ସହାୟତା କରିବ। ସେ ଆହୁରି ମଧ୍ୟ କହିଥିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଯଦି ତୁମେ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବ, ତା' ହେଲେ ସଫଳତା ନିଶ୍ଚୟ ପାଇବ। ଯେଉଁମାନେ ତୁମ ପାଇଁ ଚିନ୍ତା କରୁଛନ୍ତି, ସେମାନଙ୍କୁ କେବେ ଭୁଲିବ ନାହିଁ। ନଚେତ୍ ଦିନ ଆସିବ ତୁମେ ଜଣେ ହୀରା ଭଳି ବ୍ୟକ୍ତିତ୍ୱକୁ ହରେଇ ଦେଇଛ ବୋଲି ଅନୁଭବ କରିବ। ଏହାସହ ସମାଜ ସେବାରେ ନିଜକୁ ସାମିଲ କର ବୋଲି ଜଷ୍ଟିସ୍ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ସେହିପରି ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବରେ ସଭାପତିତ୍ୱ କରି ହସିବା ଗୋଟିଏ ଅଭ୍ୟାସ ରଖ ବୋଲି ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟ୍‌ମାନବେନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ଅନ୍ୟକୁ ସାହାଯ୍ୟ କରିବା ଉଚିତ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ କୁଳପତି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୯୪ଜଣଙ୍କୁ ସ୍ୱର୍ଣ୍ଣପଦକ ସହ ଅର୍ଥରାଶି, ୩୪୪ଜଣଙ୍କୁ ପିଏଚ୍‌ଡି ଏବଂ ୨ଜଣଙ୍କୁ ଡି.ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ସମସ୍ତ ଉପାଧିଧାରୀଙ୍କୁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମକୁ କଲେଜ ଡେଭେଲପ୍‌ମେଣ୍ଟ କାଉନସିଲ ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପରିଚାଳନା କରିଥିବା ବେଳେ ରେଜିଷ୍ଟ୍ରାର ଦୟାନିଧି ନାୟକ ଓ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ଉପସ୍ଥିତ ଥିଲେ।

# ବ୍ୟବସ୍ଥା ଢିଲା, ଗରମରେ ଶିଝିଲେ ଲୋକେ

## ଶପଥପାଠ ବେଳେ ରହିଲେନି ଉପାଧିଧାରୀ




ଟେଣ୍ଟରେ ଲଗାଯାଇଥିବା ଫ୍ୟାନ୍‌ଗୁଡ଼ିକ ବନ୍ଦ ହୋଇରହିଛି।

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ଶୁକ୍ରବାର ଥିଲା ଉତ୍କଳ ବିଶ୍ୱବିଦ୍ୟାଳୟର ୪୯ତମ ସମାବର୍ତ୍ତନ ଉତ୍ସବ। ଏହାକୁ ସଫଳତାର ସହ ପାଳନ କରିବା ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ବ୍ୟବସ୍ଥା କରିଥିଲେ। ପରିତାପର ବିଷୟ ଯେ, ଏତେବଡ଼ କାର୍ଯ୍ୟକ୍ରମରେ ବ୍ୟବସ୍ଥାରେ ଢିଲା ବାରି ହୋଇ ପଡ଼ିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଭିନ୍ନ ପ୍ରକାର ତ୍ରୁଟି ଦେଖାଯାଇଥିଲା। ଦର୍ଶକ ବସିବା ପାଇଁ ଯେଉଁ ଟେଣ୍ଟ୍ ଲଗାଯାଇଥିଲା ସେଠାରେ କୌଣସି ଫ୍ୟାନ୍ ଚାଲୁ ନ ଥିଲା। ଫଳରେ ଉପସ୍ଥିତ ଦର୍ଶକ ଗରମରେ ହନ୍ତସନ୍ତ ହୋଇଥିଲେ। ଅପରାହ୍ନ ୫ଟାରେ ରାଜ୍ୟପାଳ ଆସିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହେବାର ଥିଲା, କିନ୍ତୁ ଦର୍ଶକଙ୍କୁ ୪ଟା ସୁଦ୍ଧା ନିଜ ସିଟ୍‌ରେ ବସିବା ପାଇଁ କୁହାଯାଇଥିଲା। ଏହି ଜାଗାରେ ଉପାଧିଧାରୀ ଓ ସେମାନଙ୍କ ସମ୍ପର୍କୀୟ ବସିଥିଲେ। ସେମାନଙ୍କୁ ଦୀର୍ଘ ସମୟ ଗରମରେ ଶିଝିବାକୁ ପଡ଼ିଥିଲା। ଏପରିକି ଉପର ଟେଣ୍ଟ୍ ଅଧିକାଂଶ ଜାଗାରେ ଛିଣ୍ଡି ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିପରି ଶୁଣିବାକୁ ମିଳିଥିଲା ଯେ, ଲୋକେ ବସିବା ପୂର୍ବରୁ ଅର୍ଥାତ୍ ଅପରାହ୍ନରେ ସେଠାରେ ଏକ ଜାଗାରେ ଫ୍ୟାନ୍ ଗଳି ପଡ଼ିଥିଲା। ଏଠାରେ ପ୍ରଶ୍ନ ଉଠୁଛି, ଯଦି ଫ୍ୟାନ୍‌ଟି କାହାରି ଉପରେ ଖସିପଡ଼ିଥାନ୍ତା ତେବେ କ'ଣ ହୋଇଥାନ୍ତା। ଉପରେ ମାଳ ମାଳ ଫ୍ୟାନ ନ ଘୂରି ଝୁଲିରହିଥିଲା। ସେଠାରେ ଉପସ୍ଥିତ ଥିବା ଭଲ୍ୟୁଣ୍ଟିୟରମାନଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ, ଫ୍ୟାନ୍‌ଗୁଡ଼ିକ ଟେଣ୍ଟରେ ବାଜିଯାଉଥିବାରୁ ସେଗୁଡ଼ିକୁ ବନ୍ଦ ରଖାଯାଇଛି। ଶୁଣିବାକୁ ମିଳିଛି, ଏହି ଉତ୍ସବ ପାଳନ ପାଇଁ ପ୍ରାୟ ୪୦ଲକ୍ଷ ଟଙ୍କାର ବଜେଟ ହୋଇଥିଲା। ଏଥିମଧ୍ୟରୁ କେବଳ ଟେଣ୍ଟ ଓ ସାଜସଜ୍ଜା ବାବଦରେ ପ୍ରାୟ ୧୬ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ପ୍ରତ୍ୟେକ ସମାବର୍ତ୍ତନ ଉତ୍ସବ ଶେଷରେ ସମସ୍ତ ଉପାଧିଧାରୀଙ୍କୁ ରାଜ୍ୟପାଳ ଶପଥପାଠ କରାଇଥାନ୍ତି। ମାତ୍ର ଏହି ଉତ୍ସବରେ ରାଜ୍ୟପାଳ ଶପଥପାଠ କରାଇବାବେଳେ ଅନେକ ଉପାଧିଧାରୀ ଅନୁପସ୍ଥିତ ରହିଥିଲେ। ଉପାଧି ଗ୍ରହଣ କରି ଅଧିକାଂଶ ସେଠାରୁ ଚାଲିଯାଇଥିଲେ। ତେଣୁ ଏହା ମଧ୍ୟ ଅବ୍ୟବସ୍ଥାର ଆଉ ଏକ ଉଦାହରଣ ବୋଲି କୁହାଯାଉଛି।

# ଆଇଆଇସିଙ୍କ ବିରୋଧରେ ଏନବିଡବ୍ଲ୍ୟୁ

କେନ୍ଦ୍ରାପଡ଼ା ଅଫିସ୍, ୨୯।୩

ମହାକାଳପଡା ଥାନା ହାଜତରୁ ଫେରାର ଅଭିଯୁକ୍ତ ଅବିନାଶ ପାଇଟାଳ ଓରଫ୍ ମୂଷାଙ୍କ ମୃତ୍ୟୁ ଘଟଣାରେ ତତ୍କାଳୀନ ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କ ନାମରେ ଏନବିଡବ୍ଲ୍ୟୁ (ଜାମିନ ବିହୀନ ଗିରଫ ପରୱାନା) ଇସ୍ୟୁ ହୋଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଆଲୋକ କୁମାର ଦାସ ଏ ନେଇ କରିଥିବା ପିଟିସନକୁ ଏସଡିଜେଏମ୍ ଦିଗବିଜୟ ଦାସ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଘଟଣାର ୮ ମାସ ପରେ କେନ୍ଦ୍ରାପଡା ଏସଡିଜେଏମ୍ କୋର୍ଟରୁ ତାଙ୍କ ନାମରେ ଗତ ୨୭ ତାରିଖରେ ଏନବିଡବ୍ଲ୍ୟୁ ଇସ୍ୟୁ ହୋଇଥିବାରୁ ମୂଷାଙ୍କ ପରିବାର ଓ ସ୍ଥାନୀୟ ଲୋକେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏକ ମୋବାଇଲ ଚୋରି ମାମଲାରେ ମହାକାଳପଡ଼ା ପୋଲିସ ୨୦୧୮ ଅଗଷ୍ଟ ୨୫ରେ ମାର୍ଶାଘାଇ ଥାନା ବାଲଣା ଗ୍ରାମର ମୂଷାଙ୍କୁ ଉଠାଇ ନେଇଥିଲା। ଏହା ପରଦିନ ଥାନାଠାରୁ ମାତ୍ର ୨୦୦ ମିଟର ଦୂର ଅଜୟ ମଲ୍ଲିକଙ୍କ ଶିଡ଼ି ଘରୁ ମୂଷାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ଏନେଇ ତତ୍କାଳୀନ ଥାନା ଅଧିକାରୀଙ୍କ ନାମରେ ଅଭିଯୋଗ କରାଯାଇଥିଲା।

# ପିସିସି ସଭାପତିଙ୍କ କୁଶପୁତ୍ତଳିକା ଜାଳିଲେ କର୍ମୀ

**ବାରିପଦା ଅଫିସ,୨୯।୩–** କଂଗ୍ରେସ ପକ୍ଷରୁ ମୟୂରଭଞ୍ଜ ଜିଲାର ୩ ବିଧାନସଭା ଆସନ ବାରିପଦା, ଉଦଳା ଓ ଯଶିପୁର ପାଇଁ ଶୁକ୍ରବାର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବା ପରେ ଦଳରେ ବିରୋଧ ପ୍ରକାଶ ପାଇଛି। ବାରିପଦା ନଗର ଯୁବ କଂଗ୍ରେସ ସଭାପତି ପ୍ରେମ କୁମାରଙ୍କ ନେତୃତ୍ୱରେ ଯୁବ ଛାତ୍ରକର୍ମୀମାନେ ଟ୍ରାଫିକ ଛକରେ ବିକ୍ଷୋଭ ପ୍ରଦର୍ଶନ କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ବିଶେଷକରି ବାରିପଦା ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀଙ୍କୁ ବିରୋଧ କରାଯାଇଛି। ଦୀର୍ଘ ବର୍ଷ ହେବ ଦଳ ପାଇଁ କାମ କରୁଥିବା ଜିଲା ଯୁବ କଂଗ୍ରେସ ସଭାପତି ରାକେଶ ସିଂଙ୍କୁ ବାରିପଦା ବିଧାନ ସଭା ଆସନରେ ଟିକଟ ନ ଦେଇ ୬ ମାସ ପୂର୍ବେ ଦଳକୁ ଆସିଥିବା ବ୍ୟକ୍ତିଙ୍କୁ ଟିକଟ ଦିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ।




SBI
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜମେଣ୍ଟ ଶାଖା (SAMB),
ଏ/୩୪, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, (ଓସ୍କାର୍ଡ଼ ବ୍ୟାଙ୍କ ବିଲ୍ଡିଂ,୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା : ଖୋର୍ଦ୍ଧା, ଓଡିଶା

ଦଖଲ ନୋଟିସ୍
[ରୁଲ୍ ୮(୧)]
ସ୍ଥାବର/ଅସ୍ଥାବର ସମ୍ପତ୍ତି ନିମନ୍ତେ

ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜମେଣ୍ଟ ଶାଖା (SAMB), ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍‌ସର ୨୦୦୨ ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା(ମାନ)ଙ୍କୁ ଏବଂ ଜାମିନଦାର(ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୧୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନିମ୍ନଲିଖିତ ଋଣ ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା(ମାନ)ଙ୍କୁ, ଜାମିନଦାର(ମାନ)ଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍‌ସର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା(ମାନ)ଙ୍କୁ, ଜାମିନଦାର(ମାନ)ଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନୋଟିସ ଦର୍ଶିତ ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ଅସ୍ଥାବର / ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସାବିତ୍ରୀ ରାଇସ୍ ମିଲ୍ ପ୍ରା.ଲିଃ., ସା: କେର୍‌କେରା, ପୋ: କରଞ୍ଜିଆ, ଜିଲ୍ଲା: ମୟୁରଭଞ୍ଜ, ଓଡିଶା-୭୫୭୦୩୭, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗରୱାଲ, ପିତା: ଶ୍ରୀ ବନୱାରୀଲାଲ୍ ଅଗରୱାଲ, ନିର୍ଦ୍ଦେଶକ ମାନେ: ୧) ଶ୍ରୀ ବନୱାରୀଲାଲ୍ ଅଗରୱାଲ, ପିତା:ସ୍ୱ ବାଲୁରାମ ଅଗରୱାଲ, ୨) ଶ୍ରୀମତୀ ସୁଷମା ଅଗରୱାଲ ସ୍ୱାମୀ: ଦିଲ୍ଲୀପ କୁମାର ଅଗରୱାଲ, ସମସ୍ତଙ୍କ ବାସସ୍ଥାନ ସା:ଗିରିମା, ୱାର୍ଡ ନଂ.-୧୨, କରଞ୍ଜିଆ, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା । | ଜାମିନ୍‌ଦାରମାନେ: ୧) ଶ୍ରୀ ଦିଲ୍ଲୀପ କୁମାର ଅଗରୱାଲ, ପିତା: ଶ୍ରୀ ବନୱାରୀଲାଲ୍ ଅଗରୱାଲ, ୨) ଶ୍ରୀ ବନୱାରୀଲାଲ୍ ଅଗରୱାଲ, ପିତା: ସ୍ୱ ବାଲୁରାମ ଅଗରୱାଲ, ୩)ଶ୍ରୀମତୀ ସୁଷମା ଅଗରୱାଲ ସ୍ୱାମୀ: ଦିଲ୍ଲୀପ କୁମାର ଅଗରୱାଲ,୪)ଶ୍ରୀ ଅଶୋକ କୁମାର ଅଗରୱାଲ ପିତା: ଶ୍ରୀ ବନୱାରୀଲାଲ୍ ଅଗରୱାଲ, ସମସ୍ତଙ୍କ ବାସସ୍ଥାନ ସା:ଗିରିମା, ୱାର୍ଡ ନଂ.-୧୨, କରଞ୍ଜିଆ, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା । ସମ୍ପତ୍ତି ମାଲିକ: ଦିଲ୍ଲୀପ କୁମାର ଅଗରୱାଲ, ଶ୍ରୀମତୀ ସୁଷମା ଅଗରୱାଲ, ଶ୍ରୀ ଅଶୋକ କୁମାର ଅଗରୱାଲ | ଅସ୍ଥାବର ସମ୍ପତ୍ତି: କମ୍ପାନିର ଚଳନ୍ତି ସମ୍ପତ୍ତି ମଧ୍ୟରେ ଥିବା କଞ୍ଚାମାଲ୍, ପ୍ରୋସେସ୍‌ରେ ଥିବା ଷ୍ଟକ୍, ବୁକ୍ ଡେବ୍‌ଟ, ନିର୍ମିତ ହୋଇ ବିକ୍ରିପାଇଁ ଥିବା ଦ୍ରବ୍ୟ, ରିସିଭେବୁଲ୍, କଞ୍ଜୁମେବୁଲ୍‌ଷ୍ଟୋରସ୍, ଷେୟାରସ୍, ବ୍ୟାଙ୍କ କୁ ହାଇପୋଥିକେସନ୍ ରେ ଦିଆଯାଇଥିବା କାରଖାନା ଏବଂ କଳକବ୍‌ଜା ଇତ୍ୟାଦି ସ୍ଥାବର ସମ୍ପତ୍ତି: ୧) ଦିଲ୍ଲୀପ କୁମାର ଅଗରୱାଲଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ (ଜମି, ଗୃହ, କାରଖାନା, ଯନ୍ତ୍ରପାତି ଏବଂ ସେଡ୍) ଯାହାର ମୌଜା: କେର୍‌କେରା, ଥାନା: କରଞ୍ଜିଆ, ଖାତା ନଂ.: ୨୬୮/୯୧, ପ୍ଲଟ ନଂ.: ୧୮୦୨, କ୍ଷେତ୍ର: ଏକର୦.୧୯ଡିସିମିଲ୍, ପ୍ଲଟ ନଂ.: ୧୮୦୧, କ୍ଷେତ୍ର: ଏକର୦.୧୮ଡିସିମିଲ୍, ପ୍ଲଟ ନଂ.: ୧୮୦୧/୨୨୦୦, କ୍ଷେତ୍ର: ଏକର୦.୧୫ ଡିସିମିଲ୍, ଖାତା ନଂ.: ୨୬୮/୭୨, ପ୍ଲଟ ନଂ.: ୧୭୯୮, କ୍ଷେତ୍ର: ଏକର ୦.୪୨ ଡିସିମିଲ୍ , ଖାତା ନଂ.: ୨୬୮/୮୨, ପ୍ଲଟ ନଂ.: ୧୭୯୯, କ୍ଷେତ୍ର: ଏକର୦.୪୯ଡିସିମିଲ୍, ପ୍ଲଟ ନଂ.: ୧୮୧୪, କ୍ଷେତ୍ର ଏକର ୦.୦୭ ଡିସିମିଲ୍, ୨) ଶ୍ରୀମତୀ ସୁଷମା ଅଗରୱାଲଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ (ଜମି, ଗୃହ, କାରଖାନା, ଯନ୍ତ୍ରପାତି ଏବଂ ସେଡ୍) ଯାହାର ମୌଜା: କେର୍‌କେରା, ଥାନା: କରଞ୍ଜିଆ,ଖାତା ନଂ.: ୨୬୮/୭୫, ପ୍ଲଟ ନଂ.: ୧୮୧୫, କ୍ଷେତ୍ର: ଏକର ୦.୩୧ ଡିସିମିଲ୍ , ଖାତା ନଂ.: ୨୬୮/୧୦୨, ପ୍ଲଟ ନଂ.: ୧୮୧୩, କ୍ଷେତ୍ର: ଏକର ୨.୬୨ ଡିସିମିଲ୍ ୩) ଦିଲ୍ଲୀପ କୁମାର ଅଗରୱାଲଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ (ଜମି, ଗୃହ, କାରଖାନା, ଯନ୍ତ୍ରପାତି ଏବଂ ସେଡ୍) ଯାହାର ମୌଜା: କେର୍‌କେରା, ଥାନା: କରଞ୍ଜିଆ, ଖାତା ନଂ.: ୨୬୮/୫୪, ପ୍ଲଟ ନଂ.: ୧୪୯୧/୨୧୮୦, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୮୧, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୭୮, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୭୯, କ୍ଷେତ୍ର: ଏକର୦.୧୦ଡିସିମିଲ୍, ଖାତା ନଂ.: ୨୬୮/୭୨, ପ୍ଲଟ ନଂ.: ୧୪୯୧/୨୧୮୨, କ୍ଷେତ୍ର: ଏକର୦.୧୦ଡିସିମିଲ୍, ଖାତା ନଂ.: ୨୬୮/୮୨, ପ୍ଲଟ ନଂ.: ୧୪୯୧/୨୧୭୭, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୮୪, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୮୩, କ୍ଷେତ୍ର: ଏକର୦.୧୦ଡିସିମିଲ୍, ୪) ଦିଲ୍ଲୀପ କୁମାର ଅଗରୱାଲ ଏବଂ ଅଶୋକ କୁମାର ଅଗରୱାଲଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ (ଜମି, ଗୃହ, କାରଖାନା, ଯନ୍ତ୍ରପାତି ଏବଂ ସେଡ୍) ଯାହାର ମୌଜା: ଗିରିମା, ଥାନା: କରଞ୍ଜିଆ, ଖାତା ନଂ.: ୨୭୧/୯, ପ୍ଲଟ ନଂ.: ୭୯୬/୧୧୭୩, କ୍ଷେତ୍ର: ଏକର୦.୦୫ଡିସିମିଲ୍ । ସମୁଦାୟ କ୍ଷେତ୍ର ଏକର୫.୨୮ଡିସିମିଲ୍ । | ୨୫.୦୭.୨୦୧୭ | ୨୬.୦୩.୨୦୧୯ | ୧୫.୦୩.୨୦୧୯ ସୁଦ୍ଧା ଟ.୮,୫୩,୬୦,୬୦୦/- ଏବଂ ୧୬.୦୩.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଇତ୍ୟାଦି |

ତାରିଖ : ୨୬.୦୩.୨୦୧୯
ସ୍ଥାନ : କେର୍‌କେରା

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ





ଗ୍ରେଟର ନୋଇଡାର ଯମୁନା ଏକ୍ସପ୍ରେସୱେରେ ଶୁକ୍ରବାର ସକାଳେ ଏକ ଘରୋଇ ବସ୍‌କୁ ଟ୍ୟାଙ୍କର ଧକ୍କାଦେବା ଫଳରେ ଜଣେ ଶିଶୁ ଓ ୨ ମହିଳାଙ୍କ ସମେତ ୮ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ୩୦ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବସ୍‌ଟି ଉତ୍ତରପ୍ରଦେଶର ଜଲାଉଁ ଜିଲାରୁ ଦିଲ୍ଲୀ ଯାଉଥିଲା।

## ନିରଞ୍ଜନ ମିଡିଆ ସେଲ୍ ନୋଡାଲ ଅଫିସର ନିଯୁକ୍ତ

ଭୁବନେଶ୍ୱର, ୨୯।୩(ବ୍ୟୁରୋ): ଚଳିତ ନିର୍ବାଚନ ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶ ନିରଞ୍ଜନ ତ୍ରିପାଠୀଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଖୋଲିଥିବା ରାଜ୍ୟସ୍ତରୀୟ ମିଡିଆ ସେଲ୍‌ର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଏହି ନିଯୁକ୍ତି ଦେଇଛନ୍ତି। ସେଠି ନୋଡାଲ ଅଧିକାରୀ ଭାବେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ, ସୋସିଆଲ ମିଡିଆ ଯଥା ଫେସବୁକ, ୟୁଟୁବ, ଟୁଇଟର ଉପରେ ନଜର ରଖି କାର୍ଯ୍ୟ କରିବେ। କୌଣସି ଅଭିଯୋଗ ଥିଲେ ନୋଡାଲ ଅଫିସରଙ୍କ ସହ ୯୯୩୭୩୪୦୨୧୫/ ୮୨୪୯୭୩୭୦୫୭ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇ ପାରିବ।

# ଭାଜପାରୁ ଟିକେଟ ନେଲେ, ବିଜେଡିରେ ମିଶିଲେ

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ନିର୍ବାଚନ ଯେତିକି ପାଖେଇ ଆସୁଛି ଦଳ ବଦଳ ନାଟକ ମଧ୍ୟ ସେତିକି ରୋଚକ ହେଉଛି। ଟିକେଟ ନ ପାଇବାରୁ ଏମ୍‌ପି, ବିଧାୟକ, ପୂର୍ବତନ ବିଧାୟକ ଦଳ ଡେଇଁ ଚାଲିଛନ୍ତି। କିନ୍ତୁ କୌତୂହଳର ବିଷୟ ଯେ ବିଧାନସଭା ଆସନ ପାଇଁ ଟିକେଟ ପାଇ ମଧ୍ୟ ଅନ୍ୟ ଦଳକୁ ଡେଇଁବା ଘଟଣା ବେଶ୍ ଚର୍ଚ୍ଚାର ଖୋରାକ ଯୋଗାଇଛି। ଚଳିତ ନିର୍ବାଚନରେ ଆନନ୍ଦପୁର ବିଧାନସଭା ଆସନ ପାଇଁ ଭାଜପାରୁ ଟିକେଟ ପାଇଥିବା ଭାଗୀରଥି ସେଠୀ ବିଜେଡିରେ ସାମିଲ ହୋଇଛନ୍ତି। ଶୁକ୍ରବାର ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ୨୦୦୯ରେ ଭାଗୀରଥି ସେଠୀ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ଚଳିତ ନିର୍ବାନରେ ଭାଜପା ତାଙ୍କୁ ଆନନ୍ଦପୁର ଆସନ ପାଇଁ ଟିକେଟ ଦେଇଥିଲା । ବିଜେଡିରେ ଯୋଗ ଦେବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଭାଗୀରଥି କହିଛନ୍ତି ଯେ ଭାଜପାରେ ତଳସ୍ତରରେ ଅନ୍ତର୍ଦ୍ୱନ୍ଦ୍ୱ ରହିଛି। ଏଭଳି ପରିସ୍ଥିତିରେ ଭାଜପାରେ ରହିବା ଠିକ୍ ହେବ ନାହିଁ। ବିଜୁ ପରିବାରର ସେ ଜଣେ ସଦସ୍ୟ। ତାଙ୍କର ଘରବାହୁଡା ହୋଇଛି ବୋଲି ଭାଗୀରଥି କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ନେତାଙ୍କ ଗହଣରେ ଭାଗୀରଥି ସେଠୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ହଲାଇବୁ ହଲା**
**ମୁଁ ତଳେ ନ ପଡ଼ିଲେ ଗଲା ।**

ଅଲାଜୁକ ବ୍ୟକ୍ତିଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ଏପରି ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ଧାଉଁଛୁ ତୋହରି ପାଇଁ**
**ମତେ କିଆଁ ନିଦ ନାହିଁ ।**

ନିଜ ବୃତ୍ତିରେ ନିଜ ପେଟ ପୋଷିବା ଶ୍ରେୟସ୍କର । କାହା ଆଗରେ ହାତ ନ ପତେଇ ନିଜ ଗୋଡ଼ରେ ନିଜେ ଠିଆ ହେଲେ ଯଶ ଓ ସମ୍ମାନ ମିଳିଥାଏ। ଜଣେ ଯେତେବେଳେ ନିଜ ଉପାର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥାନେଇ ଅନ୍ୟକେହି ବ୍ୟତିବ୍ୟସ୍ତ ହେବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଅନୁଗୋଳ ବିଜେଡିରେ ହଇଚଇ

# ସ୍ୱାଧୀନ ପ୍ରାର୍ଥୀ ଭାବେ ଫର୍ମ କିଣିଲେ ଭକ୍ତିପ୍ରସାଦ

ଅନୁଗୋଳ ଅଫିସ, ୨୯।୩

■ବିକ୍ରି ୬ ଫର୍ମରୁ ୫ ନେଲେ ସ୍ୱାଧୀନ ପ୍ରାର୍ଥୀ
■ଆଗାମୀ ଦିନରେ ସଂଖ୍ୟା ବଢ଼ିବା ଚର୍ଚ୍ଚା

ଅନୁଗୋଳ ଜିଲାରେ ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୩ରେ ହେବ ଭୋଟଗ୍ରହଣ। ଏଥିପାଇଁ ଗତ ୨୮ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। କଂଗ୍ରେସ ଜିଲାର ସମସ୍ତ ୫ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପା ଆଠମଲ୍ଲିକ ଓ ବିଜେଡି ଆଠମଲ୍ଲିକ ସହ ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ଏଯାଏ କାହାକୁ ପ୍ରାର୍ଥୀ କରିବ ତାହା ସ୍ପଷ୍ଟ କରିନାହିଁ। ଏହି ଦୁଇ ବିଧାନସଭାକ୍ଷେତ୍ରକୁ ନେଇ ଉଭୟ ଦଳ ମଧ୍ୟରେ ଏକପ୍ରକାର ଛକାପଞ୍ଝା ଚାଲିଥିବା କୁହାଯାଉଛି। କିନ୍ତୁ ଏବେ ରୋଚକ ସ୍ଥିତି ସୃଷ୍ଟି ହୋଇଛି ଅନୁଗୋଳ ନିର୍ବାଚନମଣ୍ଡଳୀରେ। ବିଜେଡି ପକ୍ଷରୁ ଏଠାରେ ବିଧାୟକ ରଜନୀକାନ୍ତ ସିଂହଙ୍କୁ ୪ର୍ଥ ଥର ପାଇଁ ଟିକେଟ ଦିଆଯାଇଛି। କିନ୍ତୁ ଏହାକୁ ନେଇ ଅସନ୍ତୁଷ୍ଟ ହୋଇଛନ୍ତି କେତେଜଣ ବରିଷ୍ଠ ନେତା। ରଜନୀକାନ୍ତ ଟିକେଟ୍ ପାଇଲେ ତାଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ହେବାକୁ ପୂର୍ବରୁ ଜଣେ ବରିଷ୍ଠ ବିଜେଡି ନେତା କହିଥିବା ବେଳେ ଶୁକ୍ରବାର ଦଳର ଅନ୍ୟତମ ବରିଷ୍ଠ ନେତା ତଥା ପୂର୍ବତନ ଏନ୍‌ଏସି ନଗରପାଳ ଭକ୍ତିପ୍ରସାଦ ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଫର୍ମ କିଣିବା ଜିଲାରେ ହଇଚଇ ଖେଳାଇ ଦେଇଥିବା ଚର୍ଚ୍ଚା ଚାଲିଛି। କେବଳ ଉପରୋକ୍ତ ଦୁଇଜଣ ନୁହନ୍ତି, ସ୍ୱାଧୀନ ପ୍ରାର୍ଥୀ ଭାବେ ଅନ୍ୟ ୪ଜଣ ଫର୍ମ କିଣି ସାରିଥିବା ବେଳେ ଆଗାମୀ ଦିନରେ ଅନୁଗୋଳ ନିର୍ବାଚନମଣ୍ଡଳୀରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଆଲୋଚନା ହେଉଛି।

ଅନୁଗୋଳ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଗୋଳ ଓ ଛେଣ୍ଡିପଦା ବିଧାନସଭା କ୍ଷେତ୍ର ପାଇଁ ଫର୍ମ ବିକ୍ରି ହେଉଛି। ଶୁକ୍ରବାର ଏଠାରୁ ମୋଟ୍ ୯ଟି ନାମାଙ୍କନ ଫର୍ମ କିଣାଯାଇଛି। ସେଥିରୁ ଅନୁଗୋଳ ନିର୍ବାଚନମଣ୍ଡଳୀ ପାଇଁ ୬ଟି ଓ ଛେଣ୍ଡିପଦା ପାଇଁ ୩ଟି ବିକ୍ରି ହୋଇଛି। ଅନୁଗୋଳ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା ବିପ୍ଳବ ଜେନା ଗୋଟିଏ ଫର୍ମ ନେଇଥିବା ବେଳେ ଭକ୍ତିପ୍ରସାଦ ଦାସ, ତ୍ରିଲୋଚନ ନାଏକ, ସୁଶାନ୍ତ କୁମାର ନାଥ, ସୁମିତ କୁମାର ସାହୁ ଓ ଛବି ଗୋଛାୟତ ଗୋଟିଏ ଲେଖାଏ ଫର୍ମ ସ୍ୱାଧୀନ ପ୍ରାର୍ଥୀ ଭାବେ କିଣିଛନ୍ତି। ଏ ସମ୍ପର୍କରେ ଭକ୍ତିପ୍ରସାଦ କହିଛନ୍ତି, ଏବେ କେବଳ ଫର୍ମ ନେଇଛି। ଆଗକୁ କ'ଣ ହେବ ସମୟ କହିବ। ସେହିପରି କଂଗ୍ରେସ ପ୍ରାର୍ଥୀ ବିପ୍ଳବ ଜେନା କହିଛନ୍ତି, ଅସନ୍ତୁଷ୍ଟମାନଙ୍କୁ ନେଇ ଚାଲିବି। ଆସନ୍ତା ଏପ୍ରିଲ୍ ୩ରେ ନାମାଙ୍କନପତ୍ର ଦାଖଲ କରିବି। ସେହିପରି ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଟିକେଟ୍ ପାଇଥିବା ବିଧାୟକ ସୁଶାନ୍ତ କୁମାର ବେହେରା ଫର୍ମ ନେଇଛନ୍ତି। ସେ କହିଛନ୍ତି, ଅସନ୍ତୁଷ୍ଟ ଥିବା ଅନ୍ୟ ନେତାଙ୍କ ସହ ଆଲୋଚନା କରିବି। ତେବେ ଛେଣ୍ଡିପଦାରେ କଂଗ୍ରେସ ସହ ବିଜେଡିର ଲଢ଼େଇ ହେବ ବୋଲି ସେ କହିଛନ୍ତି। ତାଙ୍କ ବ୍ୟତୀତ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଶିଷ କୁମାର ସାହୁ ଓ ବିଏସ୍‌ପିର ଶରତ ଚନ୍ଦ୍ର ନାଏକ ଫର୍ମ ନେଇଥିବା ଜିଲା ନିର୍ବାଚନ ଅଧିକାରୀ(ରିଟର୍ନିଂ ଅଫିସର) ବାସୁଦେବ ଶତପଥୀ ସୂଚନା ଦେଇଛନ୍ତି। ତେବେ ଅନୁଗୋଳ ବିଜେଡିରେ ସୃଷ୍ଟି ହୋଇଥିବା ଏପରି ଅସନ୍ତୋଷ ସମ୍ପର୍କରେ ଜିଲା ବିଜେଡି ସଭାପତି ତଥା ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂହଙ୍କ ସହ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ସେ ଫୋନ ଉଠାଉ ନ ଥିବାରୁ ମତାମତ ମିଳିପାରି ନାହିଁ।



ସ୍ୱାଧୀନ ପ୍ରାର୍ଥୀ ଭାବେ ଭକ୍ତିପ୍ରସାଦ ଦାସ ଫର୍ମ କିଣୁଛନ୍ତି।

ତୃତୀୟ ପର୍ଯ୍ୟାୟ ନାମାଙ୍କନ ଦାଖଲ

# ଲୋକ ସଭା ପାଇଁ ୬, ବିଧାନସଭା ଲାଗି ୨୩

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ଶୁକ୍ରବାର ୬ଟି ଲୋକ ସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି। ସେହିପରି ୪୨ଟି ବିଧାନସଭା ଆସନ ପାଇଁ ମଧ୍ୟ ୨୦ ଜଣ ପ୍ରାର୍ଥୀ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏବେ ସୁଦ୍ଧା ତୃତୀୟ ପର୍ଯ୍ୟାୟ ଲୋକ ସଭା ପାଇଁ ମୋଟ ୬ଜଣ ଓ ବିଧାନସଭା ଲାଗି ୨୩ ଜଣ ପ୍ରାର୍ଥୀ ନାମାନଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୬୨୦୬ଟି ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ଆଇପିସିର ଧାରା ୧୦୭/୧୧୬ ଅନୁଯାୟୀ ୩୦,୯୨୩ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ପ୍ରାପ୍ତ ୪୦୬୩ଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୧୪୩ଟି ଅସ୍ତ୍ରଶସ୍ତ୍ର ଏବଂ ୨୪୪.୩୨ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢାଉ ଫଳରେ ୬୮୬୬୨.୮୭୫ ଲିଟର ମଦ ଜବତ କରାଯାଇଛି। ଏସବୁର ଆନୁମାନିକ ମୂଲ୍ୟ ୧ କୋଟି ୮୩ ଲକ୍ଷ ୫୪ ହଜାର ୭୧୨ ଟଙ୍କା ହେବ। ଶୁକ୍ରବାର ସୁଦ୍ଧା ରାଜ୍ୟରେ ଫ୍ଲାଇଂ ସ୍କ୍ୱାଡ ଏବଂ ପୋଲିସ ଦ୍ୱାରା ୩୮ ଲକ୍ଷ ୮୨ ହଜାର ୩୭୦ ଟଙ୍କା ଜବତ କରାଯାଇଛି। ସର୍ବସାଧାରଣ ସ୍ଥାନରେ ଲାଗିଥିବା ୯ ଲକ୍ଷ ୩୮ ହଜାର ୨୩୮ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି।

■ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଲଢ଼ିବେ

# ଲୋକ ସଭା ପାଇଁ ୩୫, ବିଧାନସଭା ଲାଗି ୨୪୪ ପ୍ରାର୍ଥୀ

ଭୁବନେଶ୍ୱର, ୨୯।୩(ବ୍ୟୁରୋ): ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସକାଶେ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ଏହି ପର୍ଯ୍ୟାୟରେ ହେବାକୁ ଥିବା ୫ଟି ଲୋକ ସଭା ଓ ୩୫ଟି ବିଧାନସଭା ଆସନ ପାଇଁ ୨୭୯ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଲୋକ ସଭା ପାଇଁ ମୋଟ ୩୭ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସେଥିରୁ ୨ ଜଣ ସେମାନଙ୍କ ନାମାନଙ୍କନ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ମୋଟ ୩୫ ଜଣ ଲୋକ ସଭା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବରଗଡ( ସାଧାରଣ) ଲୋକ ସଭା ଆସନ ପାଇଁ ମୋଟ ୬ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ବେଳେ ସୁନ୍ଦରଗଡ(ଏସଟି) ପାଇଁ ୮, ବଲାଙ୍ଗୀର (ଏସଟି) ୮, କନ୍ଧମାଳ (ଏସଟି) ପାଇଁ ୫ ଏବଂ ଆସ୍କା(ସାଧାରଣ) ପାଇଁ ୮ ଜଣ ପ୍ରାର୍ଥୀ ନିର୍ବାଚନ ଲଢିବେ। ସେହିପରି ୩୫ଟି ବିଧାନସଭା ପାଇଁ ୨୬୧ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ସେଥିରୁ ୧୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଡିଜିଙ୍କଠାରୁ ନିରପେକ୍ଷତା ଆଶା କରାଯାଉନାହିଁ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୩ (ବ୍ୟୁରୋ): ଓଡ଼ିଶା ପୋଲିସର କିଛି ମୁଷ୍ଟିମେୟ ଅଧିକାରୀ ଏବେ ଶାସକ ବିଜେଡି ପାଇଁ କାମ କରୁଛନ୍ତି। ତେଣୁ ବର୍ତ୍ତମାନ ରାଜ୍ୟ ପୋଲିସ ଡିଜିଙ୍କଠାରୁ ନିରପେକ୍ଷତା ଆଶା କରାଯାଉନାହିଁ। ପୋଲିସ ଡିଜି ବିଜେଡିର ସେକ୍ରେଟାରୀ ଜେନେରାଲ୍ ଭାବେ କାମ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ପୋଲିସ ଡିଜିଙ୍କର ଦୁଇଜଣ ଅଧିକାରୀ ବିଜେଡିର ବଚସ୍କର ସାଜିଥିବା ବେଳେ ରାଜନୈତିକ ପ୍ରତିପକ୍ଷଙ୍କୁ ଧମକାଇବା, ଅତ୍ୟାଚାର ଓ ହାରାଶ କରିବା କାମରେ ଲାଗିଛନ୍ତି। ପ୍ରଜାତନ୍ତ୍ରରେ ଏହା ନିନ୍ଦନୀୟ। ଏନେଇ ନିର୍ବାଚନ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ନିର୍ବାଚନ ପରିପ୍ରେକ୍ଷୀରେ ପ୍ରାର୍ଥୀତ୍ୱ ଗୋଟେ ମହତ୍ତ୍ୱପୂର୍ଣ୍ଣ ବିଷୟ। ସାଢେ ୪କୋଟି ଓଡିଆଙ୍କ ଭିତରୁ ୩କୋଟି ୨୪ଲକ୍ଷ ଭୋଟର ଏଥର ପରିବର୍ତ୍ତନ ପାଇଁ ଚାହୁଁଛନ୍ତି। ଏଥର ପ୍ରାର୍ଥୀତ୍ୱ ଗୌଣ ହେବ। ପ୍ରଧାନମନ୍ତ୍ରୀ କିଏ ହେବେ, ଓଡ଼ିଶାର ଶାସନର ଡୋରି କେଉଁ ମତ ପାଖରେ ରହିବ, ସ୍ଥିର ନା ଅସ୍ଥିର ସରକାର, ବିକାଶ କରୁଥିବା ନା ଦୁର୍ନୀତି ସରକାର ରହିବ ଏସବୁ ନିର୍ବାଚନର ପ୍ରମୁଖ ପ୍ରସଙ୍ଗ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

# ନିଖୋଜ ମହିଳା ଓ ଝିଅଙ୍କ ତାଲିକା ପ୍ରଦାନ କରୁନାହାନ୍ତି ଡିଜି: ଭାଜପା

ଭୁବନେଶ୍ୱର, ୨୯।୩ (ବ୍ୟୁରୋ): ନାବାଳିକା ଝିଅଠାରୁ ଆରମ୍ଭ କରି ମହିଳାଙ୍କ ପର୍ଯ୍ୟନ୍ତ ବର୍ତ୍ତମାନ ସବୁସ୍ଥାନରେ ନାରୀ ଜାତି ଅସମ୍ମାନିତ, ନିଷ୍ପେଷିତ ଓ ଅପମାନିତ ହୋଇ ରହିଛନ୍ତି। ପ୍ରତିଦିନ ଗଣବଳାତ୍କାର ଏବଂ ସରକାରୀ ହଷ୍ଟେଲରେ ନାବାଳିକ ଝିଅ ଗର୍ଭବତୀ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏଠି ନୀରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟରେ ୧୧ହଜାର ମହିଳା ଓ ଝିଅ ନିଖୋଜ ଅଛନ୍ତି। କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଗଞ୍ଜାମ, କେନ୍ଦ୍ରାପଡ଼ା, ନୟାଗଡ଼, ରାୟଗଡ଼ା, କନ୍ଧମାଳ ଓ ଯାଜପୁର ଜିଲାରେ ଏହି ଘଟଣା ସବୁଠାରୁ ଅଧିକ ଘଟିଛି। ବହୁତ ମାମଲା ରୁଜୁ ହୋଇଛି। ଜାତୀୟ ମାନବାଧିକାର କମିଶନ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଓଡ଼ିଶା ପୋଲିସ ଡିଜିଙ୍କୁ ନିଖୋଜ ମହିଳା ଓ ଝିଅମାନଙ୍କ ତାଲିକା ପ୍ରଦାନ କରିବାକୁ ଆଦେଶ ଦେବା ସହ କ'ଣ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାରମ୍ବାର ନୋଟିସ ଦେଉଥିଲା। ମାତ୍ର ଓଡିଶା ପୋଲିସ ଚୁପ ବସିଛି ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ମାନବାଧିକାର କର୍ମୀ ସଙ୍ଗୀତା ସ୍ୱାଇଁଙ୍କ ଦ୍ୱାରା ଦାଖଲ କରିଯାଇଥିବା ପିଟିଶନରେ ଏନଏଚଆରସି ଓଡ଼ିଶା ପୋଲିସ ଡିଜିଙ୍କୁ ୮ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସମୟସୀମା ସରିବାକୁ ବସିଥିଲାବେଳେ ଡିଜି ତଥ୍ୟ ଦେଉନାହାନ୍ତି। ଯେଉଁ ମହିଳା ଓ ଝିଅ ନିଖୋଜ ଅଛନ୍ତି ସେମାନେ କେଉଁଠି ଆଉ କିଭଳି ସ୍ଥିତିରେ ଅଛନ୍ତି ଜଣାପଡୁନାହିଁ। ସେହି ଘଟଣାର ଅପରାଧୀମାନଙ୍କ ବିରୋଧରେ ପୋଲିସ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ତାହାର ତଥ୍ୟ ରାଜ୍ୟବାସୀଙ୍କ ଆଗରେ ରଖନ୍ତୁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Mob.: 8676907143, 9348274623

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756



ଏମ୍‌ଜିଏନ୍‌ଆରଇଜିଏ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଙ୍କୁଚିତ କରିବାରେ ଲାଗିଛନ୍ତି। ଏହି ସରକାରଙ୍କ ଗରିବ ବିରୋଧୀ ଓ ଧନୀଙ୍କୁ ସୁହାଇଲା ଭଳି ନୀତିଗୁଡ଼ିକ ବିଗତ ୫ ବର୍ଷରେ ଗ୍ରାମାଞ୍ଚଳ ପାଇଁ ଅକଳ୍ପନୀୟ ଦୁଃଖ ଦୁର୍ଦ୍ଦଶା ଆଣିଦେଇଛି।
-ପ୍ରିୟଙ୍କା ଚତୁର୍ବେଦୀ, କଂଗ୍ରେସ ମୁଖପାତ୍ର



ଲାଞ୍ଚ ନୁହେଁ, ଠୋସ୍ ଖବର ଚାହେଁ।
ମୁଁ ବି ଧରିତ୍ରୀ ପଢ଼େ।
DHARITRI
#SayYesToJournalism #SayNoToBribe



## ଭୂସ୍ଖଳନରେ ଯବାନ ଶହୀଦ

**ଶ୍ରୀନଗର,୨୯।୩:** ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ପାଖରେ ପାଟ୍ରୋଲିଂ କରୁଥିବାବେଳେ ଭୂସ୍ଖଳନ ହେବାରୁ ଜଣେ ଯବାନ ଶହୀଦ ହୋଇଛନ୍ତି। ମୃତ ନାଏକ୍ ପରଭେଜ ପାଟ୍ରୋଲିଂ ଟିମ୍‌ର ନେତୃତ୍ୱ ନେଉଥିଲେ। ସେ ଗଭୀର ଝରଣା ମଧ୍ୟକୁ ଖସିପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ୯୨ ବେସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ପାର୍ଶ୍ୱରେ ଥିବା ଆଗୁଆ ଘାଟି ଓ ଗ୍ରାମଗୁଡ଼ିକ ଉପରେ ପାକ୍ ସେନା ପକ୍ଷରୁ ସେଲ୍ ମାଡ଼ ଜାରି ରହିଛି। ଭାରତ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଇଥିବା ସେନା ମୁଖପାତ୍ର ସୂଚନା ଦେଇଛନ୍ତି।

## ୬ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୯।୩:** ଜମ୍ମୁ-କଶ୍ମୀରରେ ଗତ ୨୪ ଘଣ୍ଟା ମଧ୍ୟରେ ୩ଟି ଏନ୍‌କାଉଣ୍ଟରରେ ୬ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି ଓ ଅନ୍ୟ ଜଣେ ଗିରଫ ହୋଇଛି। ବଡଗାମ୍ ଜିଲା ଅନ୍ତର୍ଗତ ନୱାଗାମ୍ ଅଞ୍ଚଳରେ ଶୁକ୍ରବାର ସକାଳେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ଜୈଶ-ଇ-ମହମ୍ମଦ (ଜେଇଏମ୍) ସଂଗଠନର ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ଆତଙ୍କବାଦୀ ପାକିସ୍ତାନୀ ବୋଲି ସନ୍ଦେହ କରାଯାଉଛି। ସେମାନଙ୍କଠାରୁ ପାକିସ୍ତାନ ସୈନ୍ୟବାହିନୀ ବ୍ୟବହାର କରୁଥିବା ଆମେରିକା ନିର୍ମିତ ଏମ-୪ ରାଇଫଲ ଜବତ ହୋଇଛି। ଏନ୍‌କାଉଣ୍ଟର ବେଳେ ୫ ଯବାନ ଆହତ ହୋଇଥିବା ଜଣାପଡିଛି। ପୁଲ୍‌ୱାମା ଆକ୍ରମଣ ପରେ ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଯାଇଛି। ଇତିମଧ୍ୟରେ ୩୦ରୁ ଅଧିକ ଆତଙ୍କବାଦୀ ନିହତ ହେଲେଣି।

■ ଅନୁପାଳନ ହେଉନି ଅପରାଧ ବିବରଣୀ ଘୋଷଣା ନିର୍ଦ୍ଦେଶ

# କେନ୍ଦ୍ର, ଇସିଙ୍କୁ ନୋଟିସ

ନୂଆଦିଲ୍ଲୀ,୨୯।୩(ପି.ଟି.)

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ପ୍ରାର୍ଥୀ ସେମାନଙ୍କର ଅପରାଧ ବିବରଣୀ ଘୋଷଣା କରିବା ବାଧ୍ୟତାମୂଳକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅଦାଲତଙ୍କ ଏହି ନିର୍ଦ୍ଦେଶନାମାର ଅନୁପାଳନ ହେଉ ନ ଥିବାରୁ ଏହା ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ଲାଗି ପିଟିଶନ ଦାୟର ହୋଇଥିଲା। ଏ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ନୋଟିସ ଜାରି କରିଛନ୍ତି। କ'ଣ ପାଇଁ କୋର୍ଟ ନିର୍ଦ୍ଦେଶର ଅନୁପାଳନ କରାଯାଇ ନାହିଁ ଏହା ଉପରେ ଜବାବ ରଖିବା ଲାଗି ଜଷ୍ଟିସ୍ ଆର୍.ଏଫ. ନରିମାନ୍ ଏବଂ ବିନୀତ ସରଣଙ୍କୁ ନେଇ ଗଠିତ ଖଣ୍ଡପୀଠ ୩ ନିର୍ବାଚନ ଉପାୟୁକ୍ତ, ଆଇନ ସଚିବ ଏବଂ କ୍ୟାବିନେଟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କ ପକ୍ଷରୁ ଏହି ପିଟିଶନ ଦାଏର ହୋଇଥିଲା।




ନିର୍ବାଚନ ଲଢ଼ିବା ପୂର୍ବରୁ ପ୍ରାର୍ଥୀ ତାଙ୍କର ଅପରାଧ ପୃଷ୍ଠଭୂମି ସମ୍ପର୍କରେ ନିର୍ବାଚନ କମିଶନଙ୍କ ନିକଟରେ ଘୋଷଣା କରିବା ପାଇଁ ୨୦୧୮ ସେପ୍ଟେମ୍ବର ୨୫ରେ ସୁପ୍ରିମକୋର୍ଟର ୫ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ପ୍ରାର୍ଥୀଙ୍କ ଉକ୍ତ ବିବରଣୀ ଛାପା ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମରେ ବ୍ୟାପକ ପ୍ରସାର କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ଇସି ଫର୍ମ-୨୬ରେ ସଂଶୋଧନ କରି ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଲାଗି ନିର୍ଦ୍ଦେଶନାମା ସହ ଅକ୍ଟୋବର ୧୦ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତେବେ ଇସି ନିର୍ବାଚନ ଚିହ୍ନ ନିର୍ଦ୍ଦେଶନାମା, ୧୯୬୮ କିମ୍ବା ଆଦର୍ଶ ଆଚରଣ ବିଧିରେ ସଂଶୋଧନ କରି ନ ଥିବାରୁ ଉକ୍ତ ବିଜ୍ଞପ୍ତିର କୌଣସି ଆଇନଗତ କଟକଣା ନାହିଁ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ଅପରାଧ ପୃଷ୍ଠଭୂମି ସମ୍ପର୍କରେ ଘୋଷଣା କରିବା ଲାଗି ଇସିଙ୍କ ପକ୍ଷରୁ ପ୍ରମୁଖ ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲଗୁଡିକର ତାଲିକା ପ୍ରକାଶ ପାଇନାହିଁ କିମ୍ବା କେଉଁ ସମୟ ମଧ୍ୟରେ ପ୍ରାର୍ଥୀ ଏହା ଘୋଷଣା କରିବେ ତାହା ସ୍ପଷ୍ଟ କରାଯାଇ ନାହିଁ। ତେଣୁ ନିର୍ବାଚନ ଲଢୁଥିବା ବ୍ୟକ୍ତି କୌଣସି ଅନାମଧେୟ ଖବରକାଗଜ କିମ୍ବା ନୂଆ ନ୍ୟୁଜ୍ ଚାନେଲରେ ଯେକୌଣସି ସମୟରେ ତାହା ପ୍ରକାଶ କରିବାର ସୁଯୋଗ ପାଇବେ ବୋଲି ଉପାଧ୍ୟାୟ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଦାଗୀ ନେତାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ଅଯୋଗ୍ୟ ଘୋଷଣା କରିବା ପାଇଁ ପୂର୍ବରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା, ଯାହାର ଶୁଣାଣି କରି ଗତବର୍ଷ ଅଦାଲତ ଏହି ନିଷ୍ପତ୍ତି ପାର୍ଲାମେଣ୍ଟ ଉପରେ ଛାଡିଥିଲେ। ତେବେ ରାଜନୀତିର ଅପରାଧୀକରଣ ରୋକିବା ଲାଗି ସର୍ବୋଚ୍ଚ ଅଦାଲତ ପ୍ରାର୍ଥୀଙ୍କୁ ଅପରାଧ ପୃଷ୍ଠଭୂମି ଘୋଷଣା କରିବା ସହ କେତେଗୁଡିଏ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାବ୍ୟତୀତ ଦାଗୀ ନେତାଙ୍କୁ ନିର୍ବାଚନରୁ ଦୂରେଇ ରଖିବା ଲାଗି ସଂସଦ ଆଇନ ଆଣୁ ବୋଲି ଖଣ୍ଡପୀଠ ପରାମର୍ଶ ଦେଇଥିଲେ।

## ଭିଭିପିଏଟି ଯାଞ୍ଚ ପଦ୍ଧତିରେ ପରିବର୍ତ୍ତନକୁ ନା

**ନୂଆଦିଲ୍ଲୀ,୨୯।୩(ପି.ଟି.):** ଭୋଟର ଭେରିଫିଏବ୍ଲ ପେପର ଅଡିଟ ଟ୍ରେଲ୍ (ଭିଭିପିଏଟି) ଯାଞ୍ଚ ପାଇଁ ୨୧ଟି ବିରୋଧୀ ଦଳ ପକ୍ଷରୁ ଦାଏର ପିଟିଶନ୍ ଉପରେ ନିର୍ବାଚନ କମିଶନ (ଇସି) ଶୁକ୍ରବାର ସୁପ୍ରିମକୋର୍ଟରେ ନିଜର ଜବାବ ରଖିଛନ୍ତି। ଭିଭିପିଏଟି ସ୍ଲିପ୍ ଗଣିବା ଲାଗି ବର୍ତ୍ତମାନର ପଦ୍ଧତି ସବୁଠୁ ଉପଯୁକ୍ତ। ବର୍ତ୍ତମାନ ସ୍ଥିତରେ ଏଥିରେ ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି ଇସି ଅଦାଲତଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରୁ ଗୋଟିଏ ବୁଥ୍‌ର ଭିଭିପିଏଟି ଯାଞ୍ଚ କରାଯାଉଛି। ଅନ୍ୟୁନ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ କରିବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ଟି ବିରୋଧୀ ଦଳ ପକ୍ଷରୁ କରାଯାଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଗତ ୨୫ ତାରିଖରେ ଇସିଙ୍କ ମତାମତ ଲୋଡିଥିଲେ। ଭବିଷ୍ୟତରେ ଅଧିକ ଭିଭିପିଏଟି ଯାଞ୍ଚ ପ୍ରସ୍ତାବକୁ ବିଚାରକୁ ନିଆଯିବ ବୋଲି ଇସି କହିଛନ୍ତି।




ମତ ରଖିଲେ ଇସି

## ବ୍ରେକ୍‌ଜିଟ୍ ଡିଲ୍ ତୃତୀୟ ଥର ଖାରଜ

ଲଣ୍ଡନ,୨୯।୩(ଏଏଫ୍‌ପି)

ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଥେରେସା ମେ ଆଣିଥିବା ବ୍ରେକ୍‌ଜିଟ୍ ଚୁକ୍ତିନାମା ଶୁକ୍ରବାର ତୃତୀୟ ଥର ଲାଗି ଖାରଜ ହୋଇଯାଇଛି। ଫଳରେ ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଅଲଗା ହେବା ପ୍ରକ୍ରିୟା ଅଧିକ ବିଳମ୍ବ ହେବାକୁ ଯାଉଛି। ରାଜନୈତିକ ଅଚଳାବସ୍ଥା ଦୂର ଲାଗି ଥେରେସାଙ୍କ ନିବେଦନକୁ ହାଉସ୍ ଅଫ କମନ୍ସର ଏମ୍‌ପିମାନେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଚୁକ୍ତିନାମା ବିରୋଧରେ ୩୪୪ ଭୋଟ ପଡିଥିବାବେଳେ ସପକ୍ଷରେ ୨୮୬ ଭୋଟ ଯାଇଥିଲା। ଫଳରେ ନିଜ ସରକାର ଏବଂ ବ୍ରେକ୍‌ଜିଟ ପ୍ରକ୍ରିୟାରୁ ନିୟନ୍ତ୍ରଣ ହରାଇଥିବା ଥେରେସାଙ୍କୁ ପୁଣି ଏକ ଝଟକା ଲାଗିଛି।


ଥେରେସା ମେ

■ କର୍ତ୍ତାରପୁର କରିଡର ବୈଠକ: ପାକ୍ ପ୍ରତିନିଧି ଦଳରେ ବିଚ୍ଛିନ୍ନତାବାଦୀ

## ଆପତ୍ତି ଉଠାଇଲା ଭାରତ

ନୂଆଦିଲ୍ଲୀ,୨୯।୩(ପି.ଟି.)

କର୍ତ୍ତାରପୁର କରିଡର ସମ୍ପର୍କରେ ଆଲୋଚନା ଲାଗି ପାକିସ୍ତାନୀ ପ୍ରତିନିଧି ଦଳରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କୁ ସାମିଲ କରାଯାଇଥିବାରୁ ଭାରତ ଏହା ଉପରେ ଆପତ୍ତି ଜଣାଇଛି। ପାକିସ୍ତାନୀ ଡେପୁଟି ହାଇକମିଶନଙ୍କୁ ଡାକି ନୂଆଦିଲ୍ଲୀ ନିଜର ଅସନ୍ତୋଷ ଜଣାଇ ଦେଇଛି। ଏଥିସହିତ କର୍ତ୍ତାରପୁର କରିଡର ଖୋଲିବା ନେଇ ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବୈଠକ କାର୍ଯ୍ୟସୂଚୀରେ ପରିବର୍ତ୍ତନ ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ପାକିସ୍ତାନଠାରୁ ଉତ୍ତର ମିଳିବା ପରେ ଉପଯୁକ୍ତ ସମୟରେ ବୈଠକ ତାରିଖ ସ୍ଥିର ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଖଲିସ୍ତାନୀ ନେତା ମନିନ୍ଦର ସିଂ ତାରା ଏବଂ ଲଶ୍କର-ଇ-ତୋଇବା ମୁଖ୍ୟ ହାଫିଜ ସୟିଦଙ୍କ ଘନିଷ୍ଠ କୁହାଯାଉଥିବା ଗୋପାଳ ସିଂ ଚାୱଲାଙ୍କୁ ପ୍ରତିନିଧି ଦଳରେ ସାମିଲ କରାଯାଇଥିବାରୁ ପାକିସ୍ତାନର ଉଦ୍ଦେଶ୍ୟକୁ ନେଇ ନୂଆଦିଲ୍ଲୀ ପ୍ରଶ୍ନ ଉଠାଇଛି। କର୍ତ୍ତାରପୁର କରିଡରକୁ ଭାରତ ବିରୋଧୀ ପ୍ରଚାର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ। ଦୁଇଦେଶ ମଧ୍ୟରେ ତୀର୍ଥଯାତ୍ରୀ ଗମନାଗମନ ସମସ୍ୟା ଦୂର କରିବାରେ ଇସ୍‌ଲାମାବାଦ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ ବୋଲି ଭାରତ କହିଛି।

କର୍ତ୍ତାରପୁର କରିଡର ଖୋଲିବା ନେଇ ଗତ ୧୪ ତାରିଖରେ ଦୁଇଦେଶ ମଧ୍ୟରେ ଆଲୋଚନା ହୋଇଥିଲା ଏବଂ ପରବର୍ତ୍ତୀ ବୈଠକ ଏପ୍ରିଲ ୨ରେ କରିବା ପାଇଁ ଉଭୟ ରାଜି ହୋଇଥିଲେ। ଭାରତ ଉକ୍ତ କାର୍ଯ୍ୟସୂଚୀକୁ ରଦ୍ଦ କରିଦେଇଥିବା ଦୁଃଖଦାୟକ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୈନିକ ୫୦୦୦ ଏବଂ ସ୍ୱତନ୍ତ୍ର ଦିବସରେ ୧୦ ହଜାରରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ପାକିସ୍ତାନ ଅନୁମତି ଦେବାକୁ ଭାରତ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଇସ୍‌ଲାମାବାଦ ଦିନକୁ ମାତ୍ର ୫୦୦ରୁ ୭୦୦ ଜଣଙ୍କୁ ଅନୁମତି ଦେବାକୁ ରାଜି ହୋଇଥିଲା।

## ଇତିହାସର ଆଇନାରେ ମାର୍ଚ୍ଚ ୩୦ର ପ୍ରମୁଖ ଘଟଣା

### ସୋଫିଆରେ ବୋମାମାଡ଼

୧୯୪୪ ମାର୍ଚ୍ଚ ୩୦(ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ)ରେ ମିତ୍ରଶକ୍ତି ଦ୍ୱାରା ବୁଲ୍‌ଗେରିଆର ସୋଫିଆ ଉପରେ ବୋମା ମାଡ଼ କରାଯାଇଥିଲା। ବିଶେଷକରି ଜର୍ମାନୀ, ଜାପାନ ଏବଂ ଇଟାଲିକୁ ଆକ୍ରମଣରୁ ନିବୃତ୍ତ ରଖିବା ପାଇଁ ମିତ୍ରଶକ୍ତି ଗଠନ କରାଯାଇଥିଲା। ୧୯୩୯ରୁ ୧୯୪୫ ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସଂଗଠିତ ହୋଇଥିଲା।



### ପୋଲିସ ଏକାଡେମୀରେ ଆକ୍ରମଣ

୨୦୦୯ ମାର୍ଚ୍ଚ ୩୦ରେ ଲାହୋରସ୍ଥିତ ମାନାୱାନ୍ ପୋଲିସ ଏକାଡେମୀରେ ୧୨ ବନ୍ଧୁକଧାରୀ ଅଚାନକ ଆକ୍ରମଣ କରିଥିଲେ। ସେମାନେ ପୋଲିସ ପୋଷାକ ପରିଧାନ କରି ସ୍ୱୟଂଚାଳିତ ମାରଣାସ୍ତ୍ର, ଗ୍ରାନେଡ ଏବଂ ରକେଟ ପାଖରେ ରଖିଥିଲେ। ୭୫୦ଜଣ ନିରସ୍ତ୍ର ପୋଲିସ ମର୍ନିଂ ପରେଡ୍ କରୁଥିବାବେଳେ ବନ୍ଧୁକଧାରୀମାନେ ମୁଖ୍ୟ ଅଟ୍ଟାଳିକାକୁ କବ୍‌ଜାକୁ ନେଇଯାଇଥିଲେ। ଏହି ଆକ୍ରମଣରେ ୫ ତାଲିମପ୍ରାପ୍ତଙ୍କ ସମେତ ୮ଜଣଙ୍କ ମୃତ୍ୟୁ ଘଟିଥିଲା।

■ ଆଝାର ପ୍ରସଙ୍ଗରେ ଆମେରିକାର ଅଭିଯୋଗକୁ ଚାଇନାର ଖଣ୍ଡନ

## 'ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉନାହୁଁ'

ନୂଆଦିଲ୍ଲୀ,୨୯।୩

ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ ଆଝାରଙ୍କୁ ଜାତିସଂଘ କଳା ତାଲିକାଭୁକ୍ତ କରିବା ପାଇଁ ହେଉଥିବା ଉଦ୍ୟମକୁ ଚାଇନା ବିରୋଧ କରିଆସୁଛି। ଚାଇନାର ଏଭଳି କାର୍ଯ୍ୟ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ଆମେରିକା ଅଭିଯୋଗ କରିଥିବାବେଳେ ବେଜିଂ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ମୁସଲମାନଙ୍କ ପ୍ରତି ଚାଇନା ଲଜ୍ଜାଜନକ ଷଡ଼ଯନ୍ତ୍ର କରୁଥିବା ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଅଭିଯୋଗ କରିଥିଲେ। ନିଜ ଦେଶରେ ଚାଇନା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମୁସଲମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାବେଳେ ଜାତିସଂଘରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନକୁ ସୁରକ୍ଷା ଦେଉଛି ବୋଲି ପମ୍ପିଓ କହିଛନ୍ତି। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ କହିଛନ୍ତି, ଯଦି ପମ୍ପିଓଙ୍କ ଅଭିଯୋଗ ସତ୍ୟ, ତେବେ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍-କାଏଦା କାର୍ଯ୍ୟାନୁଷ୍ଠାନ କମିଟିରେ ଯାହାର ବୈଷୟିକ ଅଧିକାର ଅଧିକ ଥିଲା, ଉକ୍ତ ଦେଶ ଅଧିକ ଆତଙ୍କବାଦୀଙ୍କୁ ସୁରକ୍ଷା ଯୋଗାଇ ଆସୁଥିଲା। ଯେଉଁ ଦେଶ ବୈଷୟିକ ପ୍ରସଙ୍ଗ ଉଠାଉଛନ୍ତି ସେମାନେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛନ୍ତି କି ବୋଲି ଗେଙ୍ଗ୍ ପ୍ରଶ୍ନ କରିଛନ୍ତି।



## 'ରୁହ-ଆଫ୍‌ଜା'ରେ ଜାହ୍ନବୀ

**ମୁମ୍ବାଇ:** ପ୍ରଯୋଜକ ଦିନେଶ ବିଜନ୍‌ଙ୍କ ଫିଲ୍ମ 'ରୁହ-ଆଫ୍‌ଜା' ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର। ଏଥିରେ ଅନ୍ୟ କଳାକାରଙ୍କ ସହିତ ଅଭିନୟ କରିବେ ରାଜକୁମାର ରାଓ ଏବଂ ବରୁଣ ଶର୍ମା। ସ୍ୱର୍ଗୀୟା ଅଭିନେତ୍ରୀ ଶ୍ରୀଦେବୀଙ୍କ କନ୍ୟା ଏଥିରେ 'ରୁହି'ଏବଂ 'ଅଫ୍‌ସାନା' ଭଳି ଦୁଇଟି ଚରିତ୍ରରେ ଅଭିନୟ କରିବେ। ଏହି ଦୁଇ ଚରିତ୍ର ଦୁଇ ବିରୋଧାଭାସ ବ୍ୟକ୍ତିତ୍ୱକୁ ଆଧାର କରି ଗଢ଼ିଉଠିଛି। ଦୁଇଟି ଚରିତ୍ରରେ ଜାହ୍ନବୀ ଭଲ ଭାବେ ଅଭିନୟ କରି ପାରିବେ ବୋଲି ପ୍ରଯୋଜକ କହିଛନ୍ତି।



## କେମିତି ରହିବ ଆଜିର ପାଗ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୯ | ୨୨.୮ |
| ଚାନ୍ଦବାଲି | ୩୬.୯ | ୨୫.୨ |
| କଟକ | ୩୬.୨ | ୨୩.୪ |
| ପାରାଦ୍ୱୀପ | ୩୧.୪ | ୨୬.୫ |
| ଭୁବନେଶ୍ୱର | ୩୬.୪ | ୨୫.୦ |
| ଗୋପାଳପୁର | ୩୧.୯ | ୨୫.୨ |
| ପୁରୀ | ୩୨.୬ | ୨୬.୬ |
| ଅନୁଗୋଳ | ୩୯.୧ | ୨୦.୦ |
| ବାରିପଦା | ୩୫.୬ | ୨୪.୪ |
| ଝାରସୁଗୁଡ଼ା | ୩୮.୧ | ୧୯.୫ |
| କେନ୍ଦୁଝର | ୩୫.୨ | ୨୦.୯ |
| ସମ୍ବଲପୁର | ୩୭.୯ | ୧୯.୦ |
| ସୁନ୍ଦରଗଡ଼ | ୩୬.୦ | ୨୦.୦ |
| ହୀରାକୁଦ | ୩୭.୧ | ୧୯.୬ |
| ତାଳଚେର | ୩୮.୦ | ୨୧.୫ |
| ଭବାନୀପାଟଣା | ୩୮.୨ | ୨୨.୨ |
| ବଲାଙ୍ଗୀର | ୩୯.୨ | ୨୨.୪ |
| କୋରାପୁଟ | ୩୫.୮ | ୨୦.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୦.୦ | ୨୦.୫ |
| ମାଲକାନଗିରି | ୪୧.୦ | ୨୧.୬ |
| ସୋନପୁର | ୩୮.୮ | ୧୮.୪ |
| ଦାରିଙ୍ଗିବାଡ଼ି | ୩୪.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

# ଚମକିଲେ ତାରକା ପ୍ରାର୍ଥୀ

ନୂଆଦିଲ୍ଲୀ,୨୯।୩

ବଲିଉଡ ତାରକାଙ୍କ ସମେତ ବିଭିନ୍ନ ରାଜ୍ୟର ଅଭିନେତା ଓ ଅଭିନେତ୍ରୀମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବଲିଉଡ୍ ଅଭିନେତ୍ରୀ ଊର୍ମିଳା ମାତୋଣ୍ଡକର କଂଗ୍ରେସରେ ଯୋଗଦେବାର ଦିନକ ପରେ ମୁମ୍ବାଇ(ଉତ୍ତର)ରୁ ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ବେଙ୍ଗଲୀ ଫିଲ୍ମ ଅଭିନେତ୍ରୀ ବସିରତ୍ ନୁସରତ ଜାହାନ୍ ତୃଣମୂଳରୁ ଲୋକ ସଭା ପ୍ରାର୍ଥୀ ହେବାପରେ ଗତ ସପ୍ତାହରେ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅଭିନେତ୍ରୀ 'ଜୁଲ୍‌ଫିକର'ରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ବେଙ୍ଗଲୀ ସିନେମାର ଅନ୍ୟତମ ଅଭିନେତ୍ରୀ ହେଉଛନ୍ତି ମିମି ଚକ୍ରବର୍ତ୍ତୀ। ସେ 'ଗନିର ଓପାରେ' ଫିଲ୍ମରେ ପ୍ରମୁଖ ଭୂମିକାରେ ଅଭିନୟ କରିଥିବା ବେଳେ ୨୦୧୨ରେ 'ବାପି ବାରି ଜା' ଅଭିନୟ ଜୀବନ ଆରମ୍ଭ କରିଥିଲେ। ସେ ତୃଣମୂଳର ଲୋକ ସଭା ପ୍ରାର୍ଥୀ ଭାବେ ସିପିଏମ୍‌ର ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ ଏବଂ ଭାଜପାର ଅନୁପମଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିସହିତ ରାଜନୀତିରେ ପାଦ ଦେଇଛନ୍ତି ବେଙ୍ଗଲୀ ସିନେମାର କିମ୍ବଦନ୍ତୀ କଳାକାର ସୁଚିତ୍ରା ସେନ୍‌ଙ୍କ କନ୍ୟା ମୁନ୍‌ମୁନ୍ ସେନ୍। ସେ ୨୦୧୪ରେ ସଂସଦୀୟ ନିର୍ବାଚନ ବେଳେ ରାଜନୀତିରେ ଯୋଗଦେଇ ସିପିଏମ୍‌ର ବରିଷ୍ଠ ନେତା ତଥା ବାଙ୍କୁଡା ଆସନରୁ ୯ଥର ସାଂସଦ ହୋଇଥିବା ବାସୁଦେବ ଆଚାରିଆଙ୍କୁ ହରାଇ ଦେଇଥିଲେ। ସେ ବର୍ତ୍ତମାନ ଭାଜପାର ଆସାନସୋଲ୍ ଲୋକ ସଭା ସଦସ୍ୟ ବାବୁଲ ସୁପ୍ରିୟୋଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇଛନ୍ତି। ବାବୁଲ ସୁପ୍ରିୟୋ ଜଣେ ଗାୟକ ତଥା ଅଭିନେତା।

ବିଶିଷ୍ଟ ବଲିଉଡ ଅଭିନେତ୍ରୀ ହେମାମାଳିନୀ ମଥୁରା ଲୋକ ସଭା ଆସନରୁ ପୁନଃ ପ୍ରାର୍ଥୀ ହୋଇଛନ୍ତି। ଓଡିଶାରେ ବିଜେଡିର ରାଜ୍ୟ ସଭା ସାଂସଦ ତଥା ଓଡିଆ ସିନେ ଷ୍ଟାର ଅନୁଭବ ମହାନ୍ତି କେନ୍ଦ୍ରାପଡା ଲୋକ ସଭା ଆସନରୁ ଭାଜପା ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ବୈଜୟନ୍ତ ବିଜେଡି ଟିକେଟରେ ୨୦୦୯ ଓ ୨୦୧୪ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ୨୦୧୯ରେ ବିଜେଡିରୁ ଭାଜପାକୁ ଲମ୍ଫ ଦେଇଛନ୍ତି। ଓଡିଆ ଅଭିନେତ୍ରୀ ପିଙ୍କି ପ୍ରଧାନ ଦିଗପହଣ୍ଡି ବିଧାନସଭା ଆସନରୁ ବିଜେଡି ନେତା ସୂର୍ଯ୍ୟ ନାରାୟଣ ପାତ୍ର ଏବଂ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ।



ଊର୍ମିଳା ମାତୋଣ୍ଡକର ମୁମ୍ବାଇ ନର୍ଥ ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହେବା ପରେ ବୋରିଭଲିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି ନେତା ଓ କର୍ମୀ।




# ତ୍ରିମୁଖୀ ଲଢ଼େଇ ପାଇଁ ରଣକ୍ଷେତ୍ର ପ୍ରସ୍ତୁତ

## କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ

**ଭବାନୀପାଟଣା,୨୯।୩(ଡି.ଏନ.ଏ.)** କଳାହାଣ୍ଡି ଲୋକ ସଭା ଆସନ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବା ପରେ ନାମାଙ୍କନପତ୍ର ଦାଖଲ ମଧ ଶେଷ ହୋଇଛି। ମାର୍ଚ୍ଚ ୨୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ତାରିଖ ବି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୧ରେ ଏହି ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ସେଥିପାଇଁ ପ୍ରାର୍ଥୀମାନେ ନିଜ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। କଂଗ୍ରେସ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡିରୁ ଧର୍ମଗଡ଼ ବିଧାୟକ ତଥା ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ ଏବଂ ଭାଜପାରୁ ନୂଆପଡା ବିଧାୟକ ତଥା ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କୁ ପ୍ରାର୍ଥୀ କରିଛି। ଉପରୋକ୍ତ ୩ ହେଭିୱେଟ୍ ନେତାଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ। ଏଥିପାଇଁ ରଣକ୍ଷେତ୍ର ପ୍ରସ୍ତୁତ ରହିଛି ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି।

ଭକ୍ତ ଚରଣ ଦାସ ୧୯୮୫ରେ ଜନତା ଦଳରୁ ପ୍ରଥମେ ବିଧାୟକ ହୋଇଥିଲେ । ୧୯୮୯ ନିର୍ବାଚନରେ ଜନତା ଦଳରୁ ଏମ୍‌ପି ହୋଇଥିଲେ । ୧୯୯୦ରେ ତାଙ୍କୁ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ପଦ ମିଳିଥିଲା। ସେହି ବର୍ଷ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ଲୋକ ସଭାରେ ଆସ୍ଥା ଭୋଟରେ ପରାଜିତ ହେବା ପରେ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ହୋଇଥିଲେ। ଭକ୍ତଙ୍କୁ ତାଙ୍କ ମନ୍ତ୍ରିମଣ୍ଡଳରେ ରେଳ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ମିଳିଥିଲା । ୧୯୯୬ରେ ଭକ୍ତ ସମତା ପାର୍ଟିରୁ ପୁଣିଥରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ । ତେବେ ଭକ୍ତ ୧୯୯୮, ୧୯୯୯ ଓ ୨୦୦୪ ନିର୍ବାଚନରେ କଂଗ୍ରେସରୁ ଏମ୍‌ପି ପ୍ରାର୍ଥୀ ଭାବେ ପରାଜିତ ହୋଇଥିବା ବେଳେ ୨୦୦୯ରେ ବିଜୟୀ ଏବଂ ୨୦୧୪ ନିର୍ବାଚନରେ ପରାଜିତ ହୋଇଥିଲେ। ସେ ଏଆଇସିସିର ସମ୍ପାଦକ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଛନ୍ତି । ବର୍ତ୍ତମାନ ସେ ପିସିସି ପ୍ରଚାର କମିଟି ଅଧକ୍ଷ ଅଛନ୍ତି । ଭକ୍ତଙ୍କ କହିବା କଥା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି। ଚାଷୀଙ୍କୁ ଅବହେଳା କରାଯାଉଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ପାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସବୁ ସମସ୍ୟାର ସମାଧାନ ହେବ। ଏଥି ସହିତ ଜିଲାର ବିଭିନ୍ନ ସମସ୍ୟା ରହିଛି। ଆମେ ଲୋକଙ୍କ ପାଖରେ ପହଞ୍ଚି ସେ ସବୁର ସମାଧାନ କରିବୁ। ଭାଜପା ପ୍ରାର୍ଥୀ ବସନ୍ତ କୁମାର ପଣ୍ଡା ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୦୦-୨୦୦୪ ଓ ୨୦୧୪ରୁ ଅଦ୍ୟାବଧି ବିଧାୟକ ଅଛନ୍ତି। ୧୯୯୨ରେ ଅବିଭକ୍ତ କଳାହାଣ୍ଡି ଜିଲା ଭାଗ ହୋଇ ନୂଆପଡା ଜିଲା ଗଠିତ ହୋଇଥିଲା। ନୂଆପଡା କଳାହାଣ୍ଡି ଲୋକସଭା କ୍ଷେତ୍ରର ଅନ୍ୟତମ ବିଧାନସଭା ନିର୍ବାଚନମଣ୍ଡଳୀ । ନୂଆପଡା ଜିଲା ଗଠନ ହେବାର ୨୪ ବର୍ଷ ମଧ୍ୟରେ ନୂଆପଡା ଜିଲାରୁ କୌଣସି ଜଣେ ବ୍ୟକ୍ତି ଲୋକ ସଭାକୁ ନିର୍ବାଚିତ ହୋଇନାହାନ୍ତି। ବର୍ତ୍ତମାନ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇଥିବାରୁ ଭାଜପା କର୍ମୀଙ୍କ ମଧ୍ୟରେ ନୂଆ ଆଶା ସୃଷ୍ଟି ହୋଇଛି। ଏ ନେଇ ବସନ୍ତ ପଣ୍ଡା କୁହନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ରହିଛି। କେନ୍ଦ୍ରର ଏନଡିଏ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତାକୁ ଲୋକେ ଅନୁଭବ କରିଛନ୍ତି। ଏହି ବାର୍ତ୍ତାକୁ ନେଇ ଲୋକଙ୍କ ପାଖକୁ ଯିବି। ନିଶ୍ଚିତ ବିଜୟ ହାସଲ କରିବି।

ଧର୍ମଗଡ ବିଧାୟକ ତଥା ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ ବିଜେଡିର ଲୋକସଭା ପ୍ରାର୍ଥୀ ହୋଇଛନ୍ତି। ସିଂହଦେଓ ଜଣେ ଅଭିଜ୍ଞ ରାଜନୀତିଜ୍ଞ। ତାଙ୍କ ବାପା ଚନ୍ଦ୍ରଭାନୁ ସିଂହଦେଓ ସ୍ୱତନ୍ତ୍ର ପାର୍ଟିରୁ ୧୯୭୪-୭୭ ପର୍ଯ୍ୟନ୍ତ କୋକସରା ବିଧାୟକ ଥିଲେ। ଚନ୍ଦ୍ରଭାନୁଙ୍କ ପରଲୋକ ପରେ ତାଙ୍କ ସ୍ତ୍ରୀ ତଥା ପୁଷ୍ପେନ୍ଦ୍ରଙ୍କ ମା'ରୋଶନୀ ସିଂହଦେଓ ୧୯୯୫-୨୦୦୦ ପର୍ଯ୍ୟନ୍ତ ଜନତା ଦଳରୁ ବିଧାୟିକା ଥିବା ବେଳେ ୨୦୦୦-୨୦୦୪ ପର୍ଯ୍ୟନ୍ତ ବିଜେଡିରୁ ବିଧାୟକ ଥିଲେ। ରୋଶନୀ ବିଧାୟକ ଥିବା ବେଳେ ତାଙ୍କ ସମସ୍ତ ରାଜନୈତିକ ଓ ପ୍ରଶାସନିକ କାର୍ଯ୍ୟ ତାଙ୍କ ପୁଅ ପୁଷ୍ପେନ୍ଦ୍ର ତୁଲାଉଥିଲେ। ପରେ ପୁଷ୍ପେନ୍ଦ୍ର ୨୦୦୪-୨୦୦୯ ପର୍ଯ୍ୟନ୍ତ କୋକସରା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡିରୁ ବିଧାୟକ ହୋଇଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ପରେ କୋକସରା ନିର୍ବାଚନମଣ୍ଡଳୀ ଉଚ୍ଛେଦ ହୋଇଯାଇଥିଲା। ସୀମାନିର୍ଦ୍ଧାରଣପରେ ୨୦୦୯-୨୦୧୪ ଓ ୨୦୧୪ରୁ ଅଦ୍ୟାବଧି ପୁଷ୍ପେନ୍ଦ୍ର ସିଂହଦେଓ ବିଜେଡିରୁ ଲଗାତର ଭାବେ ୨ ଥର ଧର୍ମଗଡ ବିଧାୟକ ହୋଇଛନ୍ତି। ସେ ୨ ଥର ମନ୍ତ୍ରୀ ହେବା ସହିତ ବିଜେଡିର ଜିଲା ସଭାପତି ଅଛନ୍ତି। ପୁଷ୍ପେନ୍ଦ୍ର କୁହନ୍ତି, ଦୀର୍ଘବର୍ଷ ଧରି ଲୋକଙ୍କ ପାଇଁ କାମ କରିଆସୁଛି। ତେଣୁ ଜନସାଧାରଣ ମୋ ସହ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ବଡପୁଞ୍ଜି ହୋଇଥିବାରୁ ଆଗାମୀ ନିର୍ବାଚନରେ ମୁଁ ନିଶ୍ଚିତ ବିଜୟ ଲାଭ କରିବି ବୋଲି ଆଶା ରଖିଛି। ଉପରୋକ୍ତ ଦୃଷ୍ଟିରୁ ବିଚାର କଲେ ଆଗାମୀ ଲୋକସଭା ନିର୍ବାଚନରେ ଭକ୍ତ, ପୁଷ୍ପେନ୍ଦ୍ର ଓ ବସନ୍ତଙ୍କ ମଧରେ ତ୍ରିମୁଖୀ ଲଢ଼େଇ ହେବ । ତେବେ ଏହି ଆସନ ପାଇଁ ପ୍ରେମାଲାଲ ବାଗ ବିଏସ୍‌ପି, କମଳିନୀ ଯାଦବ ସ୍ୱାଧୀନ, ଛବିଲାଲ ନିଆଲ ଏପିଆଇ ଓ ହାତୀରାମ ଦୁର୍ଗା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅଛନ୍ତି।





କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସ



ଭାଜପା ପ୍ରାର୍ଥୀ ବସନ୍ତ କୁମାର ପଣ୍ଡା



ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ

# ନାମାଙ୍କନ ପ୍ରତ୍ୟାହାର କଲେ ମିନତି

## ଦଳ ପାଇଁ କାମ କରିବାକୁ ପରାମର୍ଶ

**ରାଉରକେଲା ଅଫିସ,୨୯।୩**

ରାଉରକେଲା ବିଧାନସଭା କ୍ଷେତ୍ର ବିଜେଡି ପ୍ରାର୍ଥିତ୍ୱକୁ ବିରୋଧ କରି ନାମାଙ୍କନ ଦାଖଲ କରିଥିବା ମହିଳା ନେତ୍ରୀ ମିନତି ଦେବତା ଦଳୀୟ ହସ୍ତକ୍ଷେପ ପରେ ଶୁକ୍ରବାର ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସେ ଏହି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। କେଉଁ ପରିସ୍ଥିତିରେ ଓ କାହିଁକି ପ୍ରାର୍ଥିପତ୍ର ଦାଖଲ କରିଥିଲେ ସେ ବାବଦରେ ଉପରିସ୍ଥ ନେତାଙ୍କୁ ଅବଗତ କରାଇଛି। ସୁନ୍ଦରଗଡ଼ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ସୁନୀତା ବିଶ୍ୱାଳଙ୍କ ପାଇଁ ତାଙ୍କୁ କାମ କରିବାକୁ ପରାମର୍ଶ ଦିଆଯାଇଛି। ଏନେଇ ସୁନ୍ଦରଗଡ଼ ଜିଲାରେ ବୁଲି ସୁନୀତାଙ୍କ ପାଇଁ କାମ କରିବି ବୋଲି ମିନତି କହିଛନ୍ତି। ଆରଡିଏ ଅଧକ୍ଷ ପଦ ସମ୍ପର୍କରେ ପ୍ରଶ୍ନ କରିବାରୁ ମିନତି କହିଥିଲେ, ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ସେନେଇ ଦଳ ସଭାପତି କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ବର୍ତ୍ତମାନ ଦଳର ନିର୍ଦ୍ଦେଶ ଅନୁସାରେ ଜଣେ ଶୃଙ୍ଖଳିତ ସଭ୍ୟ ପରି କାମ କରିବି। ବିଶ୍ୱାସ ରହିଛି ମିଳିଥିବା ପ୍ରତିଶ୍ରୁତି ନିଶ୍ଚିତ ପୂରଣ ହେବ ବୋଲି ସେ କହିଛନ୍ତି। ବିଦ୍ରୋହୀ ଭାବେ ନାମାଙ୍କନ ଦାଖଲ କରିଥିବା ମିନତି ନିଜ ଜିଦ୍‌ରୁ ଓହରିଯିବା ପରେ ଦଳୀୟ ପ୍ରାର୍ଥୀ ସାରଦାଙ୍କ ସମର୍ଥକମାନେ କିଛିମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି। ତଥାପି ନିର୍ବାଚନ ମଇଦାନରେ ଅନ୍ୟ ଜଣେ ଅସନ୍ତୁଷ୍ଟ ଯୁବ ପ୍ରାର୍ଥୀ ବିକାଶ ମାନସିଂ ପ୍ରାର୍ଥିପତ୍ର ପ୍ରତ୍ୟାହର କରି ନାହାନ୍ତି। ବିଦ୍ରୋହୀ ପ୍ରାର୍ଥୀ ମିନତି ଓହରିଯିବା ପରେ ସାରଦାଙ୍କ ପାଇଁ ଅନ୍ୟ ବିରୋଧୀଙ୍କୁ ମୁକାବିଲା କରିବା କଷ୍ଟକର ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ମହିଳା ନେତ୍ରୀ ମିନତି ଦେବତା ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଉଛନ୍ତି।

# ବିଜେଡିରେ ମିଶିଲେ ୯ ଭାଜପା ଜିଲା ପରିଷଦ ସଭ୍ୟ

**ସୋହେଲା/ପଦ୍ମପୁର, ୨୯।୩(ଡି.ଏନ.ଏ.)**

ଗୁରୁବାର ରାତିରେ ଭାଜପାରୁ ଇସ୍ତଫା ଦେଇଥିବା ବରଗଡ ଜିଲାର ୯ଜଣ ଜିଲା ପରିଷଦ ସଭ୍ୟ ବିଜେଡିରେ ଯୋଗ ଦେଇଛନ୍ତି । ସେମାନେ ହେଲେ ସଂଯୁକ୍ତା ମାଝି, ଅଞ୍ଜଳି ଭୋଇ, ସୁଜାତା ବାରିକ, ବିଳାସିନୀ ମେହେର, ବିଶ୍ୱକାନ୍ତି ଭୋଇ, ସୁଷମା ଭୁଏ, ପଞ୍ଚାନନ ମିର୍ଦ୍ଧା, ପାର୍ବତୀ ଭୋଇ ଓ ଉମେଶ ଚନ୍ଦ୍ର ବେହେରା ।

ଶୁକ୍ରବାର ପଦ୍ମପୁର ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ନିରାଡମ୍ବର ସଭାରେ ବିଜେଡି ବରଗଡ ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ନାରାୟଣ ସାହୁ ଓ ଯୁବନେତା ସୁବ୍ରତ ସିଂଙ୍କ ଉପସ୍ଥିତିରେ ଜିଲା ପରିଷଦ ସଦସ୍ୟା ସଦସ୍ୟମାନେ ଦଳରେ ଯୋଗ ଦେଇଥିଲେ । ଜିଲା ସଭାପତି ବରିହା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ନିଃସ୍ୱାର୍ଥପର ଭାବେ ଦଳ ଓ ଜନସାଧାରଣଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । ଭାଜପାରୁ ଇସ୍ତଫା ଦେଇଥିବା ସଂଯୁକ୍ତା ମାଝି ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ବରଗଡ ଜିଲାରେ ଭାଜପା ତା'ର ସମସ୍ତ ନୀତିକୁ ଜଳାଞ୍ଜଳି ଦେଇ ସାରିଛି । ଫଳରେ ଦଳରେ କାର୍ଯ୍ୟ କରିବା ସମ୍ଭବପର ନୁହେଁ । ସ୍ଥାନୀୟ ଭାଜପା ନେତାମାନେ ସମସ୍ତଙ୍କୁ ହତାଦର କରିବା ସହ ଅଞ୍ଚଳର ବିକାଶକୁ ପଥଚ୍ୟୁତ କରୁଛନ୍ତି । ଏଣୁ ବାଧ୍ୟ ହୋଇ ଆମେମାନେ ଭାଜପାରୁ ଇସ୍ତଫା ଦେବା ସହିତ ବରଗଡ ଜିଲାର ସାମୂହିକ ବିକାଶ ପାଇଁ ବିଜେଡିରେ କୌଣସି ସର୍ତ୍ତ ନ ରଖି ଯୋଗଦାନ କରିଛୁ । ଶେଷରେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମିଶ୍ରଣପର୍ବ ପରେ ନୂତନ ଭାବେ ଯୋଗ ଦେଇଥିବା ଜିଲା ପରିଷଦ ସଭ୍ୟମାନେ ଭୁବନେଶ୍ୱର ନବୀନ ନିବାସ ଯିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷେ ଇସ୍ତଫା ଦେଇଥିବା ଭାଜପା ଜିଲା ଉପସଭାପତି ପ୍ରଶାନ୍ତ ମାଝି ଏହି ମିଶ୍ରଣ ପର୍ବରେ ଯୋଗଦେଇ ନ ଥିଲେ । ପ୍ରଫୁଲ୍ଲ ପଧାନ, କାର୍ତ୍ତିକ ନାଗ, ଲିଙ୍ଗ ଗୁରୁ, ଧୀରେନ୍ଦ୍ର ବେହେରା, ପରମାନନ୍ଦ ସା, ପ୍ରୀତମ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ୯ ଜିଲା ପରିଷଦ ସଭ୍ୟ ଦଳ ଛାଡିବା ପରେ ବରଗଡ଼ ଜିଲା ପରିଷଦ ଗଠନ କରିଥିବା ଭାଜପାର ଭବିଷ୍ୟତ ପ୍ରତି ଆଶଙ୍କା ସୃଷ୍ଟି ହେଇଛି।




ଭାଜପାରୁ ଇସ୍ତଫା ଦେଇଥିବା ୯ଜଣ ଜିଲା ପରିଷଦ ସଭ୍ୟ ବିଜେଡିରେ ଯୋଗ ଦେଉଛନ୍ତି ।

# ଭାଜପାରେ ଯୋଗଦେଲେ ବହୁ ବିଜେଡି କର୍ମୀ

**ଭୁବନେଶ୍ୱର,୨୯।୩ (ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶୁକ୍ରବାର ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତ। ଖଲ୍ଲିକୋଟ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଭାରତୀ ବେହେରାଙ୍କ ନେତୃତ୍ୱରେ ବିକ୍ରମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଧନୁରାମ ପ୍ରଧାନ, ବର୍ତ୍ତମାନ ସରପଞ୍ଚ ମମତା ପ୍ରଧାନ, ବିଜେଡି ଯୁବ ନେତା ଶୁଭଜିତ୍ ମହାନ୍ତି, ବିଜୁ ଯୁବ ବାହିନୀର ସଦସ୍ୟ ଲକ୍ଷ୍ମଣ ମହାନ୍ତି ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ୍ ହେବ ବୋଲି ସମୀର କହିଛନ୍ତି। ବିଜେଡି ପ୍ରତି ଅତିଷ୍ଠ ହୋଇ ଏବଂ ମୋଦିଙ୍କ ସ୍ୱଚ୍ଛ ଶାସନ ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ସମସ୍ତେ ଭାଜପାରେ ସାମିଲ ହୋଇଛନ୍ତି ବୋଲି କହିଛନ୍ତି।



ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ବିଜେଡି କର୍ମୀମାନେ ଭାଜପାରେ ସାମିଲ ହୋଇଛନ୍ତି।

# ବିଜେଡି ଛାଡ଼ି କଂଗ୍ରେସ ପ୍ରାର୍ଥୀ ହେଲେ ପ୍ରଶାନ୍ତ

**ରାଉରକେଲା ଅଫିସ,୨୯।୩**

ବିଜେଡି ଛାଡି କଂଗ୍ରେସରେ ଯୋଗଦେଇଥିବା ପ୍ରଶାନ୍ତ ସେଠୀଙ୍କୁ ଦଳ ରଘୁନାଥପାଲି ନିର୍ବାଚନୀମଣ୍ଡଳୀର ପ୍ରାର୍ଥୀ କରିଛି। ପ୍ରଶାନ୍ତ ବର୍ତ୍ତମାନ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇ ଏବଂ ଭାଜପା ପ୍ରାର୍ଥୀ ଜଗବନ୍ଧୁ ବେହେରାଙ୍କ ସହ ମୁକାବିଲା କରିବେ। ଏହାକୁ ନେଇ ନିର୍ବାଚନୀ ରଣାଙ୍ଗନରେ ଉଷ୍ମତା ଦେଖାଦେଇଛି। ଅନ୍ୟପକ୍ଷେ ବିଜେଡି ଅସନ୍ତୁଷ୍ଟଙ୍କ ମଧ୍ୟରୁ କେତେଜଣ ପ୍ରଶାନ୍ତଙ୍କ ପାଇଁ ପ୍ରଚାର ଆରମ୍ଭ କରିଥିବା ବେଳେ ଏହାକୁ ଦେଖି ଭାଜପା ଓ ବିଜେଡି ନିଜ ରଣନୀତି ବଦଳାଇବାକୁ ଚେଷ୍ଟା କରୁଥିବା ଜଣାପଡିଛି। ନିର୍ବାଚନମଣ୍ଡଳୀର ନୂଆ ଭୋଟର ପ୍ରଶାନ୍ତଙ୍କ ଉପରେ ଏବେ ମତ ଦେବା ଆରମ୍ଭ କରିଛନ୍ତି। ଏପରି ଅବସ୍ଥାରେ ବିଜେଡି ପ୍ରାର୍ଥୀ ତରାଇ ଏବଂ ଭାଜପା ନେତା ଜଗବନ୍ଧୁ କିଭଳି ପ୍ରଶାନ୍ତଙ୍କୁ ମୁକାବିଲା କରୁଛନ୍ତି ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ଏହି ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ସ୍ପଷ୍ଟ ହୋଇଛି।

## ଭାଜପାର ଜୟପୁର ସମାବେଶ ପରେ ଧର୍ମେନ୍ଦ୍ରଙ୍କ ଦୃଢୋକ୍ତି

# ମୋଦିଙ୍କ ପ୍ରତି ଥିବା ଭରସା ଭୋଟ୍‌ରେ ପରିବର୍ତ୍ତନ ହେବ

**ଭୁବନେଶ୍ୱର,୨୯।୩ (ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୟପୁରକୁ ନିର୍ବାଚନୀ ପ୍ରଚାରରେ ଆସି ରାଜ୍ୟ ସରକାରଙ୍କ ବିଫଳତା ବଖାଣିଲେ। ରାଜ୍ୟ ସରକାର କିଭଳି ଭାବେ ଲୋକଙ୍କ ପାଖରେ ବିକାଶ ପହଞ୍ଚାଇ ପାରୁନାହାନ୍ତି, ସେସବୁ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କଲେ। ଏସବୁ କଥା ଲୋକଙ୍କ ମନକୁ ଛୁଇଁଛି ବୋଲି ଜୟପୁର ସଭା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉପରେ ଓଡ଼ିଆ ଲୋକଙ୍କ ଭରସା ରହିଛି। ସେହି ଭରସା ଏଥର ଭୋଟରେ ପରିବର୍ତ୍ତନ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

କୋରାପୁଟ ଜିଲା ଜୟପୁରଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ମୋଦିଙ୍କ ନେତୃତ୍ୱରେ ଦେଶରେ ଆଉ ଥରେ ସରକାର ହେବ। ଏଥିରେ କୌଣସି ସନ୍ଦେହ ନାହିଁ। ତାଙ୍କ ନେତୃତ୍ୱରେ ଓଡ଼ିଶାରେ ମଧ୍ୟ ଭାଜପା ଉଲ୍ଲେଖନୀୟ ସଫଳତା ପାଇବ। ଓଡ଼ିଶାବାସୀ ଅତୀତରେ କଂଗ୍ରେସ ଏବଂ ବିଜେଡିକୁ ଶାସନ କରିବା ପାଇଁ ସୁଯୋଗ ଦେଇଛନ୍ତି। ମାତ୍ର ଚଳିତ ନିର୍ବାଚନରେ ଓଡ଼ିଶା ଏବଂ ଦିଲ୍ଲୀରେ ସେବା କରିବାର ସୁଯୋଗ ଭାଜପାକୁ ଦେବେ। ଦିଲ୍ଲୀ ଓ ଭୁବନେଶ୍ୱରରେ ଭାଜପାର ଡବଲ ଇଞ୍ଜିନ ଲଗାଯିବା ଆବଶ୍ୟକ। ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସରେ ପବିତ୍ର କୋରାପୁଟ ମାଟିରୁ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ପ୍ରଥମ ନିର୍ବାଚନୀ ପ୍ରଚାର ଆରମ୍ଭ କଲେ। ଗତ ୫ବର୍ଷରେ ଭାରତବର୍ଷ ଯେଉଁ ଅଭୁତପୂର୍ବ ସମର୍ଥନ ପ୍ରଧାନମନ୍ତ୍ରୀଙ୍କୁ ଦେଲା ସେଥିପାଇଁ ସେ ଧନ୍ୟବାଦ ଦେବା ସହ ଆଗାମୀ ୫ବର୍ଷ ଓଡ଼ିଶା ପାଇଁ ଭାଜପାର ସରକାର ଗଠନ ଲାଗି ଆଶୀର୍ବାଦ ମାଗିଲେ। ଶୁକ୍ରବାର ଆୟୋଜିତ ସଭାରେ ଲକ୍ଷାଧିକ ଲୋକଙ୍କ ଏକତ୍ରୀକରଣ ଆଗାମୀ ଦିନରେ କୋରାପୁଟ, ନବରଙ୍ଗପୁର ଅଞ୍ଚଳ ତଥା ଓଡ଼ିଶାର ପରିବର୍ତ୍ତିତ ରାଜନୈତିକ ଚିତ୍ରର ବଡ଼ ପ୍ରମାଣ ମିଳିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସରକାରୀ ଅଫିସର ବିଜେଡି ପାଇଁ କାମ କରୁଛନ୍ତି: ଭାଜପା

**ଭୁବନେଶ୍ୱର, ୨୯।୩(ବ୍ୟୁରୋ)**

ସରକାରୀ ଅଫିସରମାନେ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର, ଜିଲା ନିର୍ବାଚନ ଅଧିକାରୀ ଏବଂ ରିଟର୍ନିଂ ଅଫିସର ଭାବେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି। ଛେଣ୍ଡିପଦା ବିଜେଡି ବିଧାୟକ ସୁଶାନ୍ତ ବେହେରାଙ୍କ ଏକ ଭିଡିଓ କ୍ଲିପ ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ଭାଇରାଲ ହୋଇଛି। ସେ କହିଛନ୍ତି ଯେ ବିଡିଓ, ଜିଲାପାଳ ଏବଂ ରାଜ୍ୟ ଗୋଇନ୍ଦା ବିଭାଗର ଅଧିକାରୀମାନେ ସିଧାସଳଖ ଭାବେ ବିଜେଡି ଟିକେଟ ବଣ୍ଟନରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ସତ୍ତ୍ୱେ ସରକାରୀ ଅଫିସରମାନେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ଖୋଦ୍ ବିଜେଡି ବିଧାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ ବିଧାନସଭା ଏବଂ ଲୋକ ସଭା ପାଇଁ ବିଜେଡି ଟିକେଟ ବାଣ୍ଟୁଛନ୍ତି। ସରକାରୀ ଅଫିସର ଏବଂ ସଚିବଙ୍କ ଏପରି ବେଆଇନ କାର୍ଯ୍ୟ ବିରୋଧରେ ତଥ୍ୟ ପ୍ରମାଣ ସହ ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ରାଜ୍ୟ ସରକାରଙ୍କ ଅଫିସରମାନେ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ସାମିଲ ଅଛନ୍ତି। ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ଟିକେଟ ମିଳୁଛି। ନିର୍ବାଚନ ପ୍ରକ୍ରିୟାରେ ସରକାରୀ ବାବୁମାନେ ସିଧାସଳଖ ଜଡିତ ରହୁଛନ୍ତି। ବିଜେଡି ସମ୍ପୂର୍ଣ୍ଣ ଭାବେ ସରକାରୀ କଳକୁ ରାଜନୀତିକରଣ କରୁଛି ବୋଲି ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ରାଜ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ଦୋଷୀଙ୍କ ବିରୋଧରେ ଏତଲା ଦିଆଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର, ଆଇନଜୀବୀ ଜୟନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।



ବିଜୟ ସଂକଳ୍ପ ସମାବେଶରେ ମୋଦିଙ୍କ ସହ ରାଜ୍ୟ ନେତୃବୃନ୍ଦ ଓ ଅବିଭକ୍ତ କୋରାପୁଟ ଜିଲାର ଭାଜପା ପ୍ରାର୍ଥୀମାନେ।

# କମଳକୁ କମଳାଙ୍କ ଆଶୀର୍ବାଦ ଲୋଡ଼ିଲେ ମୋଦି

ଜୟପୁର/କୋରାପୁଟ,୨୯।୩ (ଡି.ଏନ୍.ଏ./ନି.ପ୍ର./ସ୍ୱ.ପ୍ର.)

ଜୟପୁର ସମାବେଶରେ ପ୍ରଥମେ ମଞ୍ଚ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାରମ୍ପରିକ ତଲାରି (ଛତ୍ରୀ) ଓ ଫୁଲମାଳ ପିନ୍ଧାଇ ମଞ୍ଚ ଉପରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ପଦ୍ମଶ୍ରୀ କମଳା ପୂଜାରୀ। ମା' କମଳାଙ୍କ ଆଶୀର୍ବାଦ କମଳକୁ ମିଳିଲେ ଓଡ଼ିଶାରେ ମଧ ଶକ୍ତି ବଢ଼ିବ ବୋଲି ମୋଦି କହିଥିଲେ। ଅନୁନ୍ନତ କୋରାପୁଟ ଜିଲାର ଜଣେ ଆଦିବାସୀ ମହିଳା ପାରମ୍ପରିକ ଦେଶୀ ପଦ୍ଧତିରେ ଧାନ ସଂରକ୍ଷଣ ପାଇଁ ଯେଉଁ ନିଷ୍ଠା ଦେଖାଇଛନ୍ତି, ସେଥିପାଇଁ ଭାରତ ସରକାରଙ୍କ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଛନ୍ତି।


ପଦ୍ମଚିହ୍ନ ଥିବା ସ୍ୱତନ୍ତ୍ର ଶାଢ଼ି ପରିହିତ ମହିଳାମାନେ ସମାବେଶରେ ମୋଦି ନାରା ଦେଉଛନ୍ତି।

## ବରପୁତ୍ରଙ୍କୁ ସ୍ମରଣ, ଓଡ଼ିଆରେ ଭାଷଣ, ଚଇତି ପର୍ବର ଶୁଭେଚ୍ଛା

ଶୁକ୍ରବାର ଥିଲା ଅବିଭକ୍ତ କୋରାପୁର ଜିଲାର ବରପୁତ୍ର ତଥା ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ। ଜୟପୁର ସଭାରେ ମୋଦି ଲକ୍ଷ୍ମଣ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମହାରାଜା ବିକ୍ରମଦେବ ବର୍ମା, ରାଧାନାଥ ବିଶ୍ୱାସରାୟଙ୍କ ଭଳି ବରପୁତ୍ରମାନଙ୍କୁ ସ୍ମରଣ କରିଥିଲେ। ଜୟ ଜଗନ୍ନାଥ, ବାବା ଗୁପ୍ତେଶ୍ୱର, ମା' ଅଗ୍ନି ଗଙ୍ଗାମ୍ମାଙ୍କ ନାମ ଉଚ୍ଚାରଣ କରି ଓଡ଼ିଆ ଭାଷଣ ଆରମ୍ଭ କରିବା ସହ 'ଆପଣମାନେ କେମିତି ଅଛନ୍ତି' ବୋଲି ଉପସ୍ଥିତ ଜନତାଙ୍କୁ ପଚାରିଥିଲେ ମୋଦି। ଅବିଭକ୍ତ କୋରାପୁଟରେ ଚଇତ ପରବ ଚାଲିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କୁ ଏଥିପାଇଁ ସେ ଶୁଭେଚ୍ଛା ଜଣାଇଥିଲେ।

## ଆୟୁଷ୍ମାନ ବନାମ କାଳିଆ

ଦେଶର ୫୦ କୋଟି ଗରିବ ଶ୍ରେଣୀର ଲୋକଙ୍କୁ ମାଗଣା ତଥା ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କେନ୍ଦ୍ର ସରକାର କରିଥିବା ଆୟୁଷ୍ମାନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ଦେଶର ୧୭ ଲକ୍ଷ ଲୋକ ଲାଭବାନ ହୋଇଛନ୍ତି। କିନ୍ତୁ ଓଡ଼ିଶାର ଜଣେ ହେଲେ ଏହାର ସୁବିଧା ନେଇପାରି ନଥିବା କହି ମୋଦି କ୍ଷୋଭ ବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ଓଡ଼ିଶାରେ ଲାଗୁ କରିବା ଦିଗରେ ରାଜ୍ୟ ସରକାର ବାଧା ସୃଷ୍ଟି କରୁଛନ୍ତି, କିନ୍ତୁ କାଳିଆ ଯୋଜନାରେ ଗରିବ ଚାଷୀଙ୍କ ବଦଳରେ ଧନୀଲୋକଙ୍କୁ ସହାୟତା ଦେଉଛନ୍ତି ବୋଲି ମୋଦି ଅଭିଯୋଗ କରିଥିଲେ।

## ଜୟପୁର ମାଟିରୁ ଖେଳିବ ଫୁଲ ହାୱା: ବିଜୟ ମହାପାତ୍ର

ଦୁଇଦିନ ତଳେ ପୁଣିଥରେ ଭାଜପା ଶିବିରକୁ ଫେରିଥିବା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ଜୟପୁର ସମାବେଶରେ ମଞ୍ଚରେ ଦେଖିବାକୁ ମିଳିଥିଲା। ସେ ନିଜ ବକ୍ତବ୍ୟରେ ମୋଦିଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜୟପୁର ମାଟିରୁ ପୁଣିଥରେ ଫୁଲଚିହ୍ନର ହାୱା ସାରା ଭାରତବର୍ଷକୁ ବ୍ୟାପିବ। ଓଡ଼ିଶାରେ ଶାସନ ଗାଦିରେ ଥିବା ବ୍ୟକ୍ତିଙ୍କ ମନରେ ଚିନ୍ତା ପଶିଗଲାଣି। ସେମାନଙ୍କର ସମୟ ଶେଷ ହୋଇଯାଇଛି। ଓଡ଼ିଶାରେ ନୂଆ ଖେଳ ଆରମ୍ଭ ହୋଇଛି। ଫୁଲର ଖେଳ। ଭାରତବର୍ଷରେ ମୋଦିଙ୍କୁ ଦ୍ୱିତୀୟ ବାର ପ୍ରଧାନମନ୍ତ୍ରୀ କରିବା ଆମ ସଙ୍କଳ୍ପ ବୋଲି ସେ କହିଥିଲେ। ସେହିପରି ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା କହିଥିଲେ, ଖଣି, ଚିଟ୍‌ଫଣ୍ଡ ଦୁର୍ନୀତିରେ ବୁଡ଼ିଛନ୍ତି ରାଜ୍ୟ ସରକାର। ପରିବର୍ତ୍ତନର ସମୟ ଆସିଗଲାଣି। କେନ୍ଦ୍ର ଓ ରାଜ୍ୟରେ ଭାଜପାର ସରକାର ଆସିଲେ ପ୍ରକୃତ ବିକାଶ ହୋଇପାରିବ।

ସମାବେଶରେ ଯୋଗ ଦେଇଥିବା ଜନସାଧାରଣ।


## ନବୀନ ନିବାସରେ ଭିଡ଼


ନବୀନ ନିବାସରେ ଶୁକ୍ରବାର ଟିକେଟ ପାଇଥିବା ନେତାଙ୍କ ଭିଡ଼।


ଶୁକ୍ରବାର ବିଜେଡିରେ ଯୋଗ ଦେଇଥିବା ଅନ୍ୟ ଦଳର ନେତ୍ରୀ, ନେତା ।

# ୧୫ ବର୍ଷ ପରେ ପ୍ରତ୍ୟକ୍ଷ ରାଜନୀତିରେ କେପି

ଢେଙ୍କାନାଳ ଅଫିସ, ୨୯।୩

- ଭାଜପା, କଂଗ୍ରେସ ଚିତ୍ର ସ୍ପଷ୍ଟ
- ଝୁଲାଇ ରଖିଛି ବିଜେଡି

ପୁଣିଥରେ ଢେଙ୍କାନାଳ ରାଜପରିବାର ଉପରେ ଭରସା କରିଛି କଂଗ୍ରେସ। ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷାପ୍ରସାଦ ସିଂଦେଓ (କେପି)ଙ୍କୁ ମିଳିଛି ଲୋକସଭା ଟିକେଟ। ନୂଆ ସମୀକରଣ ଆଶାରେ ଦୀର୍ଘ ୧୫ବର୍ଷ ପରେ କେପି ପ୍ରତ୍ୟକ୍ଷ ରାଜନୀତିକୁ ଫେରିଥିବାବେଳେ ଢେଙ୍କାନାଳ ଲୋକ ସଭା ଲଢ଼େଇ ତୀବ୍ର ହେବ ବୋଲି ଚର୍ଚ୍ଚା ହେଉଛି।

୨୦୦୪ ଲୋକ ସଭା ନିର୍ବାଚନରେ କଂଗ୍ରେସରୁ ଏମ୍‌ପି ପ୍ରାର୍ଥୀ ହୋଇଥିଲେ କାମାକ୍ଷାପ୍ରସାଦ। ହେଲେ ତାଙ୍କୁ ସଫଳତା ମିଳି ନ ଥିଲା। ଏହାପରେ ସେ ଦଳ ସହ ସଂଶ୍ଲିଷ୍ଟ ଥିଲେ ମଧ ନିଜକୁ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ରଖିଥିଲେ। ୧୯୬୭ରେ କେପି ସ୍ୱତନ୍ତ୍ର ପାର୍ଟିରୁ ଏମ୍‌ପି ଭାବେ ବିଜୟୀ ହୋଇଥିଲେ। ଏହାପରେ ୧୯୮୦, ୧୯୮୪, ୧୯୯୧, ୧୯୯୬, ୧୯୯୯ରେ ସେ କଂଗ୍ରେସ ପ୍ରାର୍ଥୀ ଭାବେ ବାଜିମାତ୍ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ପି.ଭି. ନରସିଂହ ରାଓଙ୍କ ମନ୍ତ୍ରିମଣ୍ଡଳରେ ପ୍ରତିରକ୍ଷା, ସୂଚନା ପ୍ରସାରଣ, ଖାଦ୍ୟ ପ୍ରକ୍ରିୟାକରଣ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱରେ ରହି କେପି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ୨୦୧୯ ନିର୍ବାଚନରେ ତାଙ୍କୁ ପୁଣି ଥରେ ସୁଯୋଗ ମିଳିଥିବାରୁ ଏହା ତାଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ହୋଇଛି।

ଅପରପକ୍ଷେ ଢେଙ୍କାନାଳ ଲୋକ ସଭା ଆସନକୁ ଝୁଲାଇ ରଖିଛି ବିଜେଡି। ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରୁନାହିଁ। କଂଗ୍ରେସ କେପିଙ୍କୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇ ଗୋଟିଚାଳନା କରିଥିବାବେଳେ ବିଜେଡି ଆଶାୟୀ ଦୌଡ଼ରେ ଥିବା ତାଙ୍କ ପୁତ୍ରବଧୂ ତଥା ଜ୍ୟେଷ୍ଠ ପୁତ୍ର ଅମରଜ୍ୟୋତି ସିଂଦେଓଙ୍କ ସ୍ତ୍ରୀ ମିନାଲ କୁମାରୀଙ୍କ ପ୍ରାର୍ଥିତ୍ୱକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଧାୟକ ସରୋଜ କୁମାର ସାମଲଙ୍କ ସ୍ତ୍ରୀଙ୍କୁ ବିଜେଡି ଲୋକ ସଭା ଆସନରୁ ପ୍ରାର୍ଥୀ କରିପାରେ ବୋଲି ସହରରେ ଚର୍ଚ୍ଚା ହେଉଛି। ବିଜେଡି ମହିଳା କାର୍ଡ ଖେଳି ସମସ୍ତଙ୍କୁ ଅକଳରେ ପକାଇପାରେ ବୋଲି ଯେଉଁ ଆଲୋଚନା ହେଉଛି, ଏହି ପ୍ରସଙ୍ଗ ତାକୁ ଅଧିକ ରୋଚକ କରିଛି।

ସେହିପରି ଭାଜପା ପକ୍ଷରୁ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି ଏମ୍‌ପି ପ୍ରାର୍ଥୀ ହୋଇଛନ୍ତି। କେପି ଏବଂ ରୁଦ୍ରନାରାୟଣ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ବିଜେଡି ନୂଆ ମୁହଁ ଦେଇପାରେ ବୋଲି ଆଲୋଚନା ଜୋର୍ ଧରିଛି। ଏହାକୁ ନେଇ ନିର୍ବାଚନ ବାତାବରଣ ବେଶ୍ ସରଗରମ ହୋଇଛି। ଏ ନେଇ କେପିଙ୍କ ମତାମତ ମିଳିପାରିନାହିଁ।

# ମୀରା ପରିଡ଼ା ମହିଳା ବିଜେଡି ଉପସଭାପତି



ଭୁବନେଶ୍ୱର,୨୯।୩ (ବ୍ୟୁରୋ)

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ମୀରା ପରିଡାଙ୍କୁ ରାଜ୍ୟ ମହିଳା ବିଜେଡିର ଉପସଭାପତି ଭାବେ ଦାୟିତ୍ୱ ମିଳିଛି। କିଛିଦିନ ତଳେ ମୀରା ନବୀନ ନିବାସ ଆସି ବିଜେଡିରେ ଯୋଗ ଦେଇଥିଲେ। ସେହିପରି ଗଜପତି ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ସଂଯୁକ୍ତା ବେହେରାଙ୍କୁ ନିଯୁକ୍ତି ମିଳିଛି। ବିଜେଡି ରାଜ୍ୟ ମହିଳା ସଭାନେତ୍ରୀ ମୀନତି ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

## ସୁନ୍ଦରଗଡ଼ ଜିଲା ସହ-ପର୍ଯ୍ୟବେକ୍ଷକ ହେଲେ ରଶ୍ମିବାଳା ମିଶ୍ର

ଭୁବନେଶ୍ୱର,୨୯।୩ (ବ୍ୟୁରୋ): ବିଜେଡି ସଭାପତି ନବୀନ ପଟ୍ଟନାୟକ ସୁନ୍ଦରଗଡ ଜିଲା ପାଇଁ ସହ-ପର୍ଯ୍ୟବେକ୍ଷକ ଭାବେ ରାଉରକେଲା ପୌରପାଳିକାର ପୂର୍ବତନ ଅଧକ୍ଷା ରଶ୍ମିବାଳା ମିଶ୍ରଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ଦଳର ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

# ନାମାଙ୍କନ ପତ୍ର ଦାଖଲକଲେ ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ

ସମ୍ବଲପୁର, ୨୯।୩ (ବ୍ୟୁରୋ)

ସମ୍ବଲପୁର ବିଧାନସଭା କ୍ଷେତ୍ର ସକାଶେ ବିଜୁ ଜନତା ଦଳ ପ୍ରାର୍ଥିନୀ ରାସେଶ୍ୱରୀ ପାଣିଗ୍ରାହୀ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅପରାହ୍ନରେ ସେ ସମ୍ବଲପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପ୍ରଦୀପ କୁମାରଙ୍କ ପାଖରେ ୨ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରସ୍ତାବକ ଭାବେ ପୂର୍ବତନ ରାଜ୍ୟ ସଭା ଏମ୍‌ପି ପ୍ରମିଳା ବହିଦାର ଓ ଡା. କବିରଦାସ ପୁରୋହିତ ରହିଛନ୍ତି। ଏହି ସମୟରେ ସମ୍ବଲପୁର ବିଜେଡି ଲୋକସଭା ପ୍ରାର୍ଥୀ ନଳିନୀ ପ୍ରଧାନ, ରାସେଶ୍ୱରୀଙ୍କ ରାଜନୈତିକ ଏଜେଣ୍ଟ ସୁବାସ ପାଣିଗ୍ରାହୀ ଉପସ୍ଥିତ ଥିଲେ। ରାସେଶ୍ୱରୀ ଖବରଦାତାଙ୍କୁ କହିଥିଲେ ଯେ, ସେ ରାଜନୀତିକୁ ଦୃଢ଼ ସଂକଳ୍ପ ଓ ପ୍ରତିବଦ୍ଧତା ନେଇ ଆସିଛନ୍ତି। ବିଗତ ୫ବର୍ଷ ଧରି ସେ ଜନସେବାରେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ଆଗାମୀ ଦିନରେ ସମ୍ବଲପୁର ବିଧାନସଭା କ୍ଷେତ୍ର ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ସେହି ଲକ୍ଷ୍ୟ ରଖିଛନ୍ତି। ସକାଳେ ସେ ବୁର୍ଲା ସ୍ଥିତ ଜଗନ୍ନାଥ ମନ୍ଦିର, କ୍ରିଷ୍ଟାନଗରସ୍ଥିତ ହନୁମାନ ମନ୍ଦିରରେ ଦର୍ଶନ କରିଥିଲେ। ପୂର୍ବାହ୍ନରେ ସମ୍ବଲପୁର ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ମଧାହ୍ନ ୧୨ଟାରେ ବାଲିବନ୍ଧା ଛକଠାରୁ ଶୋଭାଯାତ୍ରା ବାହାରି କୁଞ୍ଜେଲପଡା ଛକ, ଝାଡୁଆପଡା, ନନ୍ଦପଡା, ମାରୱାଡି ପଡା, ହାଟପଡା, ଦଲେଇପଡା, ମ୍ୟୁନିସିପାଲିଟି ଛକ, କଚେରି ରୋଡ, କଚେରୀ ଛକ ପରିକ୍ରମା କରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ବିଭିନ୍ନ ଛକ ଗୁଡିକରେ ମହିଳା ଓ ପୁରୁଷମାନେ ବିଧାୟିକାଙ୍କୁ ସ୍ୱାଗତ କରିଥିଲେ। ନବୀନ ପଟ୍ଟନାୟକ ଜିନ୍ଦାବାଦ୍, ବିଜେଡି ଜିନ୍ଦାବାଦ ଧ୍ୱନିରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ନେତା ପ୍ରଶାନ୍ତ ହାଓ, ଅତାବିରାର ଗୁଣନିଧି କର୍ମୀ, ଆନନ୍ଦ ଜେନା, ଗୁରଜିନ୍ଦର କୌର, ରାଜେଶ୍ୱରୀ ଜେନା, ମହମ୍ମଦ ସନାୱଲା, ମହମ୍ମଦ ଶୁଭମ, ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ଗୋକୁଳ ମେହେର, ମନୋଜ ମହାପାତ୍ର, ଟାଉନ ସଭାପତି ପ୍ରଫୁଲ୍ଲ ଦାସ, ଦେବାଶିଷ ନନ୍ଦ, ଡା. ସୁମିତ୍ରା ଅଗ୍ରୱାଲ, ରେଣୁବାଳା ମରେଇ, ଆରଏ ଶିବକୁମାର, ସୁଭାଷ ଜେନା, ବସନ୍ତ ମିଶ୍ର, ଆନନ୍ଦ ବଡଗାୟାଁ, ଫାଦର୍ ଫିଲିପ୍, ସୁରଜିଦ ସିଂ, କାହ୍ନୁଚରଣ ମିଶ୍ର, ହୀରାକୁଦ ଟାଉନ ସଭାପତି ଶାନ୍ତନୁ କୁମାର ବଡପଣ୍ଡା ପ୍ରମୁଖ ନେତା ଓ କର୍ମୀ ସାମିଲ ଥିଲେ।


ଶୁକ୍ରବାର ସମ୍ବଲପୁର ଉପଜିଲାପାଳଙ୍କ ଅଫିସରେ ବିଜେଡି ପ୍ରାର୍ଥିନୀ ରାସେଶ୍ୱରୀ ପାଣିଗ୍ରାହୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ପୁରୀରୁ ପ୍ରାର୍ଥିପତ୍ର ଦାଖଲ କଲେ ସମ୍ବିତ୍

## ପିପିଲିରୁ ଆଶ୍ରିତ, ସତ୍ୟବାଦୀରୁ ଓମ୍‌ପ୍ରକାଶ ବି ଦାଖଲ କଲେ

ପୁରୀ ଅଫିସ, ୨୯।୩

ଗୁରୁତ୍ୱପୂର୍ଣ୍ଣ ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଗୁରୁବାରଠାରୁ ଆରମ୍ଭ ହୋଇଛି ନାମାଙ୍କନ ଦାଖଲ। ପ୍ରଥମ ଦିନରେ ସିପିଆଇ (ଏମ୍‌ଏଲ୍) ଲିବରେଶନର ଦୁଇଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଶୁକ୍ରବାର ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ରଙ୍କ ସମେତ ମୋଟ ୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅନ୍ୟ ୩ ପ୍ରାର୍ଥୀ ହେଲେ ପିପିଲି ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ଓ ପିପିଲି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ସମ୍ବିତ ପଟ୍ଟନାୟକ। ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ରିଟର୍ନିଂ ଅଫିସର ତଥା ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ନିକଟରେ, ଆଶ୍ରିତ, ଓମ୍‌ପ୍ରକାଶ ଏବଂ ସ୍ୱାଧୀନ ପ୍ରାର୍ଥୀ ସମ୍ବିତ୍ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।


ଭାଜପା ଲୋକସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ଅନ୍ୟ ନେତାଙ୍କ ସହ ନାମାଙ୍କନ ପତ୍ର ଦାଖଲ ପାଇଁ ଯାଉଛନ୍ତି।

ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପ୍ରଥମେ ସମର୍ଥକଙ୍କ ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଦକ୍ଷିଣକାଳୀ ମନ୍ଦିରକୁ ଯାଇ ସେଠାରେ ଦର୍ଶନ ସାରି ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲିରେ ପହଞ୍ଚିଥିଲେ। ପିପିଲିର ଭାଜପା ପ୍ରାର୍ଥୀ ଆଶ୍ରିତ ଏବଂ ସତ୍ୟବାଦୀର ଓମ୍‌ପ୍ରକାଶ ପହଞ୍ଚିବା ପରେ ସେମାନଙ୍କର ମିଳିତ ଶୋଭାଯାତ୍ରା ବାହାରିଥିଲା। ଏକ ସୁସଜ୍ଜିତ ଖୋଲା ଗାଡିରେ ସମ୍ବିତ୍‌ଙ୍କ ସହ ଓମ୍‌ପ୍ରକାଶ, ବ୍ରହ୍ମଗିରି ଭାଜପା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରଣପୁରର ଭାଜପା ପ୍ରାର୍ଥିନୀ ସୁରମା ପାଢୀଙ୍କ ସମେତ ଦଳୀୟ ନେତା ଓ କର୍ମୀ ରହିଥିଲେ। ସେହିପରି ଅନ୍ୟ ଏକ ଜିପ୍‌ରେ ଆଶ୍ରିତ ପଟ୍ଟନାୟକ ଏବଂ ତାଙ୍କ ସମର୍ଥକ ଥିଲେ। ଗୁଣ୍ଡିଚା ମନ୍ଦିରଠାରୁ ବାହାରିଥିବା ଶୋଭାଯାତ୍ରାରେ ନାଗା ଓ ମେଢ ନୃତ୍ୟ ସାଙ୍ଗକୁ ଘଣ୍ଟ ବାଦ୍ୟର ତାଳେ ତାଳେ ଶହ ଶହ ସଂଖ୍ୟାରେ ସମର୍ଥକ ସାମିଲ ହୋଇଥିଲେ। ଅପରାହ୍ନ ପ୍ରାୟ ୨ଟା ୨୫ ସୁଦ୍ଧା ପ୍ରାର୍ଥୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପ୍ରାର୍ଥୀପତ୍ର ଦାଖଲ ପରେ ସମ୍ବିତ ପାତ୍ର କହିଥିଲେ ଯେ, ଓଡ଼ିଶା ତଥା ପୁରୀ ଜନସାଧାରଣଙ୍କ ଆଶୀର୍ବାଦରୁ ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଜିର ଶୋଭାଯାତ୍ରା ହିଁ ଲୋକଙ୍କ ଭିତରେ ଥିବା ଉତ୍ସାହ ପ୍ରମାଣିତ କରିଛି। ଏହି ପବିତ୍ର ସହର ଯେଉଁଭଳି ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି ତାହା ବନ୍ଦ ହେଉ। ପରିବର୍ତ୍ତନ ଆସିଲେ ହିଁ ଏହି ଆଶା ପୂରଣ ହୋଇପାରିବ ବୋଲି ସେ କହିଥିଲେ। ପିପିଲି ଭାଜପା ପ୍ରାର୍ଥୀ ଆଶ୍ରିତ କହିଥିଲେ, ଏକ ସୁସ୍ଥ ଡେଲାଙ୍ଗ-ପିପିଲି ଗଠନ ଲାଗି ଆଜି ଯୁବଗୋଷ୍ଠୀଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇଛନ୍ତି। ୨୦୧୯ ନିର୍ବାଚନ ପିପିଲି ନିର୍ବାଚନମଣ୍ଡଳୀରେ ନିଶ୍ଚିତ ପରିବର୍ତ୍ତନ ଆଣିବ। ସତ୍ୟବାଦୀର ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମଧ ଏଥର ନିର୍ବାଚନମଣ୍ଡଳୀରେ ପରିବର୍ତ୍ତନ ଆସିବ ଏବଂ ସେ ବିଜୟୀ ହେବେ ବୋଲି କହିଥିଲେ।



କେତେବେଳେ କେଉଁ କାମ କରିବ, ତାହା ଯିଏ ଠିକ୍ କରିପାରେ, ସେ ହିଁ ସମୟ ବଞ୍ଚାଇ ପାରିଥାଏ।
- ବାକନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଦି ଇନଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟରସ୍‌ର ୬୦ତମ ବାର୍ଷିକ ବୈଷୟିକ ଅଧିବେଶନ, ଓଡ଼ିଶା ଷ୍ଟେଟ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ରିଦିମ୍ ଡେନ୍ସ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଫ୍ୟାଶନ ଶୋ ଓ ନୃତ୍ୟ ପ୍ରତିଯୋଗିତା, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୧୦।
- ଇଣ୍ଡିଆନ ଆରୋଜ ବନାମ ଗୋଆ ଏଫସି ସୁପର କପ୍ ଫୁଟବଲ ମ୍ୟାଚ, କଳିଙ୍ଗ ଷ୍ଟାଡିୟମ, ଅପରାହ୍ନ ୫ଟା।
- ୯ମ ରୁଚି ଓଡ଼ିଆ ଫିଲ୍ମ ଫେୟାର ଆୱାର୍ଡସ୍, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ସାଜ୍ ଓର ଆୱାଜ୍ ପକ୍ଷରୁ 'କ୍ୟା ସେ କ୍ୟା ହୋଗେୟା', ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶହୀଦନଗର ସାଂସ୍କୃତିକ ସମିତି ପକ୍ଷରୁ ଦ୍ୱାଦଶତମ ଦଶଦୋଳ ମେଳଣ, ବିଷ୍ଣୁମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାହିତ୍ୟ ସମାଜର ଅଧିବେଶନ, ଓଡ଼ିଶା କୃଷକ ସମାଜ, ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚର ୧୫୬ତମ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।
- ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ଆଚାର୍ଯ୍ୟ ହରିହର ଜୟନ୍ତୀ ପାଳନ ଓ ଆଚାର୍ଯ୍ୟ ବିହାର ମହୋତ୍ସବ-୨୦୧୯, ଆଚାର୍ଯ୍ୟ ବିହାର, ସନ୍ଧ୍ୟା ୬ଟା ୩୦।
- ସେଲ୍‌ଟର ଫାଉଣ୍ଡେଶନ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା, ସୂଚନା ଭବନ, ସନ୍ଧ୍ୟା ୭ଟା।
- ଦଣ୍ଡପାଣି ସ୍ମୃତି ସମିତି ପକ୍ଷରୁ ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ, ସହଯୋଗ ଭବନ, ଭୀମଟାଙ୍ଗି, ସନ୍ଧ୍ୟା ୭ଟା।

**କଟକ**
- ବୈଶ୍ୟ ତିଲି ଜାତୀୟ ସମିତି ପକ୍ଷରୁ କ୍ୟାରମ ପ୍ରତିଯୋଗିତା, ଡଗରାପଡ଼ା, ଷ୍ଟୋନୀରୋଡ, କଟକ ଦୁର୍ଗାମଣ୍ଡପ, ପୂର୍ବାହ୍ନ ୧୧ଟା।

**ପୁରୀ**
- ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ, ମା' ଭୁବନେଶ୍ୱରୀ ମନ୍ଦିର, ଅବକାଶ ଲେନ୍, ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ ମେଳା, ଶରଧାବାଲି, ଅପରାହ୍ନ ୪ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ପୁସ୍ତକ ମେଳା,ଅପରାହ୍ନ ୪ଟା।
- ବିନାୟକ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ଅପରାହ୍ନ ୫ଟା ୩୦।
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

## ଅଣ୍ଡିରା ନୀଳଗାଈ ମୃତ

**ବାରଙ୍ଗ,୨୯।୩(ଡି.ଏନ୍.ଏ.):** ଶୁକ୍ରବାର ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୬୪ନଂ ଏନକ୍ଲୋଜରରେ ଥିବା ଏକ ଅଣ୍ଡିରା ନୀଳଗାଈର ମୃତ୍ୟୁ ହୋଇଛି। ଏହି ନୀଳଗାଈଟି ଦୁଇଦିନ ତଳେ ହଠାତ ଅସୁସ୍ଥ ହୋଇପଡିଥିଲା। ଖବରପାଇ ନନ୍ଦନକାନନର ଡାକ୍ତରମାନେ ଆସି ତା'ର ଚିକିତ୍ସା ଆରମ୍ଭ କରିଥିଲେ। ସକାଳେ ଏନକ୍ଲୋଜରର ଦାୟିତ୍ୱରେ ଥିବା କର୍ମଚାରୀ ଆସି ଏନକ୍ଲୋଜର ସଫାକରିବା ବେଳେ ନୀଳଗାଈଟି ମରିପଡିଥିବାର ଦେଖିଥିଲେ। ବୟସ୍କାଧିକ କାରଣରୁ ନୀଳଗାଈଟି ମୃତ୍ୟୁ କରିଥିବାର ଅନୁମାନ କରାଯାଉଛି। ଏହାର ମୃତ୍ୟୁ ପରେ ନନ୍ଦନକାନନରେ ନୀଳଗାଈ ସଂଖ୍ୟା ହ୍ରାସ ପାଇ ୨୩ରେ ପହଞ୍ଚିଛି।

## ସମୁଦ୍ରରେ ଭାସିଗଲେ କଲେଜ ଛାତ୍ର

ପୁରୀ ଅଫିସ, ୨୯।୩: ସମୁଦ୍ର ସ୍ନାନ ବେଳେ ଶୁକ୍ରବାର ଜଣେ କଲେଜ ଛାତ୍ର ଭାସିଯାଇଛନ୍ତି। ସେ ହେଲେ ବାଙ୍କିର ଭାବରଞ୍ଜନ ଦାସ(୨୦)। ମିଳିଥିବା ସୂଚନା ପ୍ରକାରେ ବାଙ୍କି କଲେଜର କେତେଜଣ ଛାତ୍ର ପୁରୀ ବୁଲିବାକୁ ଆସିଥିଲେ। ଅପରାହ୍ନରେ ସମୁଦ୍ର ସ୍ନାନ ବେଳେ ଭାବରଞ୍ଜନ ସମୁଦ୍ର ଢେଉରେ ଭିତରକୁ ଚାଲି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡ ମାନେ ଦୀର୍ଘ ସମୟ ଧରି ସମୁଦ୍ରରେ ଖୋଜାଖୋଜି ସତ୍ତ୍ୱେ ତାଙ୍କର କୌଣସି ସୁରାକ ପାଇପାରି ନ ଥିଲେ। ଏନେଇ ସମୁଦ୍ରକୂଳ ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଛି।

### ନିର୍ବାଚନ ନେଇ ପୋଲିସର ଅପରାଧ ସମୀକ୍ଷା ବୈଠକ

# ଥାନା ନୋଟିସ ବୋର୍ଡରେ ଲାଗିବ ଏନ୍‌ବିଡବ୍ଲ୍ୟୁ ତାଲିକା

**କଟକ ଅଫିସ,୨୯।୩**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗତ ଫେବୃୟାରୀ ୨୮ ତାରିଖରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରେଞ୍ଜ ଆଇଜି, ଡିଆଇଜି, ଏସ୍‌ପି ଓ ଡିସିପିଙ୍କ ସହିତ ଏକ ବୈଠକ କରିଥିଲେ। ନିର୍ବାଚନ ପୂର୍ବରୁ ଅପରାଧୀମାନଙ୍କୁ ଗିରଫ କରିବାକୁ ଡିଜିପି ସମସ୍ତ ଜିଲାର ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ଡିଜିପି ଶୁକ୍ରବାର କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଭିଡିଓ କନଫରେନ୍ସିଂ ଯୋଗେ ଏକ ସମୀକ୍ଷା ବୈଠକ କରିଛନ୍ତି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ ଦୁଇଟି ପର୍ଯ୍ୟାୟର ପ୍ରାର୍ଥିପତ୍ର ଦାଖଲ ହୋଇଛି। ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେଥିପାଇଁ ଡିଜିପି ବ୍ରହ୍ମପୁର, କୋରାପୁଟ, ସମ୍ବଲପୁର ରେଞ୍ଜ ପରିଭ୍ରମଣ କରିଥିବାବେଳେ ଆଗାମୀ ଦିନରେ ଅନ୍ୟ ରେଞ୍ଜ ପରିଭ୍ରମଣ କରିବେ ବୋଲି ଡିଜିପି କହିଛନ୍ତି।

ଗତ ମାର୍ଚ୍ଚ ୧ରୁ ୨୯ ତାରିଖ ପର୍ଯ୍ୟନ୍ତ ଏନ୍‌ବିଡବ୍ଲ୍ୟୁ(ଜାମିନ ବିହୀନ ଗିରଫ ପରୱାନା) ବଳରେ ମୋଟ ୧୨, ୧୩୪ ଓ ଆଇପିସି ଦଫା ୧୧୦ ବଳରେ ୨୫୬୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବେଆଇନ ମଦ କାରବାରବେଳେ ଚଢାଉ କରାଯାଇ ୫୮,୯୩୦ ଲିଟର ମଦ ଜବତ କରଯାଇଛି। ଏଥିସହିତ ୨୧୪ ବନ୍ଧୁକ ଜବତ କରାଯାଇଛି ବୋଲି ଡିଜିପି ସୂଚନା ଦେଇଛନ୍ତି। ନିର୍ବାଚନ ପାଇଁ ଆବଶ୍ୟକ ପୋଲିସ, ସିଆରପିଏଫ୍ ମୁତୟନ, ପରିବହନ ଓ ଯୋଗାଯୋଗ, ଗୋଇନ୍ଦା ରିପୋର୍ଟ, ଭିଆଇପିଙ୍କ ସୁରକ୍ଷା, ଆଦର୍ଶ ଆଚରଣବିଧି ଉଲ୍ଲଂଘନ ନେଇ ଆସିବା ଅଭିଯୋଗ, ପାଟ୍ରୋଲିଂ ଆଦି କେତେକ ଦିଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଯେଉଁମାନଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ରହିଛି ସେମାନଙ୍କୁ ଗିରଫ କରିବାକୁଡିଜିପିନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏନ୍‌ବିଡବ୍ଲ୍ୟୁ ଥିବା ବ୍ୟକ୍ତିମାନଙ୍କର ତାଲିକା ଥାନା ନୋଟିସ୍ ବୋର୍ଡରେ ଲଗାଇବାକୁ ନିଷ୍ପତ୍ତି ହୋଇଛି। ସେମାନଙ୍କ ସମ୍ପର୍କରେ ପୋଲିସକୁ ସୂଚନା ଦେବାକୁ ଡିଜିପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ନିର୍ବାଚନ ବେଳେ ଆଦର୍ଶ ଆଚରଣବିଧିକୁ ଠିକ୍ ଭାବେ କିପରି ପାଳନ କରାଯିବ ତାହା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ତେବେ ନିର୍ବାଚନକୁ ନେଇ ଆସୁଥିବା ଅଭିଯୋଗକୁ ଗୁରୁତ୍ୱ ଦେବା ସହ ଅଭିଯୁକ୍ତଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅପରାଧ ବିଭାଗର ଅତିରିକ୍ତ ଡିଜି, ଏସ୍‌ସିଆରବି, ଆଇନ ବିଭାଗର ଅତିରିକ୍ତ ଡିଜିଙ୍କ ସମେତ ଓଡ଼ିଶା ପୋଲିସ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଡିଜିପି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ।

**୨୯ ଦିନରେ ୧୪,୬୯୮ ଗିରଫ**

### ସିବିଏସ୍‌ଇ ପ୍ରଶ୍ନପତ୍ର ତ୍ରୁଟି ଘଟଣା

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଅଭିଭାବକ ମହାସଂଘ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ଚଳିତବର୍ଷ ସିବିଏସ୍‌ଇ ଦଶମଶ୍ରେଣୀ ପରୀକ୍ଷାରେ ହିନ୍ଦୀ, ବିଜ୍ଞାନ ଓ ଗଣିତ ପ୍ରଶ୍ନପତ୍ରରେ ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏ ସଂକ୍ରାନ୍ତରେ ଓଡ଼ିଶା ଅଭିଭାବକ ମହାସଂଘ ନୂଆଦିଲ୍ଲୀରେ ଥିବା ସିବିଏସ୍‌ଇ ଅଧକ୍ଷା, ସମ୍ପାଦକ, ପରୀକ୍ଷା ନିୟନ୍ତ୍ରକ ଏବଂ ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲା। ଇତିମଧ୍ୟରେ ୨ ସପ୍ତାହ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାକୁ ଗମ୍ଭୀରତାର ସହ ନେଇ ଶୁକ୍ରବାର ମହାସଂଘର ଏକ ପ୍ରତିନିଧି ଦଳ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ସମସ୍ତ ତଥ୍ୟ ଓ ଦାବି ଉପସ୍ଥାପନ କରିଛନ୍ତି। ବିଜ୍ଞାନରେ ୪ ମାର୍କ ପ୍ରଶ୍ନ ଦ୍ୱାଦଶଶ୍ରେଣୀ ପାଠ୍ୟକ୍ରମରୁ ଆସିଥିବା ବେଳେ ହିନ୍ଦୀ ପ୍ରଶ୍ନପତ୍ରରେ 'ଅଥବା'କୁ ନେଇ ଏକ ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ଛାତ୍ରୀଛାତ୍ର ୮ ମାର୍କ ଛାଡ଼ି ଦେଇଛନ୍ତି। ସେହିଭଳି ଗଣିତର ସେଟ୍ 'ବି' ଓ 'ସି'ଠାରୁ ସେଟ୍ 'ଏ' ପ୍ରଶ୍ନପତ୍ର ଅତ୍ୟଧିକ କଠିନ ରହିଥିଲା। ଏହାସହ ପାଠ୍ୟକ୍ରମ ବାହାରୁ ୩୦ ମାର୍କ ଅଧିକ ପ୍ରଶ୍ନ ଆସିବା ଘଟଣାକୁ ପୁଙ୍ଖାନୁପୁଙ୍ଖ ଭାବେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ଏହାର ତୁରନ୍ତ ସମାଧାନ କରି ଉତ୍ତରଖାତା ମୂଲ୍ୟାଙ୍କନ ପୂର୍ବରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଗ୍ରେସ୍‌ମାର୍କ ପ୍ରଦାନ କରିବା ପାଇଁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ରାଜ୍ୟପାଳ ଘଟଣାକୁ ଗୁରୁତ୍ୱର ସହ ନେଇ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିବା ମହାସଂଘ ପକ୍ଷରୁ କୁହାଯାଇଛି। ସେହିପରି ବେସରକାରୀ ସ୍କୁଲଗୁଡ଼ିକ ଏନ୍‌ସିଇଆର୍‌ଟି ବହି ବ୍ୟବହାର ନ କରି ବ୍ୟବସାୟିକ ଭିତ୍ତିରେ ଘରୋଇ ପ୍ରକାଶନ ବହିକୁ କିଣିବା ପାଇଁ ଅଭିଭାବକମାନଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି। ଏହା ଆର୍ଥିକ ବୋଝ ସାଙ୍ଗକୁ ପିଲାମାନଙ୍କୁ ବସ୍ତାନି ବୋଝ ପଡୁଛି। ଏପରି କି, ଉକ୍ତ ବହିଗୁଡ଼ିକ ପୁନଃ ବ୍ୟବହାର ହୋଇପାରୁ ନ ଥିବା କଥାକୁ ଅଭିଭାବକମାନେ ରାଜ୍ୟପାଳଙ୍କୁ ଜଣାଇଥିଲେ। ଏ ନେଇ ରାଜ୍ୟପାଳ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଆସନ୍ତା ଦୁଇମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏହି ପ୍ରତିନିଧି ଦଳରେ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ, ସହଅଧକ୍ଷ ପ୍ରସନ୍ନ ବିଷୋୟୀ, ଭୂମୋହନ ପଟ୍ଟନାୟକ, ଅଶୋକ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ।



ଚଳଚ୍ଚିତ୍ର 'ବିଜୁବାବୁ' ଦେଖିବା ପାଇଁ କଟକ ବୃନ୍ଦାବନ ହଲ୍ ସମ୍ମୁଖରେ ଦର୍ଶକଙ୍କ ଗହଳି।

## ଆଶା ଭୋଁସ୍‌ଲେ, ଶଙ୍କର ମହାଦେବନ୍‌ଙ୍କ କଣ୍ଠରେ 'ବନ୍ଦେ ଉତ୍କଳ ଜନନୀ'

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ କାଳଜୟୀ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ କଣ୍ଠରେ ସଜାଇଛନ୍ତି ହିନ୍ଦୀ ଚଳଚ୍ଚିତ୍ର ଜଗତର କୋକିଳକଣ୍ଠୀ ଗାୟିକା ଆଶା ଭୋଁସଲେ। ଲୋକପ୍ରିୟ ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ଶଙ୍କର ମହାଦେବନ୍‌ଙ୍କ ସହ ଆଶାଙ୍କ ଯୁଗଳବନ୍ଦୀରେ ପ୍ରସ୍ତୁତ 'ବନ୍ଦେ ଉତ୍କଳ ଜନନୀ' ରିଲିଜ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ବହୁଳ ଭାବେ ଆଦୃତି ଲାଭ କରିଛି। ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ନିର୍ମିତ ଓଡ଼ିଆ ଫିଚର୍ ଫିଲ୍ମ 'ବିଜୁବାବୁ' ରିଲିଜ ହୋଇଥିବା ବେଳେ ଏଥିରେ ଏହି ସଙ୍ଗୀତ ସ୍ଥାନ ପାଇଛି। ବଲିଉଡ୍‌ର ଲୋକପ୍ରିୟ ମ୍ୟୁଜିକ୍ ଟ୍ରାୟୋ ଶଙ୍କର-ଏହସାନ-ଲୟ ଏହି ଗୀତର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଆଶା ଓ ଶଙ୍କରଙ୍କ ସହ ଆଶାଙ୍କ ନାତୁଣୀ ଏଥିରେ କଣ୍ଠଦାନ କରିଛନ୍ତି।

ଚଳଚ୍ଚିତ୍ର ନିର୍ମାତା ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଫିଚର୍ ଫିଲ୍ମ 'ବିଜୁବାବୁ'ର ଏହି ବନ୍ଦେ ଉତ୍କଳ ଜନନୀ ଗୀତକୁ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି ନିର୍ମାତା ପଣ୍ଡା। ସେ କହିଛନ୍ତି, ଜଣେ ଓଡ଼ିଆ ଭାବେ ଏହି ଗୀତ ପାଇଁ ମୁଁ ଗର୍ବ ଅନୁଭବ କରୁଛି। ଭାରତର ୩ ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି, ଦୁଇ କାଳଜୟୀ କଣ୍ଠଶିଳ୍ପୀ ଏଥିରେ କଣ୍ଠଦାନ କରିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଏହା ଅଢେଇ ହଜାରରୁ ଊର୍ଦ୍ଧ୍ୱ ଭ୍ୟୁ ସାଉଁଟିଛି। ଶୁକ୍ରବାର 'ବିଜୁବାବୁ'ର ଗ୍ରାଣ୍ଡ ପ୍ରିମିୟର କଟକର ବୃନ୍ଦାବନ ଟକିଜ୍ ଏବଂ ଭୁବନେଶ୍ୱର ସିନେପଲିସରେ ଅନୁଷ୍ଠିତ ହୋଇଯାଇଛି। ଏହାବ୍ୟତୀତ ଓଡ଼ିଶାର ୯୦ରୁ ଅଧିକ ସିନେମା ହଲ୍‌ରେ ଏହି ଫିଲ୍ମ ମୁକ୍ତିଲାଭ କରିଛି। ଅନୁଭବ ମହାନ୍ତି ଓ ସୁପ୍ରିୟା ନାୟକଙ୍କ ଅଭିନୀତ ଏହି ଆକ୍ସନ କମେଡି ଥ୍ରିଲର ବିଜୁ ପଟ୍ଟନାୟକଙ୍କ ଜୀବନୀ ଦ୍ୱାରା ଅନୁପ୍ରାଣିତ ହୋଇଥିବା ନିର୍ମାତା ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ସ୍ୱିଡେନରେ ଚାଲିଥିବା ବଫ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ନୀଳମାଧବଙ୍କ ଫିଲ୍ମ 'ହାଲକା'କୁ ଶ୍ରେଷ୍ଠ କମେଡି ଚଳଚ୍ଚିତ୍ର ପୁରସ୍କାର ମିଳିଛି।

## ମୁକ୍ତିଲାଭ କଲା ଚଳଚ୍ଚିତ୍ର 'ବିଜୁବାବୁ'

**କଟକ ଅଫିସ,୨୯।୩**

ନୀଳମାଧବ ପଣ୍ଡାଙ୍କ ନିବେଦିତ ଓଡ଼ିଆ ଚଳଚ୍ଚିତ୍ର 'ବିଜୁବାବୁ' ଶୁକ୍ରବାର ମୁକ୍ତିଲାଭ କରିଛି। କଟକର ବୃନ୍ଦାବନ ହଲ୍‌ରେ ପ୍ରଦର୍ଶିତ ଏହି ଚଳଚ୍ଚିତ୍ରକୁ ସିନେପ୍ରେମୀ ବେଶ୍ ପସନ୍ଦ କରିଛନ୍ତି। ଏହି ଚଳଚ୍ଚିତ୍ରକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଅଭିନେତା ତଥା ଚଳଚ୍ଚିତ୍ରର ମୁଖ୍ୟ କଳାକାର ଅନୁଭବ ମହାନ୍ତି ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ହଲ୍ ପରିସରକୁ ଆସିଥିଲେ। ତେବେ ଜଣେ ସାଧାରଣ ଯୁବକ କିପରି ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜରେ ଦୁର୍ନୀତିକୁ ହଟାଇବା ପାଇଁ ଚେଷ୍ଟା କରିଛି ତାହା ଏହି ଚଳଚ୍ଚିତ୍ରରେ ପ୍ରତିଫଳିତ ହୋଇଛି। ବିଜୁବାବୁଙ୍କ ବାଣୀ ପ୍ରତିଟି ସ୍ଥାନରେ ହିରୋ(ଅନୁଭବ)ଙ୍କୁ ଶୁଭୁଥିବା ବେଳେ ସେ ବିଜୁବାବୁଙ୍କ ଉପସ୍ଥିତିକୁ ମଧ୍ୟ ଅନୁଭବ କରି ପାରୁଥିବା ଏଥିରେ ଦେଖିବାକୁ ମିଳିଥିଲା। ସିନେମା ଭିତରେ କଳିଙ୍ଗ ଷଣ୍ଢ ତୁ ଡାଏଲଗଟି ବେଶ୍ ଲୋକପ୍ରିୟ ହୋଇଛି। ଚଳଚ୍ଚିତ୍ରର ନାୟିକା ସୁପ୍ରିୟା ଥିବାବେଳେ ବଲିଉଡ ଅଭିନେତା ଚିତ୍ତରଞ୍ଜନ ତ୍ରିପାଠୀ ମୁଖ୍ୟ ଭୂମିକାରେ ଅଛନ୍ତି। ରାଜ୍ୟର ୯୦ଟି ସିନେମା ହଲ୍‌ରେ ଏହା ରିଲିଜ ହୋଇଥିବା ଜଣାପଡ଼ିଛି। ଏ ନେଇ ନୀଳମାଧବ କହିଛନ୍ତି, ଏହା ଏକ ଆକ୍ସନ କମେଡି ଥ୍ରିଲର ଚଳଚ୍ଚିତ୍ର। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନୀ ଦ୍ୱାରା ଅନୁପ୍ରାଣିତ ହୋଇଥିବା ଏହା ହେଉଛି ପ୍ରଥମ ଓଡିଆ ସିନେମା। ମିଥ୍ୟା ଖବର କିପରି ସମାଜରେ ପ୍ରଭାବ ପକାଏ ଓ ଏହା ସହ ଜନଜୀବନର ଲଢ଼େଇକୁ ଉପସ୍ଥାପନା କରାଯାଇଛି ବୋଲି ସେ କହିଥିଲେ। ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ। ଏଲିଆନୋରା ଇମେଜସ୍, ଅକ୍ଷୟ ପରିଜା ପ୍ରଡକ୍ସନ ଓ ପ୍ରକାଶ ଫିଲ୍ମସ ଏହାର ପ୍ରଯୋଜନା ଦାୟିତ୍ୱରେ ଥିଲେ। ପ୍ରେମଆନନ୍ଦ ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।



ଅନୁଭବ ଓ ସୁପ୍ରିୟା

### ୩ ଆମ୍ବୁଲାନ୍ସ କର୍ମଚାରୀଙ୍କ ମାନବିକତା

## ରେଳ ଷ୍ଟେଶନରୁ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କଲେ

**ଭୁବନେଶ୍ୱର, ୨୯।୩(ବ୍ୟୁରୋ)**



**ପାଇଥିବା ୧୮ ହଜାର ଟଙ୍କା ଫେରାଇଲେ**

ପୁଣି ୧୦୮ ଆମ୍ବୁଲାନ୍ସ କର୍ମଚାରୀ ନିଜ ସଚ୍ଚୋଟତା ଓ ମାନବିକତାର ପରିଚୟ ଦେଇଛନ୍ତି। ଅସହାୟ ଅବସ୍ଥାରେ ରେଳଷ୍ଟେଶନରେ ପଡ଼ିରହିଥିବା ଜଣେ ବୃଦ୍ଧଙ୍କୁ ଉଦ୍ଧାର କରିବା ସହ ତାଙ୍କଠାରୁ ମିଳିଥିବା ୧୮ହଜାର ଟଙ୍କା ଫେରାଇଛନ୍ତି। ପୂର୍ବରୁ ଅନେକ ଥର ଆମ୍ବୁଲାନ୍ସ କର୍ମଚାରୀମାନେ ଏଭଳି କାର୍ଯ୍ୟ କରି ପ୍ରଶଂସିତ ହୋଇଥିବାବେଳେ ପୁଣି ଏକ ଘଟଣା ରାଜଧାନୀରେ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଦୁଇଦିନ ତଳେ ଭୁବନେଶ୍ୱର ରେଳ ଷ୍ଟେଶନ୍‌ର ୧ନମ୍ବର ପ୍ଲାଟଫର୍ମରେ ଜଣେ ଅଚିହ୍ନା ବୃଦ୍ଧ ଚେତାଶୂନ୍ୟ ଅବସ୍ଥାରେ ଅସହାୟ ଭାବେ ପଡ଼ିରହିଥିଲେ। ସେହି ରାସ୍ତା ଦେଇ ଶହ ଶହ ଲୋକ ଯାଉଥିଲେ ମଧ୍ୟ ବୃଦ୍ଧଜଣକ ଚର୍ମରୋଗରେ ପୀଡ଼ିତ ଥିବାରୁ ତାଙ୍କୁ କେହି ସ୍ପର୍ଶ କରୁ ନ ଥିଲେ। ଖବର ପାଇ ରସୁଲଗଡ଼ରେ ଉପଲବ୍ଧ ଥିବା ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲା।

ବୃଦ୍ଧାଙ୍କୁ ଆମ୍ବୁଲାନ୍ସ କର୍ମଚାରୀ ସନ୍ତୋଷ ପାଢୀ, ଅଭିମନ୍ୟୁ ସାହୁ ଏବଂ ବିଶ୍ୱଜିତ ସାହୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ଏଥିସହ ତାଙ୍କ ନିକଟରୁ ପାଇଥିବା ୧୮ହଜାର ଟଙ୍କାକୁ କ୍ୟାପିଟାଲ୍ ଥାନା ଏଏସ୍‌ଆଇ ଅଲେଖ କୁମାର ଜେନାଙ୍କୁ ହସ୍ତାନ୍ତର କରିଥିଲେ। ଏହି ୩ କର୍ମଚାରୀଙ୍କ ଏଭଳି ମହନୀୟ କାର୍ଯ୍ୟ ପାଇଁ ସେମାନଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

### ଫଟୋରେ ଖବର



ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଶୁକ୍ରବାର ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।



ଭୁବନେଶ୍ୱର ସୂଚନା ଭବନଠାରେ ସେଲ୍‌ଟର ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଆୟୋଜିତ ରଙ୍ଗୋଲି ପ୍ରତିଯୋଗିତାରେ ଭାଗନେଇଥିବା ପିଲାମାନେ।



ପୁରୀ ଶରଧାବାଲିଠାରେ ଚାଲିଥିବା ପୁସ୍ତକ ମେଳାରେ ମହିଳା ଓ ପିଲାମାନେ ଷ୍ଟଲ ବୁଲି ଦେଖୁଛନ୍ତି।

# ଅସନ୍ତୁଷ୍ଟଙ୍କ ଉପରେ ନଜର

**କଟକ ଅଫିସ, ୨୯।୩**


ଚୌଧୁରୀ ପ୍ରଭାତ ମିଶ୍ର | ସାରଦା ପ୍ରଧାନ | ପ୍ରଦୀପ୍ତ ଦାସ | ଦେବେନ୍ଦ୍ର ସାହୁ | ପ୍ରତାପ ଜେନା

ମାହାଙ୍ଗା ବିଧାନସଭା ଆସନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବିଜେଡିରୁ ମନ୍ତ୍ରୀ ପ୍ରତାପ ଜେନା ତୃତୀୟ ଥର ପାଇଁ ଏହି ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ଭାଜପାରୁ ସାରଦା ପ୍ରଧାନ ଓ କଂଗ୍ରେସରୁ ଦେବେନ୍ଦ୍ର ସାହୁ ଦଳୀୟ ଟିକେଟ ପାଇଛନ୍ତି। ପ୍ରତାପ ଏହି ଆସନରୁ କ୍ରମାଗତ ଦୁଇଥର ବିଜୟୀ ହୋଇ ତୃତୀୟ ଥର ବିଜୟ ଆଶାବାନ୍ଧି ବସିଥିବା ବେଳେ ୨୦୧୪ର ସ୍ୱାଧୀନ ପ୍ରାର୍ଥୀ ସାରଦା ଏଥର ଭାଜପା ଟିକେଟରେ ନିର୍ବାଚନ ଲଢୁଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସରୁ ପ୍ରଥମ ଥର ପାଇଁ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି ଦେବେନ୍ଦ୍ର ସାହୁ।

ଏଥର କଡ଼ା ମୁକାବିଲା ହେବ ବୋଲି ଭୋଟର ଅନୁମାନ କରୁଥିବାବେଳେ ଭାଜପା ଓ କଂଗ୍ରେସର ଅସନ୍ତୁଷ୍ଟଙ୍କ କାର୍ଯ୍ୟଧାରା ଉପରେ ରାଜନୈତିକ ସମୀକ୍ଷକମାନେ କଡ଼ା ନଜର ପକାଇଛନ୍ତି। ଅସନ୍ତୁଷ୍ଟ କହିଲେ ଭାଜପାରୁ ୨୦୦୯ରେ ମାହାଙ୍ଗାରୁ ପ୍ରାର୍ଥୀ ହୋଇଥିବା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଓ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ। ପ୍ରଭାତ ଭାଜପା ଟିକେଟ ଦୌଡ଼ରେ ରହି ଶେଷରେ ନିରାଶ ହୋଇଥିବା ବେଳେ ପ୍ରଦୀପ୍ତଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଛି। ଟିକେଟରୁ ବଞ୍ଚିତ ହେବା ପରେ ପ୍ରଭାତ ମାହାଙ୍ଗାର ବିଭିନ୍ନ ସ୍ଥାନରେ ନିଜ ସମର୍ଥକମାନଙ୍କୁ ନେଇ ବୈଠକମାନ ଆୟୋଜନ କରି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରୁଛନ୍ତି। ପ୍ରଭାତଙ୍କୁ ପଚାରିବାରୁ ସେ ଲୋକଙ୍କ ସହିତ ଥିଲେ, ଅଛନ୍ତି ଆଉ ରହିବେ ମଧ୍ୟ। ମାହାଙ୍ଗା ପାଇଁ ଯାହା ଉଚିତ ହେବ ସେଭଳି କାର୍ଯ୍ୟ ଆଗାମୀ ଦିନରେ କରିବେ ବୋଲି ପ୍ରଭାତ କହିଛନ୍ତି। ଦଳରେ ବିଦ୍ରୋହ ସମ୍ପର୍କରେ ମତାମତ ଦେଇ ଭାଜପା ପ୍ରାର୍ଥୀ ସାରଦା କୁହନ୍ତି, ଯଦି ଦଳ ତାଙ୍କଠାରୁ ଆଉ କାହାକୁ ଅଧିକ ଯୋଗ୍ୟ ମନେକରି ପୁଣି ଟିକେଟ ଦିଏ ତାହାହେଲେ ସେ ତାହାକୁ ଗ୍ରହଣ କରିବେ ଏବଂ ଦଳ ପାଇଁ କାମ କରିବେ।

**ମାହାଙ୍ଗା ନିର୍ବାଚନ ମଇଦାନ ପ୍ରସ୍ତୁତ**

ସେହିପରି ପ୍ରଦୀପ୍ତ କହିଛନ୍ତି ଯେ, ସେ ୨୦ ବର୍ଷ ଧରି କଂଗ୍ରେସ ସହିତ ରହିଲେ। କିନ୍ତୁ କଂଗ୍ରେସ ତାଙ୍କ ସହିତ ରହିଲାନି। ଯେଉଁ ଆଧାରରେ କଂଗ୍ରେସ ମାହାଙ୍ଗା ଟିକେଟ ବଣ୍ଟନ କରିଛି ତାହା ତାଙ୍କୁ ଚକିତ କରିଛି। ଦିଲ୍ଲୀରୁ ଫେରିବା ପରେ ସମର୍ଥକମାନଙ୍କ ସହିତ ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ ବୋଲି ପ୍ରଦୀପ୍ତ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରଦୀପ୍ତ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲିଙ୍କ ପଟ୍ଟଶିଷ୍ୟ ଭାବେ ମାହାଙ୍ଗାରେ ବେଶ୍ ପରିଚିତ। ମତଲୁବ ହେଉଛନ୍ତି ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ସାହୁଙ୍କ ଜଣେ ଚିରାଚରିତ ବିରୋଧୀ। ନିଜେ ଆଉ ଭୋଟ ରାଜନୀତିରେ ସମ୍ପୃକ୍ତ ରହିବେ ନାହିଁ କିମ୍ବା ନିର୍ବାଚନ ଲଢିବେ ନାହିଁ ବୋଲି ମତଲୁବ ପୂର୍ବରୁ ଘୋଷଣା କରିଥିଲେ। ଏହା ପରେ ମାହାଙ୍ଗା ଟିକେଟ ନିଜର ଅନୁଗତ ପ୍ରଦୀପ୍ତଙ୍କୁ ଦେବା ପାଇଁ ମତଲୁବ ଚେଷ୍ଟା କରିଥିଲେ। ମାତ୍ର କଂଗ୍ରେସ ହାଇକମାଣ୍ଡ ଦେବେନ୍ଦ୍ରଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ସୂଚନାଥାଉ କି, ମତଲୁବ ଓ ଦେବେନ୍ଦ୍ର ଉଭୟ ବେଶ୍ ଘନିଷ୍ଠ ଥିଲେ। ମାତ୍ର ୨୦୦୦ରେ ଉଭୟଙ୍କ ମଧ୍ୟରେ ତିକ୍ତତା ଦେଖାଦେଇଥିଲା। ଯେଉଁଥିପାଇଁ ଦେବେନ୍ଦ୍ର ମତଲୁବଙ୍କ ହାତ ଛାଡ଼ି ମାହାଙ୍ଗାରେ କଂଗ୍ରେସର ଏକ ସମାନ୍ତରାଳ ସଂଗଠନ ଗଢି ଟିକେଟ ଦାବିଦାର ସାଜିଥିଲେ। ୧୯ ବର୍ଷ ପରେ କଂଗ୍ରେସ ଦେବେନ୍ଦ୍ରଙ୍କୁ ଟିକେଟ ଦେଇଛି। ଏବେ ମତଲୁବଙ୍କ ଭୂମିକା ଦେବେନ୍ଦ୍ରଙ୍କ ପାଇଁ କ'ଣ ରହିବ ତାହା ସବୁଠୁ ବଡ଼ ପ୍ରଶ୍ନ ହୋଇଛି। ଏ ସମ୍ପର୍କରେ ଦେବେନ୍ଦ୍ର କୁହନ୍ତି, ମାହାଙ୍ଗାରେ କଂଗ୍ରେସ ଏକଜୁଟ ଓ ଶକ୍ତିଶାଳୀ ଅଛି। ଯିଏ କଂଗ୍ରେସକୁ ଭଲ ପାଉଥିବେ ସେ କେବେବି ଦଳକୁ ବିରୋଧ କରିବେନି।

ଅନ୍ୟପକ୍ଷରେ ୨୦୦୯ ଓ ୨୦୧୪ରେ ବିଜେଡିରୁ ପ୍ରତାପ ଜେନା ମାହାଙ୍ଗାରୁ ବିଜୟଲାଭ କରିଛନ୍ତି। ଏହି ଦୁଇଟି ଅବଧି ମଧ୍ୟରେ ଯଦିଓ ପ୍ରତାପ ନିଜର ବିକଳ୍ପ ମାହାଙ୍ଗାରେ ସୃଷ୍ଟି କରାଇ ଦେଇନାହାନ୍ତି କିନ୍ତୁ ତାଙ୍କ ବିରୋଧରେ ଅନେକାଂଶରେ ଜନମତ ସୃଷ୍ଟି ହୋଇଥିବା ରାଜନୀତି ସମୀକ୍ଷକମାନେ ମତ ଦେଉଛନ୍ତି। ଏହି ବିରୋଧୀ ଜନମତକୁ ପ୍ରତାପ କିଭଳି ପ୍ରଶମିତ କରିବେ ତାହା ଉପରେ ମଧ୍ୟ ମାହାଙ୍ଗା ରାଜନୀତି ଅନେକାଂଶରେ ନିର୍ଭର କରୁଥିବା ସମୀକ୍ଷକମାନେ କହିଛନ୍ତି। ୨୦୧୪ ନିର୍ବାଚନରେ ପ୍ରତାପ ମାହାଙ୍ଗାର ଦୁଇ ପୂର୍ବତନ ବିଧାୟକ ଶରତ କର ଓ ବିକ୍ରମ ବର୍ମାଙ୍କୁ ନିର୍ବାଚନୀ ପ୍ରଚାରରେ ସାମିଲ କରି ନିଜର ଶକ୍ତି ବୃଦ୍ଧି କରିଥିଲେ। ହେଲେ ଏଥର ଏହି ଦୁଇ ନେତା ପ୍ରତାପଙ୍କ ସହିତ ସାମିଲ ହେବେ କି ବିରୋଧ କରିବେ ସେ ନେଇ ମଧ୍ୟ ଅନେକ ପ୍ରଶ୍ନ ଉପୁଜିଛି। କାରଣ ୧ ବର୍ଷ ତଳେ ଶରତ କର ମାହାଙ୍ଗାର ବିଭିନ୍ନ ଅଞ୍ଚଳରେ ବିଜେଡି ବ୍ୟାନରରେ ବୈଠକ ମାନ ଆୟୋଜନ କରି ନିଜ ପ୍ରାର୍ଥିତ୍ୱର ସଙ୍କେତ ଦେଇଥିଲେ। ସେହିପରି ବିକ୍ରମ ମଧ୍ୟ ୨୦୧୯ ପାଇଁ ଟିକେଟ ଆଶାୟୀ ଥିବା ଆଲୋଚନା ହେଉଥିଲା। ବିକ୍ରମଙ୍କୁ ଏ ସମ୍ପର୍କରେ ପଚାରିବାରୁ ଦଳ ଯାହା ନିଷ୍ପତ୍ତି ନେଇଛି ସେଥିରେ ତାଙ୍କର ଆପତ୍ତି କରିବାର ନାହିଁ ବୋଲି କହିଛନ୍ତି। ଶରତ କରଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇନାହିଁ।



ଏସ୍‌ୟୁସିଆଇ(ସି) ପକ୍ଷରୁ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

## କଟକ: ଦ୍ୱିତୀୟ ଦିନରେ ୪ ନାମାଙ୍କନପତ୍ର ଦାଖଲ

**କଟକ ଅଫିସ, ୨୯।୩:** ସାଧାରଣ ନିର୍ବାଚନ ନିମନ୍ତେ ଶୁକ୍ରବାର ଥିଲା ନାମାଙ୍କନପତ୍ର ଦାଖଲର ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ଏସ୍‌ୟୁସିଆଇ(ସି) ପକ୍ଷରୁ ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ରାଜକିଶୋର ମଲ୍ଲିକ, ବାରବାଟୀ-କଟକ ବିଧାନସଭା ପ୍ରାର୍ଥୀ ପ୍ରିୟଦର୍ଶନ ପାଭେଲ, ଚୌଦ୍ୱାର-କଟକ ବିଧାନସଭା ପାଇଁ ସସ୍ମିତା ମହାନ୍ତି, କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପରମାନନ୍ଦ ସେଠୀ ନାମାଙ୍କନପତ୍ର ସମ୍ପୃକ୍ତ ରିଟର୍ନିଂ ଅଫିସରଙ୍କ ନିକଟରେ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ବାଙ୍କୀ, ବଡମ୍ବା ଓ ଆଠଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ପ୍ରକାଶଯୋଗ୍ୟ, ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀମାନଙ୍କର ସତ୍ୟପାଠ (ଆଫିଡାଭିଟ୍) ସମ୍ବନ୍ଧରେ ତଥ୍ୟ affidavit.eci.gov.in/ www.cuttack.nic.inରେ ଉପଲବ୍ଧ ଅଛି।

## ପ୍ରାର୍ଥିପତ୍ର ଦାଖଲ କଲେ ସୁର, ଜନାର୍ଦ୍ଦନ



**ଜଟଣୀ, ୨୯।୩(ଡି.ଏନ.ଏ.)**

ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ସୁରେଶ କୁମାର ରାଉତରାୟ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ଗହଣରେ ସେ ଶୋଭାଯାତ୍ରାରେ ବାହାରି ଭୁବନେଶ୍ୱର ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ତାଙ୍କ ସହ ଭୁବନେଶ୍ୱର ଏକାମ୍ର ଆସନରୁ କଂଗ୍ରେସ ପ୍ରାର୍ଥିନୀ ରଶ୍ମିରେଖା ମହାପାତ୍ର ଓ ଭୁବନେଶ୍ୱର ଲୋକ ସଭା ଆସନରୁ ସିପିଏମ୍ ପ୍ରାର୍ଥୀ ହୋଇଥିବା ଜନାର୍ଦ୍ଦନ ପତି ମଧ୍ୟ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର ଦାଖଲ ବେଳେ ସୁର କହିଛନ୍ତି ଯେ, ଏଥର ଲୋକେ ବିପୁଳ ଭୋଟରେ ତାଙ୍କୁ ବିଜୟୀ କରିବେ।



ଭୁବନେଶ୍ୱର ଲୋକ ସଭା ଆସନରୁ ସିପିଆଇ(ଏମ୍-ଏଲ୍) ରେଡ୍‌ଷ୍ଟାର ପକ୍ଷରୁ ପ୍ରାର୍ଥୀ ହୋଇଥିବା ପ୍ରମିଳା ବେହେରା ନାମାଙ୍କନପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ୍‌କୁ ଯାଉଛନ୍ତି।

# ବିଜେଡି ପ୍ରାର୍ଥୀଙ୍କ ଶୋଭାଯାତ୍ରା



**ସାକ୍ଷୀଗୋପାଳ, ୨୯।୩(ଡି.ଏନ୍.ଏ.)**

ବିଜେଡି ଟିକଟ ପାଇବା ପରେ ପୂର୍ବତନ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଶୁକ୍ରବାର ସାକ୍ଷୀଗୋପାଳ ମନ୍ଦିର ଓ ଦକ୍ଷିଣକାଳୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଛନ୍ତି। ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଦକ୍ଷିଣକାଳୀଙ୍କ ଦର୍ଶନ କରି ଫେରିବା ବାଟରେ କେତେଜଣ ଯୁବକ ପୂର୍ବତନ ବିଧାୟକ ସାମନ୍ତରାୟଙ୍କୁ ଆକ୍ଷେପ କରି କିଛି କହିଥିଲେ। ଦଳୀୟ କର୍ମୀମାନେ ଏହାର ବିରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ବୀରଗୋବିନ୍ଦପୁର ଗ୍ରାମର କେତେଜଣ ବିଜେଡି ସମର୍ଥକ ପହଞ୍ଚି ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# ଅରୋପ୍ରସାଦଙ୍କ ପ୍ରାର୍ଥିତ୍ୱକୁ ବିରୋଧ

**ପୁରୀ ଅଫିସ, ୨୯।୩**



ପୁରୀ ବିଧାନ ସଭା ଆସନରୁ କଂଗ୍ରେସ ଇଂ. ଅରୋପ୍ରସାଦ ମିଶ୍ରଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ହେଲେ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳ ଭିତରୁ ବିରୋଧର ସ୍ୱର ଉଠିଲାଣି। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଇନ୍ଦିରା ଭବନଠାରେ ପୁରୀ ନଗର କଂଗ୍ରେସ କମିଟିର ଜରୁରୀ ବୈଠକ ବସିଥିଲା। ନଗର କଂଗ୍ରେସ କମିଟି ସଭାପତି ଛବିନ୍ଦ୍ର ପଡିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା କମିଟି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲା କୃଷକ କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ମଧ୍ୟ ଉପସ୍ଥିତ ଥିଲେ। ପୁରୀ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିବା ଅରୋପ୍ରସାଦଙ୍କୁ କେହି ଜାଣିନାହାନ୍ତି ବୋଲି ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର କହିଥିଲେ। ତାଙ୍କୁ ପୁରୀ ଜନସାଧାରଣ ଚିହ୍ନି ନ ଥିବା ସାଧାରଣରେ ଆଲୋଚନା ହେଉଛି। ତେଣୁ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ୨ ଦିନ ମଧ୍ୟରେ ପରିବର୍ତ୍ତନ କରିବା ପାଇଁ ପିସିସି ସଭାପତିଙ୍କୁ ଅନୁରୋଧ କରାଯିବା ଲାଗି ପ୍ରସ୍ତାବ ଦିଆଯାଇଛି। ଯଦି ସଭାପତି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଜିଲାର କର୍ମକର୍ତ୍ତା, ନଗର କଂଗ୍ରେସ ସଭାପତି ପ୍ରମୁଖ ଇସ୍ତଫା ପ୍ରଦାନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଅରୋପ୍ରସାଦ କହିଛନ୍ତି, ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନେ ସମସ୍ତେ ତାଙ୍କଠାରୁ ବରିଷ୍ଠ। ସେ ନମ୍ରତାର ସହିତ ସେମାନଙ୍କ କଥାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ରାହୁଲ ଗାନ୍ଧୀ ଯୁବବର୍ଗ ଉପରେ ଯେଉଁ ଆସ୍ଥା ପ୍ରକଟ କରୁଛନ୍ତି ସେ ତାହାର ଯଥାର୍ଥତା ପ୍ରତିପାଦନ କରିବେ ବୋଲି କହିଛନ୍ତି।

## ବିଜେଡିରୁ ମହେଶ୍ୱର, କଂଗ୍ରେସରୁ ଅରୋପ୍ରସାଦ

**ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ**

- ଛିଣ୍ଡୁନି ଭାଜପା ଅଙ୍କ

**ପୁରୀ ଅଫିସ, ୨୯।୩**

ପୁରୀ ବିଧାନ ସଭା ନିର୍ବାଚନମଣ୍ଡଳୀରୁ ପ୍ରମୁଖ ୩ଟି ରାଜନୈତିକ ଦଳ (ବିଜେଡି, ଭାଜପା ଓ କଂଗ୍ରେସ)ରୁ କିଏ ପ୍ରାର୍ଥୀ ହେବେ ସେ ନେଇ ଚିତ୍ର ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। ଜିଲାର ୬ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଭାଜପା ପୂର୍ବରୁ ୫ଟିରେ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ୩ଟିରେ ଘୋଷଣା କରିଥିଲା। ବିଜେଡି ୨ଟି ଆସନରୁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିଥିଲା। ହେଲେ କୌଣସି ଦଳ ପୁରୀରେ କାହାକୁ ପ୍ରାର୍ଥୀ କରିବେ ସିଦ୍ଧାନ୍ତରେ ପହଞ୍ଚି ପାରୁ ନ ଥିଲେ। ଶୁକ୍ରବାର ବିଜେଡି ଏବଂ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ବିଜେଡିରୁ ପୁଣି ମହେଶ୍ୱର ମହାନ୍ତି ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ଇ. ଅରୋପ୍ରସାଦ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ତେବେ ଜିଲାରେ ପ୍ରାର୍ଥୀ ଘୋଷଣାରେ ଆଗୁଆ ରହିଥିବା ଭାଜପା କିନ୍ତୁ ପୁରୀ ବିଧାନସଭା କ୍ଷେତ୍ରରେ ଝୁଣ୍ଟିପଡିଛି। ଏ ପର୍ଯ୍ୟନ୍ତ ଦଳ କାହାକୁ ପ୍ରାର୍ଥୀ କରିବ ତାହା ଚୂଡ଼ାନ୍ତ କରିପାରୁ ନାହିଁ। ଦଳୀୟ ନେତୃତ୍ୱଙ୍କ ଅଙ୍କ ଛିଣ୍ଡୁ ନ ଥିବା ଚର୍ଚ୍ଚା ହେଉଛି। ଜିଲାରେ ପ୍ରାର୍ଥୀଙ୍କ ନାଁ ଘୋଷଣା କ୍ଷେତ୍ରରେ ଭାଜପା ଆଗରେ ରହିଥିଲା। ଭାଜପା ଲୋକ ସଭା ପ୍ରାର୍ଥୀ ଏବଂ ଜିଲାର ଅନ୍ୟ ୫ଟି ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି। କେବଳ ପୁରୀରୁ କିଏ ପ୍ରାର୍ଥୀ ହେବ ତାହା ସ୍ଥିର ହୋଇପାରୁ ନାହିଁ। ତେବେ ଗୁରୁବାର ବିଜେଡିରୁ ଇସ୍ତଫା ଦେଇଥିବା ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ ଷଡ଼ଙ୍ଗୀ ଭାଜପା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଜୟନ୍ତଙ୍କ ଉପରେ ଭାଜପାର ନଜର ଅଟକି ଥିବାରୁ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଛି। ଦିନେ, ଦୁଇଦିନ ଭିତରେ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ଭଜପା ଦଳୀୟ ମହଲରୁ ଶୁଣିବାକୁ ମିଳୁଛି।

## ମହେଶ୍ୱର ମୋ ପଛରେ ଛୁରାଘାତ କରିଛନ୍ତି: ଜୟନ୍ତ

**ପୁରୀ ଅଫିସ, ୨୯।୩:** ପୁରୀ ବିଜେଡିରେ ଥିବା ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡି ହାଟରେ ଗଡୁଛି। ପୌର ସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ବିଧାୟକ ମହେଶ୍ୱର ମହାନ୍ତିଙ୍କ ବିରୋଧରେ ବିଷୋଦ୍‌ଗାର କରି ଦଳର ପ୍ରାଥମିକ ସଦସ୍ୟତା ପଦରୁ ଗୁରୁବାର ଇସ୍ତଫା ଦେଇଥିଲେ। ସେ ଗତ କିଛି ଦିନ ସତ୍ୟବାଦୀ ନିର୍ବାଚନୀ ମଣ୍ଡଳୀରେ ନିଜ କାୟା ବିସ୍ତାର କରିଥିଲେ। ସେଠାରୁ ଟିକଟ ପାଇବା ଲାଗି ମଧ୍ୟ ଆଶାୟୀ ଥିଲେ। ଶେଷରେ ତାଙ୍କୁ ଅଣଦେଖା କରାଯାଇଥିବା ନେଇ ସେ ଗଣମାଧ୍ୟମକୁ କହିଛନ୍ତି। ଶୁକ୍ରବାର ରାଜସ୍ୱମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ମହେଶ୍ୱର ମହାନ୍ତିଙ୍କୁ ପୁଣି ଥରେ ଟାର୍ଗେଟ କରିଛନ୍ତି। ସବୁ କ୍ଷେତ୍ରରେ ବିଧାୟକଙ୍କ ଅଯଥା ହସ୍ତକ୍ଷେପ ସହ ତାଙ୍କୁ ପଛରୁ ଛୁରାଘାତ କରିଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ପୌର ସଂସ୍ଥାର ନଗରପାଳ ଭାବେ ସହରରେ ବିକାଶ ଲାଗି ସେ ଯଥେଷ୍ଟ କାର୍ଯ୍ୟ କରିଥିବା କହିଛନ୍ତି। ତେବେ ସବୁ କ୍ଷେତ୍ରରେ ମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁ ବହୁ ବିକାଶମୂଳକ କାର୍ଯ୍ୟ ଅଧା ରହିଯାଇଥିବା କ୍ଷୋଭର ସହ କହିଛନ୍ତି। ତାଙ୍କ ବିରୋଧରେ ପୌର ସଂସ୍ଥାରେ ଅନାସ୍ଥା ପ୍ରସ୍ତାବ ଆଣିବା ପଛରେ ମନ୍ତ୍ରୀଙ୍କ ହାତ ଥିବା କହିଛନ୍ତି। ହେଲେ ମହାପ୍ରଭୁଙ୍କ ଆଶୀର୍ବାଦରୁ ସେଥିରୁ ରକ୍ଷା ପାଇଯାଇଥିବା କହିଛନ୍ତି। ଦଳ ଭିତରେ ମହେଶ୍ୱରଙ୍କ ତୀବ୍ର ବିରୋଧ ଯୋଗୁ ନିଜକୁ ଅସହାୟ ମନେ କରିଥିଲେ। ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କୌଣସି କ୍ଷେତ୍ରରେ ମହେଶ୍ୱରଙ୍କୁ ବିରୋଧ କରିନଥିଲେ। ମାତ୍ର ନିର୍ଯାତନା ବଢ଼ିବାରୁ ଦଳ ଛାଡ଼ିଥିବା ଗଣମାଧ୍ୟମକୁ କହିଛନ୍ତି। ଏ ସମ୍ପର୍କରେ ମହେଶ୍ୱରଙ୍କୁ ପଚାରିବାରୁ ସେ ଜୟନ୍ତଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ।

## ସମ୍ବିତ୍‌ଙ୍କ ପାଖରେ ଗାଡ଼ି ନାହିଁ

- ସ୍ଥାବର ସମ୍ପତ୍ତିର ମୂଲ୍ୟ ୨୭,୦୨,୯୭୬ ଟଙ୍କା
- ବିଚାରାଧୀନ ରହିଛି ଗୋଟିଏ ଆପରାଧିକ ମାମଲା

**ପୁରୀ ଅଫିସ, ୨୯।୩:** ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ରଙ୍କ ବୟସ ୪୫। ତାଙ୍କର ମୋଟ ସ୍ଥାବର ସମ୍ପତ୍ତିର ମୂଲ୍ୟ ୨୭,୦୨,୯୭୬ ଟଙ୍କା ରହିଛି। ଏଥିମଧ୍ୟରେ ତାଙ୍କ ପାଖରେ ୧,୧୦,୦୦୦ ଟଙ୍କା ରହିଥିବା ବେଳେ ବ୍ୟାଙ୍କ ଆକାଉଣ୍ଟରେ ୧୯,୪୨,୯୭୬ ଟଙ୍କା, ଏକ ପଲିସିର ମୂଲ୍ୟ ୫ ଲକ୍ଷ ଏବଂ ୫୦ ଗ୍ରାମର ସୁନା ଯାହାର ମୂଲ୍ୟ ୧,୫୦,୦୦୦ ଟଙ୍କା। ସେହପରି ଅସ୍ଥାବର ସମ୍ପତ୍ତି ମଧ୍ୟରେ ଉତ୍ତରପ୍ରଦେଶ ଗାଜିଆବାଦରେ ଏକ କୋଠା ରହିଛି, ଯାହାର ବର୍ତ୍ତମାନର ବଜାର ମୂଲ୍ୟ ପ୍ରାୟ ୪୫ଲକ୍ଷ ଟଙ୍କା ହେବ। ସେ ୧୧,୯୭,୯୪୭ ଟଙ୍କା ଗୃହ ଋଣ କରିଛନ୍ତି। ତାଙ୍କ ନାମରେ ଗୋଟିଏ ଅପରାଧ ମାମଲା ବିଚାରାଧୀନ ରହିଛି। ନାମାଙ୍କନପତ୍ର ଦାଖଲ ସମୟରେ ସେ ରିଟର୍ଣ୍ଣିଂ ଅଫିସରଙ୍କୁ ଦେଇଥିବା ସତ୍ୟପାଠରେ ଏହା ଦର୍ଶାଯାଇଛି। ସେ ୨ଟି (ଗୋଟିଏ ଦିଲ୍ଲୀ ମଲକାଗଞ୍ଜ ଏବଂ ଅନ୍ୟଟି ଭୁବନେଶ୍ୱର କଳିଙ୍ଗ ବିହାର) ପୋଷ୍ଟାଲ ଠିକଣା ଦେଇଛନ୍ତି। ଦିଲ୍ଲୀର ଟିମରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କର ଭୋଟ ପରିଚୟପତ୍ର ରହିଛି। ୨୦୦୨ରେ ସର୍ଜରୀରେ ମାଷ୍ଟର ଡିଗ୍ରୀ ହାସଲ କରିଥିବା ସମ୍ବିତ୍‌ଙ୍କ ପାଖରେ କୌଣସି ଗାଡ଼ି ନାହିଁ ବୋଲି ସେ ଦର୍ଶାଇଛନ୍ତି।

## ପୁରୀ ଲୋକ ସଭା ଆସନ

# ଏଥର ଲଢ଼େଇ ଜୋରଦାର


ସମ୍ବିତ ପାତ୍ର


ପିନାକୀ ମିଶ୍ର


ସତ୍ୟପ୍ରକାଶ ନାୟକ

**ପୁରୀ ଅଫିସ, ୨୯।୩**

ପୁରୀ ଲୋକ ସଭା ଆସନ ପାଇଁ ଏବେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପ୍ରସ୍ତୁତ ହୋଇଗଲେଣି। ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ପ୍ରଥମେ ଭାଜପା ପ୍ରାର୍ଥୀ ଭାବେ ଡା. ସମ୍ବିତ୍ ପାତ୍ର ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ବେଳେ ଆଗପଛ ହୋଇ ବିଜେଡିର ପିନାକୀ ମିଶ୍ର ଏବଂ କଂଗ୍ରେସର ସତ୍ୟପ୍ରକାଶ ନାୟକ ପ୍ରବେଶ କରିଛନ୍ତି। ଏଥର ଲଢେଇ ଜୋର୍‌ଦାର ହେବା ସମ୍ଭାବନା ରହିଛି ବୋଲି ଭୋଟରଙ୍କ ମଧ୍ୟରେ ଆଲୋଚନା ହେଲାଣି।

ଓଡ଼ିଶାର ପର୍ଯ୍ୟଟନ ରାଜଧାନୀ କହିଲେ ପୁରୀକୁ ବୁଝାଏ। ଏଠାକୁ ଦେଶବିଦେଶର ପର୍ଯ୍ୟଟକ ଏବଂ ଯାତ୍ରୀ ଆସିଥାନ୍ତି। ଯେହେତୁ ବାହାର ଲୋକ ପ୍ରତ୍ୟହ ଏଠାକୁ ଆସିଥାନ୍ତି ତେଣୁ ପୁରୀ ରାଜନୀତି କେବଳ ଓଡ଼ିଶା ନୁହେଁ, ରାଜ୍ୟ ବାହାରେ ମଧ୍ୟ ଆଲୋଚ୍ୟର ପ୍ରସଙ୍ଗ ପାଲଟିଥାଏ। ତେଣୁ ସବୁ ଦଳର ଫୋକସ୍ ବିଶେଷ ଭାବେ ପୁରୀ ଉପରେ ରହିଥାଏ। ଏଥର ପୁରୀ ଲୋକ ସଭା ଆସନକୁ ନେଇ ଆରମ୍ଭରୁ ସବୁ ଦଳ ମଧ୍ୟରେ ଏକପ୍ରକାର ଭାଳେଣି ପଡିଥିଲା। କାହାକୁ ପ୍ରାର୍ଥୀ କଲେ ସଫଳତା ମିଳିବ ତାକୁ ନେଇ ଉପୁଜିଥିଲା ଆଶଙ୍କା। ଭୋଟରମାନେ ମଧ୍ୟ ପ୍ରାର୍ଥୀଙ୍କ ନାଁ ଘୋଷଣା ନ ହେବା ପର୍ଯ୍ୟନ୍ତ ସନ୍ଦେହରେ ରହିଥିଲେ। ପୂର୍ବରୁ ଏଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ସମ୍ବିତ୍‌ଙ୍କ ପ୍ରାର୍ଥିତ୍ୱ ପରେ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିବା ସହ ବିଜେଡି ଏବଂ କଂଗ୍ରେସ କାହାକୁ ପ୍ରାର୍ଥୀ କରିବେ ସେ ନେଇ ଅଙ୍କ କଷିବା ଆରମ୍ଭ କରିଥିଲେ। ଶେଷରେ ବିଜେଡି ପୁଣିଥରେ ପିନାକୀ ମିଶ୍ରଙ୍କୁ ଏଠାରୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ଶୁକ୍ରବାର ସତ୍ୟପ୍ରକାଶ ନାୟକଙ୍କ ନାଁରେ ମୋହର ଲଗାଇଛି।

**ପ୍ରମୁଖ ୩ ଦଳର ପ୍ରାର୍ଥୀ ଚୂଡ଼ାନ୍ତ**

ପ୍ରମୁଖ ତିନି ରାଜନୈତିକ ଦଳ ଦକ୍ଷ ପ୍ରାର୍ଥୀଙ୍କୁ ଅବତୀର୍ଣ୍ଣ କରାଇଥିବାରୁ ଭୋଟରମାନେ କଡ଼ା ମୁକାବିଲା ହେବ ବୋଲି ଅନୁମାନ କରୁଛନ୍ତି। ଦେଖିବାକୁ ଗଲେ ସମ୍ବିତ୍ ହେଉଛନ୍ତି ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର। ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ହେଉଥିବା ଚର୍ଚ୍ଚା, ଆଲୋଚନାରେ ସମ୍ବିତ୍‌ଙ୍କୁ ପ୍ରାୟତଃ ଦେଖିବାକୁ ମିଳିଥାଏ। ପ୍ରତିପକ୍ଷଙ୍କୁ ମୁକାବିଲା କରିବା ଭଳି ଦକ୍ଷତା ବି ତାଙ୍କର ରହିଛି। ସମ୍ବିତ୍ କହିଛନ୍ତି ଯେ, ତାଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। ମହାପ୍ରଭୁ ହିଁ ତାଙ୍କୁ ନିଶ୍ଚିତ ନ୍ୟାୟ ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କ ସେବା ପାଇଁ ପଠାଇଛନ୍ତି। ସେ ଜଣେ ଡାକବାଲାର ଭୂମିକା ନେବେ। କାହା ସହିତ ଲଢେଇ ନୁହେଁ, ପୁରୀବାସୀଙ୍କ ବିକାଶ ତାଙ୍କର ପ୍ରମୁଖ ଲକ୍ଷ୍ୟ ହେବ ବୋଲି କହିଛନ୍ତି।

ବିଜେଡି ପ୍ରାର୍ଥୀ ପିନାକୀ ଦଳର ଜଣେ ଆଗଧାଡ଼ିର ନେତା। ସେ ଗତ ୨ ନିର୍ବାଚନରେ ଏଠାରୁ ଜିତିଛନ୍ତି। ଏଥର ବିଜୟୀ ହେବା ପାଇଁ ସେ କେଉଁଭଳି ପ୍ରସ୍ତୁତ ହେଉଛନ୍ତି ତାହା ଜାଣିବା ଲାଗି ପିନାକୀଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏକ ଜାଗାରେ ଅଛନ୍ତି, ପରେ ଯାହା କହିପାରିବେ ବୋଲି ଉତ୍ତର ଦେଇଥିଲେ। ତାଙ୍କଠାରୁ ଆଉ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

କଂଗ୍ରେସ ପ୍ରାର୍ଥୀ ସତ୍ୟପ୍ରକାଶ ହେଉଛନ୍ତି ଦଳର ରାଜ୍ୟ ମୁଖପାତ୍ର। ସାମ୍ବାଦିକତା କ୍ଷେତ୍ରରୁ ଆସିଥିବାରୁ ସତ୍ୟପ୍ରକାଶ ହିଁ ବିରୋଧୀ ପ୍ରାର୍ଥୀଙ୍କୁ ସମ୍ମୁଖୀନ ହୋଇପାରିବେ ବୋଲି କଂଗ୍ରେସ ତାଙ୍କ ଉପରେ ଭରସା ରଖିଛି। ସତ୍ୟପ୍ରକାଶ କହିଛନ୍ତି ଯେ, ବିଜେଡି କିମ୍ବା ଭାଜପା ପ୍ରାର୍ଥୀଙ୍କ ବିରୋଧରେ ତାଙ୍କର ଲଢେଇ ନୁହେଁ। ଦୀର୍ଘବର୍ଷ ଧରି ପୁରୀରେ ଚାଲିଥିବା କୁଶାସନ ବିରୋଧରେ ଏହି ଲଢେଇ ହେବ। ଶିକ୍ଷା ହେଉ କି ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ପୁରୀ ଆଜି ସ୍ଥାଣୁ ପାଲଟିଯାଇଛି। ଭ୍ରଷ୍ଟାଚାର, ଦୁର୍ନୀତି, ଅପରାଧରେ ବୁଡ଼ିଛି ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ। ତେଣୁ ଜନସାଧାରଣଙ୍କୁ ସାଥିରେ ନେଇ ଏହା ବିରୋଧରେ ଲଢେଇ କରିବେ ବୋଲି ସେ କହିଛନ୍ତି।



ଅଧିର ହୁଅ ନାହିଁ, କାଲି ପର୍ଯ୍ୟନ୍ତ ଅପେକ୍ଷା କରିଗଲେ ସବୁଠାରୁ ବଳି ଦୁଃଖର ଦିନଟି ମଧ କଟିଯିବ।
- କୁପର୍



## ସଂକ୍ଷେପରେ

### ଆଜି ରାଜ୍ୟରେ ଓକିଲ ସଂଘ ନିର୍ବାଚନ

**କଟକ ଅଫିସ, ୨୯।୩:** ଶନିବାର ହାଇକୋର୍ଟ ବାର୍ ଆସୋସିଏଶନ ସମେତ ରାଜ୍ୟର ସମସ୍ତ ବାର୍‌ରେ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବ। ହାଇକୋର୍ଟ ବାର୍‌ରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ ଜାରି ରହିବ। ବାର୍‌ରେ ମୋଟ୍ ୩୨୫୦ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ହାଇକୋର୍ଟ ବାର୍‌ର ବିଭିନ୍ନ ପଦପଦବୀ ନିମନ୍ତେ ମୋଟ୍ ୩୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

### ବାଣ ବିସ୍ଫୋରଣରେ ଜଣେ ମୃତ, ୨ଆହତ

**ପୁରୀ ଅଫିସ, ୨୯।୩:** ପୁରୀ ଜିଲା ସଦର ଥାନା ଅନ୍ତର୍ଗତ କମା ଶାସନ ଗ୍ରାମରେ ଶୁକ୍ରବାର ବାଣ ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ସଦର ଥାନା ଅନ୍ତର୍ଗତ କେରାଣ୍ଡିପୁର ପଞ୍ଚାୟତର କମା ଶାସନର ରଜତ ପରିଡା(୨୦)। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମିଳିଥିବା ସୂଚନା ପ୍ରକାରେ, ଶୁକ୍ରବାର ପୂର୍ବାହ୍ନରେ ଘରେ ବାଣ ଭିଡୁଥିବା ବେଳେ ହଠାତ୍ ବାଣ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପ୍ରଭାବରେ ଆଖପାଖ ଘର ମଧ ପୋଡିଯାଇଛି। ବାଣ ପ୍ରସ୍ତୁତି ଲାଗି ତାଙ୍କର ଲାଇସେନ୍ସ ଥିଲା କି, ସେ କେଉଁ ଉଦ୍ଦେଶ୍ୟରେ ବାଣ ଭିଡୁଥିଲେ ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ଅନ୍ୟ କେଉଁ ଅଞ୍ଚଳରେ ବେଆଇନ ଭାବେ ବାଣ ଭିଡା ଯାଉଛି ତାହା ଉପରେ ପୋଲିସ ପକ୍ଷରୁ ଅନୁସନ୍ଧାନ କରାଯିବ ବୋଲି କୁହାଯାଇଛି।

### ୩୫ହଜାର ଲାଞ୍ଚ: ସହକାରୀ ଯନ୍ତ୍ରୀ ଗିରଫ

**କଟକ ଅଫିସ, ୨୯।୩:** ୩୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଉଠାଜଳସେଚନ ଉପଖଣ୍ଡର ସହକାରୀ ଯନ୍ତ୍ରୀ ସତ୍ୟାନନ୍ଦ ଦାସ। ଶୁକ୍ରବାର ଦାସ ଏହି ଟଙ୍କା ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳର ଗୋଲଖ ବିହାରୀ ଆଇଚ ନାମକ ଜଣେ ଠିକାଦାରଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଏକ ଠିକା କାମର ବିଲ୍ ପାସ୍ କରିବା ପାଇଁ ଯନ୍ତ୍ରୀ ଦାସ ଗୋଲଖଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଶୁକ୍ରବାର ଭୁବନେଶ୍ୱରର ଲକ୍ଷ୍ମୀସାଗର ନିକଟରେ ଥିବା ବାଲାଜୀ କମ୍ପ୍ଲେକ୍ସ ଆପାର୍ଟମେଣ୍ଟ ଭିତରେ ଯନ୍ତ୍ରୀ ଦାସ ଗୋଲଖଙ୍କଠାରୁ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଯନ୍ତ୍ରୀଙ୍କ ଭୁବନେଶ୍ୱରଠାରେ ଥିବା ଆବାସିକ ଘର ଓ ଢେଙ୍କାନାଳଠାରେ ଥିବା ଅଫିସ ଗୃହକୁ ଯାଞ୍ଚ କରାଯାଇଥିଲା। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୯/୧୯) ରୁଜୁ କରାଯାଇ ଯନ୍ତ୍ରୀ ଦାସଙ୍କୁ ଗିରଫ କରାଯାଇଛି।

### ୧ ଏପ୍ରିଲରୁ ନନ୍ଦନକାନନର ଖୋଲିବା ସମୟ ବଦଳିବ




**ବାରଙ୍ଗ,୨୯।୩(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଖୋଲିବାର ସମୟସୀମା ଏବେ ବଦଳିବାକୁ ଯାଉଛି। ଏପ୍ରିଲ ୧ରୁ ଏହି ସମୟସୀମା ପରିବର୍ତ୍ତନ ହେବ। ୧ ତାରିଖ ସୋମବାର ଥିବାରୁ ନନ୍ଦନକାନନ ବନ୍ଦ ରହିଥିବାବେଳେ ମଙ୍ଗଳବାରଠାରୁ ଏହା କାର୍ଯ୍ୟକାରୀ ହେବା ସହ ପର୍ଯ୍ୟଟକମାନେ ଏହି ସୁବିଧା ପାଇପାରିବେ। ଏପ୍ରିଲ ୧ ତାରିଖଠାରୁ ସକାଳ ୮ଟା ପରିବର୍ତ୍ତେ ୭ଟା ୩୦ମିନିଟ୍‌ରେ ନନ୍ଦନକାନନ ଖୋଲିବା ସହ ଅପରାହ୍ନ ୫ଟା ପରିବର୍ତ୍ତେ ୫ଟା ୩୦ମିନିଟରେ ବନ୍ଦ ହେବ। ମାର୍ଚ୍ଚରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ସକାଳ ୮ଟାରେ ନନ୍ଦନକାନନ ଖୋଲାରହି ୫ଟାରେ ବନ୍ଦ ହେଉଥିବାବେଳେ ଏପ୍ରିଲରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୭ଟା ୩୦ରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବାର ନିୟମ ଆଗରୁ ପ୍ରଣୟନ ହୋଇଛି । ଖରାଦିନେ ଗ୍ରୀଷ୍ମ ଉତ୍ତାପ ସହ ଦିନ ବଡଥିବାରୁ ଅଧଘଣ୍ଟା ପୂର୍ବରୁ ଖୋଲି ଅଧଘଣ୍ଟା ବିଳମ୍ବରେ ବନ୍ଦ ହେବ। ସେହିପରି ଶୀତଦିନେ ଶୀତର ଲହରି ସହ ଶୀଘ୍ର ସନ୍ଧ୍ୟା ହେଉଥିବାରୁ ଅଧଘଣ୍ଟା ବିଳମ୍ବରେ ଖୋଲି ଅପରାହ୍ନ ୫ଟାରେ ବନ୍ଦ କରାଯିବାକୁ ଆଗରୁ ସ୍ଥିର ହୋଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

# ଆରମ୍ଭ ହେଲା ବୈଶାଖୀ ବାଣିଜ୍ୟ ମେଳା

**କଟକ ଅଫିସ,୨୯।୩**

ଶୁକ୍ରବାର ଠାରୁ ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହୋଇଛି ଦ୍ୱିତୀୟ ବାଲିଯାତ୍ରା ଭାବେ ପରିଚିତ ବୈଶାଖୀ ବାଣିଜ୍ୟ ମେଳା। ଦଶଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଓଡିଶା ତଥା ଓଡିଶା ବାହାରୁ ୫୨୦ଟି ଷ୍ଟଲ ପଡିଛି। ସେଥି ମଧ୍ୟରେ ୪୫୦ କମର୍ସିଆଲ ଷ୍ଟଲ୍ ଓ ୭୦ କର୍ପୋରେଟ ଷ୍ଟଲ୍ ରହିଛି। ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବାଣିଜ୍ୟର ଅଭିବୃଦ୍ଧି ସହିତ ଛୋଟ, ମଧ୍ୟମ ବ୍ୟବସାୟୀଙ୍କୁ ପ୍ଲାଟଫର୍ମ ଯୋଗାଇଦେବା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରୁଚି ପରିଚାଳନା ନିର୍ଦ୍ଦେଶକ ଶରତ ସାହୁ, ଓଡ଼ିଶା ଘରୋଇ ଇଞ୍ଜିନିୟରିଂ ସଂଘ(ଓପେକା) ସମ୍ପାଦକ ବିନୋଦ ଦାଶ, ବାଣିଜ୍ୟ ମେଳା ଆବାହକ ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ସିଏମ୍‌ସିର ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ବୈଶାଖୀ ବାଣିଜ୍ୟ ମେଳା କମିଟିର ଦେବୀ ପ୍ରସାଦ ଦାସ, ସନ୍ଦୀପ ବେହେରା, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ସାହୁ କହିଥିଲେ, ଏହି ବାଣିଜ୍ୟ ମେଳା ଆଜକୁ ୧୫ବର୍ଷ ହେବ ଆୟୋଜିତ ହୋଇଆସୁଛି। ୧୫ବର୍ଷ ତଳେ ହାତଗଣତି ଷ୍ଟଲ୍‌କୁ ନେଇ ଏହି ମେଳା ଆରମ୍ଭ ହୋଇଥିଲା । ଏବେ ୫୨୦ରେ ପହଞ୍ଚିଲାଣି। ଆଗାମୀ ଦିନରେ ବଡ ବଡ କମ୍ପାନୀକୁ ଏହି ମେଳାରେ ଅନ୍ତର୍ଭୁକ୍ତ କରିବା ସହ ଷ୍ଟଲ୍ ସଂଖ୍ୟା ବୃଦ୍ଧି କରିବାକୁ ଯୋଜନା ହୋଇଛି। ଅନ୍ୟତମ ଅତିଥି ଆଶୀର୍ବାଦ ବେହେରା କହିଥିଲେ, ଏହି ମେଳା ହେଉଛି କଟକ ସହରର ଦ୍ୱିତୀୟ ବାଲିଯାତ୍ରା। ଖରାଛୁଟିର ମଜା ଉଠାଇବା ପାଇଁ କଟକିଆଙ୍କ ନିମନ୍ତେ ଏହା ସବୁଠାରୁ ବଡ଼ ସୁଯୋଗ। ମେଳାରେ ୭ ପ୍ରକାର ଦୋଳିର ବ୍ୟବସ୍ଥା ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଜେଡ଼ି ନେତା ମଧୁସୂଦନ ସାହୁ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡ. ବନବିହାରୀ ମିଶ୍ରଙ୍କୁ ଏପ୍ରିଲ ୬ ତାରିଖରେ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଛି। ଏପ୍ରିଲ ପହିଲା ଓ ୨ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହେବ। ମେଳାରେ ବିଶେଷକରି ବିଭିନ୍ନ ଘରକରଣା ସାମଗ୍ରୀ, ତାରକସୀ ସାମଗ୍ରୀ, ଓଡିଶା ତଥା ଓଡିଶା ବାହାରୁ ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ୍ ପଡିଛି।



ବୈଶାଖୀ ବାଣିଜ୍ୟ ମେଳାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।



ମେଳାରେ ଲୋକଙ୍କ ଭିଡ଼।

# ପର୍ଯ୍ୟଟକଙ୍କ ପାଇଁ ନୂଆ ଆକର୍ଷଣ

## ୱିଲିୟମ୍ ଡାର୍ଲିମ୍ପଲ୍‌ଙ୍କ ସହ 'ଟେମ୍ପୁଲ୍ ଟ୍ରେଲ୍'

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ଦେଶ ଏବଂ ଦେଶ ବାହାରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ପ୍ରଥମଥର ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆରମ୍ଭ ହେବାକୁ ଯାଉଛି 'ଟେମ୍ପୁଲ୍ ଟ୍ରେଲ୍'। ଆସନ୍ତା ଏପ୍ରିଲ ୫ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ବିଶ୍ୱ ପ୍ରସିଦ୍ଧ ଐତିହାସିକ ତଥା ଲେଖକ ୱିଲିୟମ୍ ଡାର୍ଲିମ୍ପଲ୍ ଏହି ଟେମ୍ପୁଲ୍ ଟ୍ରେଲ୍‌ରେ ଯୋଗଦେଇ ଭୁବନେଶ୍ୱରର ସମସ୍ତ ଐତିହାସିକ ମନ୍ଦିର ଓ କୀର୍ତ୍ତିରାଜି ପରିଦର୍ଶନ କରିବେ। ତାଙ୍କ ସହ ସମଗ୍ର ବିଶ୍ୱରୁ ପର୍ଯ୍ୟଟକ, ଲେଖକ ଓ ଫଟୋ ଗ୍ରାଫରମାନେ ଏହି ଅଭିନବ ଟ୍ରେଲ୍‌ରେ ସାମିଲ ହେବେ।

ଭାରତ ଏବଂ ଇସ୍‌ଲାମ୍ ଉପରେ ୯ଟି ପୁସ୍ତକ ରଚନା କରିଥିବା ୱିଲିୟମ୍ ଡାର୍ଲିମ୍ପଲଙ୍କ ପ୍ରସିଦ୍ଧ ରଚନା ମଧ୍ୟରେ 'ହ୍ୱାଇଟ୍ ମୁଗଲସ', 'ଦି ଲାଷ୍ଟ ମୁଗଲ', 'ନାଇନ୍ ଲାଇଭ୍‌ସ: ଇନ୍ ସର୍ଚ୍ଚ ଅଫ୍ ଦି ସାକ୍ରେଡ୍ ଇନ୍ ମଡର୍ନ ଇଣ୍ଡିଆ' ଭଳି ପୁସ୍ତକମାନ ରହିଛି। ୨୦୧୬ରେ ଅନିତା ଆନନ୍ଦଙ୍କ ସହ ମିଶି ସେ 'କୋହିନୂର୍'ର ଇତିହାସ ସମ୍ପର୍କିତ ପୁସ୍ତକ ରଚନା କରିଛନ୍ତି। କେବଳ ଏତିକି ନୁହେଁ, 'ନ୍ୟୁୟର୍କର୍', 'ଦି ନ୍ୟୁୟର୍କ ରିଭିଉ ଅଫ୍ ବୁକ୍ସ' ଏବଂ 'ଦି ଗାର୍ଡିଆନ୍'ର ସେ ଜଣେ ନିୟମିତ ଲେଖକ। ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିବାରୁ ଡାର୍ଲିମ୍ପଲ ଧନ୍ୟବାଦ ଦେବା ସହ ଭାରତବର୍ଷରେ ଓଡ଼ିଶା ତାଙ୍କର ଏକ ପ୍ରିୟ ରାଜ୍ୟ ବୋଲି କହିଛନ୍ତି। ଓଡ଼ିଶାକୁ ଆସି ଏହାର ଐତିହାସିକ ମନ୍ଦିର ଓ କୀର୍ତ୍ତିରାଜିକୁ ଅତି ନିକଟରୁ ଦେଖିବା ସହ ଏଠାକାର ପାରମ୍ପରିକ ଖାଦ୍ୟର ମଜା ନେବାକୁ ସେ ଉତ୍ସାହିତ ଥିବା କହିଛନ୍ତି। ଡାର୍ଲିମ୍ପଲ୍ ମନ୍ଦିରମାଳିନୀ ସହର ଭୁବନେଶ୍ୱର ସହ ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର, ଓଡ଼ିଶାର ବୌଦ୍ଧ ପର୍ଯ୍ୟଟନସ୍ଥଳୀ ଉଦୟଗିରି, ଖଣ୍ଡଗିରି ଏବଂ ରତ୍ନଗିରି ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା 'ଟେମ୍ପୁଲ୍ ଟ୍ରେଲ୍' ସର୍ବସାଧାରଣଙ୍କ ପାଇଁ ମୁକ୍ତ ରହିବ। ଏଥିରେ ଅଧିକରୁ ଅଧିକ ସ୍ଥାନୀୟ ଲୋକ ଯୋଗ ଏବଂ ପର୍ଯ୍ୟଟକ ଯୋଗ ଦେବାକୁ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବ କହିଛନ୍ତି।




# 'ପାଇକ ଦିବସ' ପାଳିଲା ପାଇକ ମହାସଂଘ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ମାର୍ଚ୍ଚ ୨୯ ତାରିଖ ଭାରତୀୟ ଇତିହାସରେ ଏକ ପ୍ରସିଦ୍ଧ ଦିବସ। ଇଂରେଜମାନଙ୍କ ବିରୋଧରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ 'ପାଇକ ବିଦ୍ରୋହ' ଓଡ଼ିଶା ମାଟିରୁ ଏହି ଦିନ ହିଁ ଆରମ୍ଭ ହୋଇଥିଲା। ପାଇକ ବାହିନୀ ଇଂରେଜ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲା। ସମ୍ମୁଖ ଯୁଦ୍ଧରେ ପାଇକମାନେ ଇଂରେଜ ସୈନ୍ୟଙ୍କୁ ପରାସ୍ତ କରିବା ସହ ହାଜତ ପୋଡିଥିଲେ, ଇଂରେଜ ସୈନ୍ୟଙ୍କୁ ପରାସ୍ତ କରି ଆଗକୁ ମାଡିଥିଲେ। ସେହି ସମୟରେ ଭାରତୀୟ ଇଂରେଜ ବିରୋଧ ସଂଗ୍ରାମ ପାଇଁ ଅଗ୍ନି ସଂଯୋଗ କରିଥିଲା। ପରେ ଓଡ଼ିଶାର ଚାରିଆଡେ ସଂଗ୍ରାମ ପ୍ରସାରିତ ହୋଇଥିଲା। ତେଣୁ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଏହି ଦିନ ହିଁ ଆରମ୍ଭ ହୋଇଥିଲା ବୋଲି କହିଛନ୍ତି ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ।

ପାଇକ ମହାସଂଘ ପକ୍ଷରୁ ଶୁକ୍ରବାର ମାର୍ଚ୍ଚ ୨୯ କୁ 'ପାଇକ ଦିବସ' ଭାବେ ପାଳନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱରରେ ସଂଘ ପକ୍ଷରୁ ବିଭିନ୍ନ ସମରକଳା ପ୍ରଦର୍ଶନ କରାଯିବା ସହ ଦାବିଗୁଡିକୁ ଉପସ୍ଥାପନ କରାଯାଇଥିଲା। ପାଇକ ଦିବସ ପାଳନ କରିବାକୁ ପାଇକ ମହାସଂଘ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ପାଳନ କରୁନାହାନ୍ତି କି ସ୍ୱତନ୍ତ୍ର ଦିବସ ଘୋଷଣା କରୁନାହାନ୍ତି। ସେହିଭଳି ପାଇକ ଆଖଡାଗୁଡିକର ପୁନରୁଦ୍ଧାର କରାଯାଉ ନ ଥିବାରୁ ଏହା ମାଟିରେ ମିଶି ଗଲାଣି। ପାଇକ ଆଖଡାକୁ ସ୍କୁଲ୍, କଲେଜରେ ସ୍ଥାନ ଦେଇ ଏହାକୁ ଏନ୍‌ସିସି ସ୍କାଉଟ୍‌ର ମାନ୍ୟତା ଦେବା, ଏହାକୁ ରାଜ୍ୟ କ୍ରୀଡ଼ାର ମାନ୍ୟତା ଦେବା, ପାଇକ ଦିବସ ପାଳନ ଏବଂ ପାଇକ ଏକାଡ଼େମୀ ଗଠନ କରିବାକୁ ମହାସଂଘ ଏହି ଅବସରରେ ଦାବି କରିଥିଲା। ସମାବେଶରେ ରାଜ୍ୟ ଉପସଭାପତି ଭୀମସେନ ପାଇକରାୟ, ଖୋର୍ଦ୍ଧା ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀ, ପାଇକ ବିଶାରଦ ଗୁରୁ କେଦାର ଦାଶ, ରାଜ୍ୟ କୋଷାଧ୍ୟକ୍ଷ ରନ ବଳିୟାରସିଂହ, ଦଳବେହେରା ମନୋରଞ୍ଜନ ପଶ୍ଚିମ କବାଟ, ଜଗତ୍‌ସିଂହପୁର ଜିଲା ସଭାପତି ବିଦ୍ୟାଧର ନାୟକ, ରାଜ୍ୟ ଉପଦେଷ୍ଟା ବିଭୂତି ସ୍ୱାଇଁ, ପ୍ରମୋଦ ସାମନ୍ତରାୟ, ନୟାଗଡ ସଭାପତି ଭରତ ଦାସ, କାକଟପୁର ଗୁରୁ ଶ୍ରୀଧର ଦାସ ପ୍ରମୁଖ ଯୋଗ ଦେଇଥିଲେ।



ପାଇକ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ବୀର ପାଇକମାନେ।

# ବସ୍ତିବାସିନ୍ଦାଙ୍କୁ ଘର ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ ଅଫିସ, ୨୯।୩**

ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ କେନ୍ଦ୍ର ସରକାର ପଞ୍ଚବାର୍ଷିକ ଯୋଜନାରେ ଯୋଗାଇଥିବା ଗୃହ ଆବଣ୍ଟିତ ହୋଇପାରିନାହିଁ। ୧୯୭୦ ମସିହାରେ ଭୁବନେଶ୍ୱର ଖାରବେଳନଗର ଅଞ୍ଚଳରେ ନିର୍ମାଣ କରାଯାଇଥିବା ଏହି ଘରକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ୪୨ ଜଣ ଆବେଦନକାରୀ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଆସନ୍ତା ୨ ମାସ ମଧ୍ୟରେ ଯୋଗ୍ୟ ଆବେଦନକାରୀଙ୍କୁ ଘର ଯୋଗାଇଦେବାକୁ ହାଇକୋର୍ଟ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଆଦେଶ ଦେଇଛନ୍ତି। ଯେହେତୁ କଟକରେ ସମାନ ଧରଣର ଯୋଜନାରେ ନିର୍ମାଣ କରାଯାଇଥିବା ଘର ବସ୍ତିବାସିନ୍ଦାଙ୍କୁ ଯୋଗାଇ ଦିଆଯାଇଛି ତେଣୁ ଭୁବନେଶ୍ୱରରେ ଏହାକୁ ବସ୍ତିବାସିନ୍ଦାଙ୍କୁ ଯୋଗାଇଦେବାରେ କୌଣସି ପ୍ରତିବନ୍ଧକ ନ ଥିବା କୋର୍ଟ ହୃଦୟଙ୍ଗମ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକେଟ ମନୋଜ ମିଶ୍ର ମାମଲା ପରିଚାଳନା କରୁଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଗୋପାଳ



ବିକାଶ



ଜ୍ଞାନରଞ୍ଜନ



ଟିଙ୍କିନା



ଅମିତା



ମୁକେଶ



ରମେଶ



ପ୍ରଭାସିନୀ



ଉମେଶ



ପିଙ୍କୁ

କାହାରିକୁ ଦୁଃଖ ଦିଅନାହିଁ। କାହାକୁ ଘୃଣା କର ନାହିଁ। କାୟ ମନୋବାକ୍ୟରେ ସମସ୍ତଙ୍କର ମଙ୍ଗଳ ବିଧାନ କର। ସର୍ବ ଜୀବଙ୍କୁ ସମ୍ମାନ ଦିଅ।
- ଶ୍ରୀ ଚୈତନ୍ୟ ଦେବ



## ସଂକ୍ଷେପରେ

### ଠିକାଦାରଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୯।୩(ବ୍ୟୁରୋ):**ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ଠିକାଦାରଙ୍କୁ ମାଡ ମାରିବା ଘଟଣାରେ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅଧୀନ ରେଣ୍ଟାଲ ଅଞ୍ଚଳର କାହ୍ନା ବେହେରା। ସୂଚନା ମୁତାବକ, ଅଭିଯୁକ୍ତ କାହ୍ନାଙ୍କ ବଡ ଭାଇ ଚନ୍ଦନ ବେହେରା ଠିକାଦାର ଶିଶିର କୁମାର ବସ୍ତିଆଙ୍କ ପାଖରେ ସୁପରଭାଇଜର ଭାବେ କାମ କରନ୍ତି। ଶିଶିର ଚନ୍ଦନଙ୍କୁ ଅଧିକ କାମ ଚାପ ଦେଉଥିବାରୁ ସେ ପରିବାରକୁ ଠିକଭାବେ ସମୟ ଦେଇପାରୁ ନ ଥିଲେ। ମାତ୍ର ଚନ୍ଦନ ଉପଯୁକ୍ତ ଦରମା ପାଉ ନ ଥିଲେ। ଗତ ୨୪ତାରିଖରେ ଦରମା ବଢ଼ାଇବା ନେଇ କାହ୍ନା ଓ ଶିଶିରଙ୍କ ମଧ୍ୟରେ ବଚସାରୁ ହାତାହାତି ହୋଇଥିଲା। ଶିଶିରଙ୍କୁ କାହ୍ନା ମାଡ ମାରି ଚେତାଶୂନ୍ୟ କରିଦେଇଥିଲେ। ଏନେଇ ଶିଶିର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬୭/୧୯ରେ ଏକ ମାମଲା ରୁଜୁ କରି କାହ୍ନାଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା ପରେ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ନିଶାଦିଆ ଲୁଟେରାଙ୍କ ଶିକାର ହେଲେ ୪ ଯାତ୍ରୀ

**ଭୁବନେଶ୍ୱର,୨୯।୩ (ବ୍ୟୁରୋ):** ରାଜଧାନୀରେ ପୁଣି ମାତିଛନ୍ତି ନିଶାଦିଆ ଲୁଟେରା। ଗୋଟିଏ ଦିନରେ ୪ଜଣ ଯାତ୍ରୀଙ୍କୁ ନିଶା ଦେଇ ହଜାର ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ଯାତ୍ରୀ ହେଲେ କେନ୍ଦ୍ରାପଡା ଆଳି ଅଞ୍ଚଳର ପ୍ରଶାନ୍ତ ରାଉତ। ସେ ବେଙ୍ଗାଲୁରୁରେ ଚାକିରି କରନ୍ତି। ଗୁରୁବାର ରାତିରେ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ସେ ଭୁବନେଶ୍ୱର ଆସିଥିଲେ। ଷ୍ଟେଶନରେ ଲୁଟେରା ଚା'ରେ ନିଶା ଦେଇ ତାଙ୍କଠାରୁ ୭ହଜାର ଟଙ୍କା ଓ ମୋବାଇଲ୍ ଲୁଟି ନେବା ପରେ ତାଙ୍କୁ ଟଙ୍କପାଣି ରୋଡ ନିକଟରେ ଫିଙ୍ଗିଦେଇଥିଲେ। ତାଙ୍କୁ ପିସିଆର ଭ୍ୟାନ୍ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେହିଭଳି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶ୍ୱନାଥ ଦାସ ବେଙ୍ଗାଲୁରୁରେ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ଘରକୁ ଫେରୁଥିବାବେଳେ ସେ ମଧ୍ୟ ଅନୁରୂପ ଭାବେ ଲୁଟ୍‌ର ଶିକାର ହୋଇଥିଲେ। ଦେବଗଡର ରମେଶ ମୁଣ୍ଡା ଓ ଜଗତସିଂହପୁର ଜିଲା ରଘୁନାଥପୁର ଅଞ୍ଚଳର ବିକ୍ରମ ଭୋଇଙ୍କୁ ଚା'ରେ ନିଶା ଦେଇ ଲୁଟପାଟ କରିଛନ୍ତି ଲୁଟେରା। ଏହି ଯାତ୍ରୀମାନେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅନୁସନ୍ଧାନ ଜାରି ରଖିଛି।

### ନାବାଳିକାଙ୍କୁ ଅପହରଣ, ଟ୍ୟୁଶନ ସାର୍ ଗିରଫ

**ପୁରୁଣା ଭୁବନେଶ୍ୱର,୨୯।୩(ଡି.ଏନ୍.ଏ.):** ଏୟାରଫିଲ୍ଡ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଶୁକ୍ରବାର ପୋଲିସ ତାଙ୍କ ଟ୍ୟୁଶନ ସାରଙ୍କୁ ଗିରଫ କରିଛି। ପ୍ରକାଶ ଯେ, ପ୍ରତିଦିନ ଭଳି ଗତ ୨୭ ତାରିଖରେ ସାର ଜଣକ ନାବାଳିକାଙ୍କ ଘରକୁ ଟ୍ୟୁଶନ କରିବା ପାଇଁ ସନ୍ଧ୍ୟାରେ ଆସିଥିଲେ। ସେତେବେଳେ ନାବାଳିକାଙ୍କ ଘରେ କେହି ନଥିବା ସୁଯୋଗ ନେଇ ଝିଅଙ୍କୁ କଥାରେ ପ୍ରଲୋଭନ କରି ଅପହରଣ କରିନେଇଥିଲେ। ପରେ ପରିବାର ଲୋକେ ଘରକୁ ଫେରିବାରୁ ଝିଅ ନ ଥିବା ଦେଖି ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଥିଲା। ସୂଚନା ଥାଉ କି ଟ୍ୟୁଶନ ସାର୍ ଜଣକ ପୂର୍ବରୁ ବିବାହିତ ଥିଲେ।

### ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରଙ୍ଗ,୨୯।୩(ଡି.ଏନ୍.ଏ.):**ମହାବୀର ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ନରଣପୁର ଖେଳପଡିଆରେ ଅଷ୍ଟମ ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୩ଦିନ ଧରି ଚାଲିବା ସହ ରବିବାର ଉଦ୍‌ଯାପିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୬ଟି ଦଳ ଆସି ଅଂଶଗ୍ରହଣ କରିବେ। ବାରଙ୍ଗ ଥାନାଧିକାରୀ ଶଶିକାନ୍ତ ରାଉତ ଏହାକୁ ଉଦଘାଟନ କରିଥିଲେ। ପ୍ରଥମମ୍ୟାଚ ସିଆଇଆଇ ସହ ବରାହିପୁରର ସୁପ୍ରିମକ୍ଲବ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ଗୋଲ ଦେଇପାରି ନ ଥିବାରୁ ଟ୍ରାଇବ୍ରେକର ମାଧ୍ୟମରେ ବିଜେତା ବଛାଯାଇଥିଲା। ସିଆଇଆଇ ୪/୧ଗୋଲରେ ସୁପ୍ରିମକ୍ଲବକୁ ପରାସ୍ତ କରିଥିଲା। ଏହି ମ୍ୟାଚକୁ ଭରତଚନ୍ଦ୍ର ସ୍ୱାଇଁ, ଧିରେନ୍ଦ୍ର ବିଶ୍ୱାଳ,ରାଜେନ୍ଦ୍ର ସ୍ୱାଇଁ,ବିରେନ ରାଉତ ପରିଚାଳନା କରିଥିଲେ।

# ଡକାୟତି ଯୋଜନା, ୪ ଗିରଫ

**ଭୁବନେଶ୍ୱର,୨୯।୩ (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.)**



ଗିରଫ ୪ ଅଭିଯୁକ୍ତ।



ମାରଣାସ୍ତ୍ର, ବନ୍ଧୁକ, ୨ ଗୁଳି ଜବତ।

ରାଜଧାନୀରେ ଡକାୟତି ପାଇଁ ଯୋଜନା କରୁଥିବା ଏକ ଗ୍ୟାଙ୍ଗ୍‌ର ୪ଜଣ ସଦସ୍ୟଙ୍କୁ ଧରିବାରେ ସଫଳ ହୋଇଛି କ୍ୟୁଏଟି। ଏଥିସହ ସେମାନଙ୍କ ଡକାୟତି ଯୋଜନାକୁ ପଣ୍ଡ କରିଛି। ସେମାନଙ୍କଠାରୁ ଖଣ୍ଡା, ଲୁହାରଡ୍, ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ୯ଟି ମୋବାଇଲ୍ ଓ ୨ଟି ଗାଡି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜ ସେଠୀ (୨୬), ଶୂନ୍ୟବାସୀ ସାହୁ (୨୩), ଅବିନାଶ ସେଠୀ (୧୯) ଏବଂ ଚିନ୍ମୟ ସାହୁ (୨୧)। ସମସ୍ତଙ୍କ ଘର ଅନୁଗୋଳ ହୋଇଥିବାବେଳେ ଭୁବନେଶ୍ୱର ଉପକଣ୍ଠ ନୂଆଗାଁ ଅଞ୍ଚଳରେ ଭଡ଼ାଘରେ ରହି ଅପରାଧ ଘଟାଉଥିଲେ। ଏନେଇ ଧଉଳି ଥାନାରେ ଦଫା ୩୯୯, ୪୦୨ ଏବଂ ୨୫, ୨୭ ଆର୍ମ ଆକ୍ଟ କ୍ରମେ କେସ୍ ନଂ-୪୧/୧୯ ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଏହି ଗ୍ୟାଙ୍ଗ୍ ବିଶେଷ କରି ରାଜଧାନୀରେ କିଛି ଦିନ ହେବ ସକ୍ରିୟ ରହିଥିଲା। ସେମାନେ ଅନୁଗୋଳରେ ଅପରାଧ ଘଟାଇ ପୋଲିସ ଆଖିରେ ଧୂଳି ଦେଇ ଭୁବନେଶ୍ୱର ପଳାଇ ଆସୁଥିଲେ। ଏଠାରେ ଘର ଭଡ଼ା ନେଇ ରହି ରାଜଧାନୀରୁ ଲୁଟପାଟ ଓ ଡକାୟତି କରି ପୁଣି ଅନୁଗେଳ ପଳାଉଥିଲେ। ବାରମ୍ବାର ସ୍ଥାନ ବଦଳାଇବା ଯୋଗୁ ସେମାନଙ୍କୁ ଧରିବାରେ ପୋଲିସ ବିଫଳ ହେଉଥିଲା। ଏହାର ସୁଯୋଗରେ ସେମାନେ ରାଜଧାନୀରେ ବିଭିନ୍ନ ଅପରାଧ ଘଟାଉଥିଲେ। ଗୁରୁବାର ବିଳମ୍ବିତ ରାତିରେ ଏହି ଗ୍ୟାଙ୍ଗ୍ ଧଉଳି

**■ ଅନୁଗୋଳରୁ ଆସି ଭଡ଼ାଘରେ ରହି ଘଟାଉଥିଲେ ଅପରାଧ**

ଥାନା ଅଧୀନ ଅପସରା ଗାର୍ଡେନ ପରିସରସ୍ଥ ଏକ ଅନ୍ଧାରୁଆ ସ୍ଥାନରେ ବସି ଡକାୟତି ଯୋଜନା କରୁଥିଲେ। ଖବର ପାଇ କ୍ୟୁଏଟି ଧଉଳି ଥାନା ପୋଲିସ ସହାୟତାରେ ସେଠାରେ ଚଢାଉ କରିଥିଲେ। ଚଢାଉ ସମୟରେ ପୋଲିସ ୪ଜଣ ଡକାୟତଙ୍କୁ କାବୁ କରିଥିବା ବେଳେ ଅନ୍ୟ ୨ଜଣ ଖସି ଯାଇଥିବା କୁହାଯାଉଛି। ଏମାନଙ୍କୁ ଯାଞ୍ଚ ସମୟରେ ଏକାଧିକ ମାରଣାସ୍ତ୍ର ମିଳିଥିଲା। ଧଉଳି ଥାନା ଅଞ୍ଚଳର ଜଣଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ଉକ୍ତ ଅଭିଯୁକ୍ତମାନେ ପୋଲିସ ନିକଟରେ ଜେରା ବେଳେ ସ୍ୱୀକାର କରିଛନ୍ତି। ଏହି ୪ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ଜଣାପଡିଛି। ନିକଟରେ ରାଜଧାନୀରେ ଘଟିଥିବା କେଉଁସବୁ ଲୁଟପାଟ୍‌ରେ ଏମାନଙ୍କର ସମ୍ପୃକ୍ତି ରହିଛି ସେନେଇ ପୋଲିସ ଖୋଳତାଡ କରୁଛି।

# ଫାଇନାନ୍ସ କର୍ମଚାରୀଙ୍କୁ ଗୁଳିକରି ୭୦ ହଜାର ଲୁଟ୍

**ନରସିଂହପୁର,୨୯।୩(ଡି.ଏନ.ଏ.)**

ଶୁକ୍ରବାର ସନ୍ଧ୍ୟାରେ ନରସିଂହପୁରରେ କାର୍ଯ୍ୟ କରୁଥିବା ଜଣେ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କୁ ଦୁର୍ବୃତ୍ତ ଗୁଳିକରି ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହି ଲୁଟ୍‌ର ଶିକାର ହୋଇଛନ୍ତି, କର୍ମଚାରୀ ନରେଶ ବେହେରା (୨୨)। ସେ କାନପୁର ଅଞ୍ଚଳରୁ ଟଙ୍କା ଆଦାୟ କରି ବାଇକ୍ ଯୋଗେ ନରସିଂହପୁରକୁ ଫେରୁଥିଲେ। କଟକ-ନରସିଂହପୁର ମୁଖ୍ୟ ରାସ୍ତାର ସିଆରିଆ ଆମ୍ବତୋଟାର ନିଛାଟିଆ ସ୍ଥାନରେ ୨ ଦୁର୍ବୃତ୍ତ ମୁହଁରେ କଳାପଟି ବାନ୍ଧି ଆସି ତାଙ୍କୁ ଗୁଳି କରିଥିଲେ। ଗୁଳି ତାଙ୍କ ଜଙ୍ଘରେ ବାଜିବାରୁ ସେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କ ଟଙ୍କା ବ୍ୟାଗ ନେଇ ଫେରାର ହୋଇ ଯାଇଥିଲେ। ସେ ଗୁରୁତର ହୋଇ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା କମ୍ପାନୀ କର୍ମଚାରୀ ମାନସ ମହାପାତ୍ର କହିଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସସ୍ମିତା ରଣା କହିଛନ୍ତି। କମ୍ପାନୀ ପକ୍ଷରୁ ଶନିବାର ଅଭିଯୋଗ ହେବ ବୋଲି କୁହାଯାଇଛି।

# ପୂର୍ବତଟ ରେଳପଥ ପକ୍ଷରୁ ୬୦ ପିଲାଙ୍କୁ ହାଇଦ୍ରାବାଦ ଭ୍ରମଣ ସୁବିଧା

**ଭୁବନେଶ୍ୱର,୨୯।୩**

ପୂର୍ବତଟ ରେଳପଥ ପକ୍ଷରୁ ରେଳକର୍ମଚାରୀଙ୍କ ପିଲାମାନଙ୍କ ପାଇଁ ହାଇଦ୍ରାବାଦକୁ ଏକ ସ୍ୱତନ୍ତ୍ର ଅଭିଜ୍ଞତା ଯାତ୍ରା ଆୟୋଜନ କରାଯାଇଛି। ଏଥିରେ ୬୦ ଜଣ ପିଲା ଭାଗ ନେଇଛନ୍ତି। ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ପ୍ରମୁଖ ଅଧିକାରୀଙ୍କ ଉପସ୍ଥିତିରେ ସମସ୍ତ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସଫଳଯାତ୍ରା ପାଇଁମଙ୍ଗଳକାମନା କରିଛନ୍ତି। ରେଳବାଇ ପିଲାମାନଙ୍କୁ ହାଇଦ୍ରାବାଦରେ ଥିବା ଐତିହାସିକ ଓ ପର୍ଯ୍ୟଟନ ସ୍ଥଳ ସହିତ ରାମୋଜୀ ଫିଲ୍ମ ସିଟିର ଅଭିଜ୍ଞତାକୁ ଅନୁଭବ କରାଇବାପାଇଁ ଏହି ଯାତ୍ରାର ଆୟୋଜନ ହୋଇଛି। ବିମାନ ସେବାର ଅନୁଭବ ପାଇଁ ପିଲାମାନଙ୍କୁ ଗୋଟିଏ ପାର୍ଶ୍ୱର ବିମାନ ଯାତ୍ରା ପ୍ରଦାନ କରାଯାଇଛି।

**■ ଆଧ୍ୟାତ୍ମିକ, ଧର୍ମୀୟ ଭାବନାକୁ କୁଠାରାଘାତ**

# ଚପଲ ପିନ୍ଧି ବିମାନ କାନ୍ଧେଇଲେ

**ପୁରୁଣା ଭୁବନେଶ୍ୱର, ୨୯।୩(ଡି.ଏନ.ଏ.)**



ଚପଲ ପିନ୍ଧି ବିମାନକୁ ଲୋକେ ନେଉଛନ୍ତି।

ସମ୍ପ୍ରତି କେତେଜଣ ଲୋକଙ୍କ ମଧ୍ୟରେ ରହୁନି ସଂସ୍କାର। ଧୀରେ ଧୀରେ ସମାଜରୁ ଆଧ୍ୟାତ୍ମିକତା ଅବକ୍ଷୟ ଘଟୁଛି। ଠାକୁରଙ୍କ ସେବା ନାଁରେ କେବଳ କାର୍ଯ୍ୟ ତୁଲେଇବା ସହ ଧର୍ମୀୟ ବିରୋଧ ହେଉଛନ୍ତି କେତେଜଣ ଲୋକ। ସଚେତନତା ଅଭାବରୁ କେତେଜଣ ଲୋକ ଠାକୁରଙ୍କ ସେବାରେ ଅନେକ ବ୍ୟତିକ୍ରମ କରି ଚାଲିଛନ୍ତି। ଚପଲ ପିନ୍ଧି ବିମାନକୁ କାନ୍ଧେଇ ନିଆଯାଉଥିବାରୁ ବହୁ ସ୍ଥାନରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ହେଲେ ଏହାକୁ ବିରୋଧ କରିବାକୁ କାହାର ସତ ସାହସ ନ ଥିଲା ପରି ମନେ ହେଉଛି। କାରଣ ଏବେ ବିମାନ କାନ୍ଧେଇବାକୁ ଲୋକ ମିଳୁ ନ ଥିବା ବିଭିନ୍ନ କମିଟିର ଲୋକେ କହୁଛନ୍ତି। ପଞ୍ଚୁଦୋଳ ମେଳଣରେ ବହୁ ଗାଁରେ ବିମାନରେ ଠାକୁରଙ୍କୁ ବସେଇ ଆଣିବାବେଳେ ଏଭଳି ଘଟଣା ଦେଖିବାକୁ ମିଳୁଛି। ବାଲକାଟୀ, ହରିରାଜପୁର, ବାଲିଅନ୍ତା, ବାଲିପାଟଣା, ନିମାପଡ଼ା ଆଦି ଅଞ୍ଚଳରେ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଅନୁଷ୍ଠିତ ହେଉଛି। ଦିଅଁ ମେଳଣରେ ପୂଜା ପାଇବା ସହ ଠାକୁରଙ୍କୁ ଫଗୁ ଲାଗି ହୋଇଥାଏ। ପରେ ସ୍ୱମନ୍ଦିର ଯାତ୍ରା କରିଥାନ୍ତି। ଏଭଳି ବିଧି ବା ପରମ୍ପରା ଅତି ପ୍ରାଚୀନ। ଧୀରେ ଧୀରେ ବିମାନ କାନ୍ଧେଇ ଆସୁଥିବା ଯୁବ ସେବକମାନଙ୍କ ବେଶ ଭୂଷାରେ ମଧ୍ୟ ତାଳମେଳ ରହୁନାହିଁ। ପ୍ରାୟ ସମସ୍ତ କାନ୍ଧିଆଳିମାନେ ପ୍ୟାଣ୍ଟଶାର୍ଟ ପିନ୍ଧିବା ସହ ସ୍ଲିପର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀମାନଙ୍କ ମହଲରେ ଧର୍ମୀୟ ଭାବନା କୁଠାରାଘାତ କରୁଛି। ସେହିଭଳି ବିମାନ କାନ୍ଧେଇବାରେ କଷ୍ଟକୁ ଅନୁଭବ କରି ଆଉ କେତେକ ଠାକୁରଙ୍କୁ ଶଗଡ ଗାଡିରେ ଫିଟିଙ୍ଗ କରି ବିଭିନ୍ନ ମେଳଣକୁ ଯାତ୍ରା କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କ୍ଷୋଭ ପ୍ରକାଶ କରି କହିଛନ୍ତି, ଚପଲ ପିନ୍ଧି ମନ୍ଦିର କିମ୍ବା ଦେବାଳୟକୁ ଯିବା ସମ୍ପୂର୍ଣ୍ଣ ଭୁଲ। ତେବେ ଏହାଦ୍ୱାରା ହିନ୍ଦୁଧର୍ମର ପରମ୍ପରା ଓ ସଂସ୍କୃତିକୁ ନଷ୍ଟ କରାଯାଉଛି। ସେହିଭଳି ପୁରୀ ମୁକ୍ତିମଣ୍ଡପର ସମ୍ପାଦକ ପଣ୍ଡିତ ଗଙ୍ଗାଧର ମିଶ୍ର କୁହନ୍ତି, ପ୍ରଥମ କଥା ଦେବାଳୟକୁ ଯିବା କିମ୍ବା ବିମାନରୂଢ ଦେବତାଙ୍କୁ ସିଧାସଳଖ ସ୍ପର୍ଶ କରିବା ସମ୍ପୂର୍ଣ୍ଣ ଭୁଲ। କାରଣ ଏହା ଚମଡ଼ା ଦ୍ୱାରା ନିର୍ମିତ। ତେଣୁ ଲୋକାଚାରରେ ସମାଜର ଏହା ବିରୋଧ କଥା। ତେଣୁ ଏସବୁ କାର୍ଯ୍ୟରେ ସ୍ୱଚ୍ଛତାର ଆବଶ୍ୟକତା ରହିଛି। ନଚେତ୍ ସଂସ୍କୃତି ଅବକ୍ଷୟ ହେବା ନିଶ୍ଚିତ। ଏଥିପାଇଁ ପ୍ରଶାସନ କିମ୍ବା ଗଣମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଇବା ଦରକାର।

### ବନ୍ଧୁକ ଦେଖାଇ ବାଇକ୍ ଲୁଟ୍

**ଭୁବନେଶ୍ୱର,୨୯।୩ (ବ୍ୟୁରୋ)**

ନୟାପଲ୍ଲୀ ଥାନା ଏକାମ୍ର ପାର୍କ ନିକଟରେ ଜଣେ ବାଇକ ଚାଳକଙ୍କୁ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବାଇକ ଲୁଟି ନେଇଛନ୍ତି। ଲୁଟରେ ଶିକାର ହୋଇଛନ୍ତି ଚନ୍ଦ୍ରଶେଖରପୁର ଅଞ୍ଚଳର କିଶୋର ଦାଶ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, କିଶୋର ଗୁରୁବାର ବିଳମ୍ବିତ ରାତିରେ ସିଆର୍‌ପି ଛକରୁ ଏକାମ୍ର ପାର୍କ ରାସ୍ତାଦେଇ ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ଘରକୁ ଯାଉଥିଲେ। ଏକାମ୍ର ପାର୍କ ନିକଟରେ ଦୁଇଜଣ ଯୁବକ ରାସ୍ତା ମଝିରେ ଛିଡା ହୋଇ ଗାଡ଼ି ଅଟକାଇଥିଲେ। ପରେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବାଇକ ଛଡାଇ ନେଇଯାଇଥିଲେ। ଏହାପରେ କିଶୋର ଚାଲି ଚାଲି ଥାନାକୁ ଆସି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇଥିଲେ ମଧ୍ୟ ଲୁଟେରାଙ୍କ କୌଣସି ପତ୍ତା ପାଇ ନ ଥିଲା। ତେବେ ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରହିଛି।

# ହାଭେଲ୍ସ ଗାଲାକ୍ସିର ନୂଆ ଷ୍ଟୋର



**ଭୁବନେଶ୍ୱର,୨୯।୩**

ଦେଶର ପ୍ରମୁଖ ଇଲେକଟ୍ରୋନିକ୍ସ ଉତ୍ପାଦ ନିର୍ମାତା ହାଭେଲ୍ସ ପକ୍ଷରୁ କଟକର ସିଡିଏ ସେକ୍ଟର-୧୦ରେ ନୂଆ 'ହାଭେଲ୍ସ ଗାଲାକ୍ସି' ଖୋଲିଛି। କମ୍ପାନୀର ଓଡ଼ିଶା ଶାଖା ମୁଖ୍ୟ ଦେବାଶିଷ ମିତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ନୂଆ ଷ୍ଟୋର ସହ ରାଜ୍ୟରେ ହାଭେଲ୍ସ ଗାଲାକ୍ସି ସଂଖ୍ୟା ୧୪ ଛୁଇଁଛି। ନୂଆ ଷ୍ଟୋର ଦ୍ୱାରା ଗ୍ରାହକମାନେ କମ୍ପାନୀର ବ୍ୟାପକ ରେଞ୍ଜର ଇଲେକଟ୍ରୋନିକ୍ସ ଉତ୍ପାଦ ଲାଭ କରି ପାରିବେ ବୋଲି ଶାଖା ମୁଖ୍ୟ ମିତ୍ର କହିଛନ୍ତି। ଏବେ ଅନୁଗୋଳ, ବାଲେଶ୍ୱର, ବାରିପଦା, ଭୁବନେଶ୍ୱର, ବ୍ରହ୍ମପୁର, ପୁରୀ, ବଡବିଲ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର ଭଳି ସହରରେ ହାଭେଲ୍ସ ଗାଲାକ୍ସି ରହିଛି। ରାଜ୍ୟରେ ଅଧିକ ନୂଆ ଷ୍ଟୋର ଖୋଲିବା ନେଇ ମିତ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ବରିଷ୍ଠ ମହାପ୍ରବନ୍ଧକ ଓ ଚ୍ୟାନେଲ ପାର୍ଟନର ଗଜାନନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

**■ ୩ୟ ପେଲ୍‌ଭିକ-ଏସଟାବୁଲାର ସର୍ଜନ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ**

# ଯୋଗଦେଇଛନ୍ତି ଦେଶ ବିଦେଶର ୨୫୦ ପ୍ରତିନିଧି

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ଆସୋସିଏଶନ ଅଫ ପେଲଭିକ୍ ଏସଟାବୁଲାର ସର୍ଜନ (ଏଓପିଏସ) ପକ୍ଷରୁ ପେଲ୍‌ଭି-ଏସଟାବୁଲାର ସର୍ଜନମାନଙ୍କ ତୃତୀୟ ବାର୍ଷିକ ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଘାଟିତ ହୋଇଯାଇଛି। ମାର୍ଚ୍ଚ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ଚଳିତବର୍ଷର ବିଷୟବସ୍ତୁ ରହିଛି 'ଆପ୍ରୋଚ ରାଇଟ୍, ରିଡ୍ୟୁସ୍ ଆନାଟୋମିକାଲି, ଫିକ୍ସୱେଲ୍ ଆଣ୍ଡ୍ ଆଭଏଡ୍ କମ୍ପ୍ଲିକେଶନ-ସକ୍‌ସେସ୍ କୁଡ୍ ବି ୟୋରସ୍'। ଏହି ଅବସରରେ ଦେଶବିଦେଶରୁ ଯୋଗ ଦେଇଥିବା ଡାକ୍ତର ତଥା ବିଶେଷଜ୍ଞମାନେ ବକ୍ତବ୍ୟ ଉପସ୍ଥାପନ କରିବା ସହ କର୍ମଶାଳା ଏବଂ ଲାଇଭ୍ ସର୍ଜରୀ ଅନୁଷ୍ଠିତ ହୋଇଥିଲା। ପ୍ରଥମଥର ପାଇଁ ଏଓପିଏସ୍ ୨୦୧୯ରେ ଆଲୋଚନା ଏବଂ ମିଟ୍ ଦି ମାଷ୍ଟର୍ସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କୁହାଯାଇଛି। ମୁଖ୍ୟ ଅତିଥିଭାବେ ଏମ୍ସ ନିର୍ଦ୍ଦେଶକ ଗୀତାଞ୍ଜଳି ବଟମାନାବେନ ଓ ଆପୋଲୋ ହସ୍ପିଟାଲ୍ ସିଇଓ ସୁଧୀର ଦିଗିକର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୩୫ ଫ୍ୟାକଲ୍‌ଟି ଓ ୫ ଆନ୍ତର୍ଜାତିକ ଫ୍ୟାକଲ୍‌ଟି ସହ ୨୫୦ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିବା ଆୟୋଜନ କମିଟି ସମ୍ପାଦକ ଡ. ସୁଜିତ କୁମାର ତ୍ରିପାଠୀ କହିଥିଲେ।

### ମର୍ଣ୍ଣିଂ ୱାକ ବେଳେ ଝମ୍ପିନେଲେ ସୁନାଚେନ, ମୁଦି

**ପୁରୁଣା ଭୁବନେଶ୍ୱର, ୨୯।୩ (ଡି.ଏନ.ଏ.)**

ଏୟାର ଫିଲ୍ଡ ଥାନା ଅଧୀନ ପୋଖରୀପୁଟ ୟୁନିୟନ ବ୍ୟାଙ୍କ ପାଖ ରାସ୍ତାରେ ମର୍ଣ୍ଣିଂୱାକ କରୁଥିବାବେଳେ ଜଣେ ବରିଷ୍ଠ ନାଗରିକଙ୍କଠାରୁ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଭୋର ୫. ୫୦ ମିନିଟ୍‌ରେ ଶରତ ପଣ୍ଡା (୬୦) ନାମକ ଜଣେ ବରିଷ୍ଠ ନାଗରିକ ପ୍ରାତଃ ଭ୍ରମଣ କରୁଥିଲେ। ହଠାତ୍ ୨ଟି ପଲସରରେ ମୁହଁରେ ରୁମାଲ ବାନ୍ଧି ଦୁର୍ବୃତ୍ତମାନେ ବରିଷ୍ଠ ନାଗରିକଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେ କିଛି କହିବା ପୂର୍ବରୁ ସେମାନେ ତାଙ୍କ ବେକରୁ ୧୦ଗ୍ରାମ ଓଜନର ସୁନାଚେନ, ହାତରୁ ୩ ଗ୍ରାମ ଓଜନର ସୁନା ମୁଦି ଝମ୍ପି ନେଇ ଫେରାର ହୋଇଯାଇଥିଲେ।

# ପ୍ରଫେସର ଦାମୋଦର ଆଚାର୍ଯ୍ୟ ପାଇବେ ଏଏସ୍‌ବିଏମ୍ ଏକ୍ସିଲେନ୍ସ ଆୱାର୍ଡ

**ଭୁବନେଶ୍ୱର,୨୯।୩**

ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦର ପୂର୍ବତନ ଅଧ୍ୟକ୍ଷ, ବିପିୟୁଟି ଏବଂ ଆଇଆଇଟି ଖଡଗପୁରର ପୂର୍ବତନ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟଙ୍କୁ ଏଏସ୍‌ବିଏମ୍ ଏକ୍ସିଲେନ୍ସ ଆୱାର୍ଡ ୨୦୧୮ରେ ସମ୍ମାନୀତ କରାଯିବାକୁ ମନୋନିତ କରାଯାଇଛି। ୨୦୦୮ରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଏହା ପୂର୍ବରୁ ବନ୍ଧନ ବ୍ୟାଙ୍କ ଏମ୍‌ଡି ଚନ୍ଦ୍ରଶେଖର ଘୋଷ, କର୍ଲଅନ ଅଧ୍ୟକ୍ଷ ସୁଧାକର ପାଇ, ଆଇଆଇଏମ୍ ପ୍ରବର୍ତ୍ତନ ନିର୍ଦ୍ଦେଶକ ପ୍ରୀତମ ସିଂ ଭଳି ଅନ୍ୟ ବ୍ୟକ୍ତିତ୍ୟଙ୍କୁ ଏହି ପୁରସ୍କାର ମିଳିଛି। ଏପ୍ରିଲରେ ଅନୁଷ୍ଠିତ ହେଉଥିବା ସମାବର୍ତ୍ତନ ଉତ୍ସବରେ ପ୍ରଫେସର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।



ରାଜଧାନୀ ଉପକଣ୍ଠ ଦାରୁଠେଙ୍ଗ ଗ୍ରାମର ମେଳଣ ପଡ଼ିଆରେ ରହିଥିବା ପଞ୍ଚୁଦୋଳ ବିମାନ।

# ମରଣାନ୍ତକ ଆକ୍ରମଣ ଘଟଣା: ୩ ଗିରଫ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଧୀନ ପାଣ୍ଡରା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ ଓ ଆସବାବପତ୍ର ଭଙ୍ଗାରୁଜା କରିବା ଘଟଣାରେ ଶୁକ୍ରବାର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପାଣ୍ଡରା ଅଞ୍ଚଳର କାମ୍ପା ଦାସ, ପଙ୍କଜ ଦାସ ଓ ମୁନା ଦାସ। ସୂଚନା ଅନୁଯାୟୀ, ପାଣ୍ଡରା ଇଟାଭାଟି ଅଞ୍ଚଳରେ କୃଷ୍ଣ ଦାସ ପରିବାର ସହ ରୁହନ୍ତି। ବୁଧବାର ରାତିରେ କୃଷ୍ଣଙ୍କ ଘରେ ଉକ୍ତ ୩ଜଣ ଅଭିଯୁକ୍ତ ପଶି ଉତ୍ପାତ କରିଥିଲେ। ସେମାନେ ଘରର କିଛି ଆସବାବପତ୍ର ଏବଂ ବାଇକକୁ ଭାଙ୍ଗିଦେଇଥିଲେ। ଏଥିସହ କୃଷ୍ଣ ଓ ତାଙ୍କ ସ୍ତ୍ରୀଙ୍କ ସମେତ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। କୃଷ୍ଣ ଓ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଉଭୟଙ୍କୁ ରକ୍ତାକ୍ତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ କେସ୍ ନଂ. ୧୧୩/୧୯ ରୁଜୁ କରି ତଦନ୍ତ ଚଳାଇଥିଲା।

**■ ହରିରାଜପୁର ମେଳଣରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ**

# ରଙ୍ଗବେରଙ୍ଗ ଫଗୁରେ ଠାକୁର ରଙ୍ଗାୟିତ

**ଜଟଣୀ,୨୯।୩(ଡିଏନଏ) :**



ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଅବିର ସିଞ୍ଚନ କରୁଛନ୍ତି।



ଠାକୁରଙ୍କୁ ଲାଗି ପାଇଁ ମାଟିହାଣ୍ଡିରେ ରଖାଯାଇଥିବା ଭୋଗ।

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣର ଶୁକ୍ରବାର ଅନ୍ତିମ ଦିନ ତଥା ଠାକୁର ମେଳଣ ଉତ୍ସବରେ ଲକ୍ଷାଧିକ ଜନସମାଗମ ହୋଇଥିଲା। ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସମେତ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଉପବିଷ୍ଟ ଥିବା ୮୦ ହରିହର ବିଗ୍ରହଙ୍କ ଉପରେ ଲକ୍ଷାଧିକ ଭକ୍ତ ଫଗୁ ସିଞ୍ଚନ କରିଥିଲେ। ରଙ୍ଗବେରଙ୍ଗର ଅବିରରେ ମେଳଣ ପଡ଼ିଆ ସମେତ ଠାକୁର ରଙ୍ଗାୟିତ ହୋଇଥିଲେ। ସକାଳୁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ଲାଗି ରହିଥିଲା। ଗୋଧୂଳି ସମୟରେ ଚଣା, ଫେଣି, କୋରା, ଲଡୁ, ଭଳିକି ଭଳି ଫଳ ସବୁ ପ୍ରସ୍ତୁତ ଭୋଗ ମାଟିହାଣ୍ଡିରେ ରଖାଯାଇ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ବିଗ୍ରହଙ୍କ ସହ ଥାନପତି ଶ୍ରୀପଶ୍ଚିମାଶମ୍ଭୁଙ୍କ ନିକଟରେ ଲାଗି କରାଯାଇଥିଲା। ପରେ ପଇଡ଼ ପାଣି ମିଶ୍ରିତ ଆଳିପଣା ସମସ୍ତ ଠାକୁରଙ୍କ ନିକଟରେ ସମର୍ପଣ କଲା ପରେ ସମସ୍ତ ଦୋଳ ବିମାନ ସ୍ୱ ଜାଗାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ଭଣ୍ଡାର ଘରେ ୭ଟି ମାଟିହାଣ୍ଡିରେ ପ୍ରସ୍ତୁତ ଅଧରପଣା ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ନିକଟରେ ଭୋଗ ହୋଇଥିଲା। ଏପରି କି ମାନସିକ କରି ମେଳଣ ଉପବାସ କରିଥିବା ବହୁ ଭକ୍ତ ଏହି ଅଧରପଣା ପାନ କରି ଉପବାସ ଭାଙ୍ଗିଥିଲେ। ଏହାପରେ ରାତିରେ ଥାନପତି ହରିରାଜପୁର ଗ୍ରାମ ପରିକ୍ରମା କରି ପ୍ରତି ଘରୁ ଚାଟେରି ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ଭାଜପା କ୍ଷମତାକୁ ଫେରିଲେ ପଶ୍ଚିମବଙ୍ଗରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି) ଲାଗୁ କରିବ ବୋଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହୁଥିବାବେଳେ ତୃଣମୂଳ କଂଗ୍ରେସ ଏହାକୁ ସମାଲୋଚନା କରିଛି। ଏନ୍‌ଆରସିକୁ ରାଜ୍ୟରେ ଅନୁମତି ନ ଦେବା ଟିଏମ୍‌ସିର ଘୋଷିତ ନୀତି ବୋଲି ସାଧାରଣ ସମ୍ପାଦକ ପାର୍ଥ ଚାଟାର୍ଜୀ କହିଛନ୍ତି।



## ସଂକ୍ଷେପରେ

### ଜୁଆଙ୍ଗ ଯୁବତୀଙ୍କୁ ଗଣବଳାତ୍କାର

**ତେଲକୋଇ, ୨୯।୩ (ଡି.ଏନ୍.ଏ.):** କେନ୍ଦୁଝର ଜିଲା ତେଲକୋଇରେ ଏକ ଲଜ୍ଜା ଘଟଣା ଘଟିଛି। ତେଲକୋଇ ଥାନା ଅନ୍ତର୍ଗତ ବିଂଜବାହାଲକୁ ଗତ ଗୁରୁବାର ରାତିରେ ଅପେରା ଦେଖିବାକୁ ଆସିଥିବା ଜଣେ ଜୁଆଙ୍ଗ ଯୁବତୀଙ୍କୁ ୫ ଜଣ ଯୁବକ ମିଶି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତା ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ଉକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ବିଂଜବାହାଲ ଗ୍ରାମରେ ପଞ୍ଚଦୋଳ ପାଇଁ ଅପେରା ହେଉଥିଲା। ଗୁରୁବାର ଶେଷ ଅପେରା ଯୋଗୁ ଭିଡ଼ ଜମିଥିଲା। ଗୋଟିଏ ଗାଁର ୩ ଜଣ ଯୁବତୀ ସାଙ୍ଗ ହୋଇ ଅପେରା ଦେଖିବାକୁ ବିଂଜବାହାଲକୁ ଆସିଥିଲେ। ଅନ୍ଧାରର ସୁଯୋଗ ନେଇ ସମ୍ପୃକ୍ତ ଯୁବକମାନେ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ୨ ଜଣ ଯୁବତୀ କୌଶଳ କ୍ରମେ ଯୁବକମାନଙ୍କ କବଳରୁ ଖସି ପଳାଇଥିଲେ। ଜଣେ ଯୁବତୀଙ୍କୁ ଯୁବକମାନେ ନେଇ ବଳାତ୍କାର କରିବା ପରେ ଅଚେତ ଅବସ୍ଥାରେ ଛାଡି ପଳାଇ ଯାଇଥିଲେ। ସେଠାରେ ପୀଡ଼ିତା ଜଣଙ୍କ ପଡି ରହିଥିଲେ। ବହୁ ବିଳମ୍ବରେ ତାଙ୍କର ୨ ବାନ୍ଧବୀ ଆସି ବହୁ କଷ୍ଟରେ ପୀଡିତାଙ୍କୁ ଘରକୁ ନେଇଥିଲେ। ଅନ୍ଧାର ଯୋଗୁ ଅଭିଯୁକ୍ତମାନଙ୍କୁ ପୀଡିତା ଚିହ୍ନିପାରି ନ ଥିବା କହିଛନ୍ତି। ଜଣେ ଯୁବକ ଲମ୍ବା ଚୁଟି ରଖିଥିବା ପୀଡିତା ଅଭିଯୋଗ କରିଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ମେଡିକାଲରେ ଚିକିତ୍ସା ହେବା ପରେ ପୀଡିତା ଘରକୁ ଫେରିଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୩୧/୧୯) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପଦ୍ମାସିନୀ ମେହେର କହିଛନ୍ତି।

### ହାଇୱା ଧକ୍କାରେ ବାପଝିଅ ମୃତ

**କେନ୍ଦ୍ରାପଡା ଅଫିସ, ୨୯।୩:** ସଦର ଥାନା ଅନ୍ତର୍ଗତ ୫ ନଂ. (କ) ଜାତୀୟ ରାଜପଥ କଜଳା ଗଡ଼ା ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ପାରାଦୀପ ପଟୁ ଆସୁଥିବା ଏକ ହାଇୱା ଧକ୍କାରେ ବାପ, ଝିଅଙ୍କର ମୃତ୍ୟୁ ହୋଇଥିବା ବେଳେ ହାଇୱାଟି ରାସ୍ତାକଡ଼କୁ ଓଲଟି ପଡ଼ିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ୧ ଘଣ୍ଟା ଧରି ଜାତୀୟ ରାଜପଥକୁ ଟାୟାର ଜାଳି ବନ୍ଦ କରିଥିଲେ। ପରେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବୁଝାଶୁଝା କରି ରାସ୍ତାରୋକୋ ହଟା ଯାଇଥିଲା। ସୂଚନା ଅନୁଯାୟୀ କଟକ ଜିଲା ନେମାଳ ଥାନା ଅଧୀନ ଓରତି ଗ୍ରାମର ସୁଶାନ୍ତ ନାୟକ (୩୬), ସ୍ତ୍ରୀ ଏଲିନା, ଝିଅ ବେବିନା (୮) ଓ ସାନପୁଅ ଗୋଟିଏ ମୋଟର ସାଇକେଲରେ ପଟ୍ଟାମୁଣ୍ଡାଇରୁ ଗୋପ ଛକ ଦେଇ ଓରତି ଫେରୁଥିଲେ। କଜଳା ଛକ ନିକଟରେ ସୁଶାନ୍ତଙ୍କ ପୁଅ ପ୍ରସ୍ରାବ କରିବାକୁ ଓହ୍ଲାଇ ଥିବା ବେଳେ ମାଆ ଏଲିନା ସାଥିରେ ଥିଲେ। ସୁଶାନ୍ତ ଓ ବେବିନା ରାସ୍ତା କନରେ ବାଇକ୍ ଉପରେ ବସି ଥିବା ବେଳେ ପଛପଟୁ ଏକ ହାଇୱା (ନଂ.- ଓଆର୍-୦୪-ଏମ୍-୦୫୭୪) ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଏଡି ଘଟଣା ପରେ ଉତ୍ୟକ୍ତ ଲୋକ ଟାୟାର ଜାଳି ରାସ୍ତାରୋକୋ କରିଥିଲେ।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୪୧.୪%

**ଭୁବନେଶ୍ୱର, ୨୯।୩(ବ୍ୟୁରୋ)**

- ୩୧ ହଜାର ଅବସରପ୍ରାପ୍ତ ଆର୍‌ବିଆଇ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ
- ପେନସନକୁ ଅପେକ୍ଷା କରିଛନ୍ତି ୩ ହଜାର କର୍ମଚାରୀ

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଜାନୁୟାରୀରେ ୩୦୭ ପଏଣ୍ଟ ଥିଲା। ଏହା ଫେବୃୟାରୀରେ ଅପରିବର୍ତ୍ତିତ ରହିଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୨୭ ପଏଣ୍ଟ ଥିଲା। ଏଥିରେ ୧ ପଏଣ୍ଟ ହ୍ରାସ ଘଟି ୩୨୬ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଏହା ୩୦୭ ପଏଣ୍ଟ ଥିବା ବେଳେ ଏଥିରେ ୧ ପଏଣ୍ଟ ବୃଦ୍ଧି ଘଟି ୩୦୮ ପଏଣ୍ଟ ରହିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୩୮.୮% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୬% ବଢି ୧୪୧.୪% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଏପ୍ରିଲ ପହିଲାରୁ ପାଇବେ।

ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୧.୧% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୬୪.୧% ହୋଇଛି। ଏହା ମେ ପହିଲାରୁ ଲାଗୁ ହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ୨୧ରେ ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ମାର୍ଚ୍ଚ ୩୦ ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିବେ।

ବୀମା କର୍ମଚାରୀମାନେ ବର୍ତ୍ତମାନ ୫୪.୪% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩% ବୃଦ୍ଧି ଘଟି ୫୭.୪% ହୋଇଛି। ଏହି ବର୍ଦ୍ଧିତ ଡିଏ ମେ' ପହିଲାରୁ ସେମାନେ ପାଇବେ। ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪% ବୃଦ୍ଧି ଘଟି ୧୬% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡି ମାନେ ମଧ୍ୟ ୧୬% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନଶନ ଏବଂ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନ୍‌ସନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନକୁ ଅପେକ୍ଷା କରିଛନ୍ତି। ଏପ୍ରିଲ୧ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## ମୋଦିଙ୍କ ମିଶନ ଶକ୍ତି ଅଭିଭାଷଣ

# ଆଚରଣ ବିଧି ଉଲ୍ଲଂଘନ ହୋଇନି: ଇସି

**ନୂଆଦିଲ୍ଲୀ, ୨୯।୩(ପି.ଟି.)**

ଉପଗ୍ରହ ବିଧ୍ୱଂସୀ କ୍ଷେପଣାସ୍ତ୍ର (ଏ-ସାଟ୍)ର ସଫଳ ପରୀକ୍ଷା ପରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଭିଜନ ବାର୍ତ୍ତା ଦେବାରେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ହୋଇ ନଥିବା ନିର୍ବାଚନ କମିଶନ (ଇସି) କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଭାଷଣ ଅନୁଧାନ କରିବା ପାଇଁ ଗଠିତ ଅଫିସର କମିଟିର ରିପୋର୍ଟ ଆଧାରରେ ଇସି ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଆଚରଣ ବିଧିରେ ଥିବା ବ୍ୟବସ୍ଥା ଅନୁଯାୟୀ କ୍ଷମତାସୀନ ଦଳ ଦ୍ୱାରା ସରକାରୀ ଗଣମାଧ୍ୟମର ଅପବ୍ୟବହାର ହୋଇ ନ ଥିବା କମିଟି ରିପୋର୍ଟ ଦେଇଥିଲେ।

ମିଶନ ଶକ୍ତିର ସଫଳତା ଉପରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ସିପିଆଇ-ଏମ୍ ନେତା ସୀତାରାମ ୟେଚୁରୀ ନିର୍ବାଚନ କମିଶନଙ୍କ ପାଖରେ ଅଭିଯୋଗ କରିଥିଲେ। ଏହାର ଅନୁଧାନ ଲାଗି ଇସି ଏକ କମିଟି ଗଠନ କରିଥିଲେ। କମିଟି ଦୂରଦର୍ଶନ ଏବଂ ଅଲ୍ ଇଣ୍ଡିଆ ରେଡିଓର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲା। ଏକ ଘରୋଇ ସଂସ୍ଥା ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମର ଭିଡିଓକୁ ଦୂରଦର୍ଶନ ପ୍ରସାର କରିଥିଲା। ଏହା ସିଧା ପ୍ରସାରଣ ନ ଥିଲା। ଉକ୍ତ ଭିଡିଓ ଦୂରଦର୍ଶନ ସମେତ ୬୦ଟି ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ହୋଇଥିଲା। ସେହିପରି ଦୂରଦର୍ଶନରେ ପ୍ରସାରିତ ଖବରର ଅଡିଓକୁ ଅଲ ଇଣ୍ଡିଆ ରେଡିଓ ଏକ ଖବର ଭାବେ ପ୍ରସାରଣ କରିଥିବା କମିଟିକୁ ଜଣାଇଥିଲା।

# ପୁଇଁନ୍ତଲା ବିଡିଓଙ୍କୁ ଅପହରଣ



ଅପହରଣକାରୀଙ୍କଠାରୁ ମୁକୁଳିବା ପରେ ବଲାଙ୍ଗୀର ଉପଜିଲାପାଳ କାର୍ଯ୍ୟାଳୟରେ ଜିଲାପାଳ ଓ ଏସ୍‌ପିଙ୍କ ସହ ଅପହୃତ ବିଡିଓ ସରୋଜ ମିଶ୍ର।

**ବଲାଙ୍ଗୀର ଅଫିସ, ୨୯।୩**

- ୨ଘଣ୍ଟା ପରେ ମୁକୁଳିଲେ
- ସୂଚନା ଦେଲେ ଏସ୍‌ପି କେ. ଶିବା ସୁବ୍ରମଣି
- ବ୍ଲକ୍ ଉପାଧ୍ୟକ୍ଷଙ୍କ ସମେତ ୫ଜଣ ସମ୍ପୃକ୍ତ

ବଲାଙ୍ଗୀର ଜିଲା ପୁଇଁନ୍ତଲା ବିଡିଓ ସରୋଜ ମିଶ୍ରଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ଅପରାହ୍ନରେ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଥିଲା। ଅପହରଣର ୨ଘଣ୍ଟା ପରେ ବିଡିଓ ମିଶ୍ରଙ୍କୁ ଅପହରଣକାରୀମାନେ ବଲାଙ୍ଗୀର ସହରର ଏକ ସ୍ଥାନରେ ଛାଡି ଫେରାର ହୋଇଯାଇଥିବା ଏସ୍‌ପି କେ. ଶିବା ସୁବ୍ରମଣି ସୂଚନା ଦେଇଛନ୍ତି । ବିଡିଓ ଅପହରଣ ଘଟଣାରେ ପୁଇଁନ୍ତଲା ବ୍ଲକ୍ ଉପାଧ୍ୟକ୍ଷ ତଥା କଂଗ୍ରେସ ନେତା ସନ୍ତୋଷ ଗୁରାଣ୍ଡି ଓ ଅନ୍ୟ ୫ଜଣ ସମ୍ପୃକ୍ତ ଥିବା ଏସ୍‌ପି କହିଛନ୍ତି। ତେବେ କେଉଁ କାରଣରୁ ବିଡିଓଙ୍କୁ ଉପାଧ୍ୟକ୍ଷ ଗୁରାଣ୍ଡି ଅପହରଣ କରିଥିଲେ ଓ ପରେ ଛାଡି ଦେଇଛନ୍ତି ତାହା ଜଣାପଡିନାହିଁ ।

ଶୁକ୍ରବାର ବିଡିଓ ମିଶ୍ର ନିଜ ଅଫିସ ଚ୍ୟାମ୍ବରରେ କାମ କରୁଥିଲେ । ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ମିଶ୍ରଙ୍କୁ ଅପହରଣ କରିନିଆଯାଇଥିବା ପୋଲିସକୁ ସୂଚନା ମିଳିଥିଲା । ଘଟଣାକୁ ନେଇ ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି କେ. ଶିବା ସୁବ୍ରମଣି ଆଲୋଚନା କରିଥିଲେ । ତେବେ ଅପହରଣର ୨ ଘଣ୍ଟା ପରେ ଅପହୃତ ବିଡିଓ ବଲାଙ୍ଗୀର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡିଥିଲା । ବିଡିଓଙ୍କୁ ଏକ କାର (ନଂ.ଓଡି୦୩ଏଚ୍ ୫୬୮୮)ରେ ଅପହରଣ କରିନେଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡିଛି । ସେହି ଗାଡିଟି ବ୍ଲକ୍ ଉପାଧ୍ୟକ୍ଷ ଗୁରାଣ୍ଡିଙ୍କର ବୋଲି ପୋଲିସ କହିଛି । ଠିକାକାମର ବିଲ୍ ମଞ୍ଜୁର କରିବା ଘଟଣାକୁ ନେଇ ଏହି ଅପହରଣ କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି । ତେବେ ଏ ନେଇ ଅପହୃତ ବିଡିଓ କିଛି ବି କହିନାହାନ୍ତି। ବ୍ଲକ୍ ଉପାଧ୍ୟକ୍ଷ ଗୁରାଣ୍ଡିଙ୍କ ନାଁରେ ପୂର୍ବରୁ ମଧ୍ୟ ଅନେକ ମାମଲା ରହିଛି ବୋଲି ପୋଲିସ କହିଛି ।

## ବନ୍ଧୁକ, ମାରଣାସ୍ତ୍ର ଜବତ: ୩ ଗିରଫ

**ପାରାଦୀପ,୨୯।୩(ସ୍ୱ.ପ୍ର.):** ପାରାଦୀପ ମଡେଲ ଥାନା ପୋଲିସ ଗୁରୁବାର ମଧ୍ୟ ରାତ୍ରିରେ ଡକାୟତି ଯୋଜନା କରୁଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା ନଂ-୫୫।୧୯ ରୁଜୁ ହୋଇଛି। ସେମାନେ ହେଲେ କୁଜଙ୍ଗର ସେକ୍ ୟାହିଦ୍ (ପୋଟଳ) ଚାଉଳିଆଗଞ୍ଜର ରୁଦ୍ରପ୍ରସାଦ ଖାନ(ଅପୁ), ଅଭୟଚାନ୍ଦପୁର ଥାନା ଅଧୀନ ତ୍ରିଲୋଚନପୁର ଗ୍ରାମର ରଞ୍ଜନ ବେହେରା (ମିଞ୍ଜି)। ଏମାନଙ୍କ ନାମରେ ବିଭିନ୍ନ ଆପରାଧିକ ମାମଲା ରହିଛି। ଗିରଫ ଅଭିଯୁକ୍ତଙ୍କଠାରୁ ଦେଶୀ ବନ୍ଧୁକ, ଖଣ୍ଡା, ଲୁହା ପାଇପ୍, ରଡ୍ ଓ ମଦବୋତଲ ଜବତ କରାଯାଇଛି।

## ପାରାଦୀପ ଭାଜପାରେ ବିଦ୍ରୋହ

**କୁଜଙ୍ଗ, ୨୯।୩(ସ୍ୱ.ପ୍ର.):** ପାରାଦୀପ ନିର୍ବାଚନମଣ୍ଡଳୀରେ ଭାଜପା ସମ୍ପଦ ସ୍ୱାଇଁଙ୍କୁ ପ୍ରାର୍ଥୀ କରିବା ପରେ ଦଳରେ ବିଦ୍ରୋହ ବଢିବାରେ ଲାଗିଛି। ଗତ ବୁଧବାର କୁଜଙ୍ଗଠାରେ ଭାଜପାର ବହୁ ପୁରୁଣା କର୍ମୀ ଏକାଠି ହୋଇ ସଭା କରିଥିଲେ। ସମ୍ପଦ କର୍ମୀମାନଙ୍କୁ ଅବହେଳା କରୁଥିବା ଏଥିରେ ସେମାନେ ଅଭିଯୋଗ ଉଠାଇଥିଲେ। ସେହିପରି ଆସନ୍ତା ମଙ୍ଗଳବାର ରାହାମା ଓ ଶନିବାର ପାରାଦୀପରେ ସମ୍ପଦଙ୍କ ବିରୋଧୀମାନେ କର୍ମୀ ସମ୍ମିଳନୀ କରିବେ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଭାଜପାର ଜିଲା ଯୁବମୋର୍ଚ୍ଚା ସଭାପତି ଭାବେ ସମ୍ପଦ ଦାୟିତ୍ୱ ନେବା ପରେ ପାରାଦୀପ ନିର୍ବାଚନମଣ୍ଡଳୀରେ ସଙ୍ଗଠନକୁ ଆଗେଇ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ପୁରୁଣା କର୍ମୀମାନଙ୍କୁ ସେ ଅଣଦେଖା କରିଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ପାରାଦୀପରେ ଦଳରୁ ଟିକେଟ ପାଇବାକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗତିକୃଷ୍ଣ ଶତପଥୀ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଦୀପ୍ତିରେଖା ନାୟକ, ବୀରେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ଅନେକ ଆଶାୟୀ ଥିଲେ। ଏଠାରେ ଦଳ ସର୍ବଦା ବିଜେଡିରୁ ବହିଷ୍କୃତ ନେତା ଦାମୋଦର ରାଉତଙ୍କୁ ବିରୋଧ କରିଆସିଛି। ବହୁବାର ଦାମଙ୍କ କୁଶପୁତ୍ତଳିକା ମଧ୍ୟ ଦାହ କରାଯାଇଛି। କିନ୍ତୁ ଦାମବାବୁ ଭାଜପାରେ ଯୋଗଦେବା କର୍ମୀମାନଙ୍କୁ ଶକ୍ତ ଧକ୍କା ଦେଇଥିଲା। ଦାମଙ୍କ ଭାଜପାରେ ଯୋଗଦାନ ଓ ସମ୍ପଦ ଟିକେଟ ପାଇବାକୁ ନେଇ ଅସନ୍ତୁଷ୍ଟ ଥିବା ଗତିକୃଷ୍ଣ ୨ ଦିନ ତଳେ ଦଳ ଛାଡ଼ିଥିଲେ। ସେହିପରି ଦୀପ୍ତିରେଖା ନାୟକ ମଧ୍ୟ ଅସନ୍ତୋଷ ପ୍ରକାଶ କରି ଖୁବଶୀଘ୍ର ଏନେଇ ବଡ଼ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

# ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ

**ବ୍ରହ୍ମପୁର ଅଫିସ,୨୯।୩**

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରା ଶୁକ୍ରବାର ରାତିରୁ ଆରମ୍ଭ ହୋଇଛି । ମା' ନିଜ ମନ୍ଦିରରୁ ବାପା ଘରକୁ ଆସିଛନ୍ତି। ବାପଘର କୁହାଯାଉଥିବା ପି. ଦୁର୍ଗାପ୍ରସାଦ ଦେଶୀବେହେରାଙ୍କ ବାସଭବନ ଆଗରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ବିଳମ୍ବିତ ରାତିରେ ବିଜେ କରିଛନ୍ତି ମା'। ମା'ଙ୍କ ପାରମ୍ପରିକ ଘଟକୁ ଠାକୁରାଣୀଙ୍କ ଆଜ୍ଞା ପ୍ରକାରେ ବିରାଟ ପଟୁଆରରେ ଅସ୍ଥାୟୀ ମଣ୍ଡପକୁ ଆଣି ସ୍ଥାପନ କରାଯାଇଛି ।

ବାପା ଘରକୁ ମା' ଆସିବେ ବୋଲି ଶୁକ୍ରବାର ସକାଳେ ଧେଣ୍ଡୁରା ଦ୍ୱାରା ସହରବାସୀଙ୍କୁ ଅବଗତ କରାଯାଇଥିଲା । ପରମ୍ପରା ଅନୁଯାୟୀ ପି. ଦୁର୍ଗା ପ୍ରସାଦ ଦେଶୀ ବେହେରା ଓ ତାଙ୍କ ସ୍ତ୍ରୀ ତଥା ଠାକୁରାଣୀଙ୍କ ମା' କୁହାଯାଉଥିବା ପି. ଦେବକୀ ପରିବାର ସହ ମା'ଙ୍କ ନିଜସ୍ୱ ମନ୍ଦିରକୁ ଯାଇ ଘରକୁ ଆସିବା ଲାଗି ଠାକୁରାଣୀଙ୍କୁ ନିମନ୍ତ୍ରଣ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ଫୁଲ ଘଟ ପାଇଁ ବ୍ୟବହୃତ ସ୍ୱତନ୍ତ୍ର ଚାଙ୍ଗୁଡ଼ିକୁ ବାପାଘର ତଥା ଦେଶୀବେହେରାଙ୍କ ଘରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପୂଜକମାନେ ଆସି ଠାକୁରାଣୀଙ୍କୁ ଆଣିବା ଲାଗି ମା' ବାପାଙ୍କୁ ସନ୍ଦେଶ ଦେଇଥିଲେ। ପରେ ଝିଅ ତଥା ମା'ଠାକୁରାଣୀଙ୍କୁ ପାଛୋଟି ଆଣିବାକୁ ଦେଶୀବେହେରାଙ୍କ ଘରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ବାଦ୍ୟବାଜଣା, ଘଣ୍ଟ କୀର୍ତ୍ତନ, ଢ଼ୋଲ, ମହୁରୀ, ଶଙ୍ଖ ଓ ହୁଳହୁଳି ନାଦରେ ଯାତ୍ରା ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ଠାକୁରାଣୀଙ୍କୁ ପାଛୋଟି ଆଣିବାକୁ ଏକ ବିରାଟ ପଟୁଆର ଦେଶୀବେହେରାଙ୍କ ଘର ନିକଟରୁ ବାହାରିଥିଲା। ପରମ୍ପରା ଅନୁଯାୟୀ ଦେବକୀ ଇଟମଳା ଫୁଲମାଳ ଥିବା ଚାଙ୍ଗୁଡି ମୁଣ୍ଡାଇ ଦେଶୀବେହେରାଙ୍କ ସ୍ତ୍ରୀ ଦେବକୀ ମା'ଙ୍କ ମନ୍ଦିରକୁ ପଟୁଆରରେ ଯାଇଥିଲେ। ସେଠାରେ ରୀତିନୀତି ସହ ପୂଜାର୍ଚ୍ଚନା ପରେ ଚାଙ୍ଗୁଡିରେ ଥିବା ଫୁଲମାଳ ଠାକୁରାଣୀଙ୍କୁ ଲାଗି କରାଯାଇଥିଲା। ଠାକୁରାଣୀଙ୍କ ମସ୍ତକରୁ ଫୁଲମାଳ ଖସିବା ପରେ ବାପା ଘରକୁ ଯିବା ପାଇଁ ବୁଢ଼ୀ ଠାକୁରାଣୀଙ୍କ ଆଜ୍ଞା ମିଳିଲା ବୋଲି ସୂଚନା ଦିଆଯାଇଥିଲା। ଏହାପରେ ପୂର୍ବରୁ ଚିତ୍ର ବିଚିତ୍ର କରାଯାଇ ପ୍ରସ୍ତୁତ ଥିବା ଚାଙ୍ଗୁଡ଼ିରେ ମା'ଙ୍କ ଆଜ୍ଞା ମାଳ ରଖାଯାଇ ବିରାଟ ପଟୁଆରରେ ଅସ୍ଥାୟୀ ମଣ୍ଡପ ସ୍ୱତନ୍ତ୍ର ଗର୍ଭ ଗୃହରେ ସ୍ଥାପନ କରାଯାଇଛି। ଶନିବାର ମା' ଅସ୍ଥାୟୀ ମଣ୍ଡପରେ ବିଶ୍ରାମ ନେବେ। ରବିବାରଠାରୁ ପାରମ୍ପରିକ ଭାବେ ବିଭିନ୍ନ ସାହି ପରିକ୍ରମା କରିବେ ବୋଲି ଦେଶୀବେହେରାଙ୍କ ସହଯୋଗୀ ସତ୍ୟନାରାୟଣ ନନ୍ଦ ସୂଚନା ଦେଇଛନ୍ତି ।



ମା' ଠାକୁରାଣୀଙ୍କୁ ଆଣିବା ପାଇଁ ବାହାରିଥିବା ଶୋଭାଯାତ୍ରା।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

**ବାଲେଶ୍ୱର ଅଫିସ, ୨୯।୩**

ଚିକିତ୍ସା ଅବହେଳାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ୪ବର୍ଷର ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଶୁକ୍ରବାର ସକାଳେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଶିଶୁଙ୍କ ପରିବାର ଲୋକେ ଡାକ୍ତରଖାନା ସମ୍ମୁଖରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଡିଏସ୍‌ପି ଉମେଶ ପଣ୍ଡା, ମେଡ଼ିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ସୁଧୀର ଘୋଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ବସ୍ତା ଥାନା ଅଧୀନ ମୁକୁଲୁସି ପଞ୍ଚାୟତ ଶୁଳିଆପଦା ଗ୍ରାମର ପ୍ରଶାନ୍ତ ରାଉତଙ୍କ ଝିଅ ଲକ୍ଷ୍ମୀପ୍ରିୟାର ମୁଣ୍ଡରେ ଟ୍ୟୁମର ହୋଇଥିଲା। ସେ ଜିଲା ମୁଖ୍ୟ ଚିକିତ୍ସାଳୟର ଆସିଷ୍ଟାଣ୍ଟ ସର୍ଜନଙ୍କୁ ଦେଖାଇଥିଲେ। ଗତ ୨୭ ତାରିଖରେ ସମସ୍ତ ପ୍ରକାର ପରୀକ୍ଷାନିରୀକ୍ଷା ହେବା ପରେ ଗୁରୁବାର ଲକ୍ଷ୍ମୀପ୍ରିୟାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଚେତା ନ ଫେରିବାରୁ ତାଙ୍କୁ ଶିଶୁଭବନରେ ଭର୍ତ୍ତି କରାଯାଇଥିଲା। ରାତି ସାଢେ ଗୋଟାଏରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ୭ ବିଧାୟକଙ୍କ ଟିକେଟ...

ବିଧାୟକମାନଙ୍କୁ ପୁଣି ବିଜେଡି ଟିକେଟ ଦିଆଯାଇଛି। ଦଳରେ ଯେପରି ଗୋଷ୍ଠୀ କନ୍ଦଳ ମୁଣ୍ଡ ନ ଟେକିବ ସେ ନେଇ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି । ଦଳରେ ଲବି କିମ୍ବା ପ୍ରଭାବ ନ ଥିବା ୭ ଜଣ ବିଧାୟକଙ୍କର ଟିକେଟ କାଟିଛନ୍ତି ନବୀନ । ୬ ଜଣ ନୂଆ ମୁହଁକୁ ଦଳ ପ୍ରାର୍ଥୀ କରିଛି । ଘୋଷଣା ହୋଇଥିବା ତାଲିକାରେ ପୁରୀରୁ ଲଗାତର ୫ ଥର ବିଧାୟକ ହୋଇଥିବା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ କଟକ ବାରବାଟୀରୁ ଦେବାଶିଷ ସାମନ୍ତରାୟ, କଟକ ସଦରରୁ ଚନ୍ଦ୍ର ସାରଥି ବେହେରା, ବାଙ୍ଗିରିପୋଷିରୁ ସୁଦାମ ମାରାଣ୍ଡି, ବାଲେଶ୍ୱରରୁ ଜୀବନ ପ୍ରଦୀପ ଦାଶ, ଜଳେଶ୍ୱରରୁ ଅଶ୍ୱିନୀ ପାତ୍ର, ସୋରରୁ ପର୍ଶୁରାମ ଧଡା, ବଡଚଣାରୁ ଅମର ପ୍ରସାଦ ଶତପଥୀଙ୍କୁ ନବୀନ ପୁଣି ଟିକେଟ ଦେଇଛନ୍ତି ।

ଜଟଣୀ ବିଧାୟକ ଭାଗୀରଥି ବଡଜେନାଙ୍କ ଟିକେଟ କଟିଥିବା ବେଳେ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ଯଶିପୁର ବିଧାୟକ ମଙ୍ଗଳ ସିଂ ମୁଦି, ସାରସକଣା ବିଧାୟକ ଭାଦବ ହାଁସଦା, ଉଦଳା ବିଧାୟକ ଗୋଲକ ବିହାରୀ ନାଏକ, ବଡସାହି ବିଧାୟକ ଗଣେଶ୍ୱର ପାତ୍ର, ଭଦ୍ରକ ବିଧାୟକ ଯୁଗଳ କିଶୋର ପଟ୍ଟନାୟକଙ୍କ ଟିକେଟ କଟାଯାଇଛି । ସେହିପରି ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କୁ ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀ କରାଯାଇଥିବା ବେଳେ ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଏହି ପର୍ଯ୍ୟାୟରେ ଦଳ ୬ଜଣ ଜଣ ନୂଆ ମୁହଁକୁ ପ୍ରାର୍ଥୀ କରିଛି। ସେମାନେ ହେଲେ ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ରୀନା ତନ୍ତି, ଯଶିପୁର ଗୋଲକ ବିହାରୀ ନାୟକ, ସାରସକଣା ଅମରସିଂ ଟୁଡୁ, ବଡସାହି ବୃନ୍ଦାବନ ଦାସ, ଭଦ୍ରକ ସଞ୍ଜୀବ ମଲ୍ଲିକ ଏବଂ ପାରାଦୀପ ବିଧାନସଭା ଆସନ ପାଇଁ ସମ୍ବିତ ରାଉତରାୟ । ୨୦୧୪ରେ ରାଜନଗର ବିଧାନସଭାରୁ ପ୍ରାର୍ଥୀ ହୋଇ ହାରିଥିବା ଧ୍ରୁବ ସାହୁଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଜଗତ୍‌ସିଂହପୁରରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ବିଷ୍ଣୁ ଚରଣ ଦାସଙ୍କୁ ତିର୍ତ୍ତୋଲରୁ ପୁଣି ପ୍ରାର୍ଥୀ କରାଯାଇଛି। ଜଟଣୀରୁ ୨୦୦୯ରେ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଭୂତି ବଳବନ୍ତରାୟଙ୍କୁ ଦଳ ପୁଣି ପ୍ରାର୍ଥୀ କରିଛି। ସେହିପରି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କୁ ବିଜେଡି ଉଦଳାରୁ ପ୍ରାର୍ଥୀ କରିଛି।

ପୂର୍ବତନ ପୁରୁଖା ନେତା ଦାମୋଦର ରାଉତଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ତଡାଯାଇଥିବା ବେଳେ ତାଙ୍କ ପୁତ୍ର ସମ୍ବିତ ରାଉତରାୟଙ୍କ ଉପରେ ଦଳ ଭରସା କରିଛି। ଦାମୋଦର ଏରସମା-ବାଲିକୁଦାରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି । ଦାମ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ବିରୋଧରେ ବିଷୋଦଗାର କରୁଥିଲେ ମଧ୍ୟ ତାଙ୍କ ପୁତ୍ରଙ୍କୁ ଦଳ ବିଧାୟକ ଭାବେ ପ୍ରାର୍ଥୀ କରିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଟିକେଟ ପାଇବା ପରେ ସମ୍ବିତ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୋ ଉପରେ ମୋ ବାପାଙ୍କର ଆଶୀର୍ବାଦ ରହିଛି। ତେବେ ଦାମ ସମ୍ବିତଙ୍କ ପ୍ରାର୍ଥିତ୍ୱକୁ ନେଇ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି । ଅନ୍ୟପକ୍ଷରେ ଦଳର ପୁରୁଖା ନେତା ତଥା ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କୁ ନିରାଶ ହେବାକୁ ପଡିଛି। ତାଙ୍କୁ କିମ୍ବା ତାଙ୍କ ପୁଅଙ୍କୁ ଦଳ ବିଶ୍ୱାସକୁ ନେଇ ନାହିଁ। ତାଙ୍କ ସ୍ଥାନରେ ଭଦ୍ରକରୁ ସଞ୍ଜୀବ ମଲ୍ଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଗତ ୪ଟି ପର୍ଯ୍ୟାୟ ଭଳି ଏହି ପର୍ଯ୍ୟାୟରେ ମଧ୍ୟ ଧାନକିଣା ଦୁର୍ନୀତି ଭଳି ବିଭିନ୍ନ ଘଟଣାରେ ବଦନାମ ହୋଇଥିବା ପ୍ରାର୍ଥୀମାନଙ୍କୁ ଦଳ ଟିକେଟ ଦେବାରୁ ବଞ୍ଚିତ କରି ନାହିଁ।

ତେବେ ଏରସମା-ବାଲିକୁଦା, ଜଗତ୍‌ସିଂହପୁର, ଯାଜପୁର, କୋରେଇ, ବରି, କେନ୍ଦ୍ରାପଡା, ଜୟଦେବ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ମଧ୍ୟ ଭଳି କେତେକ ସମ୍ବେଦନଶୀଳ ବିଧାନସଭା ସିଟ୍ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିନାହିଁ। ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ବିଜେଡି ମୋଟ ୧୮ଟି ଲୋକ ସଭା ଓ ୧୧୯ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଅବଶିଷ୍ଟ ଆସନ ପାଇଁ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିବା ସମ୍ଭାବନା ରହିଛି।

# ମିଥ୍ୟା ପ୍ରତିଶ୍ରୁତି ଦେଇ ଫର୍ମ ବୁଲାଉଛନ୍ତି ଭାଜପା, କଂଗ୍ରେସ

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ଭାଜପା ଓ କଂଗ୍ରେସ ଏବେ ପ୍ରତିଶ୍ରୁତିଭରା ଫର୍ମ ବୁଲାଇ ଲୋକଙ୍କୁ ପ୍ରଲୋଭିତ କରୁଛନ୍ତି। ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜୁ ଜନତା ଦଳ ଏଭଳି ଗୁରୁତର ଅଭିଯୋଗ କରିଛି। ଦଳର ନିର୍ବାଚନୀ ଇସ୍ତାହାର ଏବଂ ନିର୍ବାଚନ କମିଶନଙ୍କ ଗାଇଡଲାଇନ୍ ବାହାରେ ଏହା କରାଯାଉଥିବାରୁ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହେଉଛି। ତୁରନ୍ତ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। 'ପ୍ରତିଶ୍ରୁତି ପତ୍ର' ନାଁରେ ଭାଜପା ଏକଫର୍ମ ପ୍ରସ୍ତୁତ କରି ଲୋକଙ୍କୁ ବାଣ୍ଟୁଛି। ସେଥିରେ ଗରିବ ଲୋକଙ୍କୁ ପକ୍କା ଘର ଏବଂ ଜମି ପଟ୍ଟା ଦେବାର ପ୍ରତିଶ୍ରୁତି ଦିଆଯାଇଛି। ଲୋକମାନେ ଆଶାରଖି ନିଜର ସମସ୍ତ ବିବରଣୀ ଦେଇ ଏହି ଫର୍ମ ପୂରଣ କରୁଛନ୍ତି। ଖାଲି ସେତିକି ନୁହେଁ, ଲୋକଙ୍କ ମନରେ ମିଛ ବିଶ୍ୱାସ ଜନ୍ମାଇବା ପାଇଁ ଏକ ରସିଦ ଦିଆଯାଉଛି । ସେଥିରେ ଭାଜପା ନେତାମାନଙ୍କ ଫଟୋ ରହୁଛି।



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ପ୍ରତିନିଧିମାନେ ଫେରାଦ ହୋଇଛନ୍ତି।

ଭାଜପା ତା'ର ଇସ୍ତାହାରରେଏଭଳି କୌଣସି ପ୍ରତିଶ୍ରୁତି ଦେଇନାହିଁ। ପ୍ରତିଶ୍ରୁତି ଦେଲେ ବି ଭୋଟବେଳେ ବା ଭୋଟ ପୂର୍ବରୁ ଲୋକଙ୍କଠାରୁ ଫର୍ମ ପୂରଣ କରି ଆଣିବା ନିର୍ବାଚନ ଆଚରଣବିଧିର ସ୍ପଷ୍ଟ ଉଲ୍ଲଂଘନ କରୁଛି। ସମାନ ଢଙ୍ଗରେ କଂଗ୍ରେସ 'ଗ୍ୟାରେଣ୍ଟି କାର୍ଡ' ନାଁରେ ଏକ ଫର୍ମ ବୁଲାଉଛି। ସେଥିରେ ବାଳିକାଙ୍କୁ ମାଗଣା ଶିକ୍ଷା ଏବଂ ବିବାହ ବେଳେ ଆର୍ଥିକ ସହାୟତାର ପ୍ରତିଶ୍ରୁତି ଦିଆଯାଇ ଫର୍ମ ପୂରଣ କରାଯାଉଛି । ଖାଲି ସେତିକି ନୁହେଁ, ୬୦ବର୍ଷ ଶାସନକାଳରେ ସବୁ ଲୋକଙ୍କୁ ପାଣି ଟୋପାଏ ଦେବାକୁ ସମର୍ଥ ହୋଇ ନ ଥିବା କଂଗ୍ରେସ ସବୁ ପରିବାରକୁ ପାଣି ଏବଂ ଘର ଦେବାର ପ୍ରତିଶ୍ରୁତି ବି ଦେଉଛି । ମୁଖ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନିର୍ବାଚନ ଆଚରଣ ବିଧି ବ୍ୟବସ୍ଥା ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି। ଏହି ପ୍ରତିନିଧି ଦଳରେ ବିଜେଡି ମୁଖପାତ୍ର ସୁଲତା ଦେଓ, ସୁଲୋଚନା ଦାସ, ଲେଲିନ୍ ମହାନ୍ତି ଏବଂ ସସ୍ମିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

“ ପାଣି ଓ ଟ୍ରେନିଂର ଅଭାବ ଯୋଗୁ ମୋ ବ୍ୟାଡ୍‌ମିଣ୍ଟନ ସ୍ୱପ୍ନ ସାକାର ପାଇଁ ମୋତେ ଦୁଇଥର ଜାତୀୟତା ବଦଳାଇବାକୁ ପଡ଼ିଛି ।
– ଝାଙ୍ଗ ବିଓ୍ୱେନ, ଆମେରିକା ବ୍ୟାଡ୍‌ମିଣ୍ଟନ ଖେଳାଳି



“ ଯଶପ୍ରୀତ ବୁମ୍ରା କ୍ରମେ ଅଧିକ ପରିପକ୍ୱ ହେଉଛନ୍ତି । ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦିନକୁ ଦିନ ଉନ୍ନତ ପ୍ରଦର୍ଶନ କରୁଛନ୍ତି ।
– ରୋହିତ ଶର୍ମା, ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ



## ଆଜିର ମ୍ୟାଚ



କିଙ୍ଗ୍ସ ଇଲେଭେନ ପଞ୍ଜାବ **ବନାମ** ମୁମ୍ବାଇ ଇଣ୍ଡିଆନ୍ସ
ପ୍ରସାରଣ
ସ୍ଥାନ : ମୋହାଲି
ସମୟ : ଅପରାହ୍ନ ୪ଟା

ଦିଲ୍ଲୀ କ୍ୟାପିଟାଲ୍ସ **ବନାମ** କୋଲକାତା ନାଇଟ ରାଇଡର୍ସ
ପ୍ରସାରଣ
ସ୍ଥାନ : ଦିଲ୍ଲୀ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ହାଇଦ୍ରାବାଦ ୫ ଉଇକେଟରେ ବିଜୟୀ

ହାଇଦ୍ରାବାଦ,୨୯ା୩(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ହାସଲ କରିଥିବା ପ୍ରଥମ ଶତକ ନିଷ୍ଫଳ ସାବ୍ୟସ୍ତ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଲିଗ୍‌ର ଅଷ୍ଟମ ମ୍ୟାଚ୍‌ରେ ସନ ରାଇଜର୍ସ ହାଇଦ୍ରାବାଦ ଗୋଟିଏ ଓଭର ବାକିଥାଇ ୫ ଉଇକେଟରେ ରାଜସ୍ଥାନକୁ ହରାଇ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ହାଇସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ପ୍ରଥମେ ବ୍ୟାଟିଂ କରି ୨ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଜବାବରେ ଘରୋଇ ପରିବେଶରୁ ଫାଇଦା ଉଠାଇ ହାଇଦ୍ରାବାଦ ୧୯ ଓଭରରେ ୫ ଉଇକେଟ ବିନିମୟରେ ୨୦୧ ରନ କରି ବିଜୟୀ ହୋଇଛି। ଗୋଟିଏ ଉଇକେଟ ନେବା ସହ ଉପଯୋଗୀ ଅପରାଜିତ ୧୫ ରନ କରିଥିବା ହାଇଦ୍ରାବାଦର ରସିଦ୍ ଖାଁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୯୯ ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ହାଇଦ୍ରାବାଦ ଧୂଆଁଧାର ଆରମ୍ଭ କରିଥିଲା। ଦୁଇ ଓପନର ଡେଭିଡ ୱାର୍ନର ଓ ଜନୀ ବେୟାରଷ୍ଟୋ ୫୮ ବଲରୁ ୧୧୦ ରନ ସଂଗ୍ରହ କରି ବିଜୟର ମୂଳ ଦୁଆ ପକାଇଥିଲେ। ୱାର୍ନର ୩୭ଟି ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୨ ଛକା ସହ ଦ୍ରୁତ ୬୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଧବଳ କୁଲକର୍ଣ୍ଣୀଙ୍କୁ କ୍ୟାଚ୍ ଦେଇ ବେନ୍ ଷ୍ଟୋକ୍ସଙ୍କ ବଲରେ ଆଉଟ ହୋଇଥିଲେ। ଜନୀ ବେୟାରଷ୍ଟୋ ୪୫ ରନ (୨୮ ବଲ, ୬ ଚୌକା, ୧ ଛକା)କରି ଲେଗ୍ ସ୍ପିନର ଶ୍ରେୟାସ ଗୋପାଲଙ୍କ ବଲ୍‌ରେ କୁଲକର୍ଣ୍ଣୀଙ୍କୁ ଲଙ୍ଗ ଅଫ୍‌ରେ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ କେନ୍ ୱିଲିୟମସନ ୧୪ ରନ କରି ଜୟଦେବ ଉନାଡକଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ୧୫ ବଲରୁ ୧ ଚୌକା ଓ ୩ ଛକା ସହ ୩୫ ରନ କରିଥିବାବେଳେ ଗୋପାଲଙ୍କ ବଲରେ ଲମ୍ବା ଶଟ୍ ଖେଳିବାକୁ ଯାଇ ଲଙ୍ଗ୍ ଅନ୍‌ରେ ବଦଳ ଖେଳାଳି ପ୍ରଶାନ୍ତ ଚୋପ୍ରାଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ତୃତୀୟ ଉଇକେଟ ଯୋଡିରେ ୱିଲିୟମସନ ଓ ଶଙ୍କର ୨୨ ବଲରୁ ୪୭ ରନ ସଂଗ୍ରହ କରିଥିଲେ। ଏହାପର ବଲ୍‌ରେ ମନୀଷ ପାଣ୍ଡେ ମାତ୍ର ୧ ରନ କରି ଏଲ୍‌ବିଡବ୍ଲ୍ୟୁ ହେବାସହ ଗୋପାଲଙ୍କ ତୃତୀୟ ଶିକାର ହୋଇଥିଲେ। ୧୬ତମ ଓଭରରେ ଗୋପାଲ ତୃତୀୟ ଓ ଚତୁର୍ଥ ବଲ୍‌ରେ ଶଙ୍କର ଓ ପାଣ୍ଡେଙ୍କୁ ଆଉଟ୍ କରିଥିଲେ। ଏହାପରେ ଷଷ୍ଠ ଉଇକେଟ ଯୋଡିରେ ୟୁସୁଫ ପଠାନ ଓ ରସିଦ ଖାଁ ୨୦ ବଲରୁ ଅପରାଜିତ ୩୪ ରନ କରି ଦଳକୁ ଜିତାଇଥିଲେ। ପଠାନ ୧୨ ବଲରୁ ୧ ଛକା ସହ ୧୬, ରସିଦ ୮ ବଲରୁ ୧ ଚୌକା ଓ ୧ ଛକା ସହ ୧୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ରାଜସ୍ଥାନ ତରଫରୁ ଗୋପାଲ ୩, ଷ୍ଟୋକ୍ସ ଓ ଉନାଡ଼କଟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ରାଜସ୍ଥାନ ପ୍ରଥମେ ଉଇକେଟକିପର ବ୍ୟାଟ୍ସମ୍ୟାନ ତଥା ଓପନର ଜୋସ ବଟଲରଙ୍କୁ ଚତୁର୍ଥ ଓଭରରେ ହରାଇଥିଲା। ମାତ୍ର ୫ ରନ କରି ବଟଲର ସ୍ପିନର ରସିଦ୍ ଖାଁଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ସଞ୍ଜୁ ସାମସନ ୭୬ ବଲରୁ ୧୧୯ ରନକରି ଦଳର ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ। ରାହାନେ ୪୯ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୩ ଛକା ସହ ୭୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶାହବାଜ ନଦୀମଙ୍କ ବଲ୍‌ରେ ଲଙ୍ଗ୍ ଅନ୍‌ରେ ମନୀଷ ପାଣ୍ଡେଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ତୃତୀୟ ଉଇକେଟ ଯୋଡିରେ ସାମସନ ଓ ବେନ୍ ଷ୍ଟୋକ୍ସ ଧୂଆଁଧାର ବ୍ୟାଟିଂ କରି ମାତ୍ର ୨୫ଟି ବଲରୁ ଅପରାଜିତ ୬୪ ରନ କରି ଦଳର ସ୍କୋରକୁ ୨୦୦ ରନ ପାଖରେ ପହଞ୍ଚାଇଥିଲେ। ସାମସନ ୫୫ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୪ ଛକା ସହ ୧୦୨ ରନର ଶତକୀୟ ପାଳି ଖେଳିଥିଲେ। ଏଥିସହିତ ଆଇପିଏଲ୍‌ରେ ସାମସନ ତାଙ୍କ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ସେହିପରି ୯ ବଲରୁ ୩ ଚୌକା ସହ ଷ୍ଟୋକ୍ସ ୧୬ ରନ କରି ଅପରାଜିତ ରହିଥିଲେ। ୧୮ତମ ଓଭରରେ ବୋଲିଂ କରିଥିବା ଭୁବନେଶ୍ୱର କୁମାର ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଏହି ଓଭରରେ ସାମସନ ୪ ଚୌକା ଓ ଗୋଟିଏ ଛକା ସହ ୨୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ରସିଦ ଓ ନଦୀମ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

### ସାମସନଙ୍କ ଶତକ ନିଷ୍ଫଳ

### ସଂକ୍ଷିପ୍ତ ସ୍କୋର

- ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୯୮/୨ (ସାମସନ- ୧୦୨*, ରାହାନେ- ୭୦, ଷ୍ଟୋକ୍ସ- ୧୬*, ରସିଦ- ୧/୨୪, ନଦୀମ- ୧/୩୬)।
- ସନରାଇଜର୍ସ ହାଇଦ୍ରାବାଦ ୧୯ ଓଭରରେ ୨୦୧/୫ (ୱାର୍ନର- ୬୯, ବେୟାରଷ୍ଟୋ- ୪୫, ଶଙ୍କର- ୩୫, ୟୁସୁଫ- ୧୬*, ରସିଦ- ୧୫*, ୱିଲିୟମସନ- ୧୪, ଗୋପାଲ- ୩/୨୭, ଷ୍ଟୋକ୍ସ- ୧/୪୦, ଉନାଡ଼କଟ- ୧/୨୬)।



ଚଳିତ ଆଇପିଏଲ୍‌ରେ ପ୍ରଥମ ଶତକ ହାସଲ କରିଥିବା ରାଜସ୍ଥାନ ରୟାଲ୍ସର ସଞ୍ଜୁ ସାମସନ।

## ଡ୍ରଗ୍ ଟେଷ୍ଟରେ ବିଫଳ ହେଲେ ଜାପାନ ସନ୍ତରଣକାରୀ

ଟୋକିଓ, ୨୯ା୩ (ଏଏଫ୍‌ପି)-ଏକ ଡ୍ରଗ୍ ଟେଷ୍ଟରେ ବିଫଳ ହେବା ପରେ ଜାପାନିଜ ଅଲିମ୍ପିକ ସନ୍ତରଣକାରୀ ହିରୋମାସା ଫୁଜିମୋରିଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଶୁକ୍ରବାର ଦେଶର ସୁଇମିଂ ଫେଡେରେଶନ ଏ ବିଷୟରେ ସୂଚନା ଦେଇଛି। ୨୭ବର୍ଷୀୟ ଫୁଜିମୋରି ୨୦୧୬ ରିଓ ଅଲିମ୍ପିକ୍ସ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେରେ ମାଇକେଲ ଫେଲ୍‌ପ୍ସ ଏବଂ ନିଜ ଦେଶର କୋସୁକି ହାଜିନୋଙ୍କ ପଛକୁ ଚତୁର୍ଥ ସ୍ଥାନରେ ରହିଥିଲେ। ଗତ ଡିସେମ୍ବରରେ ଚାଇନାରେ ଅନୁଷ୍ଠିତ ଶର୍ଟ କୋର୍ସ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ନିଷିଦ୍ଧ ଷ୍ଟିମୁଲାଣ୍ଟ ଏଫିଡ୍ରିନର ମାତ୍ରା ଠାବ କରାଯାଇଛି। ଫୁଜିମୁରି ହେଉଛନ୍ତି ଜଣେ ପୂର୍ବତନ ଏସିଆନ ଗେମ୍ସ ରୌପ୍ୟ ପଦକ ବିଜେତା। ବର୍ତ୍ତମାନ ସସ୍‌ପେଣ୍ଡ ହୋଇଥିବା ଯୋଗୁ ଆସନ୍ତା ମାସରେ ହେବାକୁଥିବା ଜାତୀୟ ଚାମ୍ପିୟନଶିପ୍‌ରେ ସେ ଅଂଶଗ୍ରହଣ କରିପାରିବେ ନାହିଁ। ଚଳିତ ଗ୍ରୀଷ୍ମଋତୁରେ ଦକ୍ଷିଣ କୋରିଆରେ ବିଶ୍ୱ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଜାତୀୟ ଚାମ୍ପିୟନଶିପ୍‌କୁ ଏହାର ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ଉଭୟ ‘ଏ’ ଓ ‘ବି’ ନମୁନା ପଜିଟିଭ ଆସିବା ପରେ ସୁଇମିଂର ଗଭର୍ନିଂ ବଡି ‘ଫିନା’ ଫୁଜିମୁରିଙ୍କ ବାସନ୍ଦ ସମୟ ସୀମା ଧାର୍ଯ୍ୟ କରିବ। ଗତବର୍ଷ ପୂର୍ବତନ ବ୍ୟାକ୍‌ଷ୍ଟ୍ରୋକ୍ ବିଶ୍ୱ ଚାମ୍ପିୟନ ଜୁନ୍ୟା କୋଗାଙ୍କ ପରେ ଡୋପ୍ ଟେଷ୍ଟରେ ବିଫଳ ହେବାରେ ଫୁଜିମୁରି ଜାପାନର ଦ୍ୱିତୀୟ ହାଇ ପ୍ରୋଫାଇଲ ସନ୍ତରଣକାରୀ। ୨୦୦୯ରେ ଏକ ବିଶ୍ୱ ଟାଇଟଲ ଜିତିଥିବା କୋଗା ଏବେ ୪ବର୍ଷ ବାସନ୍ଦ ଦଣ୍ଡ ଭୋଗୁଛନ୍ତି। ଏହି ଦଣ୍ଡ ବିରୋଧରେ ସେ ଗତ ନଭେମ୍ବରରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ଆବେଦନ କରିଥିଲେ। କୋଗାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରୁ ମାଂସପେଶୀ ମଜଭୁତକାରକ ଉପାଦାନ ଠାବ କରାଯାଇଥିଲା। ଏହା ତାଙ୍କ ଅଜ୍ଞାତରେ ଖାଦ୍ୟପଦାର୍ଥର ଏକ ଅଂଶ ବିଶେଷ ଥିଲା। ଫୁଜିମୋରି ମଧ୍ୟ ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଉଛନ୍ତି।

## ଅଷ୍ଟ୍ରେଲିଆର କ୍ରମାଗତ ଚତୁର୍ଥ ବିଜୟ

ଦୁବାଇ, ୨୯ା୩ (ଏଏଫ୍‌ପି)

ଆବିଦ ଅଲି ଓ ମହମ୍ମଦ ରିଜୱାନଙ୍କ ଶତକ ସତ୍ତ୍ୱେ ଅଷ୍ଟ୍ରେଲିଆ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ପାକିସ୍ତାନକୁ ୬ ରନରେ ପରାସ୍ତ କରିଛି। ଏଠାରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ବିନିମୟରେ ୨୭୭ ରନ କରିଥିଲା। ଦଳ ପକ୍ଷରୁ ଗ୍ଲେନ ମାକ୍ସୱେଲ ୯୮, ଉସ୍‌ମାନ ଖ୍ୱାଜା ୬୨ ଏବଂ ଆଲେକ୍ସ କାରେ ୫୫ ରନ କରିଥିଲେ। ଜବାବରେ ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୨୭୧ ରନ କରିପାରିଥିଲା। ଦଳ ପକ୍ଷରୁ ଅନ୍ତର୍ଜାତୀୟ ଦିନିକିଆ ପଦାର୍ପଣ କରିଥିବା ଅଲି ୧୧୨ ରନ କରିଥିବା ବେଳେ ରିଜୱାନ ୧୦୪ ରନ କରିଥିଲେ। ଏହି ବିଜୟ ଦ୍ୱାରା ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୪-୦ରେ ଅଗ୍ରଣୀ ଲାଭ କରିପାରିଛି।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ:** ୫୦ ଓଭରରେ ୨୭୭/୭ ( ମାକ୍ସୱେଲ-୯୮, ଖ୍ୱାଜା-୬୨, କାରେ-୫୫, ଆରୋନ୍ ଫିଞ୍ଚ୍-୩୯, ମହମ୍ମଦ ହାସନେନ୍-୨/୫୨, ଇମାଦ ୱାସିମ-୨/୫୬)।

**ପାକିସ୍ତାନ:** ୫୦ ଓଭରରେ ୨୭୧/୮ ( ଆବିଦ ଅଲି-୧୧୨, ମହମ୍ମଦ ରିଜୱାନ-୧୦୪, ନାଥାନ କୋଲଟର ନାଇଲ-୩/୫୩, ମାର୍କସ ଷ୍ଟୋଇନିସ୍-୨/୨୦)।

## ଦଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ

ଜ୍ୟାକ୍ କାଲିସ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭରୁ ବେଶ୍ ମଜାଦାର ହୋଇଛି। ଗତ ୪ଟି ମ୍ୟାଚ୍‌ରେ ଜବରଦସ୍ତ ଆକ୍ସନ ଓ ରୋମାଞ୍ଚ ଦେଖିବାକୁ ମିଳିଛି। ଇଡେନ ଗାର୍ଡେନ୍ସରେ ଆମ ଦଳ କୋଲକାତା ନାଇଟ୍ ରାଇଡର୍ସ ତାର ଦୁଇଟି ଯାକ ଘରୋଇ ମ୍ୟାଚ୍‌ରେ ଚମତ୍କାର ବିଜୟ ହାସଲ କରିଛି। ଏଥିପାଇଁ ଘରୋଇ ଦର୍ଶକଙ୍କୁ ଧନ୍ୟବାଦ ଜଣାଉଛି। ଦର୍ଶକଙ୍କ ସମର୍ଥନ ବେଶ୍ ଉତ୍ସାହଜନକ ଥିଲା। ୩ ବର୍ଷ ପରେ ମଧ୍ୟ ଏଭଳି ସମର୍ଥନରେ ମୁଁ ଅଭିଭୂତ। ମ୍ୟାଚ୍‌ରେ ଫର୍ମ ବଜାୟ ରଖିବା ସବୁଠାରୁ ବଡ଼ କଥା। ଫର୍ମକୁ ଏପଟ ସେପଟ କରିବା ଠିକ୍ ନୁହଁ। ଫର୍ମ ରହିଲେ ଜଣେ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରିଥାଏ। ତେବେ ବିନା କାରଣରେ ଏହା ଆସିଥାଏ ଓ ଚାଲିଯାଇଥାଏ ମଧ୍ୟ। ଆମ ପାଇଁ ଦଳ ସବୁକିଛି। ଦଳକୁ ପ୍ରଥମେ ଆମେ ଅଗ୍ରାଧିକାର ଦେଇଥାଉ। ଯଦିଓ କେତେକ ଖେଳାଳି କୌଣସି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥାନ୍ତି। ତେବେ ଶେଷରେ ଦଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। କାରଣ ଦଳ ହିଁ ଶେଷରେ ଜିତିଥାଏ କିମ୍ବା ହାରିଥାଏ।

ଆନ୍ଦ୍ରେ ରସେଲ ଏପର୍ଯ୍ୟନ୍ତ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଟି୨୦ରେ ସେ ଚୌକା ଅପେକ୍ଷା ଅଧିକ ଛକା ମାରିଛନ୍ତି। ଗତ ଦୁଇଟି ମ୍ୟାଚ୍‌ରେ ଦଳର ବିଜୟରେ ତାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ପୂର୍ବରୁ ମଧ୍ୟ ସେ ଏଭଳି ଇନିଂସ ଖେଳିଛନ୍ତି। କେବଳ ବ୍ୟାଟିଂରେ ନୁହଁ ସେ ବୋଲିଂରେ ମଧ୍ୟ ଦମ୍ ଦେଖାଇଛନ୍ତି। ଟି୨୦ରେ ରସେଲଙ୍କୁ ବିଶ୍ୱର ଶ୍ରେଷ୍ଠ ଅଲରାଉଣ୍ଡର ବୋଲି କୁହାଯାଇପାରେ। କ୍ରିସ୍ ଗେଲ୍ ମଧ୍ୟ ଏଭଳି ବିସ୍ଫୋରକ ବ୍ୟାଟିଂ କରିଛନ୍ତି। କିନ୍ତୁ ରସେଲ ଯଦି ଏହି ପ୍ରଦର୍ଶନ ଜାରି ରଖିବେ ତାହେଲେ ଗେଲଙ୍କୁ ପଛରେ ପକାଇପାରିବେ ବୋଲି କୁହାଯାଇପାରେ। ରସେଲ ଜଣେ କେବଳ ଭଲ ଖେଳାଳି ନୁହଁନ୍ତି ଜଣେ ମଜାଦାର ବ୍ୟକ୍ତି ମଧ୍ୟ। ଦଳରେ ସେ ସମସ୍ତଙ୍କର ମନୋରଞ୍ଜନ କରିଥାନ୍ତି। ସଫଳତା କିମ୍ବା ବିଫଳତାରେ ସେ ସମାନ ଭାବେ ଆଚରଣ ପ୍ରଦର୍ଶନ କରିଥାନ୍ତି। ସେ ଶୂନରେ ଆଉଟ ହୋଇଥାନ୍ତୁ କି ୧୫ ବଲରୁ ୫୦ କରିଥାନ୍ତୁ, ସବୁ ପରିସ୍ଥିତିରେ ସେ ସମାନ ଲାଗିଥାନ୍ତି। ଟି୨୦ରେ ବିଜୟଧାରା ତଥା ସ୍ଥିରତା ବଜାୟ ରଖିବା ସବୁଠାରୁ ବଡ଼ କଥା। କାରଣ ଗୋଟିଏ ଦୁଇଟି ପରାଜୟ ୩ୟ କିମ୍ବା ୪ର୍ଥରେ ପରିଣତ ହୋଇପାରେ।

ସୁନୀଲ ନାରିନ୍ କାହିଁକି ଇନିଂସ ଓପନ କରୁନାହାନ୍ତି ବୋଲି କେତେକ ମୋତେ ପ୍ରଶ୍ନ କରୁଛନ୍ତି। ବିଭିନ୍ନ ଦଳ ପାଇଁ ଭିନ୍ନ ରଣନୀତ ଆପଣେଇବାକୁ ହୋଇଥାଏ। ପୁଣି ପରିସ୍ଥିତି ଅନୁଯାୟୀ ନିଷ୍ପତ୍ତି ନେବାକୁ ପଡିଥାଏ। ପ୍ରତ୍ୟେକ ଦଳ ଉଭୟ ବଲ୍ ଓ ବ୍ୟାଟ୍‌ରେ ଭଲ ପ୍ରଦର୍ଶନ କରି ଜିତିବାକୁ ପ୍ରୟାସ କରିଥାନ୍ତି। ଏଥିପାଇଁ କେତେ ରିସର୍ଚ୍ଚ ଓ ହୋମୱାର୍କ କରିବାକୁ ପଡିଥାଏ। ଯଦିଓ ଏସବୁ ମୁଁ ଏକା କରି ନ ଥାଏ। ମୋତେ ଯାହା ସୂଚନା ପ୍ରଦାନ କରାଯାଇଥାଏ ସେହି ଅନୁସାରେ ରଣନୀତି ଆପଣେଇ ଅଧିକରୁ ଅଧିକ ରନ ଓ ଉଇକେଟ ନେବାକୁ ଦଳ ପ୍ରୟାସ କରିଥାଏ। ପ୍ରତିପକ୍ଷ ଦଳର ସମ୍ଭାବ୍ୟ ଖେଳାଳି ତାଲିକାକୁ ଦୃଷ୍ଟିରେ ରଖି ଆମେ ମଧ୍ୟ ଖେଳାଳିଙ୍କୁ ଦଳରେ ସାମିଲ କରିଥାଉ ଓ ସେହି ଅନୁସାରେ ବ୍ୟାଟିଂ ତଥା ବୋଲିଂ କ୍ରମରେ ପରିବର୍ତ୍ତନ ଆଣିଥାଉ। ଅବଶ୍ୟ ଏ ନେଇ ପୂର୍ବାନୁମାନ ସବୁ ବେଳେ ଠିକ୍ ହୋଇ ନ ଥାଏ।

(ଗେମ୍‌ପ୍ଲାନ୍/ ଟିଭାକ ସ୍ପୋର୍ଟ୍ସ)

THE ULTIMATE INVERTER BATTERY
EXIDE INVATUBULAR

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**ଜିଲ୍ଲା ଓ ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲା ଓ ବ୍ଲକ୍‌ରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ। ବୟସ 30 ବର୍ଷ ମଧ୍ୟରେ, ଯୋଗ୍ୟତା: 8thରୁ +3. ଦରମା: 6,500/- to 25,800/-.
Mob: 9583494854

**REQUIRED**
Service Manager (DME), Sales Man and Mis Person (Graduate) for Mahindra Dealership. Min. Exp. 3 Yrs. Apply with details to following
hod.edbbs@gmail.com

**URGENTLY REQUIRED**
**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 7064222275

**WANTED**
WORKING BOYS / GIRLS
For PEST-Control Company in Bhubaneswar.
Contact
9861022646/ 8249937131

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ହୋଣ୍ଡା ସିଟି କାର ଡ୍ରାଇଭର। ରୋଷେୟା। ଅଫିସ୍ ଆସିଷ୍ଟାଣ୍ଟ। ଚାକର। ଘର କେୟାର୍‌ଟେକର୍। ଭଲ ଦରମା। ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲି:
9884761210

**WANTED +2/ GRADUATE**
As Harbour Data Collector (Trainee) in NETFISH, ODISHA Rs. 17000/- PM, +2 Biology or any graduate with computer knowledge, 30 years. Mob No: **9438004106**. Send biodata to **netfish.odisha@gmail.com** on or before 04.04.2019.

**ଡ୍ରାଇଭର ଓ ମାଳି ଆବଶ୍ୟକ**
ଅଫିସ୍ ଓ ଘରୋଇ ଚାରିଚକିଆ ଯାନ ଚଳେଇବା ପାଇଁ ଡ୍ରାଇଭର ଏବଂ ଫୁଲ ଗଛ ଓ ପରିବା ଚାଷ ପାଇଁ ମାଳି ଆବଶ୍ୟକ। ଦରମା ସହିତ ରହିବା ଓ ଖାଇବାର ସୁବିଧା ଦିଆଯିବ।
ଠିକଣାରେ ଯୋଗାଯୋଗ କରନ୍ତୁ
DLF Cibercity, Infront of Silicon Institute, Patia, 9th Floor, #929, Bhubaneswar
Phone No. : 0674-7107777, 7852984720

**ଆବଶ୍ୟକ**
ମହିଳା ଡାକ୍ତରଙ୍କ ଭୁବନେଶ୍ୱର ଘରେ ରହି ଘରକାମ ଯଥା ରୋଷେଇ, ଲୁଗାସଫା, ବାସନ ସଫା ଆଦି ପାଇଁ ମହିଳା ଆବଶ୍ୟକ। ଯୋଗାଯୋଗ ନଂ:-
9778054164
9439991751

**URGENTLY REQUIRED**
1. Lady Receptionist cum Front office In charge - 1 No.
2. House Keeping Staff - 2 Nos.
3. Travel Executive - 1 No.
4. Lady office Executive (Travel & Tours) - 1 No.
Please contact : TRIUMPH INN, 58, ASHOK NAGAR, BHUBANESWAR.
MOB -9437012533

**Contact: 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

Bhubaneswar Snacks Cafe ପାଇଁ Sales Boy/Girl ଆବଶ୍ୟକ ଏବଂ ଦୋକାନରେ କାମ କରିବା ପାଇଁ ପିଲା ଆବଶ୍ୟକ।
7609948661
8984466226

**WANTED**
ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଲେଜ ନିମନ୍ତେ Clerk, Accountant (M), ବସ୍ ଡ୍ରାଇଭର, କାର ଡ୍ରାଇଭର, ପିଅନ, ହାଉସ କିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
BIMSR, 1480. IRC Village, Bhubaneswar -
9040009727, 8456845313

**PART / FULL TIME**
ଘରକାମ / ରୋଷେଇ / ରୋଗୀଙ୍କ ଯତ୍ନ / ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
7381222430
7008010850

**TEACHERS WANTED**
Applications are invited from trained & experienced Teachers with good English Communication for primary & Nursery group. English, Hindi, Maths subjects efficiency are mostly required.
SUNRISE PUBLIC SCHOOL, B-48, Ruchika Market, Baramunda, BBSR-03, Classes from Pre-Nursery/ Nursery, Std-I to Std-VIII.
Contact: 9937014627, 9439363445, 9439733552
E-mail ID: sunrisepub.school@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା:- 10th/above. Monthly Salary upto Rs.27,000/- (Part Time / Full Time)
Contact-9938676412

**OFFICIALLY JOB**
ଯୋଗ୍ୟତା:- ଦଶମ ପାସ୍/ଫେଲ୍, ବୟସ:- (18-40) Yrs. ମାସିକ ଦରମା upto Rs.25,000/-
Contact Immediately
Mob-8763257042

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**Teachers Wanted**
Walk in interview. Candidates with NTT, CT and B.Ed are invited to face an interview on 2nd April 2019 at 10 AM. in the premises of Utkal International School situated. At- Banipada, Post- Chasapada, Dist- Cuttack, PIN-754027. Candidates are requested to Come with their original document with 2 sets of Xerox Copies and Passport size Photos.

**WALK-IN-INTERVIEW**

| NO EXPERIENCE REQUIRED | SEO EXPERIENCE (MUST) REQUIRED |
|---|---|
| • HR & DM<br>• Sales & Marketing | • Content Writer<br>• SEO Sale (International)<br>• Web Developer<br>• Social Media Analyst<br>• PPC Analyst |

Excellent in Written and Spoken English.
AuroIN 933, DLF Ciber City, Patia, Bhubaneswar
Mob : 9437513333, 7381738333, 9937292133

**Vacancy In Citicon Engineers Ltd.**
1) **Relationship Manager - 5 nos (M/F)**, Fresher or experience in Real Estate.
2) **Office Manager -1(M),** Minimum 0-3 years experience required. Candidate must be Graduate with Basic Computer Knowledge.
3) **Personal Assistant To Director -1(M/F),** Minimum 0-5 years experience required. Candidate must be Graduate or above with Basic Computer Knowledge.
4) **Personal Secretary to CMD -1(F/M),** Minimum 5-7 years experience required. Candidate must be Graduate with MBA & Computer Knowledge.
5) **Transport Manager -1(M),** 0-5 years experience required in Vehicle maintenance or Automobile Field.
6) **Data Entry Operator -1(M/F),** Minimum 2-5 years experience with knowledge in Tally
7) **Office Assistant -2(M),** Fresher or experience, Matric or above having Two wheeler is a must.
SALARY –NEGOTIABLE
**WALK-IN INTERVIEW : 01.04.19 to 10.04.19**
ADDRESS- Head Office, Plot No – 540, Saheed Nagar, Near Saheed Sporting Club, BBSR-7, Odisha, India
CONTACT NO-6372015600 / 06742540528
MAIL ID- Hr@citiconengineers.com
WEBSITE- www.citiconengineers.com

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

**WANTED**
ଧରିତ୍ରୀ DHARITRI Oriya daily is looking for
**Anchors**
- Candidates having Bachelors Degree in Journalism, Broadcasting or Communications.
- Responsibilities include scripting, anchoring, research and reporting, having strong idea on use of digital and social media.

**Bulletin Producers**
- Experienced news producers to coordinate newscasts, editorial package presentation in digital platform.

**Visual Editors**
- Candidate should be able to edit videos and create attractive news packages for digital audience.
- Should have working knowledge of uploading videos & creating Live Stream feeds.
- Experience in online video editing work will be given preference.

Apply immediately to : recruitment@dharitri.com
Attractive salary commensurate with experience

**EDUCATORS REQUIRED**
23 YEARS OF EXCELLENCE IN QUALITY EDUCATION
PARAMITA SCHOOLS
CBSE ICSE IGCSE SSC
Creative and Successful - DAY & RESIDENTIAL Schools near Hyderabad looking for EDUCATORS for CAMBRIDGE-IGCSE, CISCE-ICSE & CBSE.
Also require FRENCH/SPANISH EDUCATOR.

| Minimum Salary package p.a. | | |
|---|---|---|
| PRE-PRIMARY | ENGLISH & SOCIAL | MATH & SCIENCE |
| Rs. 3,00,000 | Rs. 3,60,000 | Rs. 4,20,000 |

Higher pay for deserving and experienced Educators.
Freshers with good communication skills can also apply.
FREE Board & Accommodation facility
For more information contact 8886127373, 9885136655
Apply online https://jobs.paramitaschools.in for Interview
Must register online for Interviews
INTERVIEWS 31-MAR-2019, SUNDAY 10:00AM - 05:00PM
WALK-IN : HOTEL MAYFAIR Panposh Road, Raghunathpali, ROURKELA

"ବ୍ୟାଡ୍‌ମିଣ୍ଟନରୁ ଅବସର ପରେ କୋଚ୍ ହେବାକୁ ଚାହେଁ, କିନ୍ତୁ ବର୍ତ୍ତମାନ ମୋ ଲକ୍ଷ୍ୟ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ।
– ପାରୁପାଲ୍ଲୀ କାଶ୍ୟପ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



"ଯୁବରାଜ ସିଂ ମୋ ବୋଲିଂରେ କ୍ରମାଗତ ୩ଟି ଛକା ଲଗାଇଲା ବେଳେ ମୋତେ ଷ୍ଟୁଆର୍ଟ ବ୍ରଡ୍ ଭଳି ମନେ ହେଉଥିଲା ।
– ଯୁଜବେନ୍ଦ୍ର ଚହଲ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସ୍ପିନର



## ସଂକ୍ଷେପରେ

### ତୁର୍କୀଶ ପାରା ବ୍ୟାଡ୍‌ମିଣ୍ଟନ ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୨୯।୩(କ୍ରୀଡ଼ା ପ୍ରତିନିଧି): ଆଣ୍ଟାଲ୍ୟାଠାରେ ଚାଲିଥିବା ଅନ୍ତର୍ଜାତୀୟ ତୁର୍କୀଶ ପାରା ବ୍ୟାଡ୍‌ମିଣ୍ଟନ (ଇନେସ କପ୍-୨୦୧୯) ଟୁର୍ଣ୍ଣାମେଣ୍ଟର ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଲିଗ୍ ପର୍ଯ୍ୟାୟରେ ଦିଲେଶ୍ୱର ରାଓ ଗାଡେଲାଙ୍କୁ ୨୧-୧୬, ୨୧-୧୪ ପଏଣ୍ଟରେ ହରାଇଥିବା ପ୍ରମୋଦ କ୍ୱାର୍ଟର ଫାଇନାଲରେ ମାଥ୍ୟୁ ଥୋମାସଙ୍କୁ ୨୧-୧୯, ୨୪-୨୨ ପଏଣ୍ଟରେ ହରାଇଥିଲେ। ସେହିପରି ସେ ସେମିଫାଇନାଲରେ କୁମାର ନୀତେଶଙ୍କୁ ୨୩-୨୧, ୧୭-୨୧, ୨୧-୧୫ ପଏଣ୍ଟରେ ପରାସ୍ତ କରି ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଏହା ବ୍ୟତୀତ ଡବଲ୍ସ ସେମି ଫାଇନାଲରେ ମଧ୍ୟ ସେ ପ୍ରବେଶ କରିଛନ୍ତି। ଶନିବାର ଉଭୟ ବିଭାଗର ଫାଇନାଲ ଅନୁଷ୍ଠିତ ହେବ।

### ମନୁ, ସୌରଭଙ୍କୁ ପୁଣି ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୯।୩(ପିଟି)- ଯୁବା ପିସ୍ତଲ ଶୁଟର ମନୁ ଭାକର ଓ ସୌରଭ ଚୌଧାରୀ ଚାଇନିଜ ତାଇପେଠାରେ ଚାଲିଥିବା ୧୨ତମ ଏସିଆନ୍ ଏୟାରଗନ ଚାମ୍ପିୟନଶିପ୍‌ରେ ପୁଣି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରତିଯୋଗିତାର ୩ୟ ଦିନ ମନୁ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସୌରଭ ଦଳଗତ ଇଭେଣ୍ଟରେ ଶୀର୍ଷ ସଫଳତା ପାଇଛନ୍ତି। ଅଭିଷେକ ବର୍ମା ବ୍ୟକ୍ତିଗତ ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ହାତେଇଛନ୍ତି। ମହିଳା ପିସ୍ତଲ ଦଳଗତ ଇଭେଣ୍ଟରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ପଦକ ତାଲିକାରେ ଭାରତ ସର୍ବାଧିକ ୫ ସ୍ୱର୍ଣ୍ଣ ସମେତ ମୋଟ ୯ ପଦକ ସହ ଶୀର୍ଷରେ ରହିଛି।

# ଭାରତ- କୋରିଆ ଫାଇନାଲ ଆଜି

ଇପୋ(ମାଲେସିଆ),୨୯।୩(ପି.ଟି.)

ଏଠାରେ ଚାଲିଥିବା ଆଜ୍‌ଲାନ ଶାହ କପ୍ ହକି ଟୁର୍ନାମେଣ୍ଟରେ ପୂର୍ବରୁ ଫାଇନାଲରେ ପ୍ରବେଶ କରିସାରିଥିବା ଭାରତ ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ପୋଲାଣ୍ଡକୁ ୧୦–୦ ଗୋଲରେ ପରାସ୍ତ କରିଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଭାବ ବିସ୍ତାର କରି ଭାରତ ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଏହି ମ୍ୟାଚ୍ ହାତେଇ ନେଇଛି। ଏଥିସହିତ ଶନିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତ ତା'ର ପ୍ରସ୍ତୁତି ଜୋର୍‌ଦାର କରିଛି। ଟାଇଟଲ ପାଇଁ ଫାଇନାଲରେ ଭାରତ ଓ କୋରିଆ ମୁହାଁମୁହିଁ ହେବେ। ଓଡ଼ିଆ ତାରକା ଡିଫେଣ୍ଡର ଅମିତ୍ ରୋହିଦାସ ୫୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏକ ପେନାଲ୍ଟି କର୍ଣ୍ଣର ଜରିଆରେ ସୁରେନ୍ଦରଙ୍କ ସହଯୋଗରେ ଅମିତ୍ ଗୋଲ ଦେବାରେ ସଫଳ ହୋଇଥିଲେ। ଏହା ଭାରତର ଦଶମ ତଥା ଶେଷ ଗୋଲ ଥିଲା। ଷ୍ଟ୍ରାଇକର ମନଦୀପ ସିଂ ତାଙ୍କ ଦମ୍‌ଦାର ଫର୍ମ ଜାରି ରଖି ଦୁଇଟି ଗୋଲ ସ୍କୋର କରିଥିଲେ। ସେ ୫୦ ଓ ୫୧ ତମ ମିନିଟ୍‌ରେ ଏହି ଦୁଇଟି ଗୋଲ ଦେଇଥିଲେ। ସେହିପରି ଡ୍ରାଗ ଫ୍ଲିକର ବରୁଣ କୁମାର ୧୮ ଓ ୨୫ତମ ମିନିଟରେ ମଧ୍ୟ ଦୁଇଟି ଗୋଲ ଦେଇଥିଲେ। ଅନ୍ୟପଟେ ବିବେକ ସାଗର ପ୍ରସାଦ ପ୍ରଥମ ମିନିଟରେ ଗୋଲ ଦେଇଥିବା ବେଳେ ସୁମିତ୍ କୁମାର ସପ୍ତମ ମିନିଟ୍‌ରେ ଗୋଲ ପ୍ରଦାନ କରିଥିଲେ। ସେହିପରି ସୁରେନ୍ଦର କୁମାର ୧୯, ସିମରନଜିତ୍ ସିଂ ୨୯, ନୀଳକାନ୍ତ ଶର୍ମା ୩୬ତମ ମିନିଟ୍‌ରେ ଗୋଲ ପ୍ରଦାନ କରିଥିଲେ।





ଗୋଲ ସ୍କୋର ପରେ ଅମିତ ରୋହିଦାସ (ଡାହାଣ)ଙ୍କୁ ସୁରେନ୍ଦରଙ୍କ ବଧେଇ।

**ଆଜଲାନ ଶାହ କପ୍ ହକି**

**ଭାରତ ୧୦- ପୋଲାଣ୍ଡ ୦**

- ବିବେକ ପ୍ରସାଦ- ପ୍ରଥମ ମିନିଟ (ଫିଲ୍ଡ ଗୋଲ)
- ସୁମିତ କୁମାର- ସପ୍ତମ ମିନିଟ (ଫିଲ୍ଡ ଗୋଲ)
- ବରୁଣ କୁମାର- ୧୮ ଓ ୨୫ତମ ମିନିଟ (ପେନାଲ୍ଟି କର୍ଣ୍ଣର)
- ସୁରେନ୍ଦର କୁମାର- ୧୯ତମ ମିନିଟ (ପେନାଲ୍ଟି କର୍ଣ୍ଣର)
- ସିମରନଜିତ୍ ସିଂ- ୨୯ତମ ମିନିଟ (ଫିଲ୍ଡ ଗୋଲ)
- ନୀଳକାନ୍ତ ଶର୍ମା- ୩୬ତମ ମିନିଟ (ଫିଲ୍ଡ ଗୋଲ)
- ମନଦୀପ ସିଂ- ୫୦ ଓ ୫୧ତମ ମିନିଟ (ଫିଲ୍ଡ ଗୋଲ)
- ଅମିତ ରୋହିଦାସ- ୫୫ତମ ମିନିଟ (ପେନାଲ୍ଟି କର୍ଣ୍ଣର)

ଏହି ଟୁର୍ନାମେଣ୍ଟରେ ୫ଥର ଟାଇଟଲ ହାସଲ କରିଥିବା ଭାରତ ଏଥର ତା'ର ଅପରାଜେୟଧାରା ବଜାୟ ରଖିବାରେ ସକ୍ଷମ ହୋଇଛି। ୫ଟି ଲିଗ୍ ମ୍ୟାଚ୍ ଖେଳି ଭାରତ ୪ଟି ବିଜୟ ଓ ଗୋଟିଏ ଡ୍ର ସହ ମୋଟ ୧୩ ପଏଣ୍ଟ ପାଇଛି। ମନଦୀପ ଏପର୍ଯ୍ୟନ୍ତ ୭ଟି ଗୋଲ ସ୍କୋର କରି ସର୍ବାଧିକ ଗୋଲ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ସେହିପରି ବରୁଣ ୫ଟି ଗୋଲ ଦେଇଛନ୍ତି। ପୋଲାଣ୍ଡ ବିପକ୍ଷ ମୁକାବିଲ ଏକପାଖିଆ ହେବ ବୋଲି ଆଶା କରାଯାଉଥିଲା। ବୃହତ୍ ପରାଜୟ ବରଣ କରିଥିଲେ ମଧ୍ୟ ପୋଲାଣ୍ଡ ଗୋଲକିପର ଭାରତୀୟ ଖେଳାଳିଙ୍କ କେତୋଟି ପ୍ରୟାସକୁ ପଣ୍ଡ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଗୁରୁସାହିବଜିତ ସିଂ, ସିମରନଜିତ ସିଂ ଓ ଅମିତଙ୍କ ଶଟ୍‌କୁ ଅଟକାଇବାରେ ସଫଳ ହୋଇଥିଲେ ପୋଲାଣ୍ଡ ଗୋଲ କିପର ପୋପିଓଲକୋୱିସ୍କି।

ଫାଇନାଲ ମ୍ୟାଚରେ ଭାରତ କୋରିଆ ବିପକ୍ଷରେ ଫେଭରାଇଟ୍ ବିବେଚିତ ହେଉଛି। ଗୋଟିଏ ସପ୍ତାହରେ ଦ୍ୱିତୀୟ ଥର ପାଇଁ ଦୁଇ ଦଳ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଉଭୟ ଦଳ ପରସ୍ପରକୁ ୮୧ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରେ ଭାରତ ୩୨ ଓ କୋରିଆ ୩୧ଟିରେ ବିଜୟୀ ହୋଇଛନ୍ତି। ୧୮ଟି ମ୍ୟାଚ ଡ୍ର ରହିଛି। ଆଜଲାନ ଶାହ କପ୍‌ରେ ଉଭୟ ଦଳ ୧୬ ଥର ପରସ୍ପରକୁ ଭେଟିଛନ୍ତି। ତେବେ କୋରିଆ ୮ଟିରେ ବିଜୟୀ ହୋଇଥିବା ବେଳେ ଭାରତ ୫ଟିରେ ବାଜି ମାରିଛି ଓ ୩ଟି ମୁକାବିଲା ଡ୍ର ରହିଛି। ଭାରତ ୧୯୮୫, ୧୯୯୧, ୧୯୯୫ ଓ ୨୦୦୯ରେ ଟାଇଟଲ ଜିତିଥିଲା। ଅପରପକ୍ଷରେ କୋରିଆ ୧୯୯୬ରେ ଚାମ୍ପିୟନ ହୋଇଥିଲା। ତେବେ ୨୦୧୦ରେ ବର୍ଷା କାରଣରୁ ଫାଇନାଲ ମ୍ୟାଚ୍ ବାତିଲ ହେବା ଫଳରେ ଉଭୟ କୋରିଆ ଓ ଭାରତ ଯୁଗ୍ମ ବିଜେତା ଘୋଷିତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ମନଦୀପ, ଅମିତ ଓ ବରୁଣଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେହିଭଳି କୋରିଆର ଲି ନାମ ୟଙ୍ଗ, ଜାଙ୍ଗ ଜୋଙ୍ଗ- ହ୍ୟୁନ, ଜଙ୍ଗ ମାନ-ଜାଏଙ୍କୁ ରୋକିପାରିଲେ ଭାରତ ଫାଇଦାରେ ରହିପାରିବ। ଏହି ଟାଇଟଲ ମୁକାବିଲାରେ ଅମିତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। କାରଣ ସେ ଫାଷ୍ଟ ରନର ଭାବେ ପେନାଲ୍ଟି କର୍ଣ୍ଣରକୁ ରୋକିବାକୁ ହେବ ଓ ପୁଣି ତାଙ୍କୁ ଡ୍ରାଗ ଫ୍ଲକ୍ ସ୍ପେଶାଲିଷ୍ଟ ଭାବେ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାକୁ ହେବ। ତେଣୁ ଭାରତର ସଫଳତା ଅମିତଙ୍କ ପ୍ରଦର୍ଶନ ଉପରେ ନିର୍ଭର କରୁଛି। ଟୁର୍ନାମେଣ୍ଟରେ ୫ଥର ଟାଇଟଲ ଜିତିଥିବାରୁ ଭାରତର ରେକର୍ଡ ଭଲ ରହିଛି। କିନ୍ତୁ କୋରିଆ ବିପକ୍ଷରେ ଭଲ ନାହିଁ। ସାମ୍ପ୍ରତିକ ଫର୍ମ ଦୃଷ୍ଟିରୁ ଭାରତ ଗୋଟିଏ ପାଦ ଆଗରେ ରହିଛି। ତେଣୁ ଟାଇଟଲ ପାଇଁ ଭାରତକୁ ଫେଭରାଇଟ୍ ବୋଲି କୁହାଯାଇପାରେ।

### ଅମ୍ପାୟର ରବିଙ୍କୁ ଦଣ୍ଡିତ କରାଯାଇ ନ ପାରେ

ନୂଆଦିଲ୍ଲୀ,୨୯।୩

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସୁନ୍ଦରମ ରବିଙ୍କ ତ୍ରୁଟିପୂର୍ଣ୍ଣ ଅମ୍ପାୟରିଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପାଇଁ ମହଙ୍ଗା ପଡ଼ିଥିଲା। ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଅଫିସିଆଲଙ୍କ ଅଭାବ ଯୋଗୁ ରବିଙ୍କୁ ଦଣ୍ଡିତ କରାଯାଇ ନ ପାରେ। ବର୍ତ୍ତମାନ ୧୭ ଅମ୍ପାୟରଙ୍କୁ ୫୬ ଆଇପିଏଲ ମ୍ୟାଚ୍ ଫିଲ୍ଡ ଓ ୩ୟ ଅମ୍ପାୟର ଲାଗି ନିଯୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରେ ୧୧ ଭାରତୀୟ ଓ ଏଲିଟ ପ୍ୟାନେଲର ୬ ବିଦେଶୀ ଅମ୍ପାୟର ରହିଛନ୍ତି। ଏହାବାଦ୍ ୪ର୍ଥ ଅମ୍ପାୟର ପାଇଁ ଆହୁରି ୬ ଭାରତୀୟଙ୍କୁ ନିୟୋଜିତ କରାଯାଇଛି। ରବି ଅନ୍ୟତମ ଭାରତୀୟ ଅମ୍ପାୟର ଭାବେ ଆଇସିସି ଏଲିଟ ପ୍ୟାନେଲରେ ସ୍ଥାନ ପାଇଛନ୍ତି। ସେ ଲାସିଥ ମାଲିଙ୍ଗାଙ୍କ ଏକ ନୋ ବଲକୁ ଚିହ୍ନଟ କରି ପାରି ନ ଥିଲେ। ଏଥିନେଇ ଆରସିବି ୬ ରନ୍‌ରେ ମ୍ୟାଚ୍ ହାରିଯାଇଥିଲା। ଏଭଳି ଅମ୍ପାୟରିଂକୁ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ସମାଲୋଚନା କରିଥିବାବେଳେ ଅନ୍ୟ ଫିଲ୍ଡ ଅମ୍ପାୟର ସି. ଚନ୍ଦନଙ୍କ ଅମ୍ପାୟରିଂ ଉପରେ ରୋହିତ ଶର୍ମା ପ୍ରଶ୍ନ ଉଠାଇଛନ୍ତି। ଏହି ଦୁଇ ଅମ୍ପାୟରଙ୍କୁ ଆଇପିଏଲର ପ୍ଲେ-ଅଫ୍ ପର୍ଯ୍ୟାୟରେ ନିୟୋଜିତ କରା ନ ଯାଇପାରେ। ରବିଙ୍କ ବ୍ୟତୀତ ନନ୍ଦନ, ଶାମସୁଦ୍ଦିନ, ଅନିଲ ଚୌଧାରୀ ଓ ନୀତିନ ମେନନଙ୍କ ଭଳି ଅମ୍ପାୟର ଅଛନ୍ତି, ଯେଉଁମାନେ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ସ୍ଥାନ ପାଇଛନ୍ତି। ଅନ୍ୟ ୬ ଜଣ ଘରୋଇ ମ୍ୟାଚ୍ ପରିଚାଳନା କରୁଛନ୍ତି। ମ୍ୟାଚ୍ ରେଫରି ମନୁ ନାୟାରଙ୍କ ନିକଟରେ କିଛି ବିକଳ୍ପ ନାହିଁ। ତାଙ୍କୁ ରବି ଓ ନନ୍ଦନଙ୍କ ତ୍ରୁଟି ସମ୍ପର୍କରେ ରିପୋର୍ଟ ଦେବାକୁ ପଡ଼ିବ।

## ବିଳାସ ରାଉତରାୟ ସ୍ମାରକୀ ଫୁଟବଲ

# ସଡନ୍‌ଡେଥ୍‌ରେ ଆର୍‌ବିଆଇ ଚାମ୍ପିୟନ

ଭୁବନେଶ୍ୱର, ୨୯।୩(କ୍ରୀଡ଼ା ପ୍ରତିନିଧି)

ପୋଖରୀପୁଟ ଖେଳ ପଡ଼ିଆରେ ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆର୍‌ବିଆଇ ପ୍ରତିପକ୍ଷ ଜଗା ୟୁନାଇଟେଡକୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ୧–୧ ସ୍ଥିତିରେ ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଗେମ୍ ୫–୫ ସ୍ଥିତିରେ ରହିବାରୁ ସଡନ୍‌ଡେଥ୍‌ର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ବାଜି ମାରି ଆର୍‌ବିଆଇ ୭–୬ ଗୋଲରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା। ଉନ୍ନତ ପ୍ରଦର୍ଶନ ପାଇଁ ଅନ୍ତର୍ଯ୍ୟାମୀ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଫରି ଏସ.କେ. ଖାଁ, ରବି ମହାରଣା, ରାଜୁ ବାରିକ ଓ ବାପି ଦାସ ଖେଳ ପରିଚାଳନା କରିଥିଲେ। ଅମିୟ ଦାସ, ମିହିର ମହାନ୍ତି, ଚିତ୍ତ ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ନୀଳାଦ୍ରି ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ଆରବିଆଇ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

### ୨୦୧୨ ଅଲିମ୍ପିକ୍ ବ୍ରୋଞ୍ଜ ବିଜେତା ଅଯୋଗ୍ୟ

ଲାଉସାନେ(ସୁଇଜରଲାଣ୍ଡ), ୨୯।୩(ଏପି)

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଭାରୋତ୍ତୋଳନକାରୀଙ୍କ ସମେତ ୩ ଆଥ୍‌ଲେଟଙ୍କୁ ଅଯୋଗ୍ୟ ଘୋଷଣା କରିଛି। ୫୬କେଜି ବର୍ଗରେ ଭାଲେଣ୍ଟିନ ହ୍ରିସ୍ତୋଭ ୩ୟ ସ୍ଥାନ ଅଧିକାର କରିଥିଲେ। ତାଙ୍କ ନମୁନାରେ ନିଷିଦ୍ଧ ଔଷଧ ମାତ୍ରା ମିଳିଥିବା ଗତ ଡିସେମ୍ବରରେ ଘୋଷଣା କରାଯାଇଥିଲା। ତାଙ୍କ ବ୍ୟତୀତ ବେଲାରୁଷ ୮୦୦ ମିଟର ରନର ଆନିସ ଆନାନେଙ୍କା ଓ ମହିଳା ହାମର ଥ୍ରୋୟର ଆଲେନା ମୋଟୋସ୍କା ମଧ୍ୟ ବିଫଳ ହୋଇଥିଲେ। ଏମାନଙ୍କ ନମୂନାର ପୁନଃ ଯାଞ୍ଚ କରାଯିବା ପରେ ଆନାବୋଲିକ ଷ୍ଟେରଏଡ୍ ଥିବା ଜଣାପଡ଼ିଛି। ଦୁଇ ଖେଳାଳି ପଦକ ଜିତି ନ ଥିଲେ। ୨୦୦୮ ବେଜିଂ ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ୧୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଡୋପରେ ବିଫଳ ହୋଇଛନ୍ତି। ଏଥିମଧ୍ୟରେ ୧୨ ଜଣ ପଦକଧାରୀ ମଧ୍ୟ ରହିଛନ୍ତି।

## ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ

# ଆର୍ଯ୍ୟନ, ଲଳିତ, ସୋହିନୀଙ୍କୁ ଡବଲ ଟାଇଟଲ





କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୯।୩(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ–ଓଟିଏ ଟ୍ୟାଲେଣ୍ଟ ସିରିଜ(ଟିଏସ୭) ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଡି.ଆର୍ଯ୍ୟନ ସ୍ୱାମୀ, ଲଳିତ ଟୁଡୁ ଓ ସୋହିନୀ ଏସ. ମହାନ୍ତି ନିଜ ବୟସବର୍ଗରେ ଡବଲ ଟାଇଟଲ ବିଜୟୀ ହୋଇଛନ୍ତି। ଡି.ଆର୍ଯ୍ୟନ ସ୍ୱାମୀ ୧୬ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଓ ଡବଲ୍ସ, ଲଳିତ ଟୁଡୁ ୧୨ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଓ ଡବଲ୍ସ ଏବଂ ସୋହିନୀ ଉଭୟ ୧୨ ଓ ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଲଳିତ ନିଜ ରାଜ୍ୟର ଆରୁଷ ଶର୍ମାଙ୍କୁ ୬–୦, ୪–୬, ୬–୩ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ଡବଲ୍ସରେ ଲଳିତ ଓ ଦିଶାନ୍ତ ମହାନ୍ତି ଯୋଡ଼ି ଚାମ୍ପିୟନ ହୋଇଥିଲେ। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଆର୍ଯ୍ୟନ ୬–୧, ୬–୩ ସେଟ୍‌ରେ ଅନ୍ୟତମ ଓଡ଼ିଆ ଖେଳାଳି ବିଘ୍ନେଶ ନନ୍ଦଙ୍କୁ ପରାସ୍ତ କରିଛନ୍ତି। ଡବଲ୍ସ ଫାଇନାଲରେ ଆର୍ଯ୍ୟନ ଓ ବିଘ୍ନେଶ ଯୋଡ଼ି ୬–୨, ୬–୩ ସେଟ୍‌ରେ ବିଶେଷ ସାହୁ ଓ ପ୍ରଣେଶ ସାହୁଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ସୋହିନୀ ମହାନ୍ତି ୬–୦, ୬–୩ ସେଟ୍‌ରେ ସେହିନୀ ଚାଟାର୍ଜୀଙ୍କୁ ଏବଂ ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ସୋହିନୀ ୬–୧, ୬–୦ରେ ତମନ୍ନା ଶାହାଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ଉପସଭାପତି ବ୍ରହ୍ମାନନ୍ଦ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଡାଇରେକ୍ଟର ବି.କେ.ଦାସ, ରେଫରି ଯତୀନ ବୈଶ୍ୟ, ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୫ ଓ ୧୨ ଏଟିପି ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିଛି।

### ସିନ୍ଧୁ, ଶ୍ରୀକାନ୍ତ, କାଶ୍ୟପ ସେମିରେ

ନୂଆଦିଲ୍ଲୀ, ୨୯।୩ (ପି.ଟି.)

ଭାରତର କିଦାମ୍ବି ଶ୍ରୀକାନ୍ତ ଓ ପାରୁପାଲ୍ଲୀ କାଶ୍ୟପ ଏଠାରେ ଚାଲିଥିବା ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ପୂର୍ବତନ ଚାମ୍ପିୟନ ପି.ଭି. ସିନ୍ଧୁ ମଧ୍ୟ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୨୦୧୭ ଚାମ୍ପିୟନ ଏବଂ ୨୦୧୬ ଫାଇନାଲିଷ୍ଟ ସିନ୍ଧୁ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୮ମ ସିଡ୍ ତଥା ଡେନମାର୍କର ମିଆ ବ୍ଲିଚଫେଲ୍ଟଙ୍କୁ ୨୧–୧୯, ୨୨–୨୦ରେ ପରାସ୍ତ କରିଛନ୍ତି। ଶନିବାର ସେମିଫାଇନାଲରେ ସେ ଚାଇନାର ହି ବିଙ୍ଗ୍‌ଜିଆଓଙ୍କ ସହିତ ମୁକାବିଲା କରିବେ। ଶ୍ରୀକାନ୍ତ କ୍ୱାର୍ଟରଫାଇନାଲରେ ନିଜ ଦେଶର ବି, ସାଇ ପ୍ରଣୀଥ୍‌ଙ୍କୁ ୨୧–୨୩, ୨୧–୧୧, ୨୧–୧୯ରେ ହରାଇ ଦେଇଛନ୍ତି। ଟୁର୍ନାମେଣ୍ଟର ଗତ ସଂସ୍କରଣରେ ସେ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଥିଲେ। କାଶ୍ୟପ ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ଚାଇନିଜ ତାଇପେର ୱାଙ୍ଗ୍ ତିଜୁୱିଙ୍କୁ ୨୧–୧୬, ୨୧–୧୧ରେ ହରାଇ ଦେଇଛନ୍ତି।

# ମୁମ୍ବାଇକୁ ହରାଇ ଚେନ୍ନାଇନ୍ କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୨୯।୩(କ୍ରୀଡ଼ା ପ୍ରତିନିଧି)

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ମୁଖ୍ୟ ପର୍ଯ୍ୟାୟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ମୁମ୍ବାଇ ସିଟିକୁ ୨–୦ ଗୋଲରେ ହରାଇ ଚେନ୍ନାଇନ୍ ଏଫସି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ମ୍ୟାଚର ୪୨ତମ ମିନିଟରେ ସି.କେ. ଭିନିଥ ଏବଂ ୪୩ତମ ମିନିଟରେ ଜେଜେ ଲାଲପେଖଲୁଆ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମୁମ୍ବାଇ ସିଟି ଭଲ ଖେଳିଥିଲେ ହେଁ ୨ ମିନିଟ ବ୍ୟବଧାନରେ ୨ ଗୋଲ ବରଣ ଦଳପାଇଁ ମହଙ୍ଗା ପଡ଼ିଥିଲା। ନେରୋକା ଓ ନର୍ଥଇଷ୍ଟ ୟୁନାଇଟେଡର ମ୍ୟାଚ ବିଜେତାକୁ ଚେନ୍ନାଇନ୍ ଏପ୍ରିଲ ୭ରେ କ୍ୱାର୍ଟର ଫାଇନାଲରେ ଭେଟିବ।

### ଆରୋଜ–ଗୋଆ

ଶନିବାର ଗୋଆ ଏଫସି ଓ ଇଣ୍ଡିଆନ ଆରୋଜ ମଧ୍ୟରେ ପ୍ରି–କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଫର୍ମରେ ଥିବା ଗୋଆ ଏଫସି ଚ୍ୟାଲେଞ୍ଜକୁ ପ୍ରତିହତ କରିବା ପାଇଁ ଇଣ୍ଡିଆନ ଆରୋଜ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କୋଚ୍ ଫ୍ଲୟଡ ପିଣ୍ଟୋ ପ୍ରକାଶ କରିଛନ୍ତି। ଚଳିତ ସିଜନରେ ଗୋଆ ଏଫସିର ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର ରହିଛି। ଦଳ ଇଣ୍ଡିଆନ ସୁପର ଲିଗ୍‌ରେ ରନର୍ସଅପ୍ ହୋଇ ନିଜ ଦକ୍ଷତା ଦେଖାଇଛି। ଫାଇନାଲରେ ବେଙ୍ଗାଲୁରୁ ଏଫସିକୁ କଡ଼ା ଚ୍ୟାଲେଞ୍ଜ ଦେଇ ଗୋଆ ୦–୧ ବ୍ୟବଧାନରେ ପରାସ୍ତ ହୋଇଥିଲା। ବ୍ୟକ୍ତିଗତ ପ୍ରଦର୍ଶନ ଦେଖିଲେ ଦଳର ବିଦେଶୀ ଖେଳାଳି କୋରୋ କ୍ରମାଗତ ଦ୍ୱିତୀୟ ଥରପାଇଁ ଗୋଲ୍ଡେନ ବୁଟ୍ ପୁରସ୍କାର ଜିତିଥିବାବେଳେ ପ୍ରଥମଥରପାଇଁ ଗୋଲ୍ଡେନ ବଲ୍ ମଧ୍ୟ ପାଇଥିଲେ। ତାଙ୍କୁ ଉଡୁ ବେଡିଆ, ବ୍ରେଣ୍ଟନ ଫର୍ଣ୍ଣାଣ୍ଡିଜ ଓ ଜ୍ୟାକିଚାନ୍ଦ ସିଂ ଉପଯୁକ୍ତ ସହାୟତା କରିଥିଲେ। ଏହି ୪ ଖେଳାଳି ମୋଟ ୧୪ ଗୋଲ ସ୍କୋର କରିଥିଲେ। "ଆମେ ଏକ କଷ୍ଟସାଧ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶନିବାର ଭେଟିବାକୁ ଯାଉଛୁ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ହେଲେ ଆମକୁ ଏହି ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ'' ବୋଲି ଦଳର ସ୍ପାନିଶ୍ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି। ଭୁବନେଶ୍ୱରର ପରିବେଶ ସହିତ ଆରୋଜ ଅଧିକ ଅଭ୍ୟସ୍ତ। ଏଠାରେ ସେମାନେ ଦୀର୍ଘଦିନଧରି ଖେଳି ଆସୁଛନ୍ତି। ତେବେ ଆମେ ଏହି ମ୍ୟାଚକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି। ଗୋଟିଏ ଦଳରେ ସର୍ବାଧିକ ୪ ବିଦେଶୀ ଖେଳାଳି ରହିବାର ନିୟମ ଥିବାରୁ ଗୋଆ ଅହମଦ ଜାହୋଉଙ୍କ ବିନା ପଡ଼ିଆକୁ ଓହ୍ଲାଇବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆରୋଜର ଭଲ ପ୍ରଦର୍ଶନ ନେଇ ପିଣ୍ଟୋ ବେଶ୍ ଆଶାବାଦୀ। "ଆମେ ଦେଶର ଅନ୍ୟତମ ଶ୍ରେଷ୍ଠ ଆକ୍ରମଣାତ୍ମକ ଦଳକୁ ଆଗାମୀ ମ୍ୟାଚରେ ଭେଟିବାକୁ ଯାଉଛୁ। ଏହି ଦଳ ନିକଟରେ ଆଇଏସଏଲ ଫାଇନାଲ ଖେଳିସାରିଛି। ତେଣୁ ମୁକାବିଲା କଷ୍ଟସାଧ ହେବ ନିଶ୍ଚିତ। ତେବେ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ, ଦର୍ଶକମାନେ ଏଠାରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଦେଖିବାକୁ ପାଇବେ'' ବୋଲି ପିଣ୍ଟୋ କହିଛନ୍ତି। ଆଇ–ଲିଗ୍ ଖେଳିବା ସମୟରେ ଆମେ ଦେଶର ବିଭିନ୍ନ ଗ୍ରାଉଣ୍ଡକୁ ଯାଇଛୁ। ମାତ୍ର କଳିଙ୍ଗ ଷ୍ଟାଡିୟମ କଲିକତାର ସଲ୍ଟ ଲେକ୍ ଗ୍ରାଉଣ୍ଡ ପଛକୁ ଦ୍ୱିତୀୟ ଶ୍ରେଷ୍ଠ ଗ୍ରାଉଣ୍ଡ। ତେଣୁ ସମସ୍ତ ଖେଳାଳି ଏଠାରେ ନିଶ୍ଚିତ ଖେଳକୁ ଭଲଭାବେ ଉପଭୋଗ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।





ଚେନ୍ନାଇନ୍ ଏଫ୍‌ସି ଓ ମୁମ୍ବାଇ ସିଟି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ସୁପର କପ୍ ଫୁଟବଲ**

ଶନିବାର ମ୍ୟାଚ

**ଇଣ୍ଡିଆନ ଆରୋଜ ବନାମ ଗୋଆ ଏଫସି**

ସମୟ: ଅପରାହ୍ନ ୫ଟା

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

### ଇଷ୍ଟବେଙ୍ଗଲ ଓହରିଲା

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)କୁ ବିରୋଧ କରୁଥିବା କ୍ଲବ ମାନଙ୍କ ସହିତ ରହିବାକୁ ଇଷ୍ଟବେଙ୍ଗଲ ନିଷ୍ପତ୍ତି ନେଇଛି। ଫଳରେ ଦଳ ସୁପର କପ୍‌ରେ ଖେଳିବ ନାହିଁ। ଇଷ୍ଟବେଙ୍ଗଲ ଓହରି ଯାଇଥିବାରୁ ଦିଲ୍ଲୀ ଡାଇନାମସକୁ ୱାକଓଭର ମିଳିବା ନିଶ୍ଚିତ ହୋଇଛି। ପ୍ରକାଶ ଯୋଗ୍ୟ, ଯୋଗ୍ୟତା ପର୍ଯ୍ୟାୟରେ ଗୋକୁଲମ୍ କେରଳ ନ ଖେଳିବାରୁ ଦିଲ୍ଲୀ ଡାଇନାମସ ୱାକଓଭର ପାଇ ପ୍ରି–କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏବେ ଦଳ କୌଣସି ମ୍ୟାଚ ନ ଖେଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୩୦/୨୦୧୯ Bhubaneswar, Saturday, March 30/ 2019




# ଧାର ଟଙ୍କା ମାଗି ମାଡ଼ ଖାଇଲେ ଯୁବତୀ

**ଅଭିଯୁକ୍ତ ସହପାଠୀ ଗିରଫ**

ଭୁବନେଶ୍ୱର,୨୯।୩ (ବ୍ୟୁରୋ)

ଧାର ଦେଇଥିବା ଟଙ୍କା ମାଗିବାରୁ ହଷ୍ଟେଲ ସମ୍ମୁଖରେ ଜଣେ ଯୁବତୀଙ୍କୁ ମାଡ଼ ଖାଇବାକୁ ପଡ଼ିଛି। ତାଙ୍କ ସହପାଠୀ ତାଙ୍କୁ ମାଡ଼ ମାରିବା ସହ ତଣ୍ଟିଚିପି ହତ୍ୟା ଉଦ୍ୟମ ମଧ୍ୟ କରିଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ନୟାପଲ୍ଲୀ ଥାନା ଗଡସାହି ଅଞ୍ଚଳରେ ରହୁଥିବା ପ୍ରିୟଙ୍କା ଘୋଷ। ତାଙ୍କ ଏତଲା କ୍ରମେ ଶୁକ୍ରବାର ପୋଲିସ ଏକ ମାମଲା ରୁଜୁ କରି ସହପାଠୀ ଅରଣ୍ୟ ଶଙ୍କର ସିଂଙ୍କୁ ଗିରଫ କରିଛି। ଅରଣ୍ୟଙ୍କ ଘର ପଶ୍ଚିମବଙ୍ଗ ହୋଇଥିବାବେଳେ ସେ ରାଜଧାନୀରେ ରହି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିଲେ। ସୂଚନା ଅନୁଯାୟୀ, ପ୍ରିୟଙ୍କା ଏବଂ ଅରଣ୍ୟଙ୍କ ଘର ପଶ୍ଚିମବଙ୍ଗରେ। ଦୁହେଁ ଭୁବନେଶ୍ୱରରେ ରହି ପାଠ ପଢୁଥିଲେ। କିଛିଦିନ ତଳେ ପ୍ରିୟଙ୍କାଠାରୁ ଅରଣ୍ୟ ୪,୫୦୦ ଟଙ୍କା ଧାର ନେଇଥିଲେ। ପ୍ରିୟଙ୍କାଙ୍କର ଟଙ୍କା ଆବଶ୍ୟକ ପଡିବାରୁ ସେ ଅରଣ୍ୟଙ୍କୁ ଟଙ୍କା ମାଗିଥିଲେ। ଅରଣ୍ୟ ପ୍ରଥମେ ୨,୫୦୦ ଟଙ୍କା ଦେଇଥିଲେ। ପରେ ପ୍ରିୟଙ୍କା ଅବଶିଷ୍ଟ ଟଙ୍କା ମାଗିଥିଲେ ମଧ୍ୟ ଅରଣ୍ୟ ନ ଦେଇ ଦିନ ଗଡାଇ ଚାଲିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅରଣ୍ୟ ଗଡସାହିସ୍ଥିତ ପ୍ରିୟଙ୍କାଙ୍କ ଘରୋଇ ହଷ୍ଟେଲ ଆଗକୁ ଯାଇ ତାଙ୍କୁ ଫୋନ୍ କରି ଡାକିଥିଲେ। ସେ ହଷ୍ଟେଲ ବାହାରକୁ ଆସିବା ପରେ ତାଙ୍କୁ ମାଡ ମାରିଥିଲେ। ସ୍ଥାନୀୟ ଲୋକେ ବିରୋଧ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ, ବରଂ ପ୍ରିୟଙ୍କାଙ୍କ ବେକ ଚାପିଧରି ମାରିଦେବାକୁ ଉଦ୍ୟମ କରିଥିଲେ। ଏନେଇ ପ୍ରିୟଙ୍କା ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୧୧୬/୧୯ ରୁଜୁ କରିଥିଲା ପୋଲିସ।




## ସରିଳା ସିବିଏସ୍‌ଇ ଦଶମ ପରୀକ୍ଷା

# ଏପ୍ରିଲ ସୁଦ୍ଧା ବାହାରିପାରେ ପରୀକ୍ଷାଫଳ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ)ର ଦଶମ ଶ୍ରେଣୀ ପରୀକ୍ଷା ଶୁକ୍ରବାର ଶେଷ ହୋଇଛି। ଶେଷ ଦିନ ସୋସିଆଲ ସାଇନ୍ସ ବିଷୟର ପରୀକ୍ଷା ରହିଥିଲା। ତେବେ ଅନ୍ୟ ସବୁ ବିଷୟର ପରୀକ୍ଷା ଶେଷ ହେବାର ୭ ଦିନ ପରେ ଖାତାଦେଖା ଆରମ୍ଭ ହୋଇଯାଇଥିଲା। ତେଣୁ ଏପ୍ରିଲ ୧୫ ସୁଦ୍ଧା ସମସ୍ତ ଖାତାଦେଖା ଶେଷ କରିବାକୁ ଯୋଜନା ରହିଛି। ଏପ୍ରିଲ ଶେଷ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ କରିବାକୁ ସିବିଏସ୍‌ଇ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨ରୁ ସିବିଏସ୍‌ଇ ଦଶମ ପରୀକ୍ଷା ଆରମ୍ଭ ହୋଇଥିଲା। ଚଳିତବର୍ଷ ଦେଶରେ ୧୮,୨୭,୪୭୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୭,୫୬,୮୯୩ଜଣ ଛାତ୍ରୀ ଥିବାବେଳେ ୧୦ଲକ୍ଷ ୭୦ ହଜାର ୫୭୯ଜଣ ଛାତ୍ର ରହିଛନ୍ତି।




## ଲୁଟେରାଙ୍କୁ ଦମନ କରିବାରେ ପୋଲିସ ଫେଲ୍

# ସୁନା ଦୋକାନ ଆଗରୁ ୩୨ଲକ୍ଷର ଗହଣା ଲୁଟ୍

ଭୁବନେଶ୍ୱର,୨୯।୩ (ବ୍ୟୁରୋ)

ଲୁଟେରାଙ୍କୁ ଦମନ କରିବାରେ ବିଫଳ ହେଉଛି ପୋଲିସ। ଫଳରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏବେ ଲୁଟପାଟ ବଢିବାରେ ଲାଗିଛି। ଗୁରୁବାର ରାତିରେ ନୟାପଲ୍ଲୀ ଥାନା ଅଧୀନ ଇନ୍ଦ୍ରଧନୁ ମାର୍କେଟ ପ୍ଲଟ୍ ନଂ-ଏନ୍‌୫-୨୫୯/୬ରେ ଥିବା ମା' ଗୌରୀ ଜୁଏଲେରୀ ଦୋକାନ ଆଗରୁ ୩୨ଲକ୍ଷ ଟଙ୍କାର ସୁନା ଗହଣା ଭର୍ତ୍ତି ବ୍ୟାଗ୍ ଲୁଟ ହୋଇଛି। ଦୋକାନୀ ମାଲିକ ଲକ୍ଷ୍ମୀଧର ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀ ଦୋକାନ ଶଟର ବନ୍ଦ କରି ତାଲା ପକାଉଥିବାବେଳେ ଏହି ଘଟଣା ଘଟିଛି। ଏନେଇ ଲକ୍ଷ୍ମୀଧର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ-୧୬୭/୧୯ ଦଫା ୩୭୯ ରୁଜୁ କରି ତଦନ୍ତ ଜାରି ରଖିଛି। ଲୁଟ ସମୟର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରେ କଏଦ ହୋଇଛି। ପୋଲିସ ଉକ୍ତ ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଆଇଡି ମାର୍କେଟରେ ଲକ୍ଷ୍ମୀଧରଙ୍କର ଏକ ଜୁଏଲେରୀ ଦୋକାନ ରହିଛି। ଦୋକାନରେ ସୁନା ରଖି ଘରକୁ ଗଲେ ରାତିରେ ଚୋରି ହେବା ଭୟରେ ଲକ୍ଷ୍ମୀଧର ସମସ୍ତ ଗହଣା ଘରକୁ ନେଇଯାଆନ୍ତି। ବାଟରେ ଲୁଟ ଭୟ ଥିବାରୁ ତାଙ୍କ ସ୍ତ୍ରୀ ମଧ୍ୟ ଘରକୁ ଯିବାବେଳେ ଦୋକାନ ବନ୍ଦ କରିବାରେ ସହଯୋଗ କରନ୍ତି। ସବୁଦିନ ପରି ଗୁରୁବାର ରାତି ପ୍ରାୟ ୧୦ଟା ୪୪ ମିନିଟ୍‌ରେ ଲକ୍ଷ୍ମୀଧର ସୁନା ବ୍ୟାଗ୍‌କୁ ଦୋକାନ ଆଗରେ ରଖି ଶଟର ଦେଉଥିଲେ। ତାଙ୍କ ସ୍ତ୍ରୀ ମଧ୍ୟ ସେଠାରେ ଛିଡା ହୋଇଥିଲେ। ତେବେ ଦୁଇ ସେକେଣ୍ଡ ମଧ୍ୟରେ ଜଣେ ଲୁଟେରା ଫୋନ୍‌ରେ ଗପି ଗପି ଆସି ଉକ୍ତ ବ୍ୟାଗ୍‌କୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଲୁଟେରା ଜଣଙ୍କ ପୂର୍ବରୁ ବାଇକ୍ ଷ୍ଟାର୍ଟ ରଖିଥିବାରୁ ସେ ତୁରନ୍ତ ଫେରାର ହୋଇଯାଇଥିଲେ। ସେ ବ୍ୟାଗ୍‌ରେ ସୁନା ନେଉଥିବା କୌଣସି ବ୍ୟକ୍ତି ଜାଣି ନ ଥିଲେ ବୋଲି ଲକ୍ଷ୍ମୀଧର କହିଛନ୍ତି। ଏନେଇ ଥାନାରେ ଲକ୍ଷ୍ମୀଧର ଜଣାଇବା ପରେ ପୋଲିସ ଘଟଣାର ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଇ ନ ଥିଲା। ବାରମ୍ବାର ରାଜଧାନୀରେ ଲୁଟ ହେଉଥିବାରୁ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ





## ସଂକ୍ଷେପରେ

### ବ୍ଲକ କଂଗ୍ରେସର ବୈଠକ

**ଟାଙ୍ଗୀ(କଟକ),୨୯।୩(ଡି.ଏନ୍.ଏ.):** ସାଲେପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୧୩ଟି ପଞ୍ଚାୟତ କଂଗ୍ରେସ କର୍ମୀଙ୍କ ଏକ ବୈଠକ ଓ ବନ୍ଧୁମିଳନ କନକଗିରି ସିଦ୍ଧପୀଠଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଟସାହି ପଞ୍ଚାୟତ ବରିଷ୍ଠ କଂଗ୍ରେସ କର୍ମୀ ଶେଖ ସଲିମ୍ ସଭାପତିତ୍ୱ କରିଥିଲେ। ବୈଠକରେ କେନ୍ଦ୍ରାପଡା ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଆଇନଜୀବୀ ଧରଣୀଧର ନାୟକଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଜିତେନ୍ଦ୍ର ବେଉରା ଯୋଗଦେଇ ନିର୍ବାଚନ ରଣନୀତି ସ୍ଥିର କରିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଉପସ୍ଥିତ ଶତାଧିକ ମହିଳା, ଯୁବ କର୍ମୀ ଶପଥ ନେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ମହିଳା, ଯୁବକ ଓ ଆଦିବାସୀ କର୍ମୀଙ୍କୁ ନେଇ ବୁଥ କମିଟି ଗଠନ କରିବା ଉପରେ ବରିଷ୍ଠ କର୍ମୀ ବିଶ୍ୱନାଥ ସ୍ୱାଇଁ ପରାମର୍ଶ ଦେଇଥିଲେ। ୧୩ଟି ପଞ୍ଚାୟତର କର୍ମୀଙ୍କୁ ସାମିଲ କରି ଏକ ନିର୍ବାଚନ କମିଟି ଗଠନ ପାଇଁ ସ୍ଥିର ହୋଇଥିଲା।

### ଭାଜପାର ମଣ୍ଡଳସ୍ତରୀୟ ବିଜୟ ସଙ୍କଳ୍ପ ସମାବେଶ



**ନିଶ୍ଚିନ୍ତକୋଇଲି,୨୯।୩(ସ୍ୱ.ପ୍ର.):** ସାଧାରଣ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା ହେବାପରେ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ଶୁକ୍ରବାର ନିର୍ବାଚନୀ ବିଗୁଲ ବଜାଇଛି। ଦଳର ମଣ୍ଡଳସ୍ତରୀୟ ବିଜୟ ସଙ୍କଳ୍ପ ସମାବେଶ ମାହାଙ୍ଗା ବିଧାୟକ ପ୍ରାର୍ଥୀ ଶାରଦା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଭାଜପା ନଗସପୁର ମଣ୍ଡଳ ପକ୍ଷରୁ ବନ୍ଧକାଟିଆ ପଞ୍ଚାୟତ ମଲ୍ଲୀପୁର ଗ୍ରାମର ଚକର ପଡିଆଠାରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ମଣ୍ଡଳ ସଭାପତି ଅମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ଅତିଥିଭାବେ ସାଲେପୁର ବିଧାୟକ ତଥା ସାଲେପୁର ଭାଜପା ପ୍ରାର୍ଥୀ ପ୍ରକାଶ ବେହେରା ଯୋଗଦେଇ ଶାରଦାଙ୍କ ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ମାହାଙ୍ଗା ପାଇଁ ତାଙ୍କର ଆଭିମୁଖ୍ୟ ଉପରେ ସ୍ପଷ୍ଟ କରିବା ସହ ସ୍ଥାନୀୟ ବିଧାୟକଙ୍କ ଉପରେ ବର୍ଷିଥିଲେ। ମାହାଙ୍ଗା ଭାଜପା ପ୍ରାର୍ଥୀ ପ୍ରଧାନ ନିଜ ନିର୍ବାଚନୀ ଭାଷଣରେ କହିଥିଲେ, ଗତ ଥର ନଡିଆ ଚିହ୍ନକୁ ଲୋକ ଜାଣିପାରି ନ ଥିଲେ। ଏଥର ସେ ଭୁଲ ହେବ ନାହିଁ। ଚଳିତ ନିର୍ବାଚନରେ ସେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ପାଇବେ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ସଭାରେ ସାଲେପୁର ନିର୍ବାଚନମଣ୍ଡଳୀ ପ୍ରଭାରୀ କୁଳମଣି ବରାଳ, ମାହଙ୍ଗା ନିର୍ବାଚନମଣ୍ଡଳୀ ପ୍ରଭାରୀ ଅଶୋକ ଦାସ, ଜିଲା ମହିଳା ସଭାପତି ଯାଜ୍ଞସେନୀ ଜେନା, କମଳା ବସ୍ତିଆ ପ୍ରମୁଖ ଯୋଗଦେଇ ନିର୍ବାଚନୀ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଆଶୁତୋଷ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏ ସମ୍ପର୍କରେ ଶାରଦା କହିଛନ୍ତି, ଦଳ କେବଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହୋଇନାହିଁ। ଏହା ଦଳୀୟ ସଭା। କୌଣସି ପ୍ରାର୍ଥୀ ସଭା ଏହା ନୁହେଁ।

## ■ ହାଇୱା ଧକ୍କାରେ ୨ ଯୁବକ ମୃତ, ଜଣେ ଗୁରୁତର

# ଭାରିଯାନ ଚଳାଚଳ ବନ୍ଦ ଦାବିରେ ରାସ୍ତା ଅବରୋଧ

**ନିଶ୍ଚିନ୍ତକୋଇଲି,୨୯।୩(ସ୍ୱ.ପ୍ର.)**

ନେମାଳ ଥାନା ଅଧୀନ କଟିକଟା-ଜୟପୁର ରାସ୍ତାର ଓରତି ପଞ୍ଚାୟତ ଶିବାନନ୍ଦ ବିଦ୍ୟାମନ୍ଦିର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ହାଇୱା ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଏହି ଘଟଣାପରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ହାଇୱା ସମେତ ଅନ୍ୟ ୨ଟି ଟ୍ରକ୍‌କୁ ଜାଳି ଦେଇଥିଲେ। ଏତିକିରେ ରାଗ ଶାନ୍ତି ନ ହେବାରୁ ଶୁକ୍ରବାର ସକାଳେ ସେହି ରାସ୍ତାରେ ଭାରିଯାନ ଚାଳଚଳ ବନ୍ଦ ଦାବିରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ କଟକ ଅତିରିକ୍ତ ଆରକ୍ଷୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, ନେମାଳ ଥାନା ଅଧିକାରୀ ନିହାର ମହାପାତ୍ର ଓ ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକାଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ କଟିକଟା-ଜୟପୁର ରାସ୍ତାରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଯାଇଥିବା ଥାନା ଅଧିକାରୀ ମହାପାତ୍ର ପ୍ରକାଶ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଖୁବଶୀଘ୍ର ଏକ ବୈଠକ ବସିବ ବୋଲି ସୂଚନା ମିଳିଛି।



ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ପ୍ରତିବାଦ କରୁଛନ୍ତି।

ସୂଚନା ଅନୁସାରେ, ତିର୍ତ୍ତୋଲ ଥାନା ଦଇଲୋ ଗ୍ରାମର ଜ୍ୟୋତିଷ ଦାସ(୨୬), ଦିଲୀପ ଦାସ(୩୦)ଓ ଅନ୍ୟଜଣେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ତରତ ଗ୍ରାମକୁ ଲଉଡ଼ି ନାଚ କରିବାକୁ ଆସିଥିଲେ। ନାଚ ସାରି ବିଳମ୍ବିତ ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଓରତି ପଞ୍ଚାୟତ ଶିବାନନ୍ଦ ସ୍କୁଲ ନିକଟରେ ଏକ ହାଇୱା ଦ୍ରୁତ ଗତିରେ ଆସି ପଛପଟୁ ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଦିଲୀପ ଓ ଜ୍ୟୋତିଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ନେମାଳ ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏନେଇ ଥାନାରେ ନଂ(୨୭/୧୯)ରେ ଏକ ମାମଲା ରୁଜୁ ହୋଇଛି। ଗୁରୁତରଙ୍କ ପରିଚୟ ମିଳି ପାରିନାହିଁ।

> ■ ୩ ଗାଡ଼ି ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ
>
> ■ ବିଳମ୍ବିତ ରାତିରେ କଟିକଟା-ଜୟପୁର ରାସ୍ତାରେ ଦୁର୍ଘଟଣା

## ଯୁବକଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ

**ନରସିଂହପୁର,୨୯।୩(ଡି.ଏନ.ଏ.)**

କାନପୁର ଥାନା କରିଲୋ ଛକ ନିକଟରେ ଶୁକ୍ରବାର ଏକ ଟାଟା ଏସିଇ ଧକ୍କାରେ ଜଣେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଙ୍ଗଡ଼ାବ ଗ୍ରାମର ଅଭୟ ନାୟକ(୩୫)। ଦୁର୍ଘଟଣାପରେ ପରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନରସିଂହପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କାନପୁର ଥାନା ଅଧିକାରୀ ସସ୍ମିତା ରଣା ଦୁର୍ଘଟଣାସ୍ଥଳରେ ପହଞ୍ଚି ଟାଟା ଏସିଇକୁ ଜବତ କରି ତଦନ୍ତ କରିଥିଲେ। ପୂର୍ବାହ୍ନରେ ଅଭୟଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଦାବିକରି ଛକ ନିକଟରେ କଟକ-ନରସିଂହପୁର ମୁଖ୍ୟରାସ୍ତା ଅବରୋଧ କରାଯାଇଥିଲା। ଥାନା ଅଧିକାରିଣୀ ରଣା, ତହସିଲ ପ୍ରଶାସନ ପକ୍ଷରୁ ସାଗର ରାଜସ୍ୱ ନିରୀକ୍ଷକ ମାନସ ରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ରାଶି ମୃତ ଅଭୟଙ୍କ ସ୍ତ୍ରୀ ବବିତାଙ୍କୁ ପ୍ରଦାନ କରିଥିଲେ। ଥାନା ଅଧିକାରିଣୀ ଓ ରାଜସ୍ୱ ନିରୀକ୍ଷକ ଉତ୍ତକ୍ତ୍ୟ ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।



କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଉଛି।

## ■ ଅକ୍ଷୟ ମାର୍ଗ ମରଣଯନ୍ତା

# ରାସ୍ତା ମଝି ଡ୍ରେନ୍‌ରୁ ଖସୁଛି ସ୍ଲାବ୍

**ବାଙ୍କୀ,୨୯।୩(ସ୍ୱ.ପ୍ର.)**

> ବାଇପାସ୍ ରାସ୍ତା ଯୋଗୁ ଶହଶହ ଯାନବାହନ ଚଳାଚଳ କରୁଛି

ବାଙ୍କୀ ଏନଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ଅକ୍ଷୟମାର୍ଗ ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଛି। ଏହି ରାସ୍ତା ୨୦୧୮ମସିହାରେ ନିର୍ମାଣ ହୋଇଥିଲା। ରାସ୍ତା ମଝିରେ ଡ୍ରେନ୍ ନିର୍ମାଣ କରାଯାଇଥିଲା। ସେହି ଡ୍ରେନ ଉପରେ ନିମ୍ନମାନର ସିମେଣ୍ଟ ସ୍ଲାବ୍ ପକାଯାଇଥିବାରୁ ସ୍ଲାବ୍ ଗୁଡିକ ଭାଙ୍ଗି ଡ୍ରେନରେ ଖଣ୍ଡଖଣ୍ଡ ହୋଇ ପଡିଲାଣି। ନିମ୍ନମାନ କାମଯୋଗୁ ରାସ୍ତାରୁ ଗୋଡି ମଧ ଉଠିଗଲାଣି। ଏହି କାର୍ଯ୍ୟପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହା ସୂଚନା ଫଳକରେ ଲେଖାଯାଇଥିଲେ ମଧ ତାହା ଉପରେ କଳା ରଙ୍ଗ ବୋଳା ଯାଇଥିବାରୁ ଜନସାଧାରଣ ଜାଣିବା ସମ୍ଭବ ହେଉନାହିଁ। ରାସ୍ତାଟି ବାଙ୍କୀ ସହରର ବାଇପାସ୍ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ସେହି ରାସ୍ତାରେ ଶହଶହ ଯାନବାହନ ଚଳାଚଳ କରୁଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ବିବେକାନନ୍ଦ ହାଇସ୍କୁଲ, ମହିଳା କଲେଜ ଓ ବାଙ୍କୀ କଲେଜର ହଜାର ହଜାର ଛାତ୍ରୀଛାତ୍ର ମଧ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଏହା ସହିତ ରଚିକା ମାର୍କେଟକୁ ମଧ ପ୍ରତ୍ୟେକ ଦିନ ସେହି ରାସ୍ତାରେ ଜନସାଧାରଣ ଯିବା ଆସିବା କରୁଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ରାସ୍ତା କିଭଳି ନିମ୍ନମାନ କରାଯାଇଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି କାର୍ଯ୍ୟ ତଦାରଖ କରିବାକୁ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଏବଂ ୱର୍କସର୍କାର ଥିଲେ ମଧ କାହିଁକି ନିମ୍ନମାନର କାର୍ଯ୍ୟ କରାଗଲା ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏଥିରେ ସମ୍ପୃକ୍ତ ଥିବା ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ନୂତନ ଭାବେ ଯୋଗଦାନ କରିଥିବା ବାଙ୍କୀ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର କହିଛନ୍ତି, ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



ଅକ୍ଷୟ ମାର୍ଗ ରାସ୍ତା ମଝିରେ ଥିବା ଡ୍ରେନ୍‌ର ସ୍ଲାବ ଭାଙ୍ଗିପଡ଼ିଛି।

### ଶିକ୍ଷକଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ

## ନିର୍ବାଚନ କାର୍ଯ୍ୟ ନ କଲେ ସ୍ୱେଚ୍ଛାକୃତ ଅବସର ନିଅ

**ନିଶ୍ଚିନ୍ତକୋଇଲି,୨୯।୩(ସ୍ୱ.ପ୍ର.)**

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ପ୍ରଶାସନିକସ୍ତରରେ ନିର୍ବାଚନୀ ଆଇନକୁ ସେତିକି କଡ଼ାକଡ଼ି କରାଯାଉଛି। ଏହି କ୍ରମରେ କଟକ ଜିଲାପାଳ ଏନେଇ କଡା ପଦକ୍ଷେପ ନେଇଥିବା ଦେଖିବାକୁ ମିଳିଛି। ଜଣେ ସହକାରୀ ଶିକ୍ଷକ ନିର୍ବାଚନ କାର୍ଯ୍ୟ କରିବେ ନାହିଁ ବୋଲି ଜଣାଇବାରୁ ତାଙ୍କୁ ଏକ ତାଗିଦ ନୋଟିସ ଜାରି କରିଛନ୍ତି। ଯଦି ସେ ନିର୍ବାଚନ କାର୍ଯ୍ୟରେ ସହଯୋଗ ନ କରନ୍ତି ତାଙ୍କୁ ଭଲ୍ୟୁଣ୍ଟାରି ରିଟାରମେଣ୍ଟ (ଭିଆର୍‌ଏସ୍) ନେବାକୁ ମଧ ଚିଠିରେ ପରାମର୍ଶ ଦେଇଛନ୍ତି। ଏହି ଘଟଣା ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳରେ ଘଟିଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ପୁରୁଷୋତ୍ତମ ବିଦ୍ୟାପୀଠ ବଙ୍ଗଁପଡ଼ାର ସହକାରୀ ଶିକ୍ଷକ ନାରାୟଣ ଚନ୍ଦ୍ର ସ୍ୱାଇଁ ନିଜ ଶରୀର ଅସୁସ୍ଥ ଥିବା ଦର୍ଶାଇ ନିର୍ବାଚନ ଡ୍ୟୁଟି ନ କରିବା ପାଇଁ ଜିଲାପାଳଙ୍କୁ ନିବେଦନ କରିଥିଲେ। ଜିଲାପାଳ ତାଙ୍କ ପତ୍ର ନଂ-୧୧୦୨/ତା: ୨୭/୩/୨୦୧୯ରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣାଇଛନ୍ତି ଯେ, ନିର୍ବାଚନ କାର୍ଯ୍ୟ ଏକ ସରକାରୀ କାର୍ଯ୍ୟ। ଏହି କାର୍ଯ୍ୟରେ ଯଦି ସମ୍ପୃକ୍ତ ଶିକ୍ଷକ ସହଯୋଗ ନ କରନ୍ତି ତେବେ ତାଙ୍କୁ ସରକାରୀ କାର୍ଯ୍ୟରୁ ତୁରନ୍ତ ନିବୃତ୍ତ କରାଯିବ। ଏଥିସହିତ ତାଙ୍କୁ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ମଧ ଚିଠିରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ୩ ଦିନ ମଧ୍ୟରେ ଜିଲାପାଳଙ୍କୁ ଅବଗତ କରାଇବା ପାଇଁ କୁହାଯାଇଛି। ଜିଲାପାଳ ନିର୍ବାଚନ ପାଇଁ କଡା ଆଭିମୁଖ୍ୟ ସ୍ପଷ୍ଟ କରିବା ପରେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ ସହକାରୀ ଶିକ୍ଷକଙ୍କ ମତାମତ ମିଳି ପାରିନାହିଁ।

# ଫାଇନାନ୍ସ କର୍ମଚାରୀଙ୍କୁ ଗୁଳିକରି ୭୦ ହଜାର ଲୁଟ୍

**ନରସିଂହପୁର,୨୯।୩(ଡି.ଏନ.ଏ.)**

ଶୁକ୍ରବାର ସନ୍ଧ୍ୟାରେ ନରସିଂହପୁରରେ କାର୍ଯ୍ୟ କରୁଥିବା ଜଣେ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କୁ ଦୁର୍ବୃତ୍ତ ଗୁଳିକରି ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହି ଲୁଟ୍‌ର ଶିକାର ହୋଇଛନ୍ତି, କର୍ମଚାରୀ ନରେଶ ବେହେରା(୨୨)। ସେ କାନପୁର ଅଞ୍ଚଳରୁ ଟଙ୍କା ଆଦାୟ କରି ବାଇକ୍ ଯୋଗେ ନରସିଂହପୁରକୁ ଫେରୁଥିଲେ। କଟକ-ନରସିଂହପୁର ମୁଖ୍ୟ ରାସ୍ତାର ସିଆରିଆ ଆମ୍ବତୋଟାର ନିଛାଟିଆ ସ୍ଥାନରେ ୨ ଦୁର୍ବୃତ୍ତ ମୁହଁରେ କଳାପଟି ବାନ୍ଧି ଆସି ତାଙ୍କୁ ଗୁଳି କରିଥିଲେ।ଗୁଳି ତାଙ୍କ ଜଙ୍ଘରେ ବାଜିବାରୁ ସେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କ ଟଙ୍କା ବ୍ୟାଗ ନେଇ ଫେରାର ହୋଇ ଯାଇଥିଲେ। ସେ ଗୁରୁତର ହୋଇ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା କମ୍ପାନୀ କର୍ମଚାରୀ ମାନସ ମହାପାତ୍ର କହିଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସସ୍ମିତା ରଣା କହିଛନ୍ତି। କମ୍ପାନୀ ପକ୍ଷରୁ ଶନିବାର ଅଭିଯୋଗ ହେବ ବୋଲି କୁହାଯାଇଛି।

## ଚର୍ଚ୍ଚିକାଙ୍କ ଦର୍ଶନ କଲେ ଦେବୀରଞ୍ଜନ



ଖବରଦାତା ସମ୍ମିଳନୀରେ ଦେବୀରଞ୍ଜନ ଓ ଅନ୍ୟମାନେ।

**ବାଙ୍କୀ,୨୯।୩(ସ୍ୱ.ପ୍ର.)**

ବାଙ୍କୀ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଶୁକ୍ରବାର ବାଙ୍କୀ ଆସି ମା ଚର୍ଚ୍ଚିକାଙ୍କ ଦର୍ଶନ କରିଛନ୍ତି। ଟାଉନ୍ ପ୍ରବେଶ ଦ୍ୱାର ଅଖେଣ୍ଡଶ୍ୱର ଛକଠାରେ ବାଙ୍କୀ ବିଜେଡି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉପଖଣ୍ଡ ଯୁବବିଜେଡି ସଭାପତି ସନ୍ତୋଷ ରଣା, ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଭ୍ୟ ସୁବାସ ଚନ୍ଦ୍ର ପାଢୀ ଓ କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉପସ୍ଥିତ ରହି ଦେବୀରଞ୍ଜନଙ୍କୁ ଅଭିନନ୍ଦନ ଜଣାଇବା ସହିତ ମା'ଚର୍ଚ୍ଚିକାଙ୍କ ପୀଠକୁ ଏକ ବାଇକ୍ ଶୋଭାଯାତ୍ରାରେ ନେଇଥିଲେ। ସେଠାରେ ସେ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ବାଙ୍କୀ ପ୍ରେସ୍‌କ୍ଲବ ବିଦ୍ୟାରନ୍ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ସେ ଖବରଦାତା ଓ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମା'ଚର୍ଚ୍ଚିକାଙ୍କ ଆଶୀର୍ବାଦ ଓ ବାଙ୍କୀବାସୀଙ୍କ ସହଯୋଗରେ ବାଙ୍କୀର ଉନ୍ନତି ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ପାଢୀ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ସମରେନ୍ଦ୍ର ମହାପାତ୍ର, ଖବରଦାତା ଜ୍ଞାନେନ୍ଦ୍ର ମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରଘୁନାଥପୁରରେ ଭାଜପା ପ୍ରାର୍ଥୀଙ୍କ ପଦଯାତ୍ରା

**ରଘୁନାଥପୁର, ୨୯।୩(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତରିକୁନ୍ଦଠାରେ ତିର୍ତ୍ତୋଲ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେଠାରୁ ମଣ୍ଡଳ ସଭାପତି ସୁବାସ ଜେନାଙ୍କ ତତ୍ତ୍ୱାବଧାନରେ ଏକ ପଦଯାତ୍ରା ଆରମ୍ଭ ହୋଇଥିଲା। ବିଧାୟକ ପ୍ରାର୍ଥୀ ପ୍ରଫେସର ଭୋଇ ତରିକୁନ୍ଦ, ଜଇଶୋଳ, ବରାଗୋଳ ଓ ରଘୁନାଥପୁର ପଞ୍ଚାୟତକୁ ପଦଯାତ୍ରାରେ ଯାଇ ଲୋକଙ୍କ ନିକଟତର ହୋଇ ନିଜର ଆଭିମୁଖ୍ୟ ରଖିଥିଲେ। ସେ ସାଧାରଣ ପରିବାରରୁ ଆସିଥିବା ଓ ଲୋକଙ୍କ ସେବା କରିବାକୁ ସୁଯୋଗ ମିଳିଥିବାରୁ ଜନତାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପଦଯାତ୍ରାରେ ଜିଲା ପରିଷଦ ସଭ୍ୟ ଅଶୋକ ମହାରଣା, ମଣ୍ଡଳ ପ୍ରଭାରୀ ସୁକାନ୍ତ ସ୍ୱାଇଁ, ବିଜୟ ନାୟକ, ବିଜୟ ସାହୁ, ମାମିନା ନାୟକ, ମମତା ଦାସ, ବାପି ସିଂ, ସମିତା ସାମଲ, କ୍ଷୀରୋଦ ପୃଷ୍ଟିଙ୍କ ସମେତ କର୍ମୀମାନେ ସାମିଲ ହୋଇଥିଲେ।

## ହିନ୍ଦୁସ୍ଥାନ ନିର୍ମାଣ ଦଳର ପ୍ରାର୍ଥୀ ହେଲେ ଅନିଲ

**ମାହାଙ୍ଗା,୨୯।୩(ସ୍ୱ.ପ୍ର.)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ଦଳଗୁଡିକ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ହିନ୍ଦୁସ୍ଥାନ ନିର୍ମାଣ ଦଳ ମାହାଙ୍ଗା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଦଳ ପକ୍ଷରୁ ଏହି ନିର୍ବାଚନମଣ୍ଡଳୀରୁ ଅନିଲ କୁମାର ସାମଲଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଛି। ସେ ମାହାଙ୍ଗା ବ୍ଲକ ଅଲ୍ଲୀନଗର ଗ୍ରାମର ବାସିନ୍ଦା। ଦଳ ଆଗାମୀ ଦିନରେ ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ, ବେକାରଙ୍କୁ ନିଯୁକ୍ତି, ଚାଷୀଙ୍କ ଧାନର ସହାୟକ ମୂଲ୍ୟ ବୃଦ୍ଧି, ସୈନିକମାନଙ୍କୁ ଉଚିତ୍ ସମ୍ମାନ ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ ଜନମତ ସୃଷ୍ଟି କରିବ ବୋଲି ସାମଲ ମତବ୍ୟକ୍ତ କରିଛନ୍ତି। ଆସନ୍ତା ୮ ତାରିଖରେ ସେ ନିଜ ପ୍ରାର୍ଥିପତ୍ର ଦାଖଲ କରିବାକୁ ଥିବାବେଳେ ଦଳୀୟ ସଂଗଠନକୁ କିପରି ସୁଦୃଢ଼ କରାଯାଇପାରିବ ଶୁକ୍ରବାର ଅଲ୍ଲୀନଗରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତାପସ ଦାସ, ସୁରଭ ରଞ୍ଜନ ନାୟକ, ଲକ୍ଷ୍ମୀଧର ବଳ, ଗଣେଶ୍ୱର ବାରିକ ଓ ଚିନ୍ମୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ହିନ୍ଦୁସ୍ଥାନ ନିର୍ମାଣ ଦଳର ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା।

## କଂଗ୍ରେସର ସାଙ୍ଗଠନିକ ବୈଠକ

**ଆଠଗଡ଼,୨୯।୩(ସ୍ୱ.ପ୍ର.)**

ଆଠଗଡ଼ କଂଗ୍ରେସ ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ଝରଣଛକ ନିକଟସ୍ଥ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୁବନେତା ଅକ୍ଷୟ କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଦଳର ବିଧାୟକ ପ୍ରାର୍ଥୀ ରଥ ଆଗାମୀ ନିର୍ବାଚନରେ କଂଗ୍ରେସ କିପରି ବିଜୟୀ ହେବ ସେ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ୨ନଂ ଜୋନ ସଭାପତି ମଙ୍ଗୁଳି ଚରଣ ପାଣି, ୩ନଂ ଜୋନ ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳ, ନଗର ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଯୁବ କଂଗ୍ରେସ ସଭାପତି ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ବୁଥସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତ କର୍ମୀ ଉଦ୍ୟମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ବିଜେଡି, ଭାଜପାର ପ୍ରଚାର ଆରମ୍ଭ

**ବଡ଼ମ୍ବା,୨୯।୩(ଡି.ଏନ.ଏ.):**

ବଡ଼ମ୍ବା-ନରସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ଦେବୀପ୍ରସାଦ ମିଶ୍ର, ଭାଜପାର ବିଜୟ କୁମାର ଦଳବେହେରା ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ସେହିପରି କଟକ ଲୋକସଭା ପାଇଁ ଭାଜପାର ପ୍ରକାଶ ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ଏହି ଘୋଷଣା ପରେ ବଡ଼ମ୍ବାରେ ନିର୍ବାଚନୀ ଉତ୍ସବତା ଦେଖାଯାଇଛି। ପ୍ରାର୍ଥୀମାନେ ବିଭିନ୍ନ ଦେବଦେବୀଙ୍କ ଦର୍ଶନ ଲାଭ କରିବା ପାଇଁ ତତ୍ପର ହୋଇ ଉଠିଛନ୍ତି। ଗୁରୁବାର ବିଜେଡି ବିଧାୟକ ପ୍ରାର୍ଥୀ ମିଶ୍ର ହଜାର ହଜାର କର୍ମୀଙ୍କ ଗ୍ରହଣରେ ଏକ ବାଇକ୍ ଶୋଭାଯାତ୍ରାରେ ଆସି ମା'ଭଟ୍ଟାରିକାଙ୍କୁ ଦର୍ଶନ କରିବା ସହିତ ବିଭିନ୍ନ ଗ୍ରାମ ପରିକ୍ରମା କରି ଉଦ୍‌ବୋଧନ ଦେଇଥିଲେ। ପରେ ସୁନାପାଲସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମିଶ୍ରଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଅନସୂୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜୟ ସ୍ୱାଇଁ, କଟକ ଜିଲା ବିଜେଡି କମିଟି ଉପସଭାପତି ଦୁର୍ଗାମାଧବ ରଥ, ସମ୍ପାଦକ ପ୍ରଦୀପ ସ୍ୱାଇଁ ଓ ପରମାନନ୍ଦ ସେଠୀଙ୍କ ସମେତ ନରସିଂହପୁର ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଏବଂ ବ୍ଲକ ବିଜେଡି ସଭାପତି କୃପାସିନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇ ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଶୋଭାଯାତ୍ରା ସମୟରେ ବିଭିନ୍ନ ସଂଗଠନ ତରଫରୁ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ଭାଜପା ବିଧାୟକ ପ୍ରାର୍ଥୀ ଦଳବେହେରା ଓ କଟକ ଲୋକସଭା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ମିଶ୍ର ମଧ ମା'ଭଟ୍ଟାରିକାଙ୍କୁ ଦର୍ଶନ ଲାଭ କରିବା ସହିତ ପ୍ରଚାର ଶୁଭାରମ୍ଭ କରିଥିଲେ। ଉଭୟ ପ୍ରାର୍ଥୀ ବିଧାରପୁରଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଶତାଧିକ ଦଳୀୟ କର୍ମୀଙ୍କ ଗହଣରେ ଭଟ୍ଟାରିକା ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ। ପରେ ସେଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଉଭୟ ପ୍ରାର୍ଥୀଙ୍କ ସହିତ କଟକ ଜିଲା ଭାଜପା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ପୂର୍ବତନ ବିଧାୟକ ପ୍ରାର୍ଥୀ ବିଭୁଦତ୍ତ ପଟ୍ଟନାୟକ, ସୂର୍ଯ୍ୟକିଶୋର ମହାନ୍ତି, ସରୋଜ କୁମାର ରଣା, ସନ୍ତୋଷ କୁମାର ବେହେରା ଓ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।



ଦଳୀୟ ସମର୍ଥକଙ୍କ ସହ ବିଜେଡି ବିଧାୟକ ପ୍ରାର୍ଥୀ ଦେବୀ ମିଶ୍ର।



କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର ପ୍ରଚାର କରୁଛନ୍ତି।



କାହାରିକୁ ଦୁଃଖ ଦିଅନାହିଁ। କାହାକୁ ଘୃଣା କର ନାହିଁ। କାୟ ମନୋବାକ୍ୟରେ ସମସ୍ତଙ୍କର ମଙ୍ଗଳ ବିଧାନ କର। ସର୍ବ ଜୀବଙ୍କୁ ସମ୍ମାନ ଦିଅ।

- ଶ୍ରୀ ଚୈତନ୍ୟ ଦେବ



## ସଂକ୍ଷେପରେ

### ବେଆଇନ୍ ଚାଲାଣ ବେଳେ ୬ଗାଡ଼ି ଜବତ

**ଚୌଦ୍ୱାର,୨୯।୩(ଡି.ଏନ୍.ଏ.):** ବେଆଇନ ବାଲି, ମାଙ୍କଡାପଥର ଓ ବୋଲ୍ଡର ଚାଲାଣ ବେଳେ ଗୁରୁବାର ୬ଗାଡିକୁ ଜବତ କରିଛି ସ୍ଥାନୀୟ ପ୍ରଶାସନ। ସୂଚନା ଅନୁଯାୟୀ, ଚୌଦ୍ୱାର-ମଙ୍ଗରାଜପୁର ରାସ୍ତାରେ ବେଆଇନ୍ ବାଲି ଚୋରା ଚାଲାଣ ହେଉଥିବା ନେଇ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଡ. ଅବିନାଶ ରାଉତ ଖବରପାଇ ଚଢ଼ାଉ ପାଇଁ ମଙ୍ଗରାଜପୁର ଆର୍‌ଆଇ ପବିତ୍ର ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଡିଶନାଲ ତହସିଲଦାର ଉଲ୍ଲାସ କୁମାର ସେଠୀ, ମଙ୍ଗରାଜପୁର ଆର୍‌ଆଇ ବେହେରା, ଗରୁଡ଼ର୍ଗା ଆର୍‌ଆଇ ମାନସ ବ୍ରହ୍ମା, ଚୌଦ୍ୱାର ଆର୍‌ଆଇ ଚିତ୍ତରଞ୍ଜନ ପଟ୍ଟନାୟକ, ବାଣୀପଦା ଆରଆଇ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ମଙ୍ଗରାଜପୁର ରାସ୍ତାର ରାମଚନ୍ଦ୍ରପୁର ଠାରେ ୩ଟି ବାଲିବୋଝେଇ ହାଇୱା ସହିତ ଏକ ବୋଲ୍ଡର ବୋଝେଇ ଡମ୍ପରକୁ ଜବତ କରିଥିଲେ। ସେହିପରି ବିଳମ୍ବିତ ରାତିରେ ଚୌଦ୍ୱାର କଳିଙ୍ଗଛକ ନିକଟରୁ ୨ଟି ବେଆଇନ ମାଙ୍କଡାପଥର ବୋଝେଇ ଟ୍ରକକୁ ଜବତ କରି ଥାନା ଜିମା ଦିଆଯାଇଥିବା ତହସିଲଦାର କହିଛନ୍ତି। ଆଗାମୀ ଦିନରେ ଚଢ଼ାଉ ଯୋରଦାର କରାଯିବ ବୋଲି ତହସିଲଦାର ରାଉତ କହିଛନ୍ତି।

### ସମୁଦ୍ରୀୟ ଆଇନ ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ,୨୯।୩:** ନରାଜ ସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନଏଲୟୁ)ରେ ସମୁଦ୍ରୀୟ ଆଇନ ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେରଳର ସମୁଦ୍ରୀୟ ବୋର୍ଡ ଓ ମ୍ୟାନେଜିଂ ପାର୍ଟନର ଅଧକ୍ଷ ତଥା ବରିଷ୍ଠ ଆଇନଜୀବୀ ଭି.ଜେ. ମାଥ୍ୟୁ ଏଥିରେ ଯୋଗଦେଇ ସମୁଦ୍ରୀୟ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତରେ ଏହି ଆଇନ କିପରି ପାଳନ ହେଉଛି ଓ କେଉଁ କେଉଁ ଦିଗରେ ଏହାକୁ ନଜର ଦିଆଯାଉନାହିଁ ସେ ସମ୍ପର୍କରେ ମାଥ୍ୟୁ ରିପୋର୍ଟ ମଧ ପ୍ରଦର୍ଶନ କରିଥିଲେ। ଆଇନ ନ ମାନିବା ଫଳରେ କିପରି କୁପ୍ରଭାବ ପଡୁଛି ସେ ଦିଗରେ ମଧ ମତ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଅନ୍ତର୍ଜାତୀୟ ସମୁଦ୍ରୀୟ ସଙ୍ଗଠନର ପୂର୍ବତନ ନିର୍ଦ୍ଦେଶକ କ୍ୟାପ୍ଟେନ ଅଶୋକ ମହାପାତ୍ର ଯୋଗଦେଇ ସମୁଦ୍ରୀୟ ଆଇନ ପାଳନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ପଲ୍ଲବ ଦାସ ଓ ଦେବେନ ଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ଏହି ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କୁଳପତି କ୍ରିଷ୍ଣା ଦେବ ରାଓଙ୍କ ସମେତ ପ୍ରାୟ ୩୦୦ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ବିଦ୍ୟୁତ୍ ଖୁଣ୍ଟରେ ପିଚିହେଲା କାର



**ନରାଜ/କଟକ ଅଫିସ, ୨୯।୩:** ବାଙ୍କୀ-କଟକ ମୁଖ୍ୟ ରାସ୍ତାର ଗୋଡିସାହି ହାଇସ୍କୁଲ ନିକଟରେ ଏକ କାର୍ (ଓଡି୦୨ଏବି-୫୮୫୨) ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ବିଦୁତ ଖୁଣ୍ଟରେ ପିଟି ହୋଇଯାଇଛି। ଏଥିରେ କାର ଚାଳକ ସୁନ୍ଦୁ ସାମଲ ସାମାନ୍ୟ ଆହତ ହୋଇଛନ୍ତି। ଗୋଡିସାହି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କାରକୁ ଜବତ କରିଛନ୍ତି।

### ବ୍ଲକ କଂଗ୍ରେସର ବୈଠକ

**ଟାଙ୍ଗୀ(କଟକ),୨୯।୩(ଡି.ଏନ୍.ଏ.):** ସାଲେପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୧୩ଟି ପଞ୍ଚାୟତ କଂଗ୍ରେସ କର୍ମୀଙ୍କ ଏକ ବୈଠକ ଓ ବନ୍ଧୁମିଳନ କନକଗିରି ସିଦ୍ଧପୀଠଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଟସାହି ପଞ୍ଚାୟତ ବରିଷ୍ଠ କଂଗ୍ରେସ କର୍ମୀ ଶେଖ ସଲିମ୍ ସଭାପତିତ୍ୱ କରିଥିଲେ। ବୈଠକରେ କେନ୍ଦ୍ରାପଡା ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଆଇନଜୀବୀ ଧରଣୀଧର ନାୟକଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଜିତେନ୍ଦ୍ର ବେଉରା ଯୋଗଦେଇ ନିର୍ବାଚନ ରଣନୀତି ସ୍ଥିର କରିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଉପସ୍ଥିତ ଶତାଧିକ ମହିଳା, ଯୁବ କର୍ମୀ ଶପଥ ନେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ମହିଳା, ଯୁବକ ଓ ଆଦିବାସୀ କର୍ମୀଙ୍କୁ ନେଇ ବୁଥ କମିଟି ଗଠନ କରିବା ଉପରେ ବରିଷ୍ଠ କର୍ମୀ ବିଶ୍ୱନାଥ ସ୍ୱାଇଁ ପରାମର୍ଶ ଦେଇଥିଲେ। ୧୩ଟି ପଞ୍ଚାୟତର କର୍ମୀଙ୍କୁ ସାମିଲ କରି ଏକ ନିର୍ବାଚନ କମିଟି ଗଠନ ପାଇଁ ସ୍ଥିର ହୋଇଥିଲା।

## ■ ହାଇୱା ଧକ୍କାରେ ୨ ଯୁବକ ମୃତ, ଜଣେ ଗୁରୁତର

# ଭାରିଯାନ ଚଳାଚଳ ବନ୍ଦ ଦାବିରେ ରାସ୍ତା ଅବରୋଧ

**ନିଶ୍ଚିନ୍ତକୋଇଲି,୨୯।୩(ସ୍ୱ.ପ୍ର.)**



ଭାରିଯାନ ଚଳାଚଳ ବନ୍ଦ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ନେମାଳ ଥାନା ଅଧୀନ କଟିକଟା-ଜୟପୁର ରାସ୍ତାର ଓରତି ପଞ୍ଚାୟତ ଶିବାନନ୍ଦ ବିଦ୍ୟାମନ୍ଦିର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ହାଇୱା ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଏହି ଘଟଣାପରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ହାଇୱା ସମେତ ଅନ୍ୟ ୨ଟି ଟ୍ରକ୍‌କୁ ଜାଳି ଦେଇଥିଲେ। ଏତିକିରେ ରାଗ ଶାନ୍ତି ନ ହେବାରୁ ଶୁକ୍ରବାର ସକାଳେ ସେହି ରାସ୍ତାରେ ଭାରିଯାନ ଚାଳଚଳ ବନ୍ଦ ଦାବିରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ କଟକ ଅତିରିକ୍ତ ଆରକ୍ଷୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, ନେମାଳ ଥାନା ଅଧିକାରୀ ନିହାର ମହାପାତ୍ର ଓ ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକାଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ କଟିକଟା-ଜୟପୁର ରାସ୍ତାରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଯାଇଥିବା ଥାନା ଅଧିକାରୀ ମହାପାତ୍ର ପ୍ରକାଶ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଖୁବଶୀଘ୍ର ଏକ ବୈଠକ ବସିବ ବୋଲି ସୂଚନା ମିଳିଛି।

ସୂଚନା ଅନୁସାରେ, ତିର୍ତ୍ତୋଲ ଥାନା ଦଇଲୋ ଗ୍ରାମର ଜ୍ୟୋତିଷ ଦାସ(୨୬), ଦିଲୀପ ଦାସ(୩୦)ଓ ଅନ୍ୟଜଣେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ତରତ ଗ୍ରାମକୁ ଲଉଡ଼ି ନାଚ କରିବାକୁ ଆସିଥିଲେ। ନାଚ ସାରି ବିଳମ୍ବିତ ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଓରତି ପଞ୍ଚାୟତ ଶିବାନନ୍ଦ ସ୍କୁଲ ନିକଟରେ ଏକ ହାଇୱା ଦ୍ରୁତ ଗତିରେ

■ ୩ ଗାଡ଼ି ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

■ ବିଳମ୍ବିତ ରାତିରେ କଟିକଟା-ଜୟପୁର ରାସ୍ତାରେ ଦୁର୍ଘଟଣା

ଆସି ପଛପଟୁ ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଦିଲୀପ ଓ ଜ୍ୟୋତିଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ନେମାଳ ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏନେଇ ଥାନାରେ ନଂ(୨୭/୧୯)ରେ ଏକ ମାମଲା ରୁଜୁ ହୋଇଛି। ଗୁରୁତରଙ୍କ ପରିଚୟ ମିଳି ପାରିନାହିଁ।

## ଡ୍ରିମ୍‌ସରେ 'ଅବନ୍ତିକା-୨୦୧୯' ଉଦ୍‌ଘାଟିତ



ସମାରୋହରେ ଅଭିନେତା କୁନା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କଟକ ଅଫିସ,୨୯।୩**

ଡ୍ରିମ୍‌ସ ମ୍ୟାନେଜେମେଣ୍ଟ ଉଇଙ୍ଗର ଦୁଇଦିନ ବ୍ୟାପୀ ବାର୍ଷିକ ସାଂସ୍କୃତିକ ସମାରୋହ 'ଅବନ୍ତିକା-୨୦୧୯' ଶିକ୍ଷାନୁଷ୍ଠାନ ପରିସରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଓଡିଶା ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧକ୍ଷ ତଥା ଅଭିନେତା କୁନା ତ୍ରିପାଠୀ ସମାରୋହକୁ ଉଦ୍‌ଘାଟନ କରି କହିଥିଲେ, ପ୍ରତ୍ୟେକ ବ୍ୟକ୍ତି ତାର ମା, ମାଟି ଓ ଭାଷାକୁ ଭଲପାଇଲେ ହିଁ ଜୀବନରେ ବଡ ହୋଇପାରିବ। ମୁଖ୍ୟବକ୍ତା ପ୍ରଫେସର ଡ. ନଟବର ଶତପଥୀ କହିଥିଲେ, ଭାଷା ହିଁ ସମସ୍ତଙ୍କୁ ସ୍ନେହ, ଅନୁଶାସନ ଓ ସ୍ୱାଭିମାନ ଶିଖାଇଥାଏ। ଉତ୍ତରପିଢି ଏହାକୁ ଜାଣିଲେ ହିଁ ବିକାଶର ପ୍ରକୃତ ପରିଚୟ ମିଳିବ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅବନ୍ତିକାର ଅଭିନନ୍ଦନ ଜଣାଇଥିଲେ। ଅଧକ୍ଷ ଡ. ସ୍ନିଗ୍ଧମଧୁସୂଦନ ଦାସ ବିବରଣୀ ପାଠ କରିଥିବାବେଳେ ବିବିଏ ୩ୟ ବର୍ଷ ଛାତ୍ର ସିଦ୍ଧାର୍ଥ ସିଂ ଓ ଏମ୍‌ବିଏ ୨ୟ ବର୍ଷ ଛାତ୍ରୀ ପ୍ରିୟଙ୍କା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରକାଶିତ ମୁଖପତ୍ର ଉନ୍ମୋଚିତ ହେବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସୁଦୀପ କୁମାର ଭାରତୀ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପିକା ସ୍ମିତାରାଣୀ ଲେଙ୍କା, ଡ. ହିମାଂଶୁ ଗୋଚ୍ଛାୟତ, କେ.ଆର. ସିଂ, ଶ୍ୱେତପଦ୍ମା ଦାଶ, ତୃପ୍ତିମୟୀ ରାଉତରାୟ, ଡିଡି ଦାସମହାପାତ୍ର, ପ୍ରଶାନ୍ତ ଖୁଣ୍ଟିଆ, ସନ୍ତୋଷ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଏବଂ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମାରୋହରେ ବିଭିନ୍ନ ଉଇଙ୍ଗର ଅଧକ୍ଷ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସ୍କୁଟି, ମୋବାଇଲ ଜବତ: ଯୁବକ ଗିରଫ

**କଟକ ଅଫିସ,୨୯।୩**

ସ୍କୁଟି ଓ ମୋବାଇଲ ଲୁଟ୍ କରିବା ଅଭିଯୋଗରେ ମର୍କତନଗର ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିଡାନାସୀ ଥାନା ଅନ୍ତର୍ଗତ ନୂଆସାହି ଅଞ୍ଚଳର ଜଗନ୍ନାଥ ଗୌଡା। ପୋଲିସ ତାଙ୍କ ଠାରୁ ଏକ ସ୍କୁଟି(ଓଡି୦୨ଏଏସ୍-୦୦୭୬) ଓ ଗୋଟିଏ ମୋବାଇଲ ଜବତ କରିବା ସହ ଏ ନେଇ ଏକ ମାମଲା(ନଂ.୫୨/୧୯) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ସିଦ୍ଧାର୍ଥ ମହାନ୍ତି ନାମକ ଜଣେ ବ୍ୟକ୍ତି ଗତ ମଙ୍ଗଳବାର ମର୍କତନଗର ଥାନା ଅନ୍ତର୍ଗତ ସେକ୍ଟର-୮ ଅଞ୍ଚଳରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ପରେ ସେହିଦିନ ରାତିରେ ସେ ନିଜ ଘରକୁ ସ୍କୁଟିରେ ଫେରୁଥିବାବେଳେ ଜଗନ୍ନାଥ ଏବଂ ତାଙ୍କର ଜଣେ ସହଯୋଗୀ ତାଙ୍କୁ ଅଟକାଇଥିଲେ। ପରେ ସେମାନେ ସିଦ୍ଧାର୍ଥଙ୍କୁ ମାଡ ମାରି ତାଙ୍କ ସ୍କୁଟି ଓ ମୋବାଇଲ ନେଇଯାଇଥିଲେ। ଏ ନେଇ ସିଦ୍ଧାର୍ଥ ଥାନାରେ ଅଭିଯୋଗ କରିବା ପୋଲିସ ଜଗନ୍ନାଥଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣା ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢାଉ ଜାରି ରଖିଛି।

## ଏଡ୍‌ସ ସଚେତନତା କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥି।

**କଟକ ଅଫିସ,୨୯।୩**

ଦେଉଳସାହି ସ୍ଥିତ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ୟୁଥ୍ ରେଡକ୍ରସ ଅନ୍ତର୍ଗତ ରେଡ ରିବନ କ୍ଲବ ଆନୁକୂଲ୍ୟରେ ଏଡ୍‌ସ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡ. ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ଓ ଏହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ସରୋଜ କୁମାର ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ଛବୀନ୍ଦ୍ର ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଛାତ୍ରୀଛାତ୍ରମାନେ ସ୍ଥାନୀୟ ଅଞ୍ଚଳରେ ଏଡ୍‌ସ ଓ ଏଚଆଇଭି ସମ୍ପର୍କରେ ସଚେତନତା ଶୋଭାଯାତ୍ରା କରିଥିଲେ। ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧକ୍ଷା ଅନିମା ଜେନା, ଅଧ୍ୟାପିକା ଶୁଭଶ୍ରୀ ନନ୍ଦ, ପ୍ରିୟଙ୍କା ପ୍ରିୟଦର୍ଶିନୀ, କ୍ରିଷ୍ଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଲିସାରାଣୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଲାଞ୍ଚ : କିରାଣି ଗିରଫ

**କଟକ ଅଫିସ, ୨୯।୩**

୧ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି କନିଷ୍ଠ କିରାଣି ଲିଙ୍ଗରାଜ ମହାପାତ୍ର। ସେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ। ତିନୋଟି ମ୍ୟୁଟେଶନ କେସ୍‌ର ନକଲ ଦେବା ପାଇଁ କିରାଣି ମହାପାତ୍ର ଏହି ଲାଞ୍ଚ ପଟ୍ଟାମୁଣ୍ଡାଇ ଥାନା ଅଧୀନ ବାଘଟାଇଲୋ ଗ୍ରାମର ନିରଞ୍ଜନ ପାତ୍ରଙ୍କଠାରୁ ଦାବି କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ମହାପାତ୍ର ତହସିଲ ଅଫିସରେ ବସି ନିରଞ୍ଜନଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରିଥିଲେ। ଲାଞ୍ଚ ଟଙ୍କାକୁ ନିଜ ପକେଟରେ ରଖିବା ପରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ଇଚ୍ଛାପୁର ଗ୍ରାମରେ ଥିବା କିରାଣିଙ୍କ ଘରକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୭/୧୯) ରୁଜୁ କରାଯାଇ କିରାଣି ମହାପାତ୍ରଙ୍କୁ ଗିରଫ କରାଯାଇଛି।

## ଫାଇନାନ୍ସ କର୍ମଚାରୀଙ୍କୁ ଗୁଳିକରି ୭୦ ହଜାର ଲୁଟ୍

**ନରସିଂହପୁର,୨୯।୩(ଡି.ଏନ.ଏ.)**

ଶୁକ୍ରବାର ସନ୍ଧ୍ୟାରେ ନରସିଂହପୁରରେ କାର୍ଯ୍ୟ କରୁଥିବା ଜଣେ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କୁ ଦୁର୍ବୃତ୍ତ ଗୁଳିକରି ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହି ଲୁଟ୍‌ର ଶିକାର ହୋଇଛନ୍ତି, କର୍ମଚାରୀ ନରେଶ ବେହେରା(୨୨)। ସେ କାନପୁର ଅଞ୍ଚଳରୁ ଟଙ୍କା ଆଦାୟ କରି ବାଇକ୍ ଯୋଗେ ନରସିଂହପୁରକୁ ଫେରୁଥିଲେ। କଟକ-ନରସିଂହପୁର ମୁଖ୍ୟ ରାସ୍ତାର ସିଆରିଆ ଆମ୍ବତୋଟାର ନିଛାଟିଆ ସ୍ଥାନରେ ୨ ଦୁର୍ବୃତ୍ତ ମୁହଁରେ କଳାପଟି ବାନ୍ଧି ଆସି ତାଙ୍କୁ ଗୁଳି କରିଥିଲେ। ଗୁଳି ତାଙ୍କ ଜଙ୍ଘରେ ବାଜିବାରୁ ସେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କ ଟଙ୍କା ବ୍ୟାଗ ନେଇ ଫେରାର ହୋଇ ଯାଇଥିଲେ। ସେ ଗୁରୁତର ହୋଇ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା କମ୍ପାନୀ କର୍ମଚାରୀ ମାନସ ମହାପାତ୍ର କହିଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସସ୍ମିତା ରଣା କହିଛନ୍ତି। କମ୍ପାନୀ ପକ୍ଷରୁ ଶନିବାର ଅଭିଯୋଗ ହେବ ବୋଲି କୁହାଯାଇଛି।

## ପର୍ଯ୍ୟଟକଙ୍କ ପାଇଁ ନାହିଁ ସର୍ବନିମ୍ନ ବ୍ୟବସ୍ଥା

**କଟକ ଅଫିସ,୨୯।୩**

**ଧବଳେଶ୍ୱର ପୀଠ**

■ ଆବେଦନକାରୀ ଦେବେ ରିପ୍ରେଜେଣ୍ଟେଶନ

■ ୨ ମାସ ମଧରେ ଟ୍ରଷ୍ଟ ବୋର୍ଡ ନେବ ନିଷ୍ପତ୍ତି

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ସର୍ବନିମ୍ନ ବ୍ୟବସ୍ଥା କରାଯାଇନାହିଁ। ଟଏଲେଟ, ବିଶ୍ରାମାଗାର, ପିଇବା ପାଣି ଭଳି ମୌଳିକ ଆବଶ୍ୟକତା ଉପଲବ୍ଧ ନାହିଁ। ବର୍ଷର ବିଭିନ୍ନ ସମୟରେ ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନଙ୍କ ଶୁଅ ଛୁଟୁଛି। ବିଶେଷକରି ନୂଆପାଟଣାଠାରେ ମହାନଦୀ ଉପରେ ନୂତନ ସେତୁ ନିର୍ମାଣ ହେବା ପରେ ଧବଳେଶ୍ୱର ପୀଠକୁ ଯାତ୍ରୀଙ୍କ ଆଗମନ ଦ୍ୱିଗୁଣିତ ହୋଇଛି। କିନ୍ତୁ ଏଭଳି ସମସ୍ୟା ଏହି ପୀଠର ମର୍ଯ୍ୟାଦା ହାନି କରୁଛି। ଏଭଳି ଅଭିଯୋଗ କରି ସାମାଜିକ କର୍ମୀ ରୋହନ ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଶୁକ୍ରବାର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କୁ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ରିପ୍ରେଜେଣ୍ଟେଶନ ଦେବାକୁ ଆଦେଶ ଦେଇଛନ୍ତି। ଉକ୍ତ ରିପ୍ରେଜେଣ୍ଟେଶନକୁ ଆଧାର କରି ମନ୍ଦିର ଟ୍ରଷ୍ଟ ବୋର୍ଡ ଆସନ୍ତା ୨ ମାସ ମଧରେ ଆଇନଗତ ଠିକ୍ ନିଷ୍ପତ୍ତି ନେବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ କ୍ଷୀରୋଦ ରାଉତ, ଜୟନ୍ତୀ ନାୟକ ଓ ସୁରେନ୍ଦ୍ର କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

## ଦିବାକର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ନରାଜ/କଟକ ଅଫିସ,୨୯।୩**

ନରଣପୁର ଖେଳପଡିଆଠାରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ୮ମ ଜିଲା ସ୍ତରୀୟ ଦିବାକର ସ୍ୱାଇଁ ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ। ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୁଲ୍ୟରେ ହେଉଥିବା ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ୪ଟି ଯାକ ଲିଗ ମ୍ୟାଚ୍ ଖେଳାଯିବା ସହ କ୍ୱାର୍ଟର ଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ ହୋଇଛି। ଏଥିରେ ସିଆର୍‌ଆର୍‌ଆଇ ଟାଇବ୍ରେକର ପଦ୍ଧତିରେ ବରାହିପୁରକୁ, ଜାଙ୍ଗେଶ୍ୱରୀ କ୍ଲବ ୧-୦ ଗୋଲରେ ମରିଚିଆ କ୍ଲବକୁ, ଖାନନଗର କ୍ଲବ ୨-୦ ଗୋଲରେ କଖଡ଼ି କ୍ଲବକୁ ଓ ଗବବସ୍ତ କ୍ଲବ ୧-୦ ଗୋଲରେ ଗଣ୍ଡରପୁର କ୍ଲବକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତ, ନରଣପୁର ଗ୍ରାମକମିଟିର ସଭାପତି ଧୀରେନ୍ଦ୍ର ବିଶ୍ୱାଳ, ସମ୍ପାଦକ ରାଜେନ୍ଦ୍ର ସ୍ୱାଇଁ, ସମାଜିକକର୍ମୀ ଭରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜିବ ଦାସ, ବ୍ରହ୍ମାନନ୍ଦ ଭୋଇ, ଦୁର୍ଗା ଆଚାର୍ଯ୍ୟ ଓ ପ୍ରଭାକର ବେହେରା ଖେଳପରିଚାଳନା କରିଥିଲେ। କ୍ଲବର ସଦସ୍ୟ ପ୍ରଭାକର ରାଉତ, ରଞ୍ଜନ ସାହୁ, ବିରେନ ରାଉତ, ଦୀନେଶ ରଞ୍ଜନ ରାଉତ, ତାପସ ସ୍ୱାଇଁ, ବେନୁଆ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ହାଭେଲ୍ସ ଗାଲାକ୍ସିର ନୂଆ ଷ୍ଟୋର



**ଭୁବନେଶ୍ୱର,୨୯-୩**

ଦେଶର ପ୍ରମୁଖ ଇଲେକଟ୍ରୋନିକ୍ସ ଉତ୍ପାଦ ନିର୍ମାତା ହାଭେଲ୍ସ ପକ୍ଷରୁ କଟକର ସିଡିଏ ସେକ୍ଟର-୧୦ରେ ନୂଆ 'ହାଭେଲ୍ସ ଗାଲାକ୍ସି' ଖୋଲିଛି। କମ୍ପାନୀର ଓଡ଼ିଶା ଶାଖା ମୁଖ୍ୟ ଦେବାଶିଷ ମିତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ନୂଆ ଷ୍ଟୋର ସହ ରାଜ୍ୟରେ ହାଭେଲ୍ସ ଗାଲାକ୍ସି ସଂଖ୍ୟା ୧୪ ଛୁଇଁଛି। ନୂଆ ଷ୍ଟୋର ଦ୍ୱାରା ଗ୍ରାହକମାନେ କମ୍ପାନୀର ବ୍ୟାପକ ରେଞ୍ଜର ଇଲେକଟ୍ରୋନିକ୍ସ ଉତ୍ପାଦ ଲାଭ କରି ପାରିବେ ବୋଲି ଶାଖା ମୁଖ୍ୟ ମିତ୍ର କହିଛନ୍ତି। ଏବେ ଅନୁଗୋଳ, ବାଲେଶ୍ୱର, ବାରିପଦା, ଭୁବନେଶ୍ୱର, ବ୍ରହ୍ମପୁର, ପୁରୀ, ବଡବିଲ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର ଭଳି ସହରରେ ହାଭେଲ୍ସ ଗାଲାକ୍ସି ରହିଛି। ରାଜ୍ୟରେ ଅଧିକ ନୂଆ ଷ୍ଟୋର ଖୋଲିବା ନେଇ ମିତ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ବରିଷ୍ଠ ମହାପ୍ରବନ୍ଧକ ଓ ଚ୍ୟାନେଲ ପାର୍ଟନେର ଗଜାନନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ■ ସରକାରୀ ଅର୍ଥ ହେରଫେର ମାମଲା

# ପୂର୍ବତନ ପିଇଓ, ସରପଞ୍ଚ ଦଣ୍ଡିତ

**କଟକ ଅଫିସ, ୨୯।୩**

ସରକାରୀ ଅର୍ଥ ହେରଫେର କରିବା ମାମଲାରେ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଓ ଜଣେ ସରପଞ୍ଚଙ୍କୁ ଜେଲ୍, ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅଧୀନ କଳପଡ଼ା ପଞ୍ଚାୟତର ପୂର୍ବତନ ପିଇଓ ମନ୍ଦରଧର ବିଶି ଓ ପୂର୍ବତନ ସରପଞ୍ଚ ବିଦ୍ୟାଧର ସାହୁ। ୨୦୧୦-୧୧ ମସିହାରେ ଉକ୍ତ ପଞ୍ଚାୟତକୁ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଯୋଜନାରେ ଏକ ଗୃହ ନିର୍ମାଣ ପାଇଁ ଅନୁଦାନ ଆସିଥିଲା। ମାତ୍ର ଉଭୟ ସେଥିରୁ ୩ ଲକ୍ଷ ୧୪ହଜାର ୩୪୭ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ କୋରାପୁଟ ଥାନାରେ ଏକ ମାମଲା (ନଂ.୪୨/୨୦୧୪) ରୁଜୁ ହୋଇଥିଲା। ମାମଲାର ତଦନ୍ତ କରି ଭିଜିଲାନ୍ସ ପକ୍ଷରୁ ଉଭୟଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ମାମଲାଟି କୋର୍ଟଙ୍କ ବିଚାରାଧୀନ ଥିଲା। ଆଗତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଅଦାଲତ ମନ୍ଦରଧର ଓ ବିଦ୍ୟାଧରଙ୍କୁ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଦଣ୍ଡିତ କରିଛନ୍ତି। ତଦନୁଯାୟୀ ଉଭୟଙ୍କୁ ୩ ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟେ ଉଭୟଙ୍କୁ ଆଉ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସ୍ପଷ୍ଟ କରିଛନ୍ତି। ସେହିପରି ଅନ୍ୟ ଏକ ଧାରା ଅନୁଯାୟୀ ଉଭୟଙ୍କୁ ୫ ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡ ମିଳିଛି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲ୍ ଦଣ୍ଡାଦେଶ ହୋଇଛି। ପୁନର୍ବାର ଆଇନର ଅନ୍ୟ ଏକ ଧାରା ଅନୁଯାୟୀ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲ୍‌ଦଣ୍ଡର ଆଦେଶ ହୋଇଛି। ତେବେ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଭିଜିଲାନ୍ସ ଇନ୍‌ସପେକ୍ଟର ଏସ୍.ଏନ୍. ପାଣି ମାମଲାର ତଦନ୍ତକାରୀ ଅଧିକାରୀ ଥିବାବେଳେ ସ୍ୱତନ୍ତ୍ର ପିପି ଆଶୁତୋଷ ମିଶ୍ର ଭିଜିଲାନ୍ସ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।



କାହାରିକୁ ଦୁଃଖ ଦିଅନାହିଁ। କାହାକୁ ଘୃଣା କର ନାହିଁ। କାୟ ମନୋବାକ୍ୟରେ ସମସ୍ତଙ୍କର ମଙ୍ଗଳ ବିଧାନ କର। ସର୍ବ ଜୀବଙ୍କୁ ସମ୍ମାନ ଦିଅ।
- ଶ୍ରୀ ଚୈତନ୍ୟ ଦେବ



## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା
### ୨୦ ଦିନ ବିତିଲା: ମିଳିନି ବ୍ୟବଚ୍ଛେଦ ରିପୋର୍ଟ

**ନିରାକାରପୁର, ୨୯।୩ (ଡି.ଏନ.ଏ.)-** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡିଆର ଏକ ବରଗଛ ଡାଳରୁ ଝୁଲନ୍ତା ଅବସ୍ଥାରେ ଗତ ୧୦ ତାରିଖରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଉଲ୍ଲେଖଯୋଗ୍ୟ, ମୃତ ଯୁବକଙ୍କ ଗୋଡ଼ ସମ୍ପୂର୍ଣ୍ଣ ଭାବେ ଭୂମିରେ ଲାଗିଥିବାରୁ ତାଙ୍କର ମୃତ୍ୟୁ ଏ ପର୍ଯ୍ୟନ୍ତ ସନ୍ଦେହଘେରରେ ରହିଛି। ମୃତ ଯୁବକ ହେଉଛନ୍ତି ଉକ୍ତ ପଞ୍ଚାୟତ ଅଧୀନ ନନପଡ଼ା ଗ୍ରାମର ଚିତ୍ତରଞ୍ଜନ ବଳିଆରସିଂହ(୨୬)। ନିରାକାରପୁର ପୋଲିସ ଚିତ୍ତରଞ୍ଜନଙ୍କ ମୃତଦେହ ଜବତ କରି ଖୋର୍ଦ୍ଧା ମେଡିକାଲ୍‌ରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ମୃତକଙ୍କ ସାନଭାଇ ରଶ୍ମିରଞ୍ଜନଙ୍କ ଅଭିଯୋଗ ଅନୁସାରେ ପୋଲିସ ୩/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିରହିଛି। ତେବେ ଦୀର୍ଘ ୨୦ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବ୍ୟବଚ୍ଛେଦ ରିପୋର୍ଟ ମିଳି ନ ଥିବା କିମ୍ବା ଚିତ୍ତରଞ୍ଜନଙ୍କ ମୃତ୍ୟୁ ଘଟଣାର ପୋଲିସ ଟେର୍ ପାଇପାରୁ ନ ଥିବା କୁହାଯାଇଛି। ମୃତକଙ୍କ ପରିବାର ପକ୍ଷରୁ ପୋଲିସକୁ ଘଟଣା ସମ୍ପର୍କରେ ଅଭିଯୋଗ କରିବା ପରେ ଗତ ମଙ୍ଗଳବାର ୪ ଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ପୋଲିସ ତଦନ୍ତରେ ଆନ୍ତରିକତାର ଅଭାବ, ଶିଥିଳତା ନେଇ ଚିତ୍ତରଞ୍ଜନଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ଏଏସ୍‌ଆଇ ଶରତ ପାଇକରାୟଙ୍କୁ ପଚାରିବାରେ, ସିଡିଆର୍ ରିପୋର୍ଟ ଆସିଛି କିନ୍ତୁ ଡାକ୍ତରଙ୍କ ପାଖରେ ଅଧିକ କେସ୍ ଥିବାରୁ ଟିକେ ବିଳମ୍ବ ହୋଇଯାଇଛି। ଶୀଘ୍ର ରିପୋର୍ଟ ଆସିଯିବ ବୋଲି ସେ କହିଛନ୍ତି।

### ବଢୁଛି ବାଇକ୍ ଚୋରି : ରୁଜୁ ହେଉନି ମାମଲା

**ଖୋର୍ଦ୍ଧା ଅଫିସ,୨୯।୩:** ଖୋର୍ଦ୍ଧା ସହରରେ ବଢୁଛି ବାଇକ୍ ଚୋରି। ଗତ ୭ଦିନ ମଧ୍ୟରେ ୨ଟି ବାଇକ୍ ଚୋରି ହୋଇ ସାରିଲାଣି। ହେଲେ ପୋଲିସ ଅଭିଯୋଗ ରଖୁଛି, କିନ୍ତୁ ମାମଲା ରୁଜୁ କରୁନାହିଁ ବୋଲି ଅଭିଯୋଗ ହେଉଛି। ଶୁକ୍ରବାର ଖୋର୍ଦ୍ଧା ଟେଲିଫୋନ ଭବନ କାର୍ଯ୍ୟାଳୟ ପରିସରରୁ ବିଭାଗୀୟ କର୍ମଚାରୀ ମହେନ୍ଦ୍ର କୁମାର ଜେନାଙ୍କ ନଂ. ଓଡି ୦୨ଏ ୪୭୪୭ ବାଇକ୍ ଚୋରି ହୋଇଛି। ଗତ ସପ୍ତାହରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ପ୍ରଫୁଲ୍ଲ ଭଞ୍ଜଙ୍କର ବାଇକ ଚୋରି ହୋଇଥିଲା। ଦୁଇ ଘଟଣାର ଥାନାରେ ଅଭିଯୋଗ ହୋଇଛି।

### ନାବାଳିକାଙ୍କୁ ଅପହରଣ, ଟ୍ୟୁଶନ ସାର୍ ଗିରଫ

**ପୁରୁଣା ଭୁବନେଶ୍ୱର,୨୯।୩(ଡି.ଏନ୍.ଏ.)** ଏୟାରଫିଲ୍ଡ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗରେ ଶୁକ୍ରବାର ତାଙ୍କ ଟ୍ୟୁଶନ ସାରଙ୍କୁ ପୋଲିସ ଗିରଫ କରିଛି। ପ୍ରତିଦିନ ଭଳି ଗତ ୨୭ ତାରିଖରେ ସାର ଜଣକ ନାବାଳିକାଙ୍କ ଘରକୁ ଟ୍ୟୁଶନ କରିବାକୁ ସନ୍ଧ୍ୟାରେ ଆସିଥିଲେ। ସେତେବେଳେ ନାବାଳିକାଙ୍କ ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ଝିଅଙ୍କୁ କଥାରେ ପ୍ରଲୋଭନ କରି ନେଇ ଯାଇଥିଲେ। ପରେ ପରିବାର ଲୋକେ ଘରକୁ ଫେରିବାରୁ ଝିଅ ନ ଥିବା ଦେଖି ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଟ୍ୟୁଶନ ସାର୍ ଜଣକ ପୂର୍ବରୁ ବିବାହିତ ଥିଲେ।

## ■ ହରିରାଜପୁର ମେଳଣରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ
# ଫଗୁରେ ରଙ୍ଗାୟିତ ହେଲେ ଠାକୁର

**ଜଟଣୀ,୨୯।୩(ଡିଏନଏ)**

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣର ଶୁକ୍ରବାର ଅନ୍ତିମ ଦିନ ତଥା ଠାକୁର ମେଳଣ ଉତ୍ସବରେ ଲକ୍ଷାଧିକ ଜନସମାଗମ ହୋଇଥିଲା। ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସମେତ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଉପବିଷ୍ଟ ଥିବା ୮୦ ହରିହର ବିଗ୍ରହଙ୍କ ଉପରେ ଲକ୍ଷାଧିକ ଭକ୍ତ ଫଗୁ ସିଞ୍ଚନ କରିଥିଲେ। ରଙ୍ଗବେରଙ୍ଗର ଅବିରରେ ମେଳଣ ପଡ଼ିଆ ସମେତ ଠାକୁର ରଙ୍ଗାୟିତ ହୋଇଥିଲେ। ସକାଳୁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ଲାଗି ରହିଥିଲା। ଗୋଧୂଳି ସମୟରେ ଚଣା, ଫେଣି, କୋରା, ଲଡୁ, ଭଳିକି ଭଳି ଫଳ ସବୁ ପ୍ରସ୍ତୁତ ଭୋଗ ମାଟିହାଣ୍ଡିରେ ରଖାଯାଇ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ବିଗ୍ରହଙ୍କ ସହ ଥାନପତି ଶ୍ରୀପଶ୍ଚିମାଶମ୍ଭୁଙ୍କ ନିକଟରେ ଲାଗି କରାଯାଇଥିଲା। ପରେ ପଇଡ଼ ପାଣି ମିଶ୍ରିତ ଆଳିପଣା ସମସ୍ତ ଠାକୁରଙ୍କ ନିକଟରେ ସମର୍ପଣ କଲା ପରେ ସମସ୍ତ ଦୋଳ ବିମାନ ସ୍ୱ ଜାଗାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ଭଣ୍ଡାର ଘରେ ୭ଟି ମାଟିହାଣ୍ଡିରେ ପ୍ରସ୍ତୁତ ଅଧରପଣା ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ



ଶ୍ରଦ୍ଧାଳୁମାନେ ବିମାନରେ ଥିବା ଠାକୁରଙ୍କୁ ଫଗୁ ସିଞ୍ଚନ କରୁଛନ୍ତି ।

ନିକଟରେ ଭୋଗ ହୋଇଥିଲା। ଏପରି କି ମାନସିକ କରି ମେଳଣ ଉପବାସ କରିଥିବା ବହୁ ଭକ୍ତ ଏହି ଅଧରପଣା ପାନ କରି ଉପବାସ ଭାଙ୍ଗିଥିଲେ। ଏହାପରେ ରାତିରେ ଥାନପତି ହରିରାଜପୁର ଗ୍ରାମ ପରିକ୍ରମା କରି ପ୍ରତି ଘରୁ ଚାଟେରି ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

**ମେଳଣ ପଡ଼ିଆରେ... ଖୋଲିଥିଲା ୩୦ ଜଳଛତ୍ର**

ହରିରାଜପୁର ପ୍ରସିଦ୍ଧ ମେଳଣର ଅନ୍ତିମ ଦିବସରେ ତଥା ଠାକୁର ମେଳଣ ଉତ୍ସବରେ ବହୁ ଜନସମାଗମ ହେବା ଦୃଷ୍ଟିରୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ପକ୍ଷରୁ ସେବାମୂଳକ କାର୍ଯ୍ୟ କରାଯାଇଥିଲା। ଅନୁଷ୍ଠାନଗୁଡିକ ପକ୍ଷରୁ ମୁଖ୍ୟ ରାସ୍ତା ପାର୍ଶ୍ୱ ଓ ମେଳଣ ପଡିଆରେ ୩୦ଟି ସ୍ଥାନରେ ଦହି, ଲେମ୍ବୁପାଣି ଆଦି ଥଣ୍ଡା ପାନୀୟ ଜଳ କେନ୍ଦ୍ରମାନ ଖୋଲିଥିଲା।

**ସୂଚନା କେନ୍ଦ୍ର ସହାୟ ହେଲା**

ଲକ୍ଷାଧିକ ଜନସମାଗମ ଦୃଷ୍ଟିରୁ ଠାକୁର ମେଳଣ ଉତ୍ସବରେ ଅନେକ ଛୋଟ ପିଲା ହଜି ଯାଇଥିଲେ। ତେବେ ମେଳଣ କମିଟି ସଦସ୍ୟ ଓ ହୋଇଥିବା ସୂଚନା କେନ୍ଦ୍ର ଯୋଗୁ ହଜିଥିବା ପିଲା ପୁଣି ପରିବାର ଲୋକଙ୍କ ନିକଟରେ ପହଞ୍ଚି ପାରିଥିଲେ। ଫଳରେ ମେଳଣ କମିଟି ସଦସ୍ୟ ଓ ସୂଚନା କେନ୍ଦ୍ରର କାର୍ଯ୍ୟକୁ ଅନେକ ପ୍ରଶଂସା କରିଥିଲେ।

**ମାନସିକ ପୂରଣ ପରେ ପାଲା**

ମେଳଣ ପଡ଼ିଆରେ ଥିବା ମଣ୍ଡପରେ ବହୁ ଭକ୍ତଙ୍କ ମାନସିକ ପାଲା ଅନୁଷ୍ଠିତ ହେଉଥିବା ଦେଖାଯାଇଥିଲା। ଏଥିପାଇଁ ମଣ୍ଡପ ଚତୁଃପାର୍ଶ୍ୱରେ ବହୁ ଗହଳି ମଧ୍ୟ ପରିଲକ୍ଷିତ ହୋଇଥିଲା।

**ସାଧୁସନ୍ଥଙ୍କ ଦ୍ୱାରା ଧୁନି ଯଜ୍ଞ**

ମେଳଣର ଅନ୍ତିମ ଦିନରେ ଅନେକ ସାଧୁସନ୍ଥଙ୍କ ଆଗମନ ପରିଲକ୍ଷିତ ହୋଇଥିଲା। ଏମାନଙ୍କ ଦ୍ୱାରା ମେଳଣ ପଡିଆରେ ଅଖଣ୍ଡ ଧୁନି ଯଜ୍ଞ, କୀର୍ତ୍ତନ ଆଦି କରୁଥିବା ଦେଖିବାକୁ ମିଳିଥିଲା।

**ରୋଷେଇ କରି ଖାଇଲେ ଶ୍ରଦ୍ଧାଳୁ**

ପରିବାର ନେଇ ଆସିଥିବା ଅନେକ ଶ୍ରଦ୍ଧାଳୁ ମେଳଣ ପଡ଼ିଆରେ ଖାଦ୍ୟ ପ୍ରସ୍ତୁତ କରି ଖାଇବା ସହ ଠାକୁର ମେଳଣ ଦେଖି ଆଧ୍ୟାତ୍ମିକ ପରିବେଶକୁ ଉପଭୋଗ କରିଥିଲେ।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ଓ ଗିରଫ ହୋଇଥିବା ଅଭିଯୁକ୍ତ ।

### ୨ ମାମଲାରେ ୩ ଗିରଫ
# ଖେଳଣା, ଦେଶୀ ବନ୍ଧୁକ ଜବତ

**ଖୋର୍ଦ୍ଧା ଅଫିସ,୨୯।୩**

ଦୁଇଟି ପୃଥକ୍ ପୃଥକ୍ ମାମଲାରେ ସମ୍ପୃକ୍ତ ଥାଇ ପୁଣି ଅପରାଧ ଘଟାଇବାକୁ ଯୋଜନା କରୁଥିବାବେଳେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାମନ୍ତରାପୁରର ମହେଶ୍ୱର ସ୍ୱାଇଁ ଓରଫ ଧରମା(୨୪), ଠେଙ୍ଗାହାଟର ରାକେଶ ବେହେରା ଓରଫ ଚେଙ୍ଗା(୨୦) ଓ ସାମନ୍ତରାପୁରର ଶରତ ବେହେରା ଓରଫ ପିଣ୍ଟୁ(୨୦)ଙ୍କୁ ଠେଙ୍ଗାହାଟରୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଚେଙ୍ଗାଠାରୁ ପୋଲିସ ଗୋଟିଏ ଖେଳଣା ବନ୍ଧୁକ ଓ ଦେଶୀ ବନ୍ଧୁକ ଜବତ କରିଛି। ସବିତା ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ଶାଗୁଆନ ବଗିଚାର ସୋମନାଥ ଭୁଜବଳ, ସହଯୋଗୀ ଦଳେଇପୁଟର ଜିତେନ୍ଦ୍ର ମାନସିଂ, ସାମନ୍ତରାପୁରର ଧରମା ଓ ଚେଙ୍ଗାଙ୍କ ସହ ତାଙ୍କ ପରିବାରର ପୂର୍ବରୁ ବିବାଦ ଥିଲା। ଉକ୍ତ ବ୍ୟକ୍ତିମାନେ ସବିତାଙ୍କ ସାନପୁଅଙ୍କୁ ମାରିବାକୁ ଆସିଥିଲେ। ହେଲେ ସେ ବର୍ତ୍ତି ଯାଇଥିଲେ। କିନ୍ତୁ ବଡପୁଅଙ୍କୁ ମାରିବା ଉଦ୍ଦେଶ୍ୟରେ ସେମାନେ ୨୦୧୮ ଡିସେମ୍ବର ୨୪ରେ ପଲ୍ଲା ପେଟ୍ରୋଲ ପମ୍ପ ନିକଟରେ ଗୁଳି ଚାଳନା କରିଥିଲେ। ୨ ରାଉଣ୍ଡ ଗୁଳି ପୁଅର ଦୁଇ ଗୋଡରେ ବାଜି ବାହାରି ପଡିଥିଲା। ସବିତାଙ୍କ ଅଭିଯୋଗକୁ ଗ୍ରହଣ କରି ପୋଲିସ ଦଫା ୩୨୬, ୩୦୭, ୩୪, ୨୫ ଓ ୨୭ ଆର୍ମସ ଆକ୍ଟରେ ନଂ. ୪୯୨/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ମାମଲାରେ ଧରମା ଓ ଚେଙ୍ଗା ଗିରଫ ହୋଇଛନ୍ତି। ସେହିପରି ୨୦୧୮ ଜାନୁୟାରୀ ୧ ରେ ଘଟିଥିବା ଅନ୍ୟ ଏକ ଗୁଳିମାଡ ଘଟଣା ଦଫା ୩୪୧, ୨୯୪, ୩୨୩, ୩୨୪, ୩୦୭, ୫୦୬, ୪୩୫, ୩୪ ଆଇପିସିରେ ନଂ. ୨/୧୮ରେ ମାମଲା ରୁଜୁ କରି ପୋଲିସ ପିଣ୍ଟୁ ଗିରଫ ହୋଇଛନ୍ତି ବୋଲି ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅମୂଲ୍ୟ ଦାଶ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ର , ଆଦର୍ଶ ଥାନା ଆଇଆଇସି ଉପସ୍ଥିତ ଥିଲେ। ତେବେ ଗିରଫ ୩ ଅଭିଯୁକ୍ତ କହିଛନ୍ତି, ସେମାନଙ୍କ ନାରେ ମିଥ୍ୟା ଅଭିଯୋଗ କରି ଫସାଇ ଦିଆଯାଇଛି। ସେମାନଙ୍କୁ ଅପରାଧ କରିବାକୁ ବାଧ୍ୟ କରାଯାଇଛି। କିନ୍ତୁ ପୋଲିସ ଘଟଣାର ଠିକ୍ ତଦନ୍ତ ନାଁ କରି ମାମଲା ରୁଜୁ କଲା। ପରେ ଘରୁ ପୁଅର ଖେଳଣା ବନ୍ଧୁକକୁ ଆଣି ଅପରାଧରେ ବ୍ୟବହାର କରାଯାଉଥିଲା ବୋଲି ଦର୍ଶାଇଛି। ଅସଲି ବନ୍ଧୁକ ମଧ୍ୟ ସେମାନଙ୍କର ନୁହଁ ବୋଲି କହିଛନ୍ତି।

# ରୋକାଯାଇପାରୁନି ଦୁର୍ନୀତି

**ଖୋର୍ଦ୍ଧା ଅଫିସ,୨୯।୩**

ତଳୁ ଉପରସ୍ତର ପର୍ଯ୍ୟନ୍ତ ଦୁର୍ନୀତି ରାକ୍ଷସ କାୟା ବିସ୍ତାର କରି ଚାଲିଛି। ଦୁର୍ନୀତି ବିରୋଧରେ ଭାଷଣ ବାଜି ମରାଯାଉଥିଲେ ହେଁ ରୋକା ଯାଇପାରୁନି। ଜାଗ ଓଡ଼ିଶା ଜାଗ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଙ୍ଗଠନର ୩ୟ ବାର୍ଷିକ ଉତ୍ସବରେ ଅତିଥିମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ଖୋର୍ଦ୍ଧାର କୋଣାର୍କ ନଗରସ୍ଥିତ କାର୍ଯ୍ୟାଳୟ ସନ୍ନିକଟରେ ସଭାପତି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗୋଆ ରାଜ୍ୟର ପୂର୍ବତନ ଶାସନ ସଚିବ ଦୁର୍ଗା ଚରଣ ସାହୁ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏୟାର ଚିଫ୍ ମାର୍ଶାଲ୍ ଜ୍ୟୋତିରଞ୍ଜନ ବର୍ମା ସ୍ୱତନ୍ତ୍ର ଅତିଥି, ସମ୍ମାନିତ ଅତିଥି ରୂପେ ପ୍ରଫେସର ଡ. ନାରାୟଣ ରାଓ, ଖୋର୍ଦ୍ଧା ଆଇନ କଲେଜର ସମ୍ପାଦକ ସୁଧୀର କୁମାର ମାନସିଂହ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସାହୁ ବିଭିନ୍ନ ରାଜ୍ୟର ଉଦାହରଣ ଦେଇ ଦୁର୍ନୀତି କିଭଳି କେଉଁ ଢଙ୍ଗରେ କିରାଣିଠାରୁ ମନ୍ତ୍ରୀଙ୍କ



ଦୁର୍ନୀତି ନିବାରଣ ସଂଗଠନ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପର୍ଯ୍ୟନ୍ତ ଚାଲୁ ରହିଛି ତାହାର ଉଦାହରଣ ଦେଇଥିଲେ। ଦୁର୍ନୀତି ଲୋପ ପାଇଁ ପ୍ରତ୍ୟେକ ଲୋକ ସଂଗ୍ରାମଶୀଳ ହେବା ଦରକାର। ମୁଖ୍ୟବକ୍ତା କହିଲେ ଯେ, ବ୍ରିଟିଶ୍ ଶାସନ ସମୟରେ ସ୍ୱାଧୀନତା ସଂଗ୍ରାମ ବେଳେ ଆମେ ଜାଗ୍ରତ ଥିଲୁ, ଏବେ ଦୁର୍ନୀତି ମାଡି ମାଡି ଚାଲିଥିଲେ ମଧ୍ୟ ଆମେ ଶୋଇପଡିଛୁ। ଏଥିରେ ନୂତନ ଭାବେ ଗଠିତ ହୋଇଥିବା ଜିଲା ଶାଖା ଯଥା ଗଞ୍ଜାମ, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ସୁନ୍ଦରଗଡ଼, ରାୟଗଡ଼ା, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଶାଖାରୁ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ସଙ୍ଗଠନର ନିର୍ଦ୍ଦେଶକ ସତ୍ୟବାଦୀ ବଳିଆରସିଂହ ସ୍ୱାଗତ ଭାଷଣ, ଉପ ସଭାପତି ପ୍ରଭାତ କୁମାର ମିଶ୍ର ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଆହ୍ଲାଦିନୀ ପଟ୍ଟନାୟକ ଓ ଇତିଶ୍ରୀ ସାହୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସମ୍ପାଦନାରେ ଅନୁଷ୍ଠାନର ମୁଖପତ୍ର 'ଜାଗ ଓଡ଼ିଶା ଜାଗ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସାମାଜିକ କର୍ମୀ ହରିବନ୍ଧୁ ସାମନ୍ତସିଂହାର, ଖବରଦାତା ରାଜକିଶୋର ରାମ, ଡା. ସୂର୍ଯ୍ୟକାନ୍ତ ପଟଯୋଶୀ, ମରଣୋତ୍ତର ଭାବେ ଶହୀଦ ହେମନ୍ତ କୁମାର ପଣ୍ଡା, ଦୀନବନ୍ଧୁ ପାଳ, ଅନୁବାଦକ ଆଶିଷ କୁମାର ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସଭା ପୂର୍ବର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

### ମୋବାଇଲ୍‌ରେ କଥା ହେବା କାଳ ହେଲା
# ଟ୍ରେନ୍‌ରେ କଟି ଛାତ୍ରଙ୍କ ମୃତ୍ୟୁ

**ନିରାକାରପୁର, ୨୯।୩ (ଡି.ଏନ.ଏ.)**

ମୋବାଇଲ୍ ଫୋନ୍‌ରେ କଥା ହେବା ବେଳେ ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ସତର୍କ ଦୃଷ୍ଟି ଦେବା ଆବଶ୍ୟକ। ନଚେତ ଏହା କିପରି କାଳ ପାଲଟିପାରେ ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ନିରାକାରପୁର ଷ୍ଟେଶନର ୩ ନଂ ପ୍ଲାଟ୍‌ଫର୍ମ ଉପରେ ଦେଖିବାକୁ ମିଳିଛି। ମୋବାଇଲ୍‌ରେ କଥା ହୋଇ ଆସୁଥିବାବେଳେ ଶୁକ୍ରବାର ଅପରାହ୍ନ ୨ଟାରେ ଏଠାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ନୂଆଗାଁର ମାନସ ରଞ୍ଜନ ବେହେରା । ନିରାକାରପୁର ରେଳବାଇ ଫାଣ୍ଡି ପୋଲିସ ମାନସଙ୍କ ମୃତଦେହ ଉଦ୍ଧାର କରିଛି । ସେ ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଯୁକ୍ତ୩ ପ୍ରଥମ ବର୍ଷ ବିଜ୍ଞାନ କେମିଷ୍ଟ୍ରି ଅନର୍ସ ଛାତ୍ର । କ୍ଲାସ ସାରି ମୋବାଇଲ୍‌ରେ କଥାହୋଇ ଘରକୁ ଫେରୁଥିବାବେଳେ ଏହି ପ୍ଲାଟ୍‌ଫର୍ମ ରେଳ ଧାରଣରେ ଜଟଣୀରୁ ବାଲୁଗାଁ ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ମାନସଙ୍କ ମୃତ୍ୟୁ ହୋଇଯାଇଥିଲା । ଉପସ୍ଥିତ ଛାତ୍ରମାନେ ତାଙ୍କୁ ଚିହ୍ନଟ କରିବା ପରେ ପରିବାରକୁ ଖବର ଦିଆଯାଇଥିଲା । ରେଳବାଇ ଫାଣ୍ଡି ପୋଲିସ ପହଞ୍ଚି ମାନସଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ କେସ୍ ନଂ ୨୮/୨୦୧୯ ତଦନ୍ତ କରିଛି । ତାଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍, ମନିପର୍ସ ଜବତ ହୋଇଛି ।

# ବିଧାୟକ ପ୍ରାର୍ଥୀ ଚୟନ ନେଇ କର୍ମକର୍ତ୍ତାଙ୍କ ଅସନ୍ତୋଷ



ପିଚୁକୁଳିଠାରେ ଉପସ୍ଥିତ ଭାଜପା ଅସନ୍ତୁଷ୍ଟ କର୍ମକର୍ତ୍ତା

**ବୋଲଗଡ଼,୨୯।୩(ଡି.ଏନ.ଏ.)**

ବେଗୁନିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ଚୟନ କରାଯାଇଥିବା ବିଧାୟକ ପ୍ରାର୍ଥୀଙ୍କୁ ନେଇ କେତେଜଣ ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କର୍ମକର୍ତ୍ତାମାନେ ଶୁକ୍ରବାର ବୋଲଗଡ଼ ବ୍ଲକ ପିଚୁକୁଳିସ୍ଥିତ ପାର୍ଟି କାର୍ଯ୍ୟାଳୟଠାରେ ପହଞ୍ଚି ନିଜର ଅସନ୍ତୋଷ ପ୍ରକାଶ କରି ଯତିନ ମହାନ୍ତିଙ୍କୁ ବିଧାୟକ ପ୍ରାର୍ଥୀ କରିବାକୁ ଦାବି କରିଥିଲେ। ଦଳ ପକ୍ଷରୁ ଘୋଷିତ ହୋଇଥିବା ବିଧାୟକ ପ୍ରାର୍ଥୀ ରିଷଭ ନନ୍ଦଙ୍କୁ ଆଗାମୀ ୪ ତାରିଖ ମଧ୍ୟରେ ବଦଳାଯାଇ ମହାନ୍ତିଙ୍କୁ ପ୍ରାର୍ଥୀ ଘୋଷଣା କରା ନ ଗଲେ ସେମାନେ ଇସ୍ତଫା ଦେବେ ବୋଲି କହିଛନ୍ତି।

# ୨ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଖୋର୍ଦ୍ଧା ଅଫିସ,୨୯।୩:**

ଭୁବନେଶ୍ୱର ଲୋକସଭା ପାଇଁ କଟକ ଜିଲା ବୈଦେଶ୍ୱର କେନ୍ଦୁପଲ୍ଲୀର ସଞ୍ଜୟ କୁମାର ସାହୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ସିପିଆଇ(ଏମ୍‌ଏଲ୍) ପକ୍ଷରୁ ପ୍ରମିଳା ବେହେରା ଅନୁରୂପ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରମିଳା କୁହନ୍ତି ନେତା, ଦଳ, ସରକାର, ମେଣ୍ଟ, ପତାକା ପରିବର୍ତ୍ତନ ନୁହେଁ ବ୍ୟବସ୍ଥାର ପରିବର୍ତ୍ତନ ଓ ବାସ୍ତବ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ମୋର ଏ ଲଢ଼େଇ। ସଞ୍ଜୟ କୁହନ୍ତି, ବ୍ୟବସ୍ଥାର ପରିବର୍ତ୍ତନ ଓ ଲୋକଙ୍କ ପାଖରେ ସରକାରୀ ସୁବିଧା ଓ ସୁଯୋଗ ପହଞ୍ଚାଇବା ପାଇଁ ପ୍ରାର୍ଥୀ ହୋଇଛି।



ସ୍ୱାଧୀନ ପ୍ରାର୍ଥୀ ଭାବେ ସଞ୍ଜୟ କୁମାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ଆଇଆଇଟି ପକ୍ଷରୁ ବୃକ୍ଷରୋପଣ

**ଜଟଣୀ,୨୯।୩(ଡି.ଏନ.ଏ.):** ସ୍ଥାନୀୟ ଅଞ୍ଚଳରେ ସବୁଜିମା ସୃଷ୍ଟି ସହ ପ୍ରଦୂଷଣମୁକ୍ତ ଓ ପରିବେଶ ସୁରକ୍ଷା ପାଇଁ ଜଟଣୀସ୍ଥିତ ଆଇଆଇଟି ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ସିଣ୍ଡିକେଟ୍ ବ୍ୟାଙ୍କ ସହାୟତାରେ ଏହା କରାଯାଇଥିଲା। ଆଇଆଇଟି ମୁଖ୍ୟ ଗେଟ୍‌ଠାରୁ ନାଇଜର ଛକ ଓ ଜଟଣୀ ଅରଗୁଳ ରାସ୍ତାରେ ବିଭିନ୍ନ ପ୍ରକାରର ୨୪୦ ବୃକ୍ଷରୋପଣ କରାଯାଇଥିଲା। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର, ସିଣ୍ଡିକେଟ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର କେ.ସି. ଗୁଡୁଙ୍କ ସମେତ ଉଭୟ ସଂସ୍ଥାର ଅନେକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ମଣ୍ଡଳସ୍ତରୀୟ ଭାଜପା କର୍ମୀ ସମାବେଶ

**ବୋଲଗଡ,୨୯।୩(ଡି.ଏନ.ଏ.)**

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ଚୁଡ଼ାଠାରେ ଶୁକ୍ରବାର ବୋଲଗଡ଼ ମଣ୍ଡଳସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ବିଧାୟକ ପ୍ରାର୍ଥୀ ରିଷଭ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ଭାଜପା ଲୋକସଭା ସଦସ୍ୟ ପ୍ରାର୍ଥିନୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ସେ କହିଥିଲେ ଏହି ନିର୍ବାଚନରେ ଭାଜପା ଦଳ ପାଖରେ ଅର୍ଥବଳ ଏବଂ ବାହୁବଳ ନାହିଁ। ଅଛି କେବଳ ମନବଳ ଏବଂ ଲୋକବଳ। ଆମେ ମନବଳ ଏବଂ ଲୋକବଳକୁ ନେଇ ଏହି ନିର୍ବାଚନ ସାମନା କରୁ ଥିବା ଷଡ଼ଙ୍ଗୀ କହିଥିଲେ । ଦ୍ରୁତ ବିକାଶ ପାଇଁ ଭାଜପା ନେତୃତ୍ୱରେ ସରକାର ଗଠନ ପାଇଁ ଭାଜପା ଦଳକୁ ଭୋଟ ଦେବାକୁ ନନ୍ଦ କହିଥିଲେ । ପ୍ରାୟ ଅଢେଇ ହଜାର ମହିଳା/ପୁରୁଷ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ବିଶ୍ୱଜିତ ସ୍ୱାଇଁ, ପୂର୍ବତନ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର, ପୂର୍ବତନ ସମିତି ସଭ୍ୟ ତପନ କୁମାର ପ୍ରଧାନ ପ୍ରମୁଖ ସମାବେଶରେ ଉପସ୍ଥିତ ଥିଲେ ।



ସମାବେଶରେ ଉପସ୍ଥିତ ଭାଜପା କର୍ମୀମାନେ ।

## ■ ବକେୟା ପ୍ରାପ୍ୟ ମିଳୁନାହିଁ, ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ
# ପୌର ଅଧିକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ

**ଜଟଣୀ,୨୯।୩(ଡି.ଏନ.ଏ.)**

ଜଟଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୌର ପରିଷଦ ଅବସରପ୍ରାପ୍ତ ପୌର କର୍ମଚାରୀ ସଂଘ ପକ୍ଷରୁ ଏହି ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ପୌର ପରିଷଦରୁ ଦୀର୍ଘବର୍ଷ ହେବ ଅବସର ଗ୍ରହଣ କରିଥିବା ୧୦୮ଜଣ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବାରୁ ଏପରି ଅଭିଯୋଗ ହୋଇଛି। ଅବସର ଗ୍ରହଣର ଦୀର୍ଘବର୍ଷ ପରେ ସେମାନଙ୍କୁ ପୂର୍ଣ୍ଣ ପେନ୍‌ସନ୍ ମିଳୁ ନ ଥିବାବେଳେ ଅନ୍ୟାନ୍ୟ ବକେୟା ପ୍ରାପ୍ୟ ମଧ୍ୟ ପ୍ରଦାନ କରାଯାଉନାହିଁ। ଆର୍ଥିକ ଅନାଟନ ମଧ୍ୟରେ ଏହି ଅବସରପ୍ରାପ୍ତ କର୍ମଚାରୀ କାଳାତିପାତ କରୁଛନ୍ତି। ଅର୍ଥର ଅଭାବ ଯୋଗୁ ଚିକିତ୍ସା ହୋଇ ପାରୁ ନ ଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଫଳରେ ୭ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟି ସାରିଲାଣି। ଆଉ କେତେଜଣ କର୍ମଚାରୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏ ନେଇ ପରିଷଦର ଅଧିକାରୀ, ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ବହୁବାର ଆପତ୍ତି ଅଭିଯୋଗ କଲା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏପରି ଅନ୍ୟାୟର ପ୍ରତିବାଦ କରି ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଅନେକ ଥର ଧାରଣା ମଧ୍ୟ ଏମାନେ ଦେଇଛନ୍ତି। ତେବେ ପ୍ରତିଶ୍ରୁତିରେ ସବୁ ରହିଯାଇଛି ବୋଲି ଅବସରପ୍ରାପ୍ତ କର୍ମଚାରୀମାନେ କହିଛନ୍ତି। ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନଙ୍କୁ ପୌର ଅଧିକାରୀ ଏକ ପ୍ରକାର ମାନସିକ ନିର୍ଯାତନା ଦେଉଥିବାରୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ନିବେଦନ କରିଛନ୍ତି। ସଂଘର ସଭାପତି ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ, ଉପସଭାପତି ସୁବାସ ଚନ୍ଦ୍ର ସୁବୁଦ୍ଧି, ସମ୍ପାଦକ ସରୋଜ କୁମାର ରାୟଙ୍କ ନେତୃତ୍ୱରେ ଅନେକ ଅବସରପ୍ରାପ୍ତ କର୍ମଚାରୀ ଥାନାକୁ ଯାଇ ଏହି ଅଭିଯୋଗ କରିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ପଚାରିବାରେ ଏକମାସ ହେବ ଏଠାରେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କର୍ମଚାରୀମାନେ କିପରି ଶୀଘ୍ର ସେମାନଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ଓ ବକେୟା ପ୍ରାପ୍ୟ ପାଇବେ ସେଥିପାଇଁ ଉଦ୍ୟମ ଜାରି ରହିଛି। ତେବେ ଅନେକ କର୍ମଚାରୀଙ୍କ ସର୍ଭିସ୍ ରେକର୍ଡ଼ ଠିକ୍ ନାହିଁ। ଏଣୁ ଏହାକୁ ଠିକ୍ କରାଯାଉଥିବା ବୋଲି ସେ କହିଥିଲେ।



ଅବସରପ୍ରାପ୍ତ ପୌର କର୍ମଚାରୀମାନେ ଥାନାରେ ଅଭିଯୋଗ କରିବାକୁ ଯାଉଛନ୍ତି ।

## ସଂକ୍ଷେପରେ

### ଅଟୋ ଚୋରି କରି ଜଣେ ଗିରଫ

କଣାସ, ୨୯।୩(ଡି.ଏନ୍.ଏ.): ଅଟୋ ଚୋରି କରିଥିବା ଅଭିଯୋଗରେ ଡେଲାଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରିବା ସହ ଚୋରି ଅଟୋକୁ ଜବତ କରିଛି। ସେ ହେଲେ ହୁମର ଗ୍ରାମର ସୂର୍ଯ୍ୟକାନ୍ତ ପରିଡ଼ା(୩୩) ଓରଫ୍ ମଣ୍ଟୁ। ମିଳିଥିବା ସୂଚନା ଅନୁଯାୟୀ, ଡେଲାଙ୍ଗ ଥାନା ଅର୍ନ୍ତଗତ ଘୋରଡିଆ ଗ୍ରାମର ଧର୍ମେନ୍ଦ୍ର ପୃଷ୍ଟି ନିଜ ଅଟୋ ନେଇ ପଟ୍ଟନାୟକିଆ -ଖୋର୍ଦ୍ଧା ସଡକରେ ମାର୍ଚ୍ଚ ୧୨ ତାରିଖ ରାତିରେ ନିଜ ଗ୍ରାମକୁ ଫେରୁଥିଲେ। ବେରବୋଇ ପେଟ୍ରୋଲ ପମ୍ପ ସମ୍ମୁଖରୁ ମଣ୍ଟୁ ଅଟୋ ଚୋରି କରି ଫେରାର୍ ହୋଇଯାଇଥିଲେ। ଗିରଫ୍ ମଣ୍ଟୁ ମାର୍ଚ୍ଚ ୧୯ ତାରିଖ ରାତିରେ ବିଜୟ ଜେନାଙ୍କ ଟ୍ରାକ୍ଟରରୁ ବ୍ୟାଟେରୀ ଖୋଲି ଚୋରାଇ ନେବା ମାମଲାରେ ମଧ ସଂପୃକ୍ତ ଥିବା ପୋଲିସ କହିଛି। ବ୍ୟାଟେରୀ ଚୋରି ମାମଲାରେ ଅନ୍ୟତମ ଅଭିଯୁକ୍ତ ବଲିଆ ବରାଳକୁ ପୋଲିସ ଗତ ୨୪ ତାରିଖରେ ଗିରଫ କରିଥିବାବେଳେ ମଣ୍ଟୁ ଫେରାର୍ ଥିଲେ। ଏ ନେଇ ପୋଲିସ୍ ୬୯/୧୯ ରେ ମାମଲା ରୁଜୁକରି ମଣ୍ଟୁଙ୍କୁ କୋର୍ଟ ଚାଲଣ କରିଥିବା ଏସ୍ଆଇ ଉପେନ୍ଦ୍ର ଦାସ ସୂଚନା ଦେଇଛନ୍ତି।

### କାରକୁ ପିଟିଲା ଟ୍ରକ୍, ୪ ଆହତ

ନିମାପଡ଼ା,୨୯।୩(ଡି.ଏନ୍.ଏ.): ନିମାପଡ଼ା-ବାଲିପାଟଣା ରାସ୍ତାର ଡିହବାରୀ ଛକ ନିକଟରେ ଶୁକ୍ରବାର ମଧାହ୍ନରେ ଏକ ଟ୍ରକ୍ ଓ କାର ମଧରେ ଧକ୍କା ହୋଇଛି। ଫଳରେ କାର ଡ୍ରାଇଭରଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ଶେଖ୍ ସଲିମ, ଶେଖ୍ ମହମ୍ମଦ ହୁସେନ, ଝୁନୁ ବିବି ଓ ଜୁମୁନି ବିବି। ଚିକିତ୍ସା ପାଇଁ ଆହତମାନଙ୍କୁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାଲିଅନ୍ତା ଅଞ୍ଚଳରୁ ଏକ କାର(ଓଡି ୦୨ଏଇ ୨୭୮୬) ନିମାପଡ଼ା ଅଭିମୁଖେ ଆସୁଥିଲା। ଏହି ସମୟରେ ନିମାପଡ଼ାରୁ ବାଲକାଟି ଅଭିମୁଖେ ଯାଉଥିବା ଏକ ଟ୍ରକ(ଓଆର ୦୨ବି ୨୬୫୭) ଡିହବାରୀ ଛକ ନିକଟରେ ଉକ୍ତ କାରକୁ ଧକ୍କା ଦେଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଦୁଇ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଟ୍ରକ୍ ଡ୍ରାଇଭର ରାଜକିଶୋର ପରିଡାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। କାର ଆରୋହୀମାନେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା।

### ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

ଗୋପ,୨୯।୩(ଡି.ଏନ୍.ଏ.): ଗୋପ ବ୍ଲକ ନାଗପୁର ଓ ଡଭାର ପଞ୍ଚାୟତରେ ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ପ୍ରତ୍ୟେକ ଗାଁରେ ପହଞ୍ଚିଥିବା କହିଥିଲେ। ଏହି ବିକାଶ ଧାରାକୁ ଅଧିକ ସଫଳ କରିବାକୁ ହେଲେ ଆପଣମାନଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଡଭାର ପଞ୍ଚାୟତରେ ଅଶ୍ୱିନୀ ନାୟକ, ଭାବଗ୍ରାହୀ ବରାଳ, ବସନ୍ତ କୁମାର ପଣ୍ଡା, ପ୍ରତାପ କୁମାର ପ୍ରଧାନ, ରମାକାନ୍ତ ରାଉତଙ୍କ ସହିତ ନାଗପୁର ପଞ୍ଚାୟତର କେତେଜଣ ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ସେହିପରି ବିଧାୟକ ଦାଶଙ୍କ ଉପସ୍ଥିତିରେ ବନ୍ତଲୀ ପଞ୍ଚାୟତର ବଇରିପୁର ଗ୍ରାମରେ ଏକ ମିଶ୍ରଣ ପର୍ବରେ ଶତାଧିକ ଭାଜପା କର୍ମୀ ଲବଙ୍ଗ ସ୍ୱାଇଁ, ପ୍ରତିମା ସ୍ୱାଇଁ, ରେଖା ମୁଦୁଲି, ବାସନ୍ତି ସ୍ୱାଇଁ, ବୀଣାପାଣି ବେହେରା, ସାବିତ୍ରୀ ପ୍ରଧାନ, ସବିତା ସ୍ୱାଇଁ, ଅନସୂୟା ସ୍ୱାଇଁ, ତିଳୋତ୍ତମା ସ୍ୱାଇଁଙ୍କ ସମେତ ଶତାଧିକ ମହିଳାକର୍ମୀ ବିଜେଡିରେ ସାମିଲ ହୋଇଥିଲେ।

■ ବେଆଇନ ଇଟାଭାଟି ନିର୍ମାଣ

# ହାଇକୋର୍ଟ ନିର୍ଦ୍ଦେଶକୁ ବେଖାତିର

■ରାଜସ୍ୱ ବିଭାଗ ଚୁପ୍
■ଧୂଆଁ, ଉତ୍ତାପ ଯୋଗୁ ଲୋକେ ହନ୍ତସନ୍ତ

କାକଟପୁର,୨୯।୩(ଡି.ଏନ୍.ଏ.)

କାକଟପୁର ତହସିଲ ଅଞ୍ଚଳରେ ଗତ କିଛିଦିନ ହେବ ବେଆଇନ ଭାବେ ଶତାଧିକ ଇଟାଭାଟି ନିର୍ମାଣ କରାଯାଉଥିବାର ଦେଖାଯାଇଛି। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ଜାଣିଥିଲେ ମଧ କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ ହୋଇ ବସି ରହିବା ଘଟଣାକୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଅପରପକ୍ଷେ ପରିବେଶରେ ଅଧିକାଂଶ ମୃତ୍ତିକା କ୍ଷୟ ଯୋଗୁ ହାଇକୋର୍ଟ ୨୦୧୨ରେ ଏକ ରିଟ୍ ପିଟିଶନର ବିଚାର କରି ମାଟି ଖୋଳା ଇଟା ନିର୍ମାଣକୁ ବେଆଇନ ଓ ଅସିଦ୍ଧ ଘୋଷଣା କରିଥିଲେ। ଏହାସହ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏଭଳି ବେଆଇନ ଫ୍ୟାକ୍ଟ୍ରି ନିର୍ମାଣ ଉପରେ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ମଧ ପ୍ରଦୂଷଣ ରୋକିବାକୁ ମାଟିରେ ଇଟାଭାଟି ନିର୍ମାଣକୁ ଅସିଦ୍ଧ କହିବା ସହ ପାଉଁଶ, ସିମେଣ୍ଟରୁ ଇଟା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। କିନ୍ତୁ ଉପରୋକ୍ତ ନିର୍ଦ୍ଦେଶକୁ ନ ମାନି କେତେଜଣ ଅସାଧୁ ବ୍ୟବସାୟୀ ସରକାରୀ ପଡ଼ିଆ, ନାଳରୁ ବେଆଇନ ଭାବେ ମାଟି ଉତ୍ତୋଳନ କରି ଜନବସତି ଅଞ୍ଚଳରେ, ମୁଖ୍ୟ ରାସ୍ତାପାର୍ଶ୍ୱ ଓ ବିଦ୍ୟାଳୟ ନିକଟରେ ଇଟାଭାଟି ନିର୍ମାଣ କରୁଛନ୍ତି। ଇଟା ପକାଉଥିବା ବ୍ୟକ୍ତିମାନେ ରାଜସ୍ୱ ବିଭାଗଠାରୁ ଅନୁମତି ଆଣି ସରକାରଙ୍କୁ ରାଜସ୍ୱ ଦେଇ ଗୃହନିର୍ମାଣ ପାଇଁ ଇଟା ପକାଇପାରିବାର ସ୍ପଷ୍ଟ ନିୟମ ରହିଛି। କିନ୍ତୁ ଏମାନେ ସରକାରଙ୍କଠାରୁ ବିନା ଅନୁମତିରେ ମନଇଚ୍ଛା ଇଟାଭାଟି ନିର୍ମାଣ କରୁଥିବାବେଳେ ରାଜସ୍ୱ ମଧ ଦେଉ ନାହାନ୍ତି। ଏଥିରୁ ବାହାରୁଥିବା ନିର୍ଗତ ଧୂଆଁ, ଧୁସରେ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଗ୍ରୀଷ୍ମଦିନ ଥିବାରୁ ଅସହ୍ୟ ଯନ୍ତ୍ରଣା ମଧ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାସହ ହଜାର ହଜାର ଇଟାଭାଟି ପାଇଁ ଗ୍ରାମରେ ଥିବା ପୁରୁଣା ଗଛଗୁଡ଼ିକୁ କଟାଯାଉଥିବାରୁ ଗ୍ରାମ୍ୟ ଜଙ୍ଗଲ, ବୃକ୍ଷରାଜି କମିବାରେ ଲାଗିଛି। ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ, ଆଳସାହି, ଅଠତିରା, ନଗର, ବରପଡ଼ା, ମାଳଦା, ଶିଶୁନଇଗୁଆଁ, ଖଣ୍ଡା ସାହି, ଜିଉନ୍ତି, ସରିପୁର, ପାଟଳଦା, ବନ୍ତିଲୋ, ମାଣ୍ଡୁକି, କୋରଣା, ସହନ, ତାଳଦା, ଗଣ୍ଡଳବା ଆଦି ଏବଂ କାକଟପୁର ବ୍ଲକର ଓଥକା, କୁଣ୍ଢେଇ, କାକଟପୁର, ଚିତ୍ରେଶ୍ୱରୀ, ବାଙ୍ଗୁରିଙ୍ଗା, ବାଲିଦୋକାନ, ଆନନ୍ଦବଜାର, ଲତାହରଣ, କଣ୍ଟାପଡ଼ା ଆଦି ଅଞ୍ଚଳରେ ଶତାଧିକ ବେଆଇନ ଇଟାଭାଟି ନିର୍ମାଣ ହୋଇ ପରିବେଶକୁ ପ୍ରଦୂଷଣ କରିବାରେ ଲାଗିଛି। ତୁରନ୍ତ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କାକଟପୁର ତହସିଲଦାର ରୋଜିନା ଦାଶ କୁହନ୍ତି, ରାଜସ୍ୱ ନିରୀକ୍ଷକମାନଙ୍କୁ ଇଟାଭାଟି ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି, ଖୁବଶୀଘ୍ର ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ବେଆଇନ ଭାବେ ଚାଲିଥିବା ଇଟାଭାଟି।

■ ବ୍ଲକ ଅଞ୍ଚଳରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲିଫ୍ଟ

# ନଳକୂପରୁ ପାଣି ବାହାରୁ ନ ଥିବା ଅଭିଯୋଗ

ଗୋପ,୨୯।୩(ଡି.ଏନ୍.ଏ.):

ଗୋପ ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଷ ପାଇଁ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲିଫ୍ଟ ବସାଯାଇଛି। ଫଳରେ ଜଳସ୍ତର କମିଯିବାରୁ ନଳକୂପରୁ ପାଣି ବାହାରୁ ନ ଥିବା ନେଇ ଗୁରୁବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଚାଷୀମାନେ ଚାଷ କରିବା ଲାଗି ଲିଫ୍ଟ (ଉଠା ଜଳସେଚନ)ବସାଉଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନାରେ ଲିଫ୍ଟ ବସାଇବା ଲାଗି ରିହାତି ଦେଉଥିବା ଯୋଗୁ ଚାଷୀମାନେ ଅଧିକମାତ୍ରାରେ ଲିଫ୍ଟ ବସାଉଛନ୍ତି। ଏହି ଲିଫ୍ଟ ବସିବା ଫଳରେ ଦିନକୁ ଦିନ ଜଳସ୍ତର କମିବାରେ ଲାଗିଛି। ଫଳରେ ଲୋକମାନେ ବସାଇଥିବା ନଳକୂପରୁ ଜଳସ୍ତର କମିବା ଯୋଗୁ ପାଣି ବାହାରୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଭୈରୀପୁର ଗ୍ରାମର ରଶ୍ମିରଞ୍ଜନ ବେହେରା, ବେଦପୁର ଗ୍ରାମର ନଟବର ମିଶ୍ର, ଭୋଳାନାଥ ସାହୁ ପ୍ରମୁଖ ବିଡିଓ ଦୀପ୍ତିରାଣୀ ଦାସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲିଫ୍ଟ ବ୍ଲକ ଅଞ୍ଚଳରେ ବସାଯାଇଛି ବୋଲି ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ବ୍ଲକ ଜଳ ପରିମଳ ବିଭାଗ ପକ୍ଷରୁ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପିଇବା ପାଣି ପାଇଁ ପାନୀୟଜଳ ପ୍ରକଳ୍ପ ବସାଯାଇଛି। ଗୋପ ବ୍ଲକ ଅଧୀନ ବୀରତୁଙ୍ଗ ଜଳ ପ୍ରକଳ୍ପରୁ ଏହି ଅଞ୍ଚଳର ଜୈନିକ ବ୍ୟକ୍ତି ଚାଷ ଜମିକୁ ପାଣି ମଡ଼ାଇବା ଅଭିଯୋଗ ଆସିବା ପରେ ବିଡିଓ ଦାସ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀମାନେ ରିହାତି ଦରରେ ଲିଫ୍ଟ ବସାଇ କେତେଜଣ ଚାଷୀଙ୍କୁ ଲିଫ୍ଟ ପାଣି ବିକ୍ରୟ କରୁଥିବା ଅଭିଯୋଗ ରହିଛି। ବ୍ଲକର ଗୋପ, ବେଦପୁର, ତରକୋର, ଏରବଙ୍ଗ, ବଣିଆସାହି, ବଉଲାଙ୍ଗ ପଞ୍ଚାୟତରେ ସରକାରୀ ନଳକୂପ ଅଚଳ ହୋଇପଡ଼ିଛି। ଏ ସମ୍ପର୍କରେ ଗୋପ ବିଡିଓ ଦାସ କୁହନ୍ତି, ପିଇବା ପାଣି ସମସ୍ୟାକୁ ନେଇ ସମସ୍ତ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଚଳ ନଳକୂପକୁ ସଚଳ କରିବା ପାଇଁ କୁହାଯାଇଛି। ଯେଉଁ ପଞ୍ଚାୟତରେ ଆବଶ୍ୟକ ଅନୁଯାୟୀ ପିଇବା ପାଣି ନାହିଁ ସେହି ପଞ୍ଚାୟତକୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

■ ପୋଲିସ କଟକଣା ପାଲଟିଛି ପ୍ରହସନ

# ଖୁଲମଖୁଲା ଚାଲିଛି ମଦ ବେପାର

ପୁରୀ ଅଫିସ, ୨୯।୩ :

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଏବଂ ଅପରାଧ ମୁକ୍ତ କରିବା ଲାଗି ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂ ଏବଂ ରାତି ୧୦ଟା ପରେ ସମସ୍ତ ମଦ ଦୋକାନ ବନ୍ଦ ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି ଉମାଶଙ୍କର ଦାଶ କହିଥିଲେ। ମାତ୍ର ଏସ୍‌ପିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସହରରେ ମଦ ଦୋକାନ ଖୋଲା ରହୁଥିବା ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଦିନେ ଦୁଇ ଦିନର କଟକଣା ପରେ ପୁଣି ରାତିରେ ମଦ ମାଫିଆ ମାନେ ସାମନା ପଟ ଦୋକାନ ବନ୍ଦ ବାହାନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ବେପାର କରୁଛନ୍ତି। ରାତ୍ର ପାଟ୍ରୋଲିଂ କରୁଥିବା ପିସିଆର୍ ଭ୍ୟାନ ସେହି ଅଞ୍ଚଳ ଦେଇ ଯାତାୟତ କରୁଥିବା ଏହାର ଟେର୍ ପାଉନାହିଁ। ସ୍ୱର୍ଗଦ୍ୱାର, ବେଳାଭୂମି, ଅଠରନଳା, ଭିଆଇପି ରୋଡ, ମୋଚି ସାହି ଛକ, ସିଟିରୋଡରେ ଥିବା ମଦ ଦୋକାନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ବିକ୍ରି ହେଉଥିବା ନଜରକୁ ଆସିଛି। ମାତ୍ର ପୋଲିସ ପ୍ରଶାସନ କେବଳ କଟକଣା ଜାରି କରି ଚୁପ୍ ବସିଥିବା ସ୍ଥାନୀୟ ବାସିନ୍ଦା ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ସେହିପରି ଚନ୍ଦନପୁର ବଜାରରେ ମଦ ବେପାର ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଏଠାରେ ରାତିସାରା ମଦ ବିକ୍ରି ଚାଲିଥିବା ଅଭିଯୋଗ ହେଉଛି। ତେବେ ପୋଲିସ ଚୁପ। ମଦ ମାଫିଆ ମାନେ ଏଠି ପୋଲିସକୁ ମାସିକିଆ ବଟି ଦେଇ ନିଜ କାୟାବିସ୍ତାର କରିଥିବା ସ୍ଥାନୀୟ ବ୍ୟବସାୟୀ କହିଛନ୍ତି। ନିକଟରେ ଥାନାର ଜଣେ କନଷ୍ଟେବଲ ବଟି ଆଦାୟକୁ ନେଇ ଥାନାରେ ଗଣ୍ଡଗୋଳ କରିବାରୁ ତାଙ୍କୁ ଚନ୍ଦନପୁର ଥାନାରୁ ପୁରୀ ରିଜର୍ଭକୁ ବଦଳି କରାଯାଇଛି। ଏନେଇ ଏସପି ଦାଶ କୁହନ୍ତି, ନିର୍ବାଚନକୁ ଦୃଷ୍ଟିରେ ରଖି ରାତି ୧୦ଟା ପରେ ମଦ ବିକ୍ରି ଉପରେ କଟକଣା ଜାରି କରାଯାଇଛି। ଯଦି କୌଣସି ସ୍ଥାନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ବିକ୍ରି ହେଉଥିବା ନଜରକୁ ଆସେ, ତେବେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

### ଡେଲାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

କଣାସ, ୨୯।୩(ଡି.ଏନ୍.ଏ.)

ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧୪ ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, ମୁଖ୍ୟ ବକ୍ତା ଭାବେ ବ୍ଲକର ପୂର୍ବତନ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ସନ୍ତୋଷ କୁମାର ନାୟକ, ସହକାରୀ ଶିକ୍ଷା ଅଧିକାରୀ ରବିନାରାୟଣ ମହାପାତ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରାକ୍ତନ ଛାତ୍ର ଶରତ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ହରିଚନ୍ଦନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛ ଭାରତ, ଗଛଟିଏ, ମୁଁ ଓଡ଼ିଆ ଆଦି ଶିକ୍ଷଣୀୟ ନୃତ୍ୟନାଟିକା ପ୍ରଦର୍ଶନ କରାଯାଇଥିଲା। ଶିକ୍ଷକ ଅଭୟ ସାହୁ ଓ ଶିକ୍ଷୟିତ୍ରୀ ପାପଲିନ ପ୍ରଧାନ ଅତିଥିଙ୍କୁ ପରିଚୟ କରାଇବା ସହ ସ୍ୱାଗତ କରିଥିଲେ। ଶିକ୍ଷକ କ୍ଷେତ୍ରବାସୀ ଆଲୁକ ଓ ମାନସ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୩୯ଟି ପ୍ରତିଯୋଗିତାର ୧୧୭ ଜଣ କୃତି ଛାତ୍ରୀଛାତ୍ରଙ୍କ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଦର୍ଶ ଶିକ୍ଷକ ଭାବେ ଟିକେଇ ଦଳେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭାର୍ଗବୀ ମହୋତ୍ସବ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବଳଙ୍ଗା,୨୯।୩(ଡି.ଏନ୍.ଏ.)

ବଳଙ୍ଗାସ୍ଥିତ ବକ୍ରେଶ୍ୱର ଦେବଙ୍କ ମେଳଣ ପଡିଆରେ ଦୁଇ ଦିନିଆ ୫ମ ଭାର୍ଗବୀ ମହୋତ୍ସବ ଆରମ୍ଭ ହୋଇଛି। ଏହି ମହୋତ୍ସବରେ ଅତିଥି ଭାବେ ବଳଙ୍ଗା ମହାବିଦ୍ୟାଳୟ ଅଧକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ଦିଲୀପ କୁମାର ପଟ୍ଟନାୟକ, ରାଇ କିଶୋର ମହାନ୍ତି, ସମ୍ପାଦକ ସୁବାସ କୁମର ଶତପଥୀ ଯୋଗ ଦେଇଥିଲେ। ଅଧାପକ ଅଶୋକ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଏବଂ ସହଯୋଗୀଙ୍କ ଦ୍ୱାରା ସଂଗୀତ ପରିବେଷଣ ଚିତ୍ତାକର୍ଷକ ରହିଥିଲା।

# ଭଗବତୀ ବିଦ୍ୟା ନିକେତନର ବାର୍ଷିକୋତ୍ସବ

ପୁରୀ ଅଫିସ, ୨୯।୩ :

ସ୍ଥାନୀୟ ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟା ନିକେତନର ବିଂଶତମ ବାର୍ଷିକୋତ୍ସବ ଶୁକ୍ରବାର ଆଖଣ୍ଡଳମଣି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ପ୍ରାଣକୃଷ୍ଣ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ବ୍ଲକ ଶିକ୍ଷାଧିକାରୀ ମମତା ମିଶ୍ର, ପିଏନବି ବ୍ୟାଙ୍କ ପରିଚାଳକ ଅବିନାଶ ମିଶ୍ର, ଶିଳ୍ପପତି ଗିରିଶ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୈଳାସ ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ପ୍ରତିଜ୍ଞା ପ୍ରକାଶ ପାଇଥିଲା। ନିଷ୍ଠା ଓ ଏକାଗ୍ରତ ସଫଳତାର ମାପକାଠି ବୋଲି ମତପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରମାନେ ଚରିତ୍ରବାନ, ଶୃଙ୍ଖଳିତ ଏବଂ ଗୁରୁ ଓ ଗୁରୁଜନଙ୍କ ପ୍ରତି ଭକ୍ତିଭାବ ରଖିବା ଲାଗି ଅତିଥି ମାନେ କହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନିକୁନି ଛାତ୍ରୀଛାତ୍ର ଓଡ଼ିଶୀ,ସମ୍ବଲପୁରୀ, କ୍ଲାସିକାଲ ପ୍ରଭୃତି ନୃତ୍ୟ ପରିବେଷଣ କରି ଅଭିଭାବକ, ଦର୍ଶକଙ୍କ ମନ ଜିଣିଥିଲେ।



ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରୁଛନ୍ତି।

# ନ୍ୟାୟ ଦର୍ଶନ ବିଭାଗରେ ଜାତୀୟ ଆଲୋଚନାଚକ୍ର

ପୁରୀ ଅଫିସ, ୨୯।୩:

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାରର ନ୍ୟାୟ ଓ ଦର୍ଶନ ବିଭାଗ ପକ୍ଷରୁ ୨ ଦିନିଆ ଜାତୀୟ ଆଲୋଚନା ଚକ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର କମଳେଶ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନା ଚକ୍ରକୁ କୁଳପତି ପ୍ରଫେସର ରାଧାମାଧବ ଦାଶ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଆଞ୍ଜନେୟ ଶାସ୍ତ୍ରୀ, ମୁଖ୍ୟ ବକ୍ତାଭାବେ ପ୍ରଫେସର ଗଣେଶ ଇଶ୍ୱର ଭଟ୍ଟ, ସମ୍ମାନିତ ଅତିଥି ଭାବେ ପ୍ରଫେସର ହରିହର ହୋତା ଯୋଗ ଦେଇଥିଲେ। ପ୍ରଫେସର ଏନ୍ଆରଏସ୍ ତାତାଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧରେ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଦାଶ ଗୌର ପ୍ରିୟା, ଅଧାପିକା ଶ୍ରଦ୍ଧାଞ୍ଜଳି ମହାପାତ୍ର, ସସ୍ମିତା ନାୟକ, ଡ.ସନ୍ତୋଷ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ବିଭାଗର ଛାତ୍ରୀଛାତ୍ର ଏଥିରେ ଯୋଗଦାନ କରିଥିଲେ।

# କଂଗ୍ରେସର ସାଙ୍ଗଠନିକ ବୈଠକ

କୋଣାର୍କ,୨୯।୩(ଡି.ଏନ୍.ଏ.):

କୋଣାର୍କ ମା' ଭଗବତୀ ପୀଠରେ ନଗର କଂଗ୍ରେସ ସଭାପତି ଭରତ ଚନ୍ଦ୍ର ପାଢୀଙ୍କ ନେତୃତ୍ୱରେ ଏକ ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାକଟପୁର ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ କର୍ମୀ ନିଜ ନିଜର ୱାର୍ଡ ବୁଲି କର୍ମୀମାନଙ୍କୁ ଏକଜୁଟ କରିବା ସହ ଘରେ ଘରେ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ପହଞ୍ଚାଇବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ। ଦଳରେ ଦଳୀୟ କର୍ମକର୍ତ୍ତାଙ୍କ ମଧରେ ଥିବା ମନାନ୍ତର ଭାବକୁ ଦୂରକରି ଦଳକୁ ମଜଭୁତ କରିବା ପାଇଁ ବିଧାୟକ ପ୍ରାର୍ଥୀ ଦାସ କର୍ମୀମାନଙ୍କୁ ନିବେଦନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନଟବର ନାୟକ, ରିନାରାଣୀ ବେହେରା, ପଦ୍ମିନୀ ଖୋଜି, ମମତା ନାୟକ, ଶତ୍ରୁଘ୍ନ ନାୟକ, ଅଶୋକ ନାୟକ, ମଙ୍ଗରାଜ ବେଉରା, ଜମ୍ବେଶ୍ୱର କାଣ୍ଡି, ସ୍ୱାଧୀନ ନାୟକ, ଶାନ୍ତିଲତା ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ୫୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ କଂଗ୍ରେସ କର୍ମୀ।

■ ହରିରାଜପୁର ମେଳଣରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

# ରଙ୍ଗବେରଙ୍ଗ ଫଗୁରେ ଠାକୁର ରଙ୍ଗାୟିତ

ଜଟଣୀ,୨୯।୩(ଡିଏନଏ) :

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣର ଶୁକ୍ରବାର ଅନ୍ତିମ ଦିନ ତଥା ଠାକୁର ମେଳଣ ଉତ୍ସବରେ ଲକ୍ଷାଧିକ ଜନସମାଗମ ହୋଇଥିଲା। ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସମେତ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଉପବିଷ୍ଟ ଥିବା ୮୦ ହରିହର ବିଗ୍ରହଙ୍କ ଉପରେ ଲକ୍ଷାଧିକ ଭକ୍ତ ଫଗୁ ସିଞ୍ଚନ କରିଥିଲେ। ରଙ୍ଗବେରଙ୍ଗର ଅବିରରେ ମେଳଣ ପଡ଼ିଆ ସମେତ ଠାକୁର ରଙ୍ଗାୟିତ ହୋଇଥିଲେ। ସକାଳୁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ଲାଗି ରହିଥିଲା। ଗୋଧୂଳି ସମୟରେ ଚଣା, ଫେଣି, କୋରା, ଲଡୁ, ଭଳିକି ଭଳି ଫଳ ସବୁ ପ୍ରସ୍ତୁତ ଭୋଗ ମାଟିହାଣ୍ଡିରେ ରଖାଯାଇ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ବିଗ୍ରହଙ୍କ ସହ ଥାନପତି ଶ୍ରୀପଶ୍ଚିମାଶମ୍ଭୁଙ୍କ ନିକଟରେ ଲାଗି କରାଯାଇଥିଲା। ପରେ ପଇଡ଼ ପାଣି ମିଶ୍ରିତ ଆଳିପଣା ସମସ୍ତ ଠାକୁରଙ୍କ ନିକଟରେ ସମର୍ପଣ କଲା ପରେ ସମସ୍ତ ଦୋଳ ବିମାନ ସ୍ୱ ଜାଗାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ଭଣ୍ଡାର ଘରେ ୭ଟି ମାଟିହାଣ୍ଡିରେ ପ୍ରସ୍ତୁତ ଅଧରପଣା ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ନିକଟରେ ଭୋଗ ହୋଇଥିଲା। ଏପରି କି ମାନସିକ କରି ମେଳଣ ଉପବାସ କରିଥିବା ବହୁ ଭକ୍ତ ଏହି ଅଧରପଣା ପାନ କରି ଉପବାସ ଭାଙ୍ଗିଥିଲେ। ଏହାପରେ ରାତିରେ ଥାନପତି ହରିରାଜପୁର ଗ୍ରାମ ପରିକ୍ରମା କରି ପ୍ରତି ଘରୁ ଟାଟେରି ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଅବିର ସିଞ୍ଚନ କରୁଛନ୍ତି।



ଠାକୁରଙ୍କୁ ହାଣ୍ଡିରେ ଭୋଗ ଲାଗି କରାଯାଇଛି।